ସୂଚନାଥାଉ କି, ଘନକୁହୁଡ଼ି ସମୟରେ ଚିଲିକାରେ ଭେସେଲ ଚଳାଚଳ ବନ୍ଦ ରୁହେ। ଗୁରୁବାର ମଧ୍ୟ ଘନକୁହୁଡ଼ି ଯୋଗୁ ଭେସେଲ ଚଳାଚଳ ବାତିଲ ଥିଲା। ତେବେ କାହା ନିର୍ଦ୍ଦେଶରେ ଉକ୍ତ ଭେସେଲ ଯାତ୍ରା କରିଥିଲା, ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଭେସେଲରେ ଜଣେ ଚାଳକ, ହେଲ୍‌ପର, କଣ୍ଡକ୍ଟର ଏବଂ ଦୁଇଜଣ ସହଯୋଗୀ ରହିଥାନ୍ତି। ଚିଲିକାରେ ଭେସେଲ ଚଳାଚଳ ସମୟରେ ଯାତ୍ରୀମାନେ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବା ସହିତ ସେଲ୍ଫି ଉଠାଇଥାନ୍ତି । ଭେସେଲରେ ଥିବା ଦୁଇଜଣ ସହଯୋଗୀ କର୍ମଚାରୀ ଯାତ୍ରୀଙ୍କ ସୁରକ୍ଷା ପାଇଁ ସେମାନଙ୍କୁ ଜଗିବା ସହିତ ସଚେତନ କରାଇଥାନ୍ତି । ତେବେ କାହାର ଅବହେଳା ଯୋଗୁ ଏଭଳି ଦୁର୍ଘଟଣା ଘଟିଲା, ତାହା ତଦନ୍ତସାପେକ୍ଷ ବୋଲି ସାଧାରଣରେ ମତପ୍ରକାଶ ପାଉଛି।


ଉମାଶଙ୍କର ସାବତ

# ୪ରୁ କୁମ୍ଭୀର, ୧୭ରୁ ପକ୍ଷୀ ଗଣନା

**ପର୍ଯ୍ୟଟକଙ୍କ ପାଇଁ ସାତକୋଶିଆ ବନ୍ଦ**

ଅନୁଗୋଳ,୧।୧
(ଦିବ୍ୟଶାନ୍ତନୁ ନାଥ)

ଅନୁଗୋଳ ଜିଲା ସାତକୋଶିଆ ଗଣ୍ଡ ସହ କଟକ ଜିଲା ଅନ୍ତର୍ଗତ ଶିଶୁପଥର ଜଳଭଣ୍ଡାରରେ ଚଳିତବର୍ଷ ପକ୍ଷୀ ଓ କୁମ୍ଭୀର ଗଣନା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଆସନ୍ତା ୪ ରୁ ୮ ତାରିଖ ପର୍ଯ୍ୟନ୍ତ କୁମ୍ଭୀର ଓ ୧୭ରୁ ୧୮ ତାରିଖ ଯାଏ ପକ୍ଷୀ ଗଣନା କରାଯିବ। ଏ ନେଇ ସାତକୋଶିଆ ବନଖଣ୍ଡ ପକ୍ଷରୁ ଚିଠି (ନଂ. ୮୧୦୫) ମାଧ୍ୟମରେ ଅନୁଗୋଳ ଓ କଟକ ଜିଲାପାଳଙ୍କୁ ଅବଗତ କରାଯାଇଛି। ଏହି ସମୟ ମଧ୍ୟରେ ଉଭୟ ସାତକୋଶିଆ ଓ ଶିଶୁପଥର ଜଳଭଣ୍ଡାର ଅଞ୍ଚଳକୁ ୨ଟି ପର୍ଯ୍ୟାୟରେ ପର୍ଯ୍ୟଟକମାନଙ୍କ ପ୍ରବେଶ ଉପରେ ନିଷେଧାଦେଶ ଜାରି କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୪ ରୁ ୮ ତାରିଖ ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କ ପ୍ରବେଶ ନିଷିଦ୍ଧ କରାଯାଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୧୭ରୁ ୧୮ ତାରିଖ ପର୍ଯ୍ୟନ୍ତ ସମ୍ପୃକ୍ତ ଅଞ୍ଚଳ ବନ୍ଦ ରହିବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।




ଲୋକମାନେ ମିଥ୍ୟାକୁ ଜାବୁଡ଼ି କରି ଧରିଥାନ୍ତି। ସତେ କି ମିଥ୍ୟା ସେମାନଙ୍କର ଏକ ବହୁମୂଲ୍ୟ ସଂପଦ। ଯେ କେହି ମିଥ୍ୟା ଭିତରେ ବଂଚୁଥାଏ- ସେ ହେଉଛି ମନୁଷ୍ୟ ଜାତିର ଶତ୍ରୁ। -ଶ୍ରୀମା

-ପୂର୍ଣ୍ଣମାର ଚନ୍ଦ୍ର ପୂଜା, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା



# ଅଭିନବତ୍ୱ ଲାଭଦାୟକ




ଆଲେକ୍ସ ଫ୍ରିଏଡ୍‌ମ୍ୟାନ୍
ମ୍ୟାନେଜିଂ ଡାଇରେକ୍ଟର ଆଣ୍ଡ ପାର୍ଟନର, ବୋଷ୍ଟନ୍ କନ୍‌ସଲଟିଂ ଗ୍ରୁପ୍ ଏକ୍ସ

ଟ୍ରିଶ ଷ୍ଟ୍ରୋମ୍ୟାନ
ମ୍ୟାନେଜିଂ ଡାଇରେକ୍ଟର ଆଣ୍ଡ ସିନିୟର ପାର୍ଟନର,ବୋଷ୍ଟନ୍ କନ୍‌ସଲଟିଂ ଗ୍ରୁପ

ସାରା ବିଶ୍ୱରେ ମହିଳାମାନେ ବାର୍ଷିକ ପ୍ରାୟ ୩୨ ଟ୍ରିଲିୟନ ଆମେରିକୀୟ ଡଲାର ଖର୍ଚ୍ଚ ପରିଚାଳନା ଏବଂ ଆଗାମୀ ୫ ବର୍ଷ ମଧ୍ୟରେ ସେମାନେ ଇଚ୍ଛାନୁମୋଦିତ ଖର୍ଚ୍ଚର ୭୫ ପ୍ରତିଶତ ନିୟନ୍ତ୍ରଣ କରିପାରିବେ ବୋଲି ଆକଳନ କରାଯାଉଛି। ତଥାପି ପ୍ରାୟ ପ୍ରତ୍ୟେକ ଶିଳ୍ପ ସେମାନେ ଆବଶ୍ୟକ କରୁଥିବା ଉତ୍ପାଦ ଯୋଗାଇପାରୁନାହାନ୍ତି। ଅନେକ ଦଶନ୍ଧି ଧରି କମ୍ପାନୀଗୁଡ଼ିକ ପିଙ୍କ୍ ପ୍ୟାକେଜିଂ, ଟୋକୋନ ଫିମେଲ୍ ଫ୍ରେଣ୍ଡ୍‌ଲି କ୍ୟାମ୍ପେନ ଏବଂ ତଥାକଥିତ ପିଙ୍କ୍ ଟ୍ୟାକ୍ସ ଭଳି ଭାବନାତ୍ମକ ଧାରଣା ଉପରେ ନିର୍ଭରକରି ଆସିଛନ୍ତି, ଯେଉଁଥିରେ ଉତ୍ପାଦ ପାଇଁ ମହିଳାଙ୍କୁ ଅଧିକ ମୂଲ୍ୟ ଦେବାକୁ ପଡୁଛି। ଏଗୁଡ଼ିକ ମଧ୍ୟରୁ ଅନେକ ବ୍ୟକ୍ତିଗତ ଉତ୍ପାଦ ମାର୍କେଟ ଆଢୁଆଳରେ ରହିଯାଉଛି। ପରିଣାମ ସ୍ୱରୂପ ମହିଳାଙ୍କ ଆବଶ୍ୟକ ଉତ୍ପାଦ ଓ କମ୍ପାନୀ ଯୋଗାଣ ମଧ୍ୟରେ ଅଭାବ ପରିଲକ୍ଷିତ ହେଉଛି। ଏହାକୁ ଦୂରକରିବାକୁ ହେଲେ ମହିଳାଙ୍କ ପ୍ରାଥମିକତା, ନିଷ୍ପତ୍ତି, କ୍ୟାରିୟର ଏବଂ ବ୍ୟକ୍ତିଗତ ଜ୍ଞାନକୁ ବିଚାରକୁ ନେଇ ଉତ୍ପାଦ ଓ ସେବା ଢାଞ୍ଚା ଗଢ଼ି ତୋଳିବାକୁ ପଡ଼ିବ। ଅତୀତରୁ ମହିଳାମାନେ ଯେଉଁ ସେବା ଓ ଉତ୍ପାଦ ଗ୍ରହଣକରି ଆସୁଛନ୍ତି ବାସ୍ତବରେ ସେସବୁ ସେମାନଙ୍କ ପାଇଁ ପ୍ରସ୍ତୁତ କରାଯାଇ ନ ଥିବା ମନେହେଉଛି। ଏହାର ପ୍ରମାଣ ସବୁଠି ଦେଖିବାକୁ ମିଳେ। ବ୍ୟକ୍ତିଗତ ସୁରକ୍ଷା ପାଇଁ ଥିବା ଉପକରଣ ପ୍ରାୟତଃ ସେମାନଙ୍କ ଲାଗି ଉପଯୁକ୍ତ ହୋଇ ନ ଥାଏ। ଉଦାହରଣ ସ୍ୱରୂପ, ଧରିବା ପାଇଁ ସ୍ମାର୍ଟଫୋନଗୁଡ଼ିକ ଆକାର ବଡ଼ ହୋଇଥାଏ। ପୁରୁଷଙ୍କ ଡେଟାକୁ ସାଧାରଣ ମାନଦଣ୍ଡ ଭାବେ ବ୍ୟବହାର କରାଯାଉଥିବାବେଳେ ମହିଳାଙ୍କୁ ଅଣଦେଖା କରାଯାଉଛି ଏବଂ ମାର୍କେଟ ବିକଶିତ ହୋଇପାରୁନାହିଁ। ଏହି ଦୃଷ୍ଟିକୋଣ ଏବକାର ଅନିୟୋଜିତ ଅଭିନବତ୍ୱ ବା ନୂତନତ୍ୱ ବିକାଶକୁ ସୂଚିତ କରୁଛି।

ବିତ୍ତୀୟ ସେବା କଥା ବିଚାର କରାଯାଉ। ବିଶ୍ୱରେ ସମ୍ପତ୍ତି କ୍ଷେତ୍ରକୁ ପ୍ରତିବର୍ଷ ମହିଳାଙ୍କ ଯୋଗଦାନ ହେଉଛି ୫ ଟ୍ରିଲିୟନ ଡଲାର, କିନ୍ତୁ ଉତ୍ପାଦଗୁଡ଼ିକ ଏଯାବତ ପୁରୁଷଙ୍କ ରୋଜଗାର ଧାରା ଓ ପ୍ରାଥମିକତାକୁ ଦେଖି ଯୋଗାଇ ଦିଆଯାଉଛି। ପରିବାର ବଜେଟର ଏକ ବୃହତ୍ ଅଂଶକୁ ମହିଳାମାନେ ପରିଚାଳନା କରୁଥିବା ସତ୍ତ୍ୱେ ପୁରୁଷଙ୍କ ତୁଳନାରେ ସେମାନେ କମ୍ ବିତ୍ତୀୟ କୁଶଳ ବୋଲି ଅନୁଭବ କରୁଛନ୍ତି। ଏପରିକି ବିଉଟି, ପର୍ସନାଲ କେୟାର ଏବଂ ଗ୍ରୋସରି ଭଳି ପାରମ୍ପରିକ ମହିଳାକୈନ୍ଦ୍ରିକ ଶିଳ୍ପଗୁଡ଼ିକ ମହିଳାଙ୍କର କେବଳ ଦୁଇ ତୃତୀୟାଂଶ ଆବଶ୍ୟକତା ପୂରଣ କରୁଛି ବୋଲି ସେମାନେ ଅନୁଭବ କରନ୍ତି। ଅନେକ ବ୍ରାଣ୍ଡ୍ ଲଗାତର



ଗୁଣବତ୍ତା ବଦଳରେ ମାର୍କେଟିଂକୁ ଗୁରୁତ୍ୱ ଦେଉଥିବାବେଳେ ଅଧିକାଂଶ ମହିଳା କହନ୍ତି ଯେ, ସେମାନେ ସୁରକ୍ଷିତ,ଉଚ୍ଚ ଗୁଣବତ୍ତା କିମ୍ବା ଅଧିକ ସୁବିଧାଜନକ ବିକଳ୍ପ ପାଇଁ ୧୫% ଅଧିକ ଅର୍ଥ ଦେବାକୁ ପଡୁଛି। ଏହାକୁ ବନ୍ଦ କରିବା ପାଇଁ କମ୍ପାନୀଗୁଡ଼ିକ ମହିଳାଙ୍କ ସହ ଜଡ଼ିତ ଏବକାର ଉତ୍ପାଦଗୁଡ଼ିକ ବଦଳରେ ବାସ୍ତବରେ ସେମାନେ ଯାହା ଉପରେ ଗୁରୁତ୍ୱ ଦେଉଛନ୍ତି ତାହା ଉପରେ ନଜର ଦେବା ଉଚିତ।

ସ୍ୱାସ୍ଥ୍ୟସେବାରେ କମ୍ପାନୀଗୁଡ଼ିକର ଭାଗୀଦାରି ଅନ୍ୟ ତୁଳନାରେ ଅଧିକ ରହିଛି, ଯେଉଁଠାରେ ମହିଳାଙ୍କ ଅଭିଜ୍ଞତାକୁ ଅଣଦେଖା କରିବା ଜୀବନ ପରିବର୍ତ୍ତନକାରୀ ପରିଣାମ ହୋଇପାରେ। ପରିବାରର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ମହିଳାମାନେ ୮୩% ନିଷ୍ପତ୍ତି ନେଉଥିବାବେଳେ କେବଳ ୪୧% ମହିଳା କହନ୍ତି ଯେ, ସେମାନଙ୍କ ସମସ୍ୟା ସମାଧାନ ହୋଇପାରୁଛି। ହୃଦ୍‌ରୋଗ, ଅସ୍ଥି, ମାନସିକ ଓ ଋତୁସ୍ରାବ ସମ୍ବନ୍ଧିତ ସ୍ୱାସ୍ଥ୍ୟ ସମସ୍ୟାର କମ୍ ପରୀକ୍ଷଣ ଓ ଚିକିତ୍ସା ହେଉଛି। ଆମେରିକାରେ ଏହିସବୁ ସ୍ୱାସ୍ଥ୍ୟ ସମସ୍ୟାର ଉତ୍ପାଦ ଓ ସେବା ୧୦୦ ବିଲିୟନ ଡଲାରରୁ ଅଧିକ। ହେଲେ ହୃଦ୍‌ରୋଗ ଯୋଗୁ ମହିଳାଙ୍କର ଅଧିକ ମୃତ୍ୟୁ ହେଉଛି ,ଯାହା ଦର୍ଶାଉଛି ଏଥିରେ ବଡ଼ ସମସ୍ୟା ଅଛି। ଏହାର ଚିହ୍ନଟ ଓ ଚିକିତ୍ସା କମ୍ ହେଉଛି କାରଣ ସ୍କ୍ରିନିଂ ଓ ପ୍ରୋଟୋକଲ ପୁରୁଷଙ୍କ ଲକ୍ଷଣ ଆଧାରରେ ପ୍ରସ୍ତୁତ କରାଯାଇଛି। ଏହି ଭେଦଭାବ ଦୂରକରାଯାଇପାରିଲେ ହୃଦ୍‌ଜନିତ ରୋଗର ମାର୍କେଟ ୭୪% ବୃଦ୍ଧି ଘଟି ୨୦୩୦ ସୁଦ୍ଧା ୨୦ ବିଲିୟନ ଡଲାରରେ ପହଞ୍ଚିଯିବ। ଏହି ପ୍ରକାର ଗତିବିଧି ପ୍ରାୟ ସବୁ ଶିଳ୍ପରେ ଚାଲୁଛି। ମହିଳାଙ୍କୁ ବାଦ୍‌ଦେବା ଯୋଗୁ ମାର୍କେଟଗୁଡ଼ିକର କ୍ଷମତା କମ୍ ରହୁଥିବା ଲକ୍ଷ୍ୟ କରାଯାଉଛି। ଯେତେବେଳେ ମହିଳାଙ୍କ ସମସ୍ୟା ସମାଧାନ କରାଯିବ ସେତେବେଳେ ସେମାନଙ୍କ ସ୍ୱାସ୍ଥ୍ୟକ୍ଷେତ୍ରରେ ସୁଧାରହେବା ସହ ଅଧିକ ଲାଭ ମଧ୍ୟ ମିଳିବ। କିନ୍ତୁ ଏଥିପାଇଁ ଏକ ମୌଳିକ ପରିବର୍ତ୍ତନ ଲୋଡ଼ା। ମହିଳାଙ୍କ ସ୍ୱାସ୍ଥ୍ୟ, କ୍ୟାରିୟର, ପରିବାର ଏବଂ ପରିଚୟ ଲଗାତର ଭାବେ ବିକଶିତ ହୋଇ ଚାଲିଛି ଏବଂ ଏହି କ୍ରମବିକାଶକୁ ଧ୍ୟାନରେ ରଖି ମହତ୍ତ୍ୱପୂର୍ଣ୍ଣ ନୂତନତ୍ୱ ଆଧାରରେ ସବୁକିଛି ପ୍ରସ୍ତୁତ କରାଯିବା ଉଚିତ। ଏହା ହାସଲ କରିବାକୁ ହେଲେ ମହିଳାଙ୍କ ଜନସାଂଖ୍ୟିକ ତଥ୍ୟ ସହ ଆହୁରି ଅଧିକ ଗବେଷଣା ଦରକାର। କମ୍ପାନୀଗୁଡ଼ିକ ଅଧିକ ମହିଳାକୈନ୍ଦ୍ରିକ ନିବେଶ କରିବା ଆବଶ୍ୟକ। ଏହାସହ ମହିଳାଙ୍କ ଜୀବନର ବିଭିନ୍ନ ପର୍ଯ୍ୟାୟ ଉପରେ ଗବେଷଣା କରାଗଲେ ସେମାନଙ୍କ ଜୀବନ ସମ୍ପର୍କରେ ବ୍ୟାପକ ଅଭିଜ୍ଞତା ମିଳିପାରିବ। ବିଶ୍ୱବିଦ୍ୟାଳୟ, ସ୍ୱାସ୍ଥ୍ୟସେବା ଯୋଗାଣକାରୀ ସଂସ୍ଥା ଏବଂ ଡେଟା ବୈଜ୍ଞାନିକଙ୍କ ସହଭାଗିତାରେ ନୂଆ ଦୃଷ୍ଟିକୋଣ ମିଳିବା ସହ ସମ୍ମିଳିତ ନୂତନତ୍ୱକୁ ଆଗକୁ ନିଆଯାଇପାରିବ।

ଋତୁସ୍ରାବ, ପ୍ରଜନନ ଏବଂ ବିତ୍ତୀୟ ସ୍ୱାଧୀନତା ଭଳି ବିଷୟଗୁଡ଼ିକୁ ମଧ୍ୟ ସମାଧାନ କରାଯିବା ଗୁରୁତ୍ୱପୂର୍ଣ୍ଣ। ଏହିସବୁ ସମସ୍ୟର ସମାଧାନ କରାଯାଇପାରିଲେ ମହିଳାଙ୍କୁ ସଶକ୍ତ କରିବା ସହ ନୂଆ ଚିକିତ୍ସା ଓ ମାର୍କେଟ ସୁବିଧା ଚିହ୍ନଟ କରିବାରେ କମ୍ପାନୀଗୁଡ଼ିକ ସକ୍ଷମ ହୋଇପାରିବେ। ମହିଳାଙ୍କ ପ୍ରକୃତ ଅଭିଜ୍ଞତା ସାମ୍ନାକୁ ଆଣିବା ପାଇଁ ଗବେଷଣା ଓ ବିକାଶ ନିଶ୍ଚିତ କରିବାକୁ ପଡ଼ିବ। କମ୍ପାନୀଗୁଡ଼ିକ ଗବେଷଣା ଓ ବିକାଶ ପରମ୍ପରାକୁ ଗ୍ରହଣ କରିବାକୁ ହେବ। ଏହାସହ ପ୍ରାରମ୍ଭରୁ ଉତ୍ପାଦ ପରୀକ୍ଷଣରେ ମହିଳାଙ୍କୁ ସାମିଲ କରାଗଲେ ତାହାର ବିକ୍ରି ବଢ଼ିବ ଏବଂ ଉତ୍ତମ ମାର୍କେଟ ସୃଷ୍ଟିହେବ। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି, ଯେତେବେଳେ ନିଷ୍ପତ୍ତି ନେଉଥିବା ବ୍ୟକ୍ତିମାନେ ସେବା ପାଇବା ଲୋକଙ୍କ ସମସ୍ୟାକୁ ଠିକ୍ ଭାବେ ବୁଝିପାରିବେ ସେତେବେଳେ ନୂତନତ୍ୱର ବିକାଶ ଘଟିବ। ଯେତେବେଳେ ମହିଳାମାନେ ଯୋଜନା,ନିବେଶ ଓ ଉତ୍ପାଦ ଡିଜାଇନ କରିବେ ତାହା ପ୍ରଭାବୀ ହେବ ଓ ସମସ୍ୟା ସମାଧାନ ସହଜ ହେବ। ଲଗାତର ଗବେଷଣାରୁ ଜଣାପଡ଼ିଛି, ବିବିଧତାକୁ ନେଇ ସଂସ୍ଥାଗୁଡ଼ିକ ଯୋଜନାରେ ଆଗକୁ ବଢ଼ିପାରିବେ।

ଶେଷରେ, ଅନେକ ଶତାବ୍ଦୀର ଅବହେଳା ପରେ ନୂତନତ୍ୱ ଓ ନିବେଶ ଏବେ ଆଗକୁ ବଢ଼ିବା ଆରମ୍ଭ ହୋଇଛି। ଆମେରିକାରେ ଗବେଷଣା ପାଇଁ ଯୋଗାଇ ଦିଆଯାଉଥିବା ପାଣ୍ଠିରୁ ୪%ରୁ କମ୍ ମହିଳାଙ୍କ ସ୍ୱାସ୍ଥ୍ୟ ପାଇଁ ଯାଉଥିଲେ ମଧ୍ୟ ମିଡି ହେଲ୍‌ଥ ଓ ଆଲାରା ହେଲ୍‌ଥ ଭଳି ଷ୍ଟାର୍ଟଅପ୍ ମହିଳାଙ୍କ ପାଇଁ ମଧ୍ୟ ବୟସରେ ହର୍ମୋନ ସେବା ଯୋଗାଇଦେଉଛନ୍ତି। ଏହା ବ୍ୟତୀତ ପ୍ରମୁଖ ସ୍ୱାସ୍ଥ୍ୟସେବା ଯୋଗାଣକାରୀ ସଂସ୍ଥାଗୁଡ଼ିକ ମହିଳାଙ୍କ ହୃଦ୍‌ସମସ୍ୟା ଓ ଅନ୍ୟାନ୍ୟ ରୋଗର ଚିକିତ୍ସା ପାଇଁ ଅନେକ କେନ୍ଦ୍ର ପ୍ରତିଷ୍ଠା କରିଛନ୍ତି। ଏଲିଭେଷ୍ଟ ଲିଙ୍ଗଗତ ବେତନ ପାର୍ଥକ୍ୟ, ଦୀର୍ଘ ଆୟୁଷ ଏବଂ ଛାଡ଼ପତ୍ର ସମସ୍ୟା ଉପରେ ଗୁରୁତ୍ୱ ଦେଉଥିବାବେଳେ ଆଲିନେଆ ଜେନ୍ ଜି ମହିଳାଙ୍କୁ ନିବେଶ କ୍ଷେତ୍ରରେ ସାହାଯ୍ୟ କରିବା ପାଇଁ ଏଆଇଚାଳିତ ସାଧନ ବ୍ୟବହାର କରୁଛି। ଏହି ପରିବର୍ତ୍ତନ ମଧ୍ୟ ଉପଭୋକ୍ତା ସାମଗ୍ରୀଗୁଡ଼ିକରେ ଦେଖିବାକୁ ମିଳୁଛି। ଏହା ସ୍ପଷ୍ଟ ବାର୍ତ୍ତା ଦିଏ ଯେ, ଅଭିନବତ୍ୱ ପ୍ରକ୍ରିୟାରେ ମହିଳାଙ୍କୁ ସାମିଲକରି କମ୍ପାନୀଗୁଡ଼ିକ ମାର୍କେଟରେ ପ୍ରବେଶ କରିପାରିବେ। ମହିଳାଙ୍କୁ ଉତ୍ତମ ସେବା ଯୋଗାଇଦେବା ଅତ୍ୟନ୍ତ ଯୁକ୍ତିଯୁକ୍ତ, ଯାହା ବୈଶ୍ୱିକ ଆର୍ଥିକ ଅଭିବୃଦ୍ଧିର ଲହର ସୃଷ୍ଟି କରିପାରିବ।

# ପାଣି ଚୋରି



ସତ୍ୟନାରାୟଣ ଦେହୁରୀ

ପାଣିର ଅନ୍ୟ ନାମ ଜଳ। ଜଳ ବିନା ବଞ୍ଚିବା ଅସମ୍ଭବ। ପୃଥିବୀରେ ୩ ଭାଗ ଜଳ ଥିବାବେଳେ ୧ ଭାଗ ସ୍ଥଳ ରହିଛି। ତେବେ ଅନେକ ସମୟରେ ଜଳ ସଂକଟ ଦେଖାଯାଉଛି। କେତେକ ସ୍ଥାନରେ ଜଳର ଅଭାବ ଯୋଗୁଁ ଜୀବଜଗତ ବଞ୍ଚିରହିବା କଷ୍ଟକର ହୋଇଯାଉଛି। କେତେକ ସହର ତଥା ରାଜ୍ୟମାନଙ୍କରେ ଜଳସଂକଟରୁ ରକ୍ଷା ପାଇବାପାଇଁ ପଡ଼ୋଶୀ ରାଜ୍ୟରୁ ଜଳ କିଣା ଯାଉଛି। ଅନେକ ସମୟରେ ରାଜ୍ୟ ରାଜ୍ୟ ମଧ୍ୟରେ ଜଳକୁ ନେଇ ବିବାଦ ଲାଗିରହୁଛି। ବିଭିନ୍ନ ରାଜ୍ୟର ଶିଳ୍ପସଂସ୍ଥା ରାଜିନାମା ଖିଲାପକରି ପାଣି ଚୋରି କରୁଥିବାର ନଜରକୁ ଆସୁଛି।

ରାଜ୍ୟ ସରକାର ଶିଳ୍ପସଂସ୍ଥାଗୁଡ଼ିକୁ ସେମାନଙ୍କ ଚାହିଦା ମୁତାବକ ଜଳ ନେବାକୁ ଅନୁମତି ଦେଇଥାନ୍ତି। ଏହା ମଧ୍ୟ ଜଳସଂପଦ ବିଭାଗର ଧାର୍ଯ୍ୟନିୟମ ଅନୁଯାୟୀ, ଚୁକ୍ତିନାମା ଦ୍ୱାରା ଅନୁମୋଦିତ ହୋଇଥାଏ। କିନ୍ତୁ ରାଜ୍ୟର ଶିଳ୍ପ ସଂସ୍ଥାଗୁଡ଼ିକ ଜଳକର ପୌଠ କରୁ ନ ଥିବା ବେଳେ ଚୁକ୍ତିନାମାଠାରୁ ବହୁମାତ୍ରାରେ ମନଇଚ୍ଛା ନଦୀ ଅବବାହିକାରୁ ଜଳ ଉଠାଉଛନ୍ତି। ଜଳଉଠାଣର ହିସାବ ପାଇଁ ଶିଳ୍ପସଂସ୍ଥା ପାଇଁ ଚୁକ୍ତନାମା ଅନୁଯାୟୀ ଫ୍ଲୋମିଟର ବାଧ୍ୟତାମୂଳକ ଥିବା ବେଳେ ଏହି ନିୟମକୁ ମଧ୍ୟ ମାନୁ ନାହାନ୍ତି। ଆମ ରାଜ୍ୟର ବ୍ରାହ୍ମଣୀ ଓ ମହାନଦୀ ମୁଖ୍ୟତଃ ରାଜ୍ୟର ପ୍ରମୁଖ ଶିଳ୍ପାଞ୍ଚଳଗୁଡ଼ିକୁ ଜଳ ଯୋଗାଣରେ ପ୍ରମୁଖ ଭୂମିକା ରଖୁଥିବା ବେଳେ ଏବେ ଏହିଦୁଇ ନଦୀ ସମେତ ରାଜ୍ୟର ୭ ନଦୀ ଜଳଚୋରିର ସର୍ବାଧିକ ଶିକାର ହୋଇଛନ୍ତି। ଏପରିସ୍ଥଳେ ବିନା ଫ୍ଲୋମିଟରେ ବ୍ୟବହାରରେ ମାତ୍ରାଧିକ ଜଳ ଉତ୍ତୋଳନ ଆଗାମୀ ଦିନରେ ଜଳକଷ୍ଟ ସହ ପରିବେଶୀୟ ସଂକଟ ଆଶଙ୍କାକୁ ଉଜ୍ଜୀବିତ କରିବା ସହ ପରିବେଶବିତ୍‌ମାନଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି।

ମାତ୍ରାଧିକ ଜଳ ଉତ୍ତୋଳନ ଓ ଜଳଚୋରିକୁ ନେଇ ବିଭିନ୍ନ ମହଲରେ ଏକାଧିକବାର ଅଭିଯୋଗ, ଉଦ୍‌ବେଗ ପ୍ରକାଶ ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏନେଇ ତତ୍ପରତା ପ୍ରକାଶ ପାଇଛି। ରାଜ୍ୟ ବ୍ୟାପି ଏହି ସାଂଘାତିକ ଜଳଚୋରି ସମ୍ପର୍କରେ ଅବଗତ ହେବା ପରେ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ୩୧ଟି ଜଳସଂପଦ ଡିଭିଜନକୁ ଚିଠି ଲେଖିଛନ୍ତି। ଯେଉଁମାନେ ଏପରି ଜଳଚୋରି କାର୍ଯ୍ୟରେ ଲିପ୍ତ ଏବଂ ଚୁକ୍ତିନାମାର ଅନୁପାଳନ କରୁନାହାନ୍ତି, ସେମାନଙ୍କଠାରୁ ୬ ଗୁଣା ଜରିମାନା ଆଦାୟ କରାଯିବ ବୋଲି ଚରମବାଣୀ ଶୁଣାଇଛନ୍ତି। ସୂଚନାଯୋଗ୍ୟ, ଓଡ଼ିଶା ଜଳସେଚନ ଆଇନ ଏବଂ ନିୟମ ୧୯୫୯ ଏବଂ ଓଡ଼ିଶା ଜଳସଂପଦ ନିୟମ ୧୯୬୧ ଅନୁଯାୟୀ ଶିଳ୍ପସଂସ୍ଥାମାନଙ୍କୁ ଚୁକ୍ତି ଅନୁଯାୟୀ ଜଳ ନେବାକୁ ଅନୁମତି ଦିଆଯାଏ। ଚୁକ୍ତି ଅନୁଯାୟୀ ଶିଳ୍ପସଂସ୍ଥାମାନେ ଜଳଉଠାଣ ପୂର୍ବରୁ ଉଠାଣ ସ୍ଥାନରେ ଫ୍ଲୋମିଟର ଲଗାଇବା ବାଧ୍ୟ । ଏହି ଫ୍ଲୋମିଟର ଲାଗିବା ଦ୍ୱାରା ଉକ୍ତସଂସ୍ଥା ଚୁକ୍ତି ମାତ୍ରା ଅନୁଯାୟୀ ଜଳ ଉଠାଉଛନ୍ତି କି ନାହିଁ, ତାହା ଜଣାପଡ଼ିଥାଏ। ଯଦି ଚୁକ୍ତିଠାରୁ ଅଧିକ ଜଳ ନିଆଯାଏ, ତେବେ ୬ ଗୁଣ ଦଣ୍ଡ ସମାନ ଅର୍ଥ ମଧ୍ୟ ଉକ୍ତ ସଂସ୍ଥାଠାରୁ ଅସୁଲ କରାଯିବାର ପ୍ରାବଧାନ ରହିଛି। ଏପରି କି ୨୦୨୧ରେ ଜଳସଂପଦ ବିଭାଗ ସମସ୍ତ ଶିଳ୍ପକୁ ସେନ୍ସର ଭିତ୍ତିକ ଫ୍ଲୋମିଟର ଲଗାଇବାକୁ ନିର୍ଦ୍ଦେଶ ଦେଇଥିଲା। ଏହାଦ୍ୱାରା ପ୍ରକୃତ ଜଳ ବ୍ୟବହାର ମାପି ହୋଇପାରିଥାନ୍ତା, ମାତ୍ର ତମାମ ନିର୍ଦ୍ଦେଶ, ଶିଳ୍ପସଂସ୍ଥାଙ୍କ ସହ ଚୁକ୍ତି ପରେ ମଧ୍ୟ ଏହି ନିୟମକୁ ସଂସ୍ଥାଗୁଡ଼ିକ ମାନୁ ନାହାନ୍ତି। ଚୁକ୍ତିନାମାଠାରୁ ସେମାନେ କେଇଗୁଣା ଅଧିକ ଜଳ ଉଠାଇ ନଦୀଗୁଡ଼ିକୁ ଶୋଷି ଚାଲିଛନ୍ତି।

ସରକାରଙ୍କଠାରୁ ପ୍ରାପ୍ତ ତଥ୍ୟ ଅନୁଯାୟୀ ରାଜ୍ୟର ୭ଟି ନଦୀ ଅବବାହିକାରୁ ଶିଳ୍ପ ସଂସ୍ଥାମାନଙ୍କୁ ଜଳଉଠାଣର ଅନୁମତି ମିଳିଛି। ସେଗୁଡ଼ିକ ହେଲା ମହାନଦୀ, ବୈତରଣୀ, ବ୍ରାହ୍ମଣୀ, ଇନ୍ଦ୍ରାବତୀ, କୋଲାବ, ନାଗାବଳୀ ଓ ଋଷିକୁଲ୍ୟା। ଏହି ନଦୀ ଅବବାହିକାରୁ କେତେ ଜଳ ଉତ୍ତୋଳନ କରାଯିବ, ତାହା ଜଳସଂପଦ ବିଭାଗ ସ୍ଥିର କରିଛି। ତେବେ ପ୍ରାୟ ୧୨୨ଟି ଶିଳ୍ପସଂସ୍ଥା, ଜଳ ଉଠାଇବାକୁ ସରକାରଙ୍କ ସହ ଚୁକ୍ତ କରିଥିଲେ ହେଁ, ସେମାନଙ୍କ ମଧ୍ୟରୁ କେତେକ ସଂସ୍ଥା ଆବଶ୍ୟକତାଠାରୁ ଅଧିକ ଜଳ ଉତ୍ତୋଳନ କରୁଥିବା ବିଭାଗର ଦୃଷ୍ଟିଗୋଚର ହୋଇଛି। ଶିଳ୍ପ ସଂସ୍ଥାଙ୍କ ଜଳ ଶୋଷଣ ଏଇଠି ସରୁନାହିଁ। ରାଜ୍ୟର ପ୍ରାୟ ୫୭ଟି ଶିଳ୍ପ ସଂସ୍ଥା ଉପରେ ୫୮୯୦ କୋଟି ଟଙ୍କାର ଜଳକର ବକେୟା ରହିଥିବା ଜଣାପଡ଼ିଛି । ମାତ୍ର ସରକାର ଏହି ରାଶିକୁ ଆଦାୟ କରିପାରୁନାହାନ୍ତି । ଗୋଟିଏ ପଟେ ଛତିଶଗଡ଼ ଉପରମୁଣ୍ଡରେ ବେଆଇନ ନିର୍ମାଣ କରିଚାଲିଥିବା ବେଳେ ମହାନଦୀ ଅବବାହିକାରେ ଜଳସ୍ତର ଲଗାତର ଭାବେ ହ୍ରାସ ପାଉଛି। ସେହିପରି ଅନ୍ୟ ନଦୀ ଅବବାହିକାରେ ମଧ୍ୟ କ୍ରମାଗତ ଭାବରେ ଜଳସ୍ତର ହ୍ରାସ ପାଉଥିବା ଲକ୍ଷ୍ୟ କରାଯାଉଛି । ସମାନ ସମୟରେ ଶିଳ୍ପସଂସ୍ଥାଗୁଡ଼ିକ ମନଇଚ୍ଛା ଜଳ ଶୋଷଣ କରିବା ଆଗାମୀ ଦିନରେ ଓଡ଼ିଶା ପାଇଁ ବିପଦ ସୃଷ୍ଟି କରିପାରେ । ଏହାଦ୍ୱାରା କୃଷି, ମତ୍ସ୍ୟପାଳନ ସହ ପରିବେଶ ଉପରେ ସର୍ବାଧିକ କୁପ୍ରଭାବ ପଡ଼ିବାରେ ଆଶଙ୍କା ଥିବାରୁ ସରକାର ଏବେଠାରୁ ସମ୍ପୂର୍ଣ୍ଣ ସଜାଗ ହେବା ଆବଶ୍ୟକ ।

ରାଧାନଗର, ବୌଦ୍ଧ
ମୋ:୯୯୩୮୭୫୮୩୫୩

## ଏଇ ଭାରତରେ

ଯୋଗ ଶିଖାଇବା ପାଇଁ ଏକ ସୁନ୍ଦର କ୍ୟାରିୟର ଓ ଆକର୍ଷଣୀୟ ଦରମାର ମୋହ ଗୌଣ ହୋଇଯାଇଛି ସୌରଭ ବୋଥ୍ରାଙ୍କ ଜୀବନରେ। ସୌରଭ ଆଇଆଇଟି, ଭିଏଚ୍‌ୟୁରୁ ଡିଗ୍ରୀ ହାସଲ କରିବା ପରେ ଚାହିଁଥିଲେ ଭଲ ଚାକିରି କରିପାରିଥାଆନ୍ତେ। କିନ୍ତୁ ସେ ଚାକିରି ନ କରି ଯୋଗ ଶିକ୍ଷା ପାଇଁ ହାବିଲ୍ଡ ଅଭିଯାନ ଚଳାଇଛନ୍ତି। ସୌରଭ ପ୍ରତିଦିନ ଭର୍ଚୁଆଲ ଯୋଗ କ୍ଲାସ୍ ଚଳାଉଛନ୍ତି। ଏଥିରେ ୩୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଯୋଗ କ୍ଲାସ୍ ପରିଚାଳନାରେ ନିଯୁକ୍ତ କରିଛନ୍ତି। 'ଶୁଭ ସକାଳ, ଆସନ୍ତୁ ଆରମ୍ଭ କରିବା' ବାର୍ତ୍ତାରୁ ତାଙ୍କ ଯୋଗ କ୍ଲାସ୍ ଆରମ୍ଭ ହେଉଛି। ସୌରଭ କୋଭିଡ୍ ଲକ୍‌ଡାଉନ ଆରମ୍ଭ ସମୟରେ ଏଭଳି ଅଭିଯାନ ଆରମ୍ଭ କରିଥିଲେ। ପ୍ରଥମେ ସେ ୩ଜଣ ଲୋକଙ୍କୁ ନେଇ ଅନ୍‌ଲାଇନ ଯୋଗ କ୍ଲାସ୍ ଆରମ୍ଭ କରିଥିଲେ। ଏବେ ଏହା ୧୬୯ ଦେଶକୁ ବ୍ୟାପିଗଲାଣି ଓ ତାଙ୍କ ଯୋଗ କ୍ଲାସ୍‌ରେ ଯୋଡ଼ି ହୋଇଥିବା ଲୋକଙ୍କ ସଂଖ୍ୟା ୧ କୋଟି ୨୬ ଲକ୍ଷରୁ ଅଧିକରେ ପହଞ୍ଚିଲାଣି। ସୌରଭଙ୍କ ଜେଜେବାପା ଜଣେ ଡାକ୍ତର ଥିଲେ ବି ଚାକିରି ନ କରି ଦୁର୍ଗମ ଗାଁରେ ରହି ଲୋକଙ୍କ ପାଇଁ ନିଃସ୍ୱାର୍ଥପର ଭାବେ ସେବା କରୁଥିଲେ। ତାଙ୍କ ପ୍ରେରଣାରେ ଯୋଗ ଶିକ୍ଷା ଦେଇ ଲୋକଙ୍କୁ ସୁସ୍ଥ ରଖିବାର ପ୍ରୟାସ ଜାରି ରଖିଛନ୍ତି ବୋଲି କହନ୍ତି ସୌରଭ। ଇଂଲଣ୍ଡରୁ ଚାକିରି ଛାଡ଼ି ତାଙ୍କ ଭଉଣୀ ଏବେ ଏହି କାର୍ଯ୍ୟରେ ସୌରଭଙ୍କୁ ସହଯୋଗ, ସାହାଯ୍ୟ ଏବଂ ଯୋଗଶିକ୍ଷା ଦେବାରେ ଗୋଟିଏ ଦିନରେ ଅଧିକ ଭ୍ୟୁୟର, ଯୋଗ କ୍ଲାସ୍‌ରେ ଅଧିକ ଲୋକ ଭାଗନେବା, ଅଧିକ ଦେଶରୁ ଲୋକେ ଭାଗ ନେବା, ଅଧିକ ସମୟ ଯୋଗ କ୍ଲାସ୍ ଆୟୋଜନ କରିବା ଆଦିରେ ସେ ୬ଟି ବିଶ୍ୱ ରେକର୍ଡର ଅଧିକାରୀ ହୋଇଛନ୍ତି।

## ଚିରନ୍ତନୀ

ଭରି ସେହି ନୀରବତା
ଧାନକ୍ଷେତ କହେ କଥା
ରଞ୍ଜିତ ନଭୋପଥେ ବିଲୋକେ
ନୀଳ ଢେଉ ଖେଳେ ସୁନା ଆଲୋକେ !
-(ଶରତ-ସନ୍ଧ୍ୟା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku — ସୁ-ଡୋ-କୁ
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 8 | | | | 1 | 6 | |
| | | | | 1 | 7 | | | |
| | | | | | 5 | | | |
| 7 | | | | | | | 9 | |
| | 4 | | | 3 | | 8 | | 7 |
| | | | | 4 | 2 | | | |
| 6 | | 2 | 3 | | | 5 | | |
| 4 | 1 | | 9 | 8 | | | | |
| 3 | | | | | | | | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 1 | 9 | 7 | 6 | 8 | 5 | 2 | 4 |
| 4 | 6 | 8 | 5 | 2 | 3 | 9 | 7 | 1 |
| 2 | 7 | 5 | 1 | 9 | 4 | 3 | 8 | 6 |
| 1 | 5 | 4 | 8 | 7 | 6 | 2 | 9 | 3 |
| 7 | 9 | 6 | 3 | 4 | 2 | 8 | 1 | 5 |
| 8 | 2 | 3 | 9 | 1 | 5 | 4 | 6 | 7 |
| 6 | 8 | 1 | 4 | 5 | 9 | 7 | 3 | 2 |
| 9 | 4 | 7 | 2 | 3 | 1 | 6 | 5 | 8 |
| 5 | 3 | 2 | 6 | 8 | 7 | 1 | 4 | 9 |

ଗତକାଲିର ଉତ୍ତର

# ନାଁ ବଦଳେଇବାର ଖେଳ



ବିଚିତ୍ର ବିଶ୍ୱାଳ

ସପ୍ତମ ଶ୍ରେଣୀରେ ପଢୁଥିବା ସମୟରେ ଆମ ସାର୍ ଥରେ କଳାପଟାରେ ଦୁଇଟା ସମାନ ଲମ୍ବର ଗାର ଟାଣି ପଚାରିଲେ, କୌଣସି ବି ଗାରକୁ ନ ଲିଭେଇ ଏଥିରୁ ଗୋଟିଏ ଗାରକୁ ଛୋଟ କିପରି କରିବ। ଆମ ମୁଣ୍ଡକୁ ହଠାତ୍ କିଛି ସମାଧାନ ଜୁଟିଲା ନାହିଁ। ଆମକୁ ଆଉ ବେଶି ସମୟ ଦ୍ୱନ୍ଦ୍ୱରେ ନ ରଖି ସାର୍ କହିଲେ, ଯଦି ତୁମେ ଗୋଟିଏ ଗାରକୁ ପୁନଶ୍ଚ ଆଗକୁ ଟାଣି ବଡ଼ କରିଦେବ, ତେବେ ଅନ୍ୟ ଗାରଟି ଆପେ ଆପେ ଛୋଟ ହୋଇଯିବ। ସାର୍ ବି ସେପରି କରି ଦେଖାଇଦେଲେ। ଆମ ମନରେ ଏହା ଗଭୀର ପ୍ରଭାବ ପକାଇଥିଲା। ଅନ୍ୟକୁ ଛୋଟ କରିବା ପାଇଁ ତାକୁ ଲିଭେଇବା ବା ଭାଙ୍ଗିବା ଦରକାର ନାହିଁ, ନିଜେ ବଡ଼ ହୋଇଗଲେ ଅନ୍ୟଟି ଛାଏଁ ଛାଏଁ ଛୋଟ ହୋଇଯିବ। ଏହା କେବଳ ଶ୍ରେଣୀଗୃହର ଗୋଟେ ଉଦାହରଣ ନୁହେଁ, ଜୀବନର ଏକ ନୀତିଶିକ୍ଷା। କିନ୍ତୁ ଆଜି ଦେଶରେ ସରକାରଙ୍କ କାମକୁ ଦେଖିଲେ ଏହି ନୀତିଶିକ୍ଷାର ଠିକ୍ ବିପରୀତ ହେଉଥିବା ଦେଖିବାକୁ ମିଳୁଛି। ସରକାର ନିଜର ଟାଣିଥିବା ଗାରକୁ ବଡ଼ ନ କରି ପୂର୍ବ ସରକାରଙ୍କର ଗାରକୁ ଛୋଟ କରୁଥିବାର ନିମ୍ନମାନର ଘଟଣାସବୁ ଦେଖିବାକୁ ମିଳୁଛି। ଏହାକୁ ବୁଝିବାକୁ ବେଶି ପଛକୁ ଯିବାକୁ ପଡ଼ିବ ନାହିଁ।

ସମ୍ପ୍ରତି କେନ୍ଦ୍ର ସରକାର ଦେଶର ବହୁଳ ଲୋକପ୍ରିୟ 'ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ' (ଏମ୍‌ଜିଏନ୍‌ଆର୍‌ଇଜିଏ)ର ନାମ ବଦଳାଇ ଦେଇଛନ୍ତି। କେବଳ ନାମ ବଦଳ ହୋଇନି, ସେହି ଆଇନର ଅନେକ ଭଲ ଦିଗକୁ ମଧ୍ୟ ମୋଡ଼ି ମକଚି ଦିଆଯାଇଛି। ଏମ୍‌ଜିଏନ୍‌ଆର୍‌ଇଜିଏର ନାମ ବଦଳାଇ ସରକାର ଏହାକୁ ବିକଶିତ ଭାରତ ଗ୍ୟାରେଣ୍ଟି ରୋଜଗାର ଆଣ୍ଡ ଆଜୀବିକା ମିଶନ ବା 'ଭିବି ଜି ରାମ ଜି' ନାମ ଦେଇଛନ୍ତି। ପ୍ରଥମେ ଏହି ଭିବି ଜି ରାମ ଜିର ପୂର୍ଣ୍ଣ ନାମକୁ ଟିକେ ଲକ୍ଷ୍ୟ କରିବା। ପ୍ରଥମେ ବିକଶିତ ଭାରତ, ଯାହା ହିନ୍ଦୀ ଶବ୍ଦ, ତା'ପରେ ଗ୍ୟାରେଣ୍ଟି- ଇଂଲିଶ ଶବ୍ଦ, ରୋଜଗାର-ହିନ୍ଦୀ ଶବ୍ଦ, ଆଣ୍ଡ- ଇଂଲିଶ ଶବ୍ଦ, ପୁଣି ଆଜୀବିକା- ହିନ୍ଦୀ ଶବ୍ଦ ଓ ଶେଷରେ ମିଶନ- ଇଂଲିଶ ଶବ୍ଦ। ଏପରି ହିନ୍ଦୀ ଓ ଇଂଲିଶ ଶବ୍ଦ ମିଶେଇ ଘାଣ୍ଟ କରି ନାଁ ଦେଇ ପୂର୍ବରୁ ତିଆରି ହୋଇଥିବା ଏକ ଆଇନର ନାମରୁ ମହାତ୍ମା ଗାନ୍ଧୀଙ୍କ ନାମ ଲିଭେଇବାର ଯଥାର୍ଥତା ନିଶ୍ଚୟ ସନ୍ଦେହ ଘେରରେ। ଗୋଟିଏ ବଳବତ୍ତର ଆଇନର ନାମକୁ ଏପରି ବଦଳାଗଲା କାହିଁକି? ଏଥିରୁ ବୁଝିହେଉଛି ଯେ, ସରକାର ନିଜେ ବଡ଼ ହୋଇ ନ ପାରି ଅନ୍ୟକୁ ଛୋଟ କରି ନିଜେ ବଡ଼ ହେବାର ଆଶା ପୋଷଣ କରୁଛନ୍ତି। ସୂଚନା ଯୋଗ୍ୟ ଯେ, ପୂର୍ବରୁ ଏମ୍‌ଜିଏନ୍‌ଆର୍‌ଇଜିଏ ଅନୁସାରେ ଲୋକମାନେ ନିଜ ଚାହିଦା ମୁତାବକ କାମ ପାଇବାର ବ୍ୟବସ୍ଥା ଥିଲା, ଯାହା ଏହି ଭିବି ଜି ରାମ ଜିରେ ବଦଳେଇ ଦିଆଯାଇଛି। ଲୋକମାନେ ଯେବେ ଓ ଯେତେଦିନ କାମ ମାଗିବେ, ସେବେ ଓ ସେତେଦିନ କାମ ପାଇବାର ଯେଉଁ ବ୍ୟବସ୍ଥା ଥିଲା, ତାହା ବର୍ତ୍ତମାନ ଆଉ ନାହିଁ। ପୂର୍ବରୁ ଏମ୍‌ଜିଏନ୍‌ଆର୍‌ଇଜିଏରେ ଲୋକଙ୍କ ଚାହିଦା ମୁତାବକ ବଜେଟ ବଢ଼ିବାର ବ୍ୟବସ୍ଥା ଥିଲା, ବର୍ତ୍ତମାନ ସରକାର ଭିବି ଜି ରାମ ଜିରେ ଏକାଥରେ ବଜେଟ ସ୍ଥିର କରିବେ। କ୍ଷମତା ଧୀରେ ଧୀରେ ଗଣଙ୍କ ପାଖରୁ ତନ୍ତ୍ରଙ୍କ ପାଖକୁ ଚାଲିଯିବାର ସୁନ୍ଦର ବ୍ୟବସ୍ଥା କରାଯାଇଛି ଏଥିରେ। ଏହାକୁ ହିଁ ତ



ସରକାରଙ୍କ ମାଷ୍ଟର ଷ୍ଟ୍ରୋକ୍ କୁହାଯାଏ। ଯଦିଓ ଏହି ମାଷ୍ଟର ଷ୍ଟ୍ରୋକ୍ ସାଧାରଣ ଲୋକଙ୍କ ପିଠିରେ ବାଜୁଛି, ସେଥିରେ କାହାର ଯାଏ ଆସେ ନାହିଁ।

ଯଦି ବର୍ତ୍ତମାନ ପର୍ଯ୍ୟନ୍ତ ଭାରତବର୍ଷରେ ହୋଇଥିବା ଯୁଗାନ୍ତକାରୀ ଜନବାଦୀ ଆଇନର ତାଲିକା କରିବା ତେବେ ନିର୍ବିବାଦୀୟ ଭାବେ ତାଲିକାର ଉପର ଭାଗରେ ରହିବ 'ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ' (ଏମ୍‌ଜିଏନ୍‌ଆର୍‌ଇଜିଏ), 'ଜଙ୍ଗଲ ଅଧିକାର ଆଇନ', 'ସୂଚନା ଅଧିକାର ଆଇନ' ଓ 'ଶିକ୍ଷା ଅଧିକାର ଆଇନ'। ଏହି ସବୁ ଆଇନ ବାସ୍ତବରେ ଆମ ଗଣତନ୍ତ୍ରକୁ ମଜଭୁତ କରୁଛି। କାରଣ ଏହା ସାଧାରଣ ଲୋକଙ୍କ ଅଧିକାରକୁ ନିଶ୍ଚିତ କରିବା ସହ ବାସ୍ତବରେ ଦେଶକୁ ମଜଭୁତ ଦିଗରେ ନେବା ପାଇଁ ରାସ୍ତା ପ୍ରଶସ୍ତ କରୁଛି। କିନ୍ତୁ ଏହିସବୁ ଆଇନ ଚଳନ୍ତି ସରକାର ଶାସନ କରିଥିବା ଗତ ବାର ବର୍ଷ ପୂର୍ବରୁ ହିଁ ଆସିଛି । ବର୍ତ୍ତମାନର ସରକାର ତାଙ୍କ ଶାସନ କାଳ ମଧ୍ୟରେ ଏପରି କିଛି ବି ଆଇନ ବା ଯୋଜନା ଆଣିନାହାନ୍ତି, ଯାହା ଉପରୋକ୍ତ ଆଇନଗୁଡ଼ିକର ସମକକ୍ଷ ବା ସେଗୁଡ଼ିକ ପରି ଲୋକଙ୍କ ଅଧିକାରକୁ ମାନ୍ୟତା ଦେଉଛି। ଏହା ନୁହେଁ ଯେ ବର୍ତ୍ତମାନର ସରକାର କିଛି ଭଲ ଯୋଜନା ଆଣିନାହାନ୍ତି, କିନ୍ତୁ ତାହା ଏମ୍‌ଜିଏନ୍‌ଆର୍‌ଇଜିଏ, ଏଫଆର୍‌ଏ, ଆର୍‌ଟିଆଇ ଓ ଆର୍‌ଟିଇ ପରି ଯୁଗାନ୍ତକାରୀ ହୋଇପାରିନାହିଁ। ଏହା ନିଶ୍ଚିତ ଭାବେ ସରକାରଙ୍କ ସଫଳତା ପ୍ରତି ଲୋକଙ୍କ ମନରେ ସଂଶୟ ସୃଷ୍ଟି କରୁଥିବ। ଏହା ତ ଠିକ୍ ସେହିପରି କଥା ହେଲା, ଯେ ନିଜେ ବଡ଼ ଗାର ଟାଣିବାକୁ ଅକ୍ଷମ ଥିବାରୁ ଅନ୍ୟର ଗାରକୁ ଛୋଟ କରିଦିଅ। କେବଳ ଏହି ଏମ୍‌ଜିଏନ୍‌ଆର୍‌ଇଜିଏ ନୁହେଁ, ସରକାର ଆହୁରି ଅନେକ ଯୋଜନାର ନାମକୁ ବଦଳେଇ ସେଥିରେ ନିଜର ଛାପ ଛାଡ଼ିଛନ୍ତି। ନିର୍ମଳ ଭାରତ ଅଭିଯାନର ନାମ ବଦଳେଇ ସ୍ୱଚ୍ଛ ଭାରତ ମିଶନ, ଇନ୍ଦିରା ଆବାସର ନାମ ବଦଳେଇ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ମଧ୍ୟାହ୍ନ ଭୋଜନର ନାମ ବଦଳେଇ ପିଏମ୍ ପୋଷଣ ଶକ୍ତି ନିର୍ମାଣ ଅଭିଯାନ ଇତ୍ୟାଦି ଏହାର କିଛି ଉଦାହରଣ।

ଏହି ପରିପ୍ରେକ୍ଷୀରେ ପିଲାଦିନେ ଶୁଣିଥିବା ଆଉ ଗୋଟେ ମଜାଳିଆ ଗପର ଅବତାରଣା କରାଯାଇପାରେ। ଥରେ ଗୋଟେ ଆସରରେ ଆମେରିକା, ଚାଇନା ଓ ଭାରତର ତିନିଜଣ ବୈଜ୍ଞାନିକ ବସିଥିଲେ। ପ୍ରଥମେ ଆମେରିକାର ବୈଜ୍ଞାନିକ ଗୋଟେ ଅତି ସରୁ ଛୁଞ୍ଚି ଦେଖାଇ କହିଲେ, ଏହା ଦୁନିଆର ସବୁଠାରୁ ସରୁ ଓ ସୂକ୍ଷ୍ମଜିନିଷ। ଏହାଠାରୁ ସରୁ ଜିନିଷ ଏପର୍ଯ୍ୟନ୍ତ ଉଦ୍ଭାବନ ହୋଇନାହିଁ। ଉପସ୍ଥିତ ଲୋକମାନେ ତାଳିମାରିଲେ। ଚାଇନା ବୈଜ୍ଞାନିକ କହିଲେ ଏଇ ଗୋଟେ କଥା, ଆମ ପାଖରେ ଏପରି ସୂକ୍ଷ୍ମ ଓ ସରୁ ଜିନିଷ ଅଛି ଯାହା ଏହି ଛୁଞ୍ଚିରେ ବି କଣା କରିଦେଇ ପାରିବ। ସେ ଛୁଞ୍ଚିଟିକୁ ନେଇ ସେଥିରେ ଗୋଟେ କଣା କରିଦେଲେ। ଏଥର ଭାରତୀୟ ବୈଜ୍ଞାନିକଙ୍କ ପାଳି। ସେ ଛୁଞ୍ଚିଟିକୁ ହାତକୁ ନେଇ ତାକୁ ପ୍ୟାକିଂ କରି ସେଥିରେ ଲେଖିଦେଲେ, ମେଡ୍ ଇନ୍ ଇଣ୍ଡିଆ। ଏହି ମଜାଳିଆ କାଳ୍ପନିକ କଥାରେ ଭାରତୀୟ ବୈଜ୍ଞାନିକଙ୍କ ପରି ବର୍ତ୍ତମାନର ସରକାର ନିଜର ଦକ୍ଷତା ନ ଦେଖାଇ ଅନ୍ୟର କାମକୁ ନିଜ ନାମରେ କରିବାର ପ୍ରୟାସ କରୁଛନ୍ତି।

ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର
ମୋ: ୯୪୩୮୪୬୮୪୭୪

## ପାଠକ ଶ୍ରେଷ୍ଠ ବିଚାରକ

### ଆବେଦନକାରୀ ମଧୁବାବୁ ପେନ୍‌ସନ ଯୋଜନାରୁ ବଞ୍ଚିତ

ମହାଶୟ,

୬୦ ବର୍ଷ ପୂରଣ କରିଥିବା ଗରିବଙ୍କୁ ସାମାଜିକ ସୁରକ୍ଷା ଯୋଜନା(ମଧୁବାବୁ ପେନ୍‌ସନ ଯୋଜନା)ରେ ସରକାର ଭତ୍ତା ପ୍ରଦାନ କରୁଛନ୍ତି। ପୁରୀ ଜିଲା ସତ୍ୟବାଦୀ ସାକ୍ଷୀଗୋପାଳ ବ୍ଲକ୍‌ରେ ୧,୦୦୦ରୁ ଊର୍ଦ୍ଧ୍ୱ ଆବେଦନକାରୀ ବାର୍ଦ୍ଧକ୍ୟ ଭତ୍ତାରୁ ବଞ୍ଚିତ ହେବା ପ୍ରଶ୍ନବାଚୀ ସୃଷ୍ଟି କରିଛି। ବୟସ ପ୍ରମାଣପତ୍ରରେ ତ୍ରୁଟି ଓ ବ୍ଲକ୍‌ର ସରକାରୀ ବାବୁମାନେ ଆବେଦନର ଯାଞ୍ଚ ପାଇଁ ଅଧିକ ସମୟ ନେଉଥିବାରୁ ଭତ୍ତା ପ୍ରଦାନରେ ବିଳମ୍ବ ହେଉଥିବା ସୂଚନା ମିଳିଛି। ପୁରୀ ଜିଲା ସତ୍ୟବାଦୀ ବ୍ଲକ୍‌ର ୨୪ ଟି ପଞ୍ଚାୟତରୁ ଗରିବ ହିତାଧିକାରୀ ବିଭିନ୍ନ କାର୍ଯ୍ୟରେ ସରକାରୀ ବାବୁଙ୍କ ପାଖକୁ ଆସୁଥିବା ବେଳେ ବ୍ଲକ୍ କର୍ମଚାରୀମାନେ ଅଭିଯୋଗ ଶୁଣିବା ପରିବର୍ତ୍ତେ ଆପଣମାନଙ୍କ ଅଭିଯୋଗ ଲିଖିତ ଭାବରେ ସରପଞ୍ଚଙ୍କୁ ଦେବା ପାଇଁ ନିର୍ଦ୍ଦେଶ ଦେବା ମୁଖ୍ୟ ଆଲୋଚନାର ବିଷୟ ହୋଇଛି। ବାର୍ଦ୍ଧକ୍ୟ ଭତ୍ତା ପାଇବାକୁ ହେଲେ ଯୋଗ୍ୟତା ମାନଦଣ୍ଡ ପୂରଣ କରିବାକୁ ହେବ ବୋଲି ସାମାଜିକ ସୁରକ୍ଷା ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ କହିବା ପରେ ଏନେଇ ସଂଶୟ ବଢ଼ିଛି।

-ଦେବତିକ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**୧୨,୦୦୦ କୋଟିର ବିଶ୍ୱ କତା ବଜାର ଆକଳନ**

# ଅର୍ଥନୈତିକ, ପରିବେଶଗତ ଲାଭ ଦେଉଛି ନଡ଼ିଆ ଶଢ଼େଇ

ଭୁବନେଶ୍ୱର,୧।୧(ଅନୁରାଧା ମହାରଣା)



ବିଭିନ୍ନ ଧାର୍ମିକସ୍ଥଳ ଓ ସମୁଦ୍ରକୂଳିଆ ସହରରୁ ବାହାରୁଥିବା ନଡ଼ିଆ ବର୍ଜ୍ୟ ଅର୍ଥନୈତିକ ଓ ପରିବେଶଗତ ଲାଭ ଦେଉଛି। କେନ୍ଦ୍ର ଗୃହ ଏବଂ ନଗର ଉନ୍ନୟନ ମନ୍ତ୍ରଣାଳୟ ଏଥିପାଇଁ ଉପଯୁକ୍ତ ଟେକ୍ନୋଲୋଜି ବିକାଶକରି ଅଦରକାରୀ ନଡ଼ିଆ ଶଢ଼େଇ, ପଇଡ଼ ଖୋଳପାରୁ ବିଭିନ୍ନ ଜରୁରୀ ଉତ୍ପାଦ ତିଆରି କରିବା ସହ ରାଜସ୍ୱ ମିଳିପାରୁଛି। ଓଡ଼ିଶାର ପୁରୀ, ଉତ୍ତରପ୍ରଦେଶର ବାରାଣସୀ ଏବଂ ଆନ୍ଧ୍ରପ୍ରଦେଶର ତିରୁପତି ଭଳି ଧାର୍ମିକ କେନ୍ଦ୍ରଗୁଡ଼ିକ ମନ୍ଦିରରୁ ବାହାରୁଥିବା ନଡ଼ିଆ ବର୍ଜ୍ୟବସ୍ତୁର ପ୍ରକ୍ରିୟାକରଣ ପାଇଁ ସ୍ୱତନ୍ତ୍ର ବର୍ଜ୍ୟବସ୍ତୁ ପୁନରୁଦ୍ଧାର କେନ୍ଦ୍ର ସ୍ଥାପନ କରିଛନ୍ତି। ସରକାରୀ ତଥ୍ୟ ଅନୁଯାୟୀ, ସହରାଞ୍ଚଳର ଓଦା ବର୍ଜ୍ୟବସ୍ତୁ ମଧ୍ୟରେ ନଡ଼ିଆ ବର୍ଜ୍ୟର ପରିମାଣ ୩-୫% ରହିଥାଏ। ଦୈନିକ ଉତ୍ପନ୍ନ ହେଉଥିବା ୧.୬ ଲକ୍ଷ ଟନ ପୌର ବର୍ଜ୍ୟବସ୍ତୁ ତୁଳନାରେ ଏହା ଖୁବ୍ ଅଧିକ ଏବଂ ଉପକୂଳବର୍ତ୍ତୀ ସହରଗୁଡ଼ିକରେ ଏହି ପରିମାଣ ୬-୮% ପର୍ଯ୍ୟନ୍ତ ବୃଦ୍ଧି ପାଇଥାଏ। ନାରିକେଳ ବିକାଶ ପରିଷଦ ଏବଂ କତା ପରିଷଦ ଅନୁଯାୟୀ ୨୦୨୩-୨୪ ଏବଂ ୨୦୨୪-୨୫ ବର୍ଷରେ ମୋଟ ଉତ୍ପାଦନ ୨୧,୦୦୦ ନିୟୁତ ସଂଖ୍ୟା ଅତିକ୍ରମ କରିଛି। କେରଳ, ତାମିଲନାଡୁ, କର୍ଣ୍ଣାଟକ ଏବଂ ଆନ୍ଧ୍ରପ୍ରଦେଶ ପ୍ରାୟ ୯୦% ଅବଦାନ ଦେଉଛନ୍ତି। ଏହି ବର୍ଜ୍ୟରୁ ସମ୍ପଦ ସୃଷ୍ଟି କରିବାର ପ୍ରକ୍ରିୟା ମାଧ୍ୟମରେ ଭାରତ ଉଭୟ ପରିବେଶ ସୁରକ୍ଷା ଓ ବୈଦେଶିକ ମୁଦ୍ରା ଅର୍ଜନ କରୁଛି। ୨୦୨୫ ମସିହାରେ ବିଶ୍ୱ କତା ବଜାର ପ୍ରାୟ ୧୨,୦୦୦ କୋଟି ଟଙ୍କାର ହେବ ବୋଲି ଆକଳନ କରାଯାଇଛି, ଯେଉଁଥିରେ ସାରା ବିଶ୍ୱର ମୋଟ ଉତ୍ପାଦନର ୪୦%ରୁ ଅଧିକ କେବଳ ଭାରତ ଯୋଗାଉଛି। ମାଟି ବିନା ଚାଷ କାର୍ଯ୍ୟ ପାଇଁ ନଡ଼ିଆ ପାଉଡର ବା କୋକୋପିଟ୍‌ର ବଢୁଥିବା ଚାହିଦା ଯୋଗୁ ୟୁରୋପ ଏବଂ ଆମେରିକାରେ ରପ୍ତାନି ବାର୍ଷିକ ୧୦ ରୁ ୧୫ ପ୍ରତିଶତ ହାରରେ ବୃଦ୍ଧି ପାଉଛି। ଚାଇନା (୩୭%) ଏବଂ ଆମେରିକା (୨୪%) ସବୁଠାରୁ ବଡ଼ କ୍ରେତା ଭାବେ ଉଭା ହୋଇଥିବା ବେଳେ ଏହା ପଛକୁ ନେଦରଲ୍ୟାଣ୍ଡ, ଦକ୍ଷିଣ କୋରିଆ ଏବଂ ସ୍ପେନ୍ ରହିଛନ୍ତି। କର୍ଣ୍ଣାଟକର ବେଙ୍ଗାଲୁରୁ, ମହୀଶୂର ଏବଂ ମାଙ୍ଗାଲୁରୁରେ ଦୈନିକ ୧୫୦ ରୁ ୩୦୦ ମେଟ୍ରିକ ଟନ ନଡ଼ିଆ ବର୍ଜ୍ୟବସ୍ତୁ ସୃଷ୍ଟିହେଉଛି। ତାମିଲନାଡୁର ଚେନ୍ନାଇ, କୋଏମ୍ବାଟୁର ଏବଂ ମଦୁରାଇରେ ମଧ୍ୟ ଅନୁରୂପ ପ୍ରକ୍ରିୟାକରଣ କରାଯାଉଛି। କେରଳର କୋଚିଓ ଥିରୁଭାନନ୍ତପୁରମଠାରୁ ଆରମ୍ଭକରି ଆନ୍ଧ୍ରପ୍ରଦେଶର ବିଶାଖାପାଟଣା, ଗୁଜରାଟର ସୁରଟ ଏବଂ ମହାରାଷ୍ଟ୍ରର ମୁମ୍ବାଇ ଓ ପୁଣେ ପର୍ଯ୍ୟନ୍ତ ନଡ଼ିଆ ପାଣିର ଅତ୍ୟଧିକ ବ୍ୟବହାର ଯୋଗୁ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଏବଂ ବେସରକାରୀ ସଂସ୍ଥାଗୁଡ଼ିକ ସ୍ୱତନ୍ତ୍ର ନଡ଼ିଆ କତା ପରିଚାଳନା କେନ୍ଦ୍ର ସ୍ଥାପନ କରିଛନ୍ତି। ସ୍ୱଚ୍ଛ ଭାରତ ମିଶନ-ସହରାଞ୍ଚଳ ୨.୦ ଅଧୀନରେ, ବର୍ଜ୍ୟ ପ୍ରକ୍ରିୟାକରଣ କେନ୍ଦ୍ର ସ୍ଥାପନ ପାଇଁ କେନ୍ଦ୍ର ସରକାର ଉଦ୍ୟୋଗୀ ଏବଂ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକୁ ୨୫ ରୁ ୫୦% ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି। କତା ଉଦ୍ୟମୀ ଯୋଜନା ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପ୍ରକଳ୍ପ ପାଇଁ କ୍ଷୁଦ୍ର ଓ ଅତିକ୍ଷୁଦ୍ର ଶିଳ୍ପଗୁଡ଼ିକୁ ୪୦% ସହାୟତା ରାଶି ଯୋଗାଇ ଦେଉଛି। ଗୋବର୍ଦ୍ଧନ ଯୋଜନା ମାଧ୍ୟମରେ ୫୦୦ଟି ନୂତନ ବର୍ଜ୍ୟରୁ ସମ୍ପଦ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି। ଭାରତର ଏହି ବଢୁଥିବା କତା ଶିଳ୍ପରେ ପ୍ରାୟ ୭.୫ ଲକ୍ଷ ଲୋକ ଜଡ଼ିତ ଅଛନ୍ତି। ୮୦% ମହିଳା ଏସ୍ଏଚ୍‌ଜି ମାଧ୍ୟମରେ ଏହି କେନ୍ଦ୍ରଗୁଡ଼ିକୁ ପରିଚାଳନା କରୁଛନ୍ତି। ସାରା ଦେଶରେ ୧୫,୦୦୦ ରୁ ଅଧିକ ୟୁନିଟ (କେବଳ ତାମିଲନାଡୁରେ ୭,୭୬୬) ଦ୍ୱାରା ନଡ଼ିଆ ବର୍ଜ୍ୟବସ୍ତୁକୁ ବ୍ୟବହାର ଯୋଗ୍ୟ ସମ୍ପଦରେ ପରିଣତ କରାଯାଉଛି। ଏହାଦ୍ୱାରା ବର୍ଜ୍ୟବସ୍ତୁର ପ୍ରାୟ ୯୦% ଅଂଶ ଏବେ ପୋଡ଼ିହୋଇ ନଷ୍ଟହେବା କିମ୍ବା ୧୦-୨୦ ବର୍ଷ ପର୍ଯ୍ୟନ୍ତ ପଡ଼ି ରହି ଅଙ୍ଗାରକାମ୍ଳ ଓ ମିଥେନ ଗ୍ୟାସ୍ ନିର୍ଗତ କରିବା ପରିବର୍ତ୍ତେ ଦଉଡ଼ି, ପାପୋଛ ଏବଂ ଖତରେ ପରିଣତ ହେଉଛି। କେରଳର କୁନ୍ନମକୁଲମରେ ଥିବା 'ଗ୍ରୀନ୍ ଡି-ଫାଇବରିଂ ୟୁନିଟ୍'ରେ କତା ଦେଇ ଚାଷୀମାନେ କତା ପିଛା ୧ ଟଙ୍କା ୨୫ ପଇସା ରୋଜଗାର କରୁଛନ୍ତି। ୬ ଜଣିଆ ସଦସ୍ୟଙ୍କ ଦ୍ୱାରା ପରିଚାଳିତ ଏହି ୟୁନିଟ୍ ନିଯୁକ୍ତି ସୃଷ୍ଟି କରିବା ସହ ଖତ ପ୍ରସ୍ତୁତିର ଉନ୍ନତ କୌଶଳ ମଧ୍ୟ ଶିକ୍ଷା ଦେଉଛି। ନଡ଼ିଆ କତା ବିକ୍ରିକରି ଲାଭ କରାଯାଉଛି ଏବଂ ବଳକା କ୍ଷୁଦ୍ର ଅଂଶରୁ ଅଭିନବ 'ଜୈବିକ କୁଣ୍ଡ' ତିଆରି କରାଯାଉଛି। ବୃହତ୍ ଚେନ୍ନାଇରେ ୨୦୨୧ ଡିସେମ୍ବରର ପ୍ରାୟ ୧.୫ ଲକ୍ଷ ମେଟ୍ରିକ ଟନ ବର୍ଜ୍ୟବସ୍ତୁ ସଂଗ୍ରହ କରାଯାଇ ୧.୧୫ ଲକ୍ଷ ମେଟ୍ରିକ ଟନ୍‌ରୁ ଅଧିକ ପ୍ରକ୍ରିୟାକରଣ ସରିଛି। ଟାୟାର କମ୍ପାନୀ, ନର୍ସରି ଏବଂ ଜଙ୍ଗଲ ବିଭାଗ ସମେତ ପ୍ରାୟ ୩୦ଜଣ ନିୟମିତ ଗ୍ରାହକ ଏହି ଉତ୍ପାଦଗୁଡ଼ିକୁ କ୍ରୟ କରୁଛନ୍ତି। ଇନ୍ଦୋରରେ ନଡ଼ିଆ ବର୍ଜ୍ୟବସ୍ତୁକୁ ସିଧାସଳଖ ଜୈବିକ ଗ୍ୟାସ୍ ପ୍ଲାଣ୍ଟ ନିକଟକୁ ପଠାଯାଇ ଦୈନିକ ୨୦ ଟନ ବର୍ଜ୍ୟବସ୍ତୁର ପ୍ରକ୍ରିୟାକରଣ ହେଉଛି। ଶୁଖିଲା ଲାଇନରୁ ପ୍ରସ୍ତୁତ 'କୋକୋପିଟ୍' ମାଟିର ଆର୍ଦ୍ରତା ଧରି ରଖିବା କ୍ଷମତାକୁ ୫୦% ପର୍ଯ୍ୟନ୍ତ ବୃଦ୍ଧି କରୁଥିବା ବେଳେ ଓଦା ଲାଇନରୁ ମିଳୁଥିବା କତାରେ ଦଉଡ଼ି, ମୂର୍ତ୍ତି ଏବଂ କଳାକୃତି ପ୍ରସ୍ତୁତ ହେଉଛି। ଏହି ୟୁନିଟ ଦୈନିକ ପ୍ରାୟ ୨୦,୦୦୦ ଟଙ୍କା ରୋଜଗାର କରୁଛି।

## ଭୁବନେଶ୍ୱରରେ ପ୍ରସ୍ତୁତ ହେଉଛି ୭,୫୦୦କେଜି ଦଉଡ଼ି

ଭୁବନେଶ୍ୱରର ପଳାଶୁଣୀ ନଡ଼ିଆ ପ୍ରକ୍ରିୟାକରଣ କେନ୍ଦ୍ର ବର୍ଜ୍ୟବସ୍ତୁକୁ ସମ୍ପଦରେ ପରିଣତ କରୁଛି। ଏହି କେନ୍ଦ୍ର ୧୮୯ ଜଣ ବିକ୍ରେତାଙ୍କଠାରୁ ଦୈନିକ ୫,୦୦୦ରୁ ୬,୦୦୦ ନଡ଼ିଆ ସଂଗ୍ରହ କରୁଛି। ପୂର୍ବରୁ ମନ୍ଦିରରୁ ବାହାରୁ ଥିବା ଏହି ଅବଶେଷ ନାଳନର୍ଦ୍ଦମା ଅବରୋଧ କରୁଥିବା ବେଳେ ଏବେ ଏଥିରୁ ୭,୫୦୦ କିଲୋଗ୍ରାମରୁ ଅଧିକ କତା ଓ ଦଉଡ଼ି ପ୍ରସ୍ତୁତ ହେଉଛି। ଏହା ସହ ଚାଷ ଓ ବଗିଚା କାମ ପାଇଁ ୪୮ ମେଟ୍ରିକ ଟନ ନଡ଼ିଆ ଗୁଣ୍ଡ ଭିତ୍ତିକ ଖତ ଓ ବ୍ଲକ୍ ତିଆରି କରାଯାଉଛି। ଦୈନିକ ୧୦,୦୦୦ ନଡ଼ିଆ ପ୍ରକ୍ରିୟାକରଣ କ୍ଷମତା ବିଶିଷ୍ଟ ଏହି କେନ୍ଦ୍ର ମାସିକ ୭ରୁ ୯ ଲକ୍ଷ ଟଙ୍କା ରାଜସ୍ୱ ସୃଷ୍ଟି କରୁଛି।

# ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ୨ ଶାଖା ଉଦ୍‌ଘାଟିତ



ଭୁବନେଶ୍ୱର,୧।୧(ଅନୁରାଧା ମହାରଣା)

ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ଦୁଇଟି ନୂତନ ଶାଖା କଟକ ଜିଲାର ବଡମ୍ବା ଏବଂ ଯାଜପୁର ଜିଲାର ଛତିଆଠାରେ ଉଦାଟିତ ହୋଇଯାଇଛି। ଏହି ନୂତନ ଶାଖା ସହିତ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର କଟକ ଜିଲାରେ ମୋଟ୍ ଶାଖା ସଂଖ୍ୟା ୮ ଏବଂ ଯାଜପୁର ଜିଲାରେ ମୋଟ୍ ଶାଖା ସଂଖ୍ୟା ୩ରେ ପହଞ୍ଚିଛି। ଏହି ନୂତନ ଶାଖା ଦୁଇଟି ସହିତ ରାଜ୍ୟରେ ବ୍ୟାଙ୍କର ମୋଟ୍ ଶାଖା ସଂଖ୍ୟା ୬୪ରେ ପହଞ୍ଚିଛି। ନୂତନ ଛତିଆ ଶାଖାରେ ମୁଖ୍ୟ ଅତିଥି ଭାବେ ଦର୍ପଣ ତହସିଲଦାର ମାନସ କୁମାର ତ୍ରିପାଠୀ ଏବଂ ନୂତନ ବଡମ୍ବା ଶାଖାରେ ମୁଖ୍ୟଅତିଥି ଭାବେ ବଡମ୍ବା ଏମ୍ ଏସ୍ କଲେଜର ପ୍ରିନ୍ସିପାଲ ମୋହିତ ଯୋଗଦେଇଥିଲେ। ଭୁବନେଶ୍ୱର ଅଞ୍ଚଳର ଅଞ୍ଚଳ ପ୍ରବନ୍ଧକ ଦିଲ୍ଲୀପ କୁମାର ରାଉଳ, ଉପ-ଅଞ୍ଚଳ ପ୍ରବନ୍ଧକ ସଞ୍ଜିବ କୁମାର ଦାଶ ଏବଂ ଛତିଆ ଶାଖାର ଶାଖା ପ୍ରବନ୍ଧକ ନବିନ କୁମାର ଏବଂ ବଡମ୍ବା ଶାଖାର ଶାଖା ପ୍ରବନ୍ଧକ ସରୋଜ କୁମାର ବେହେରାଙ୍କ ଉପସ୍ଥିତିରେ ଏହି ଶାଖା ଦୁଇଟି ଉଦଘାଟିତ ହୋଇଥିଲା। ଅଞ୍ଚଳ ପ୍ରବନ୍ଧକ ରାଉଳ କହିଛନ୍ତି, ଦୁଇଟି ଦ୍ରୁତ ବିସ୍ତାରିତ ନେଟ୍‌ୱର୍କ ଓ ଅନ୍ୟାନ୍ୟ ଚ୍ୟାନେଲ ମାଧ୍ୟମରେ ଗ୍ରାହକମାନଙ୍କୁ ଉତ୍ତମ ବ୍ୟାଙ୍କିଙ୍ଗ୍ ସେବା ପ୍ରଦାନ କରିବା ପାଇଁ ବ୍ୟାଙ୍କର ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରିବ। ଏହା ଗ୍ରାହକ ସେବାକୁ ସୁଗମ ଓ ସମୟୋଚିତ ଋଣ ପ୍ରଦାନ କରିବା ସହ ସେହି ଅଞ୍ଚଳର ଖୁଚୁରା, କୃଷି ଏବଂ ଏମ୍ଏସ୍ଏମ୍‌ଇ କ୍ଷେତ୍ର ପାଇଁ ଟର୍ନଆରାଉଣ୍ଡ୍ ସମୟକୁ ହ୍ରାସ କରିବ ଯାହା ଗ୍ରାହକ ସନ୍ତୁଷ୍ଟିକୁ ଆହୁରି ବୃଦ୍ଧି କରିପାରିବ।

## ପୂର୍ବତଟ ରେଳପଥର ନୂଆ ସମୟ ସାରଣୀ କାର୍ଯ୍ୟକାରୀ

ଭୁବନେଶ୍ୱର,୧।୧(ଅନୁରାଧା ମହାରଣା)

ପୂର୍ବତଟ ରେଳପଥ ଗୁରୁବାର ନୂତନ ସମୟ ସାରଣୀ କାର୍ଯ୍ୟକାରୀ କରିଛି। ସଂଶୋଧିତ ସମୟ ସାରଣୀର ଅଂଶ ଭାବରେ ୬ଟି ନୂତନ ଟ୍ରେନ ପ୍ରଚଳନ କରାଯାଇଛି। ଏହା ସହ ୧୪ ଟ୍ରେନ୍ (୭ ଯୋଡ଼ା) ନୂତନ ଗନ୍ତବ୍ୟସ୍ଥଳକୁ ସଂପ୍ରସାରଣ କରାଯାଇଛି। ଏହା ଆଭ୍ୟନ୍ତରୀଣ ଏବଂ ଆଞ୍ଚଳିକ କ୍ଷେତ୍ରଗୁଡ଼ିକୁ ଉନ୍ନତ ସଂଯୋଗ ପ୍ରଦାନ କରୁଛି। ବର୍ଦ୍ଧିତ ଯାତ୍ରୀ ଚାହିଦା ପୂରଣ କରିବା ପାଇଁ ୧୯୦୨୧/୧୯୦୨୨ ଉଧନା-ବ୍ରହ୍ମପୁର-ଉଧନା ଅମୃତ ଭାରତ ଏକ୍ସପ୍ରେସ୍‌କୁ ସାପ୍ତାହିକରୁ ତ୍ରି-ସାପ୍ତାହିକକୁ ବୃଦ୍ଧି କରାଯାଇଛି। ଏହା ବ୍ୟତୀତ ଉନ୍ନତ କାର୍ଯ୍ୟକ୍ଷମତା ଏବଂ ସମ୍ବଳ ଉପଯୋଗ ସୁନିଶ୍ଚିତ କରିବା ପାଇଁ ଚାରୋଟି ଟ୍ରେନ (୨ଯୋଡ଼ା) ର ସେବା ଦିନଗୁଡ଼ିକୁ ସଂଶୋଧନ କରାଯାଇଛି। ଦୁଇଟି ଟ୍ରେନ (ଗୋଟିଏ ଯୋଡ଼ା) କୁ ମଧ୍ୟ ପୁନଃ ନମ୍ବର ଦିଆଯାଇଛି, ଅର୍ଥାତ୍ ୧୨୮୯୨/୧୨୮୯୧ ପୁରୀ-ଭଞ୍ଜପୁର-ପୁରୀ ଏକ୍ସପ୍ରେସ୍ ସେବା ଫେବୃଆରୀ ୧ରୁ କାର୍ଯ୍ୟକାରୀ ହେବ। ଯାତ୍ରା ସମୟ ହ୍ରାସ କରିବା ପାଇଁ ୧୦ଟି ଟ୍ରେନର ଗତି ବୃଦ୍ଧି କରାଯାଇଛି। ଯାତ୍ରୀ ସୁରକ୍ଷା ଏବଂ ଯାତ୍ରା ଆରାମକୁ ବୃଦ୍ଧି କରିବା ପାଇଁ ୪ଟି ଟ୍ରେନ (୨ ଯୋଡ଼ା)କୁ ଏଲ୍ଏଚ୍‌ବି କୋଚ୍‌ରେ ପରିବର୍ତ୍ତନ କରାଯାଇଛି। ଏହା ସହ ସମୟାନୁବର୍ତ୍ତିତାକୁ ଉନ୍ନତ କରିବା ଏବଂ ସୁଗମ ଟ୍ରେନ ପରିଚାଳନା ସୁନିଶ୍ଚିତ କରିବା ପାଇଁ ୨୫ଟି ଟ୍ରେନର ଆଗମନ ଏବଂ ପ୍ରସ୍ଥାନ ସମୟ ସଂଶୋଧନ କରାଯାଇଛି, ଯେଉଁଥିରେ ଖୋର୍ଦ୍ଧା ରୋଡ୍ ଡିଭିଜନ ଅଧୀନରେ ୩ଟି ଟ୍ରେନ ଅନ୍ତର୍ଭୁକ୍ତ।





























See Career Appointment on every Wednesday & Saturday

# ଟ୍ରାଫିକ୍ ନିୟମ ମାନିଲେ ଦୁର୍ଘଟଣା ହ୍ରାସ ପାଇବ

## ଜାତୀୟ ସଡ଼କ ସୁରକ୍ଷା ମାସ ପାଳନର ଶୁଭାରମ୍ଭ

### ସଡ଼କ ସୁରକ୍ଷା ସମ୍ବନ୍ଧୀୟ ସଚେତନତା ରଥ ଉଦ୍‌ଘାଟିତ



ସଡ଼କ ସୁରକ୍ଷା ସଚେତନତା ରଥକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

ବଲାଙ୍ଗୀର,୧।୧(ବୀରେନ୍ଦ୍ର କୁମାର ଝାଙ୍କର)

ଜାନୁୟାରୀ ୧ରୁ ୩୧ ତାରିଖ ପର୍ଯ୍ୟନ୍ତ ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ କରାଯିବ। ଏହି ଅବସରରେ ବଲାଙ୍ଗୀର ଆଞ୍ଚଳିକ ପରିବହନ ବିଭାଗ ଆନୁକୂଲ୍ୟରେ ଜିଲାସ୍ତରୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯାଇଛି। ଗୁରୁବାର ପୂର୍ବାହ୍ନରେ ସ୍ଥାନୀୟ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟଠାରେ ସଡ଼କ ସୁରକ୍ଷା ସମ୍ବନ୍ଧୀୟ ସଚେତନତା ରଥକୁ ଜିଲାପାଳ ଗୌରବ ଶିବାଜୀ ଇସଲୱାର ଏବଂ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅମୃତ କୁମାର ପଣ୍ଡା ଶୁଭାରମ୍ଭ କରିଥିଲେ। ସ୍ଥାନୀୟ ଯୁବଗୋଷ୍ଠୀ ପ୍ଲାକାର୍ଡ ଧରି ସଚେତନତା ଶୋଭାଯାତ୍ରାରେ ରଥ ସହିତ ସହର ପରିକ୍ରମା କରିଥିଲେ। ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଜନସାଧାରଣଙ୍କୁ ଲିଫଲେଟ୍ ବଣ୍ଟନ କରାଯାଇ ଗାଡ଼ି ଚଳାଇବା ସମୟରେ ହେଲ୍‌ମେଟ୍ ଓ ସିଟ୍‌ବେଲ୍ଟ ବ୍ୟବହାର, ନିଶାସେବନ ଅବସ୍ଥାରେ ଗାଡିଚାଳନା ନ କରିବା ଏବଂ ଟ୍ରାଫିକ୍ ନିୟମ ମାନି ଗାଡି ଚଳାଇବା ସମ୍ପର୍କରେ ସଚେତନତା କରାଯାଇଥିଲା। ଜିଲାର ବିଭିନ୍ନ ସ୍ଥାନରେ ସଡ଼କ ସୁରକ୍ଷା ସଚେତନତା ସହିତ ଏନ୍‌ଫୋର୍ସମେଣ୍ଟ କାର୍ଯ୍ୟକ୍ରମ ଜାରି ରହିବ ବୋଲି ସୂଚନା ଦିଆଯାଇଥିଲା। ଟ୍ରାଫିକ୍ ନିୟମ ଅନୁଯାୟୀ ଗାଡି ଚଳାଇ ଦୁର୍ଘଟଣା ହାର ହ୍ରାସ କରିବାରେ ସହଯୋଗ କରିବା ନିମନ୍ତେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଜନସାଧାରଣଙ୍କୁ ନିବେଦନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଆଞ୍ଚଳିକ ପରିବହନ ଅଧିକାରୀ ପ୍ରିୟବ୍ରତ ମହାନ୍ତି, ସହକାରୀ ପରିବହନ ଅଧିକାରୀ ଗୌରହରି ହାଁସଦା, ଟ୍ରାଫିକ୍ ଇନ୍ସପେକ୍ଟର ଯଶବନ୍ତ ଟିନୋରା, କନିଷ୍ଠ ଏମ୍‌ଭିଆଇ ପ୍ରଶାନ୍ତ କୁମାର ପାଢ଼ୀଙ୍କ ସମେତ ପୋଲିସ ପ୍ରଶାସନ ଓ ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର କର୍ମକର୍ତ୍ତା ଯୋଗଦେଇଥିଲେ।

# ଜନକଲ୍ୟାଣ ଯୁବ ସାମ୍ମୁଖ୍ୟର ଅଭିନନ୍ଦନ ଉତ୍ସବ

ଲୋଇସିଂହା,୧।୧(ସୁଶାନ୍ତ ବାରିକ)


ଉତ୍ସବରେ ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର ଓ ଅନ୍ୟମାନେ।

ବଲାଙ୍ଗୀର ଜିଲା ଲୋଇସିଂହା ଜନକଲ୍ୟାଣ ଯୁବ ସାମ୍ମୁଖ୍ୟ କ୍ଲବ୍ ପକ୍ଷରୁ ଅଭିନନ୍ଦନ-୨୦୨୬ ଉତ୍ସବ ପାଳିତ ହୋଇଯାଇଛି। ଏହାକୁ ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ସଭାପତି ଦିଲୀପ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର ଯୋଗଦେଇ କହିଛନ୍ତି, ଉତ୍ସବ ଆନନ୍ଦ ଓ ଖୁସି ଦେବା ସହିତ ସମସ୍ତଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିଥାଏ। ଆଜି ଯେଉଁ ପରିଚୟ ପାଇଛି, ତାହା ଲୋଇସିଂହା ମାଟି ପାଇଁ ସମ୍ଭବ ହୋଇପାରିଛି। ଲୋଇସିଂହାବାସୀଙ୍କୁ ଭୁଲିପାରିବି ନାହିଁ ବୋଲି ସେ କହିଛନ୍ତି। ଏଥିସହ ଲୋଇସିଂହା ଅଭିନନ୍ଦନ ଉତ୍ସବକୁ ବଞ୍ଚାଇ ରଖିବା ପାଇଁ ସେ ଆୟୋଜକଙ୍କୁ ଆହ୍ୱାନ ଦେଇଥିଲେ। ଏହି ଉପଲକ୍ଷେ ଆୟୋଜିତ ଝୋଟି, ମ୍ୟୁଜିକ୍ ଚେୟାର, ଜିଲାପି ଖିଆ ଓ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଟଙ୍କଧର ଗଡତ୍ୟାଙ୍କ ସମେତ କ୍ଲବ୍ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ନବବର୍ଷ ସ୍ୱାଗତ ସମାରୋହ


ନବବର୍ଷ ସ୍ୱାଗତ ସମାରୋହରେ ଉପସ୍ଥିତ ଅତିଥିବୃନ୍ଦ।

ଦେଓଗାଁ,୧।୧(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ୍ କୁତୁର୍ଲା ପଞ୍ଚାୟତ ଅନ୍ତର୍ଗତ କୁତୁର୍ଲା ଆମ୍ବେଦକର ନଗରଠାରେ ବାବା ସାହେବ ଆମ୍ବେଦକର କ୍ଲବ୍ ଆନୁକୂଲ୍ୟରେ ବୁଧବାର ସନ୍ଧ୍ୟାରେ ନବବର୍ଷ ସ୍ୱାଗତ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଦ୍ମନ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ତେଜ ହରପାଲ୍, ସମ୍ମାନିତ ଅତିଥିଭାବେ ଶିକ୍ଷକ ଅକ୍ରୂର ସୁନା, ଶିକ୍ଷୟିତ୍ରୀ ପ୍ରତିମାରାଣୀ ସୁନା, ସାମାଜିକ କର୍ମୀ ଡମ୍ବରୁଧର ହରପାଲ୍ ଯୋଗଦେଇ ନୂତନବର୍ଷ ସମସ୍ତଙ୍କ ପାଇଁ ମଙ୍ଗଳମୟ ଏବଂ ସମୃଦ୍ଧିର ବର୍ଷ ହେଉ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ଅସହାୟ ବ୍ୟକ୍ତିଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ପରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏଥିସହ ଏସ୍‌ଏଚ୍‌ଜି ସଦସ୍ୟାଙ୍କ ଦ୍ୱାରା ଖାଦ୍ୟମେଳା ଅନୁଷ୍ଠିତ ହୋଇଥିଲା। କ୍ଲବ୍ ପ୍ରତିଷ୍ଠାତା ସୁରେଶ ଚନ୍ଦ୍ର ବାରିକ, ସମ୍ପାଦକ ରାଧାକାନ୍ତ ନନ୍ଦ, ବିରଞ୍ଚି ବାରିକ, ରାଜକୁମାର ବାରିକ, ଲିଙ୍ଗରାଜ ବାରିକ, ସୁକାନ୍ତ ସାଗର, ନୀଳେନ୍ଦ୍ରି ନନ୍ଦ, କୁନ୍ତୀ ଛତର, ସ୍ୱପ୍ନାରାଣୀ ବାରିକ, ଭାରତୀ ବାରିକଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଲିଙ୍ଗରାଜ ନନ୍ଦ ଧନ୍ୟବାଦ ଦେଇଥିଲେ।

# ସହଯୋଗ ଭ୍ରାମ୍ୟମାଣ ସହାୟତା କେନ୍ଦ୍ର ରଥ ଉଦ୍‌ଘାଟିତ


ସହଯୋଗ ଭ୍ରାମ୍ୟମାଣ ସହାୟତା କେନ୍ଦ୍ର ରଥକୁ ଜିଲାପାଳ, ପୌରାଧ୍ୟକ୍ଷା ଉଦ୍‌ଘାଟନ କରୁଛନ୍ତି।

ବଲାଙ୍ଗୀର,୧।୧(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା (ଡୁଡା) ପକ୍ଷରୁ ମ୍ୟୁନିସିପାଲିଟିଗୁଡିକରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ସହଯୋଗ ଭ୍ରାମ୍ୟମାଣ ସହାୟତା କେନ୍ଦ୍ର ରଥ ଉଦ୍‌ଘାଟନ କରାଯାଇଛି। ଜିଲାପାଳ ଗୌରବ ଶିବାଜୀ ଇସଲୱାର ଏବଂ ପୌରାଧ୍ୟକ୍ଷା ଲିକା ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ରଥ ବଲାଙ୍ଗୀର ପୌର ପରିଷଦ ଅଞ୍ଚଳରେ ୯୦ ଦିନ ପର୍ଯ୍ୟନ୍ତ ପରିକ୍ରମା କରି ଲୋକଙ୍କୁ ସଚେତନ କରିବ। ପ୍ରତ୍ୟେକ ଘରର ଲୋକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରୀ), ରାସନ କାର୍ଡ, ପାଇପ ଯୋଗେ ଜଳ ଯୋଗାଣ, ଆୟୁଷ୍ମାନ କାର୍ଡ, ଭିନ୍ନକ୍ଷମ ପରିଚୟ ପତ୍ର, ସୁଭଦ୍ରା ଯୋଜନା, ଶ୍ରମିକ କାର୍ଡ, ଇ-ଶ୍ରମ କାର୍ଡ, ଗରିମା ଯୋଜନା, ପିଏମ୍ ବିଶ୍ୱକର୍ମା ଯୋଜନା, ମଧୁବାବୁ ପେନ୍‌ସନ୍ ଯୋଜନା, ସୁକନ୍ୟା ସମୃଦ୍ଧି ଯୋଜନା ଏବଂ ପିଏମ୍ ସୁରକ୍ଷା ବୀମା ଯୋଜନା ସମ୍ବନ୍ଧରେ ବିଭିନ୍ନ ପଡାକୁ ଯାଇ ଲୋକଙ୍କୁ ସଚେତନ କରାଯିବ। ଉପରୋକ୍ତ ଯୋଜନାଗୁଡିକର ସୁଫଳ ଲୋକେ କିଭଳି ପାଇପାରିବେ, କେଉଁଠି ଆବେଦନ କରିବେ ଏବଂ କିଭଳି ଆବେଦନପତ୍ର ଦାଖଲ କରିବେ ସେନେଇ ଲୋକଙ୍କୁ ସୂଚନା ଦିଆଯିବ। ବଲାଙ୍ଗୀରରେ ଏହି ରଥ ପରିକ୍ରମା କରିବା ପରେ ଜିଲାର ଅନ୍ୟ ସହରାଞ୍ଚଳଗୁଡିକୁ ପରିକ୍ରମା ପାଇଁ ଯିବ ବୋଲି ସୂଚନା ଦିଆଯାଇଥିଲା। ଏହି ଅବସରରେ ଡୁଡ଼ା ନିର୍ଦ୍ଦେଶକ ତରଣୀ ସୁନା, ମ୍ୟୁନିସିପାଲିଟି ଉପାଧ୍ୟକ୍ଷା ଗାୟତ୍ରୀ ଭୋଇ, ପୌର ନିର୍ବାହୀ ଅଧିକାରୀ ସନ୍ତୋଷ ବେହେରା, ଏମ୍‌ପିଙ୍କ ପ୍ରତିନିଧି ପଙ୍କଜିନୀ ପଣ୍ଡା, ରାଜ୍ୟ ସଭା ସଦସ୍ୟଙ୍କ ପ୍ରତିନିଧି ମୁନା ଖାନ୍, ବଲାଙ୍ଗୀର ବିଧାୟକଙ୍କ ପ୍ରତିନିଧି ଦେବବ୍ରତ ବେହେରାଙ୍କ ସମେତ ବିଭିନ୍ନ ୱାର୍ଡର କାଉନସିଲର ଏବଂ ଡୁଡା କର୍ମଚାରୀ ଉପସ୍ଥିତ ଥିଲେ।

# ଜିନ୍ଦାବାଦ୍ ସଙ୍ଗଠନର ପ୍ରତିଷ୍ଠା ଦିବସ ପାଳିତ

କଣ୍ଟାବାଞ୍ଜି, ୧।୧(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା ତୁରେକେଲା ଥାନା ଅଧୀନ ଗାଉଡାର ଗ୍ରାମରେ ଜିନ୍ଦାବାଦ୍ ସଙ୍ଗଠନର ୨୭ତମ ପ୍ରତିଷ୍ଠା ଦିବସ ଗୁରୁବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ନିୟମଗିରି ସୁରକ୍ଷା ସମିତି ଅଧ୍ୟକ୍ଷ ଲିଙ୍ଗରାଜ ଆଜାଦ୍, ସମ୍ମାନିତ ଅତିଥି ଭାବେ କୃଷକ ସଂଘର୍ଷ ସମିତି ଅଭିଯାନ ଟିଟିଲାଗଡ଼ର ଆବାହକ ବାଳକୃଷ୍ଣ ଷାଣ୍ଡ ଯୋଗଦେଇଥିଲେ। ସଙ୍ଗଠନର ପ୍ରତିଷ୍ଠାତା ତଥା ଆଇନଜୀବୀ ତ୍ରିଲୋଚନ ପୁଞ୍ଜି ସଭା ପରିଚାଳନା ଓ କେନ୍ଦ୍ର ସଭାପତି ଲୋଚନ ବରିହା ଧନ୍ୟବାଦ ଦେଇଥିଲେ। ସଙ୍ଗଠନର କାର୍ଯ୍ୟକର୍ତ୍ତା ଶୁକ୍ଳ ଶବର, ମିଳନ ପୁଞ୍ଜି, କ୍ଷୀରସିନ୍ଧୁ ମାଝି, ଗୋଲାପ ନିଆଲ, ଯଶୋବନ୍ତି ମାଝି, ସୁମିତ୍ରା ଗଏଁତା, ଉପାସି ବରିହା, ମଧୁ ଶବର, ଗୋକୁଳ ପ୍ରଧାନୀ, ଜଳପତି ମାଝି, ଦେବନାସନ ଛତ୍ରିଆଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସଭାରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ୧୮ ଦଫା ଦାବିପତ୍ର ପ୍ରେରଣ ପାଇଁ ପ୍ରସ୍ତାବ ଦିଆଯାଇଥିଲା। ବିଶେଷକରି ଜଙ୍ଗଲ ଅଧିକାର ସ୍ୱୀକୃତି ଆଇନର ଠିକ କାର୍ଯ୍ୟକାରିତା, ଦାଦନ ଶ୍ରମିକ ସମସ୍ୟାର ସମାଧାନ, ବିସ୍ଥାପିତ ପରିବାରକୁ ଉଚିତ କ୍ଷତିପୂରଣ, ଥଇଥାନ ଓ ପୁନର୍ବାସ କରିବା, ବଲାଙ୍ଗୀର ଜିଲାର ବିକାଶ ପାଇଁ ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜ୍ ଘୋଷଣା, ଗନ୍ଧମାର୍ଦ୍ଦନର ସ୍ଥାୟୀ ସୁରକ୍ଷା ପାଇଁ ଆଇନ ପ୍ରଣୟନ କରିବା, ଚାଷଜମିରେ ଜଳସେଚନ, ଭୂମିହୀନ ପରିବାରକୁ ଘରଡିହ ଓ ଚାଷଜମି ପ୍ରଦାନ, କଣ୍ଟାବାଞ୍ଜିରେ ରେଳଡବା ମରାମତି କାରଖାନା ପ୍ରତିଷ୍ଠା ଭଳି ଅନେକ ଦାବି ଉପସ୍ଥାପନ କରାଯାଇଥିଲା।

# ଧନୁଯାତ୍ରା ଉଦ୍‌ଯାପିତ

ଲାଠୋର,୧।୧(ଭୁବନେଶ୍ୱର ବାରିକ)


କଂସ ଭୂମିକାରେ ଅଭିନୟ କରିଥିବା ଅନିଲ ନାଏକଙ୍କୁ ସମ୍ମାନିତ କରାଯାଉଛି।

ବଲାଙ୍ଗୀର ଜିଲା ଲାଠୋର ଜୟ ମା' ବସ୍ତ୍ରେନ ଧନୁଯାତ୍ରା କମିଟି ଆନୁକୂଲ୍ୟରେ ଆୟୋଜିତ ଧନୁଯାତ୍ରା ମହୋତ୍ସବ ବୁଧବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ସଭାପତି ରମାକାନ୍ତ ମହାନ୍ତିଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଲବ ସୁନା ଓ ସମ୍ମାନିତ ଅତିଥି ଭାବେ ବନମାଳୀ ଖୁରା ଯୋଗଦେଇଥିଲେ। ଶେଷ ରଜନୀରେ କଂସବଧ ମଞ୍ଚସ୍ଥ ଦୃଶ୍ୟ ଲୋକଙ୍କ ମନଛୁଇଁ ଥିଲା। କଂସ ଭୂମିକାରେ ଅନିଲ ନାଏକ, କୃଷ୍ଣ, ବଳରାମ ଭୂମିକାରେ ପିଙ୍କୁ ମେହେର ଏବଂ ପ୍ରୀତମ୍ ମେହେର ଅଭିନୟ କରିଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ସମସ୍ତ କଳାକାରଙ୍କୁ ସମ୍ମାନିତ କରାଯାଇଥିଲା। ଉପସଭାପତି ଜୟଦେବ ଶାଣ୍ଢ, ସମ୍ପାଦକ ସଚ୍ଚିକାନ୍ତ ଦାସ, ସହସମ୍ପାଦକ ରୋହିତ ମେହେର, କୋଷାଧ୍ୟକ୍ଷ ବିଦ୍ୟାଧର ଗୁର୍ଲା, ସଭ୍ୟ ଭଗବାନ ସେଠଙ୍କ ସମେତ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଲିଟିଲ ମିସ୍ ଗ୍ଲୋବାଲ ଇଣ୍ଟରନ୍ୟାଶନାଲ ଟାଇଟଲ ବିଜେତା ଇଫ୍ରାତ୍‌ଙ୍କୁ ସମ୍ବର୍ଦ୍ଧନା



ଇଫ୍ରାତ୍ ଜୋଏଲଙ୍କୁ ଶୋଭାଯାତ୍ରାରେ ନିଆଯାଉଛି।

ଲୋଇସିଂହା,୧।୧(ସୁଶାନ୍ତ ବାରିକ)

ମହାରାଷ୍ଟ୍ରର ସାଙ୍ଗ୍‌ଲୀ ସହରରେ ଗ୍ଲୋବାଲ ମଡେଲ ଇଣ୍ଡିଆ ତରଫରୁ ଆୟୋଜିତ ଲିଟିଲ ମିସ୍ ଇଣ୍ଡିଆ ଜାତୀୟ ମଡେଲିଂ ପ୍ରତିଯୋଗିତାରେ ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅଧୀନ ଜଡାମୁଣ୍ଡାର ଇଫ୍ରାତ୍ ଜୋଏଲ(୯) ଲିଟିଲ ମିସ୍ ଗ୍ଲୋବାଲ ଇଣ୍ଟରନ୍ୟାଶନାଲ ଟାଇଟଲ୍ ଜିତିଛନ୍ତି। ଗୁରୁବାର ପୂର୍ବାହ୍ନରେ ଇଫ୍ରାତ୍ ଏବଂ ତାଙ୍କ ଅଭିଭାବକ ଲୋଇସିଂହାରେ ପହଞ୍ଚିବା ପରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଶଂସକମାନେ ସ୍ଥାନୀୟ ଅଗ୍ରେସନ ଭବନରୁ ଜଡାମୁଣ୍ଡାସ୍ଥିତ ତାଙ୍କ ବାସଭବନ ପର୍ଯ୍ୟନ୍ତ ଡିଜେ ବଜାଇ ନୃତ୍ୟଗୀତ କରି ଶୋଭାଯାତ୍ରାରେ ନେଇଥିଲେ। ଶୋଭାଯାତ୍ରାବେଳେ ବାଟରେ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିଙ୍କ ପକ୍ଷରୁ ଇଫ୍ରାତ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ପ୍ରତିଯୋଗିତାରେ ଭାରତ ସମେତ ଅଷ୍ଟ୍ରେଲିଆ, ଆମେରିକା, ୟୁକ୍ରେନ୍, ମାଲେସିଆ, ଶ୍ରୀଲଙ୍କା ଏବଂ ଆଲ୍‌ଜେରିଆ ଭଳି ବିଭିନ୍ନ ଦେଶରୁ ଭାଗ ନେଇଥିବା ୧୨ଜଣ ପ୍ରତିଯୋଗୀଙ୍କ ସହ ଇଫ୍ରାତ୍ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଏଥିରେ ସେ ଚମତ୍କାର ପ୍ରଦର୍ଶନ କରିବା ସହ ଟାଇଟଲ ହାସଲ କରି ଭାରତ ପାଇଁ ଗୌରବ ଆଣିଛନ୍ତି। ଏ ସମ୍ପର୍କରେ ତାଙ୍କ ମା' ବି. ନିବେଦିତା ଓ ବାପା ଜୀବନଜ୍ୟୋତି ବାଗ୍ କହିଛନ୍ତି, ଇଫ୍ରାତ୍‌ଙ୍କ ପାଇଁ ଆମେ ଗର୍ବିତ।

# ସେବା ସମାଜ ସଂସ୍କାରର ପ୍ରକୃଷ୍ଟ ମାଧ୍ୟମ

ବଲାଙ୍ଗୀର,୧।୧(ବୀରେନ୍ଦ୍ର କୁମାର ଝାଙ୍କର)


କାର୍ଯ୍ୟକ୍ରମରେ ଯୁବ ସାମାଜିକ କର୍ମୀ ଗୋବିନ୍ଦ ଚନ୍ଦ୍ର ଶତପଥୀଙ୍କୁ ସମ୍ମାନିତ କରାଯାଉଛି।

## ବାଧିତଜନବନ୍ଧୁ ପ୍ରଭାକର ରଥଙ୍କ ଜୟନ୍ତୀ ପାଳିତ

ସମାଜ ସଂସ୍କାରର ବହୁବିଧି ମାଧ୍ୟମ ରହିଛି। ମାତ୍ର ସେବା ହେଉଛି ସମାଜ ସଂସ୍କାରର ଏକ ପ୍ରକୃଷ୍ଟ ମାଧ୍ୟମ। ସେବା ଜରିଆରେ ଆମେ ସମାଜକୁ ମାନବୀୟ ସମ୍ବେଦନରେ ଭରିଦେଉ। ବାଧିତଜନବନ୍ଧୁ ପ୍ରଭାକର ରଥ ସେବା ଜରିଆରେ ସମାଜରେ ସଂସ୍କାରମୂଳକ କାର୍ଯ୍ୟର ଯେଉଁ ଧାରା ଆରମ୍ଭ କରିଥିଲେ ତାହା ଆଜିବି ପ୍ରେରଣାର ସ୍ରୋତ ହୋଇ ରହିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

ସ୍ଥାନୀୟ ଟାଉନ୍ ବାଳିକା ହାଇସ୍କୁଲ ସମ୍ମିଳନୀ କକ୍ଷରେ ପ୍ରଭାକର ରଥ ସ୍ମୃତି ସମିତି ପକ୍ଷରୁ ବାଧିତଜନବନ୍ଧୁ ପ୍ରଭାକର ରଥଙ୍କ ୧୦୫ତମ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ଅରୁଣ କୁମାର ଖୁଆସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକା ତଥା ଡା. ମଞ୍ଜୁବାଳା ପଣ୍ଡା ଯୋଗଦେଇ କହିଛନ୍ତି, ମାନବ ସେବା ହିଁ ପ୍ରକୃତ ସେବା। ମୁଖ୍ୟବକ୍ତା ଭାବେ ଆଦର୍ଶ ଶିକ୍ଷୟିତ୍ରୀ ସଂସ୍କୃତି ପଟ୍ଟନାୟକ ଯୋଗଦେଇ ସ୍ୱର୍ଗତ ରଥଙ୍କ ସେବା କାର୍ଯ୍ୟ କିଭଳି ଉତ୍ତରପିଢ଼ିଙ୍କ ପାଖରେ ପହଞ୍ଚିବ ସେନେଇ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ଯୋଗଦେଇ କହିଛନ୍ତି, ସ୍ୱର୍ଗତ ରଥ ସରକାରୀ ଅଫିସ କାର୍ଯ୍ୟ ତୁଲାଇବା ପରେ ଅବଶିଷ୍ଟ ସମୟରେ ହସ୍ପିଟାଲ ଯାଇ ପୀଡିତ ଲୋକଙ୍କ ପାଇଁ ସେବା କାର୍ଯ୍ୟ କରୁଥିଲେ। ଏହି ଅବସରରେ ସେବା କାର୍ଯ୍ୟରେ ଉଲ୍ଲେଖନୀୟ ଅବଦାନ ପାଇଁ ଯୁବ ସାମାଜିକ କର୍ମୀ ଗୋବିନ୍ଦ ଚନ୍ଦ୍ର ଶତପଥିଙ୍କୁ ପ୍ରଭାକର ରଥ ସେବା ସମ୍ମାନ ପ୍ରଦାନ କରାଯାଇଥିଲା। ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିବା କୁନି କଳାକାର ଶର୍ମିଷ୍ଠା ସାହୁଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ନିକଟରେ ରାଜ୍ୟସ୍ତରୀୟ ଶିଶୁ ସାହିତ୍ୟିକ ସାରସ୍ୱତ ସମ୍ମାନରେ ସମ୍ମାନିତ ହୋଇଥିବା କବି ମଦନ ମୋହନ ରଥଙ୍କୁ ଏହି ସଭାମଞ୍ଚରେ ଆଦ୍ୟାଶକ୍ତି ନାରୀ ସଙ୍ଗଠନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ମଧୁ ସାହୁ ସଭା ପରିଚାଳନା, ରତ୍ନମୟ ତ୍ରିପାଠୀ ଅତିଥି ପରିଚୟ, ଶିକ୍ଷୟିତ୍ରୀ ମଞ୍ଜୁଲତା ମିଶ୍ର ବେଦପାଠ ଓ ଡ. ପ୍ରେମଚାନ୍ଦ ମହାନ୍ତି ରାମଧୂନ ଗାନ କରିଥିଲେ। ଏହି କାର୍ଯ୍ୟକ୍ରମରେ କେଶବ ଚନ୍ଦ୍ର ମିଶ୍ର, ବୃଜେନ୍ଦ୍ର କୁମାର ବେହେରା, ପ୍ରଶାନ୍ତ ଷଡଙ୍ଗୀ, ମାଳତି ଉଦ୍‌ଗାତା, ନିହାରିକା ମିଶ୍ର, ଡ. ଅଶୋକ କୁମାର ସେଠୀଙ୍କ ସମେତ ଆଦ୍ୟାଶକ୍ତି ନାରୀ ସଙ୍ଗଠକ, ପୂଜ୍ୟପୂଜା ସେବା ସଙ୍ଗଠକ ଓ ଶିଶୁ ବିକାଶ କେନ୍ଦ୍ରର ସଭ୍ୟମାନେ ସହଯୋଗ କରିଥିଲେ। ନିରୁପମା ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।



ଗୁରୁବାର ପଏଁରୀ ତିହାର-୨୦୨୬ ଉଦ୍‌ଘାଟନୀ ଅବସରରେ ସୋନପୁର ପଏଁରୀର କଳାକାରମାନେ ରସରକେଲି ନୃତ୍ୟ ପରିବେଷଣ କରୁଛନ୍ତି।

# ଉତ୍ସବ ସଂସ୍କୃତି, ପରମ୍ପରାକୁ ଉଜ୍ଜୀବିତ ରଖେ

ସୋନପୁର,୧।୧(ମୃତ୍ୟୁଞ୍ଜୟ ଶତପଥୀ)

ପଏଁରୀ ତିହାର କେବଳ ଏକ ଉତ୍ସବ ନୁହେଁ ବରଂ ସଂସ୍କୃତି, ପାରମ୍ପରିକ ଲୋକକଳାକୁ ଉଜ୍ଜୀବିତ କରି ରଖିବା ଏହାର ଲକ୍ଷ୍ୟ। ମାଟିର ମହକ ଓ ସଂସ୍କୃତିକୁ ଜୀବନ୍ତ ରଖିବାକୁ ପଡିବ ବୋଲି ଉଦ୍‌ଘାଟନୀ ସାନ୍ଧ୍ୟ ଉତ୍ସବରେ ଅତିଥି ମାନେ ମତବ୍ୟକ୍ତ କରିଛନ୍ତି। ସୁବର୍ଣ୍ଣପୁର ସୁରେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ପାରମ୍ପରିକ ଲୋକନୃତ୍ୟ ଓ ସଙ୍ଗୀତ ଉତ୍ସବ ୨୬ତମ ପଏଁରୀ ତିହାର-୨୦୨୬ ଗୁରୁବାର ଉଦ୍‌ଘାଟିତ ହୋଇଛି। କଳା, ସଂସ୍କୃତି ଅନୁଷ୍ଠାନ ପଁଏରୀ ପକ୍ଷରୁ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ, କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ଏବଂ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଜିଲା ସଂସ୍କୃତି ପରିଷଦର ମିଳିତ ସହଯୋଗରେ ଏହି ସମାରୋହ ଆୟୋଜନ ହୋଇଛି। ଏହା ଆସନ୍ତା ଶନିବାର ପର୍ଯ୍ୟନ୍ତ ଚାଲିବ। ପୂର୍ବାହ୍ନରେ ଅନୁଷ୍ଠାନର କର୍ମକର୍ତ୍ତା, ଜିଲାର ପାରମ୍ପରିକ କଳାକାରଙ୍କୁ ନେଇ ମା' ସୁରେଶ୍ୱରୀଙ୍କଠାରେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଏକ ମଶାଲ ଶୋଭାଯାତ୍ରା ତଥା ସାଂସ୍କୃତିକ ଶୋଭାଯାତ୍ରା ମନ୍ଦିରରୁ


ସଦାନନ୍ଦ ମାଝୀଙ୍କୁ ପଏଁରୀ ଲୋକ କଳା ସମ୍ମାନ ପ୍ରଦାନ କରାଯାଉଛି।

ବାହାରି ସହର ପରିକ୍ରମା କରିବା ପରେ ଉତ୍ସବ ସ୍ଥଳରେ ପହଞ୍ଚିଥିଲା।

ଉତ୍ସବକୁ ସୋନପୁର ଉପଜିଲାପାଳ ଡ. ସୌମ୍ୟରୂପା ରଥ ଉଦ୍‌ଘାଟନ କରିଥିଲେ। ପଏଁରୀର ସଭାପତି ଲଡୁକିଶୋର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସିନେ ଅଭିନେତା ଗଦାଧର ବାରିକ୍, ଉପଦେଷ୍ଟା ଅଭିମନ୍ୟୁ କୁଶଳ ଓ ଶ୍ରୀବତ୍ସ ମଲ୍ଲିକ ଅତିଥି ଭାବେ ଯୋଗ ଦେଇଥିଲେ। କଣ୍ଠଶିଳ୍ପୀ ଶତୃଘ୍ନ ଲୁହା, ପ୍ରେମାନନ୍ଦ ବାଗ, ବିବେକାନନ୍ଦ ପଣ୍ଡା ଓ ସ୍ୱାଗତ କୁମାର ଭୋଇ ପାରମ୍ପରିକ ଲୋକ ସଙ୍ଗୀତ ପରିବେଷଣ କରିଥିଲେ। ବିଭିନ୍ନ ବ୍ଲକରୁ ଆସିଥିବା କଳାକାରମାନେ ଶବର ଶବରାନୀ, ଲୀଳା ଦଣ୍ଡନୃତ୍ୟ, କରମସାନୀ, ନଚନିଆ ଓ ବଜନିଆ ଭଳି ଲୋକନୃତ୍ୟ ପରିବେଷଣ କରିଥିଲେ। ସାନ୍ଧ୍ୟ ଉତ୍ସବରେ ଜିଲାପାଳ ଡ. ନୃପରାଜ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଜିଲାର ଭାଷା, ପୋଷାକ, କଳା ଓ ସଂସ୍କୃତି ଅନନ୍ୟ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଏସ୍‌ପି ନାରାୟଣ ନାୟକ ଯୋଗଦେଇ ସୁବର୍ଣ୍ଣପୁର ଏକ ସଂସ୍କୃତି ସମ୍ପନ୍ନ ଓ ଧାର୍ମିକ ସମ୍ପନ୍ନ ଜିଲା ବୋଲି ମତପ୍ରକାଶ କରିବା ସହ ନୂଆବର୍ଷର ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସନ୍ତୋଷ ମିଶ୍ର, ମମତା ଫେଶନ ସ୍କୁଲର ସିଇଓ ମମତା ଦାସ ଯୋଗଦେଇ ଜିଲାରେ ପାରମ୍ପରିକ ଲୋକକଳାର ବିକାଶରେ ପଏଁରୀର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ପଏଁରୀର ସଭାପତି ଲଡୁକିଶୋର ମଲ୍ଲିକ ସଭାରେ ଅଧ୍ୟକ୍ଷତା କରିଥିବା ବେଳେ ସମ୍ପାଦକ ଚୌଧୁରୀ ବିଭାର ପ୍ରାରମ୍ଭିକ ସୂଚନା

## ପାରମ୍ପରିକ ଲୋକନୃତ୍ୟ, ସଙ୍ଗୀତ ଉତ୍ସବ ପଏଁରୀ ଉଦ୍‌ଘାଟିତ

ପ୍ରଦାନ କରିଥିଲେ। ଡୁଙ୍ଗୁରିପାଲି ବ୍ଲକ ବଲେନପାଲିର ବରିଷ୍ଠ ନାଟ୍ୟକାର ସଦାନନ୍ଦ ମାଝୀଙ୍କୁ ଏହି ଅବସରରେ ପଏଁରୀ ଲୋକ କଳା ସମ୍ମାନ ପ୍ରଦାନ କରା ଯାଇଥିଲା। ପରେ ସୋନପୁର ପଏଁରୀ ଅନୁଷ୍ଠାନର କଳାକାରମାନେ ରସରକେଲି, ସୋନପୁର ମମତା ଡୋରିର ଫେସନ ସୋ, ହରିୟାନା କଳାକାରଙ୍କ ଘୁମର ନୃତ୍ୟ, ମୟୂରଭଞ୍ଜ କଳାକାରଙ୍କ ଛଉ ନୃତ୍ୟ ଓ ବୀରମହାରାଜପୁର ଭୀମଭୋଇ କଳାନିକେତନର କଳାକାର ମାନେ ସମ୍ବଲପୁରୀ ଲୋକନୃତ୍ୟ ପରିବେଷଣ କରିଥିଲେ। ନବବର୍ଷରେ ସହରବାସୀଙ୍କ ଭରପୁର ମନୋରଞ୍ଜନ ହୋଇଥିଲା। ପଏଁରୀ ଅନୁଷ୍ଠାନର ଉପସଭାପତି ପ୍ରଫୁଲ୍ଲ ନାଏକ ଧନ୍ୟବାଦ ପ୍ରଦାନ କରିଥିଲେ। ସୌମ୍ୟରଞ୍ଜନ ସେଠୀ, ସୁଶାନ୍ତ ସାହୁ, ରାମ ମେହେର, ଗୋପାଳ ମେହେର ଓ ଲଳିତ ମେହେର ପ୍ରମୁଖ ଉତ୍ସବ ଆୟୋଜନରେ ସହଯୋଗ କରିଥିଲେ।

# ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ନୂଆବର୍ଷକୁ ସ୍ୱାଗତ

ଅମରପାଲି,୧।୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅଞ୍ଚଳରେ ଇଂରାଜୀ ନବ ବର୍ଷ ଅବସରରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଦେବାଳୟରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖା ଦେଇଥିଲା। ସକାଳୁ ପ୍ରସିଦ୍ଧ ପାତଳି ଶ୍ରୀକ୍ଷେତ୍ର, ମେଟାକାନୀ ମନ୍ଦିର, ଚମ୍ପାମଲସ୍ଥିତ ଚମ୍ପେଶ୍ୱର ମନ୍ଦିର, ଗୋଧାନେଶ୍ୱର ଶିବ ମନ୍ଦିର, ପଥରଘାଟସ୍ଥିତ ହନୁମାନ ବାଟିକା, ଖଣ୍ଡହତା ପଞ୍ଚାୟତର ସୁନରୀବେର୍ଣ୍ଣି ଶିବ ମନ୍ଦିର, ବହଳପଦର ପଞ୍ଚାୟତର ଗୌଡ଼ଗାଡ ଶିବ ମନ୍ଦିର, ଠେଙ୍ଗୋ ଡ୍ୟାମ ଶିବ ମନ୍ଦିର, ବଡ଼ ଖମାରସ୍ଥିତ ବରାହପଦର ମଠ, ସାହାଜଲଥାସ୍ଥିତ ମୟୂରକଟା ମଠ, କେନଝିରିଆପାଲି ସ୍ଥିତ ପ୍ରେମାନନ୍ଦ ଯୋଗାଶ୍ରମ ମଠ, ଭାଲୁଡୁଙ୍ଗୁରି ସ୍ଥିତ ଶୃଙ୍ଗଦରହ ଆଦି ସ୍ଥାନରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସବୁ ମଠ ଓ ମନ୍ଦିରରେ ସକାଳୁ ରୀତିନୀତି ମତେ ପୂଜାର୍ଚ୍ଚନା କରାଯାଇଥିଲା। ସାଧାରଣ ଭକ୍ତଙ୍କ ପାଇଁ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା। ଏହା ସହିତ ଶ୍ରଦ୍ଧାଳୁଙ୍କ ପାଇଁ ସାଧାରଣ ଦର୍ଶନ ବ୍ୟବସ୍ଥା କରାଯାଇଥିଲା। ମନ୍ଦିର ପରିଚାଳନା କମିଟି ତରଫରୁ ଏନେଇ ସବୁ ପ୍ରକାର ବ୍ୟବସ୍ଥା କରାଯାଇଥିଲା। ଇଂରାଜୀ ନବବର୍ଷକୁ ସ୍ୱାଗତ ପାଇଁ ଅଞ୍ଚଳରେ ଚଳିତବର୍ଷ ଅନେକ ସ୍ଥାନରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପାତଳି ଶ୍ରୀକ୍ଷେତ୍ରରେ ଦ୍ୱାର ଫିଟା ପରେ ସ୍ୱତନ୍ତ୍ର ନୀତିକାନ୍ତି କରାଯାଇଥିଲା। ଜିଲା ତଥା ରାଜ୍ୟ ବାହାରୁ ଅନେକେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

## ପାତଳି ଶ୍ରୀକ୍ଷେତ୍ରରେ ଶ୍ରଦ୍ଧାଳୁଙ୍କ ଭିଡ଼

ସେହିପରି ବହଳପଦର ପଞ୍ଚାୟତର ବଡ଼ମାଳ (ମାହାରସାହି) ସ୍ଥିତ ଶିବ ମନ୍ଦିର ନିକଟରେ ସୁନ୍ଦରାକାଣ୍ଡ ପାରାୟଣ ପରିବେଷଣ ହୋଇଥିଲା। ଏଥରେ ବଡ଼ବର୍ଡ଼ାକଟାର ଅଟଳ ମିଶ୍ର ବ୍ୟାସ ଭାବେ ପାରାୟଣ ପାଠ କରିଥିଲେ। ସେହିପରି କେଶଲଗା ଗ୍ରାମରେ ଗ୍ରାମବାସୀ ଏକତ୍ରିତ ହୋଇ ସୁନ୍ଦରାକାଣ୍ଡ ପାରାୟଣ ଆୟୋଜନ କରିଥିଲେ। ଏଥିରେ ଖଇରମାଳର ଦୈତାରି ବିଶି ବ୍ୟାସଭାବେ ଯୋଗଦେଇ ପାରାୟଣ ଗାନ କରିଥିଲେ। ଗଦାଧର ପଣ୍ଡା ପୂଜକ ଭାବେ କାର୍ଯ୍ୟ ସମ୍ପାଦନା କରିଥିବା ବେଳେ ଅଶୋକ ପଣ୍ଡା କର୍ତ୍ତା କାର୍ଯ୍ୟ ତୁଲାଇଥିଲେ। ଏହା ସହିତ ସୁନରୀବେର୍ଣ୍ଣି ମନ୍ଦିର ସାମୂହିକ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ପିତମହୁଲ ଗ୍ରାମରେ ମଧ ସୁନ୍ଦରାକାଣ୍ଡ ପାରାୟଣର ଆୟୋଜନ କରାଯାଇଥିଲା। ପାତଳି ଶ୍ରୀକ୍ଷେତ୍ରରେ ଲୋକେ ପାହାଡ଼ ଚଢି ଯେଉଁ ଗୁମ୍ଫାରେ ଶ୍ରୀଜୀଉଙ୍କୁ ୧୪୪ ବର୍ଷ ଧରି ପାତାଳି କରାଯାଇଥିଲା ଦର୍ଶନ କରୁଥିବା ଦେଖିବାକୁ ମିଳିଥିଲା। ବିଭିନ୍ନ ଗ୍ରାମରେ ନାମ ସଂକୀର୍ତ୍ତନ, ଭାଗବତ ପଠନ ଆଦି କରାଯାଇଥିଲା। ଅଡ଼ାଲ ରେ ହନୁମାନ ପୀଠରେ ପାରାୟଣ, ମୁର୍ଷୁଣ୍ଡିସ୍ଥିତ ମେଟାକାନୀ ପୀଠ ନିକଟରେ ତୁଳସୀ ରାମାୟଣ ପଠନ କରାଯାଇଥିଲା। ଲୋକେ ନବବର୍ଷକୁ ପୂଜାପାଠ ସହିତ ଦିଅଁଦର୍ଶନ କରି ପାଳନ କରୁଥିବା ଦେଖିବାକୁ ମିଳିଥିଲା।


କେଶଲଗାରେ ନବବର୍ଷ ଅବସରରେ ସୁନ୍ଦରାକାଣ୍ଡ ପାରାୟଣରେ ଶ୍ରଦ୍ଧାଳୁ।


ବୌଦ୍ଧ ରାଜଘାଟଠାରେ ସ୍ୱେଚ୍ଛାସେବୀମାନେ ମୃତଦେହ ସତ୍କାର କରୁଛନ୍ତି।

# ଅସହାୟ ମହିଳାଙ୍କ ମୃତଦେହ ସତ୍କାର କଲେ ସ୍ୱେଚ୍ଛାସେବୀ

ବୌଦ୍ଧ,୧।୧(ଅଜିତ କୁମାର ବାରିକ)

ବୌଦ୍ଧର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଶ୍ରୀରାମଲୀଳା ନାଟ୍ୟସଂସଦର ସ୍ୱେଚ୍ଛାସେବୀମାନେ ଗୁରୁବାର ଜଣେ ଅସହାୟ ମହିଳାଙ୍କ ମୃତଦେହ ସତ୍କାର କରି ପ୍ରଶଂସା ସାଉଁଟିଛନ୍ତି। ସୂଚନା ମୁତାବକ ବୌଦ୍ଧ ସହର ୧୦ନଂ. ୱାର୍ଡର କୁନ୍ତଳା ନାୟକ (୭୮) ହରଭଙ୍ଗା ବ୍ଲକର ଝାଡରାଜିଙ୍ଗସ୍ଥିତ ବୃଦ୍ଧାଶ୍ରମରେ ରହିଆସୁଥିଲେ। ସେ ଅବିବାହିତା ରହିଥିବାବେଳେ ତାଙ୍କର ପରିବାର କେହି ନ ଥିଲେ। ଗୁରୁବାର ସକାଳେ ବୃଦ୍ଧାଶ୍ରମଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ବୃଦ୍ଧାଶ୍ରମ ପକ୍ଷରୁ ଶବଦାହ ପାଇଁ ଶ୍ରୀରାମଲୀଳା ନାଟ୍ୟ ସଂସଦର କର୍ମକର୍ତ୍ତାଙ୍କୁ ଅନୁରୋଧ କରାଯାଇଥିଲା। ସୂଚନା ପାଇ ନାଟ୍ୟ ସଂସଦର ସ୍ୱେଚ୍ଛାସେବୀ ଉପଦେଷ୍ଟା ଜୟନାରାୟଣ ମହାନ୍ତି, ସଦସ୍ୟ ସନ୍ତୋଷ କୁମାର ସାହୁ, ଜଗଦୀଶ ବାରିକ, ବିଦ୍ୟାଧର ପ୍ରଧାନ ବୃଦ୍ଧାଶ୍ରମକୁ ଯାଇ କୁନ୍ତଳାଙ୍କ ମୃତଦେହ ବୌଦ୍ଧ ଆଣି ରାଜଘାଟଠାରେ ସତ୍କାର କରିଥିଲେ।

# ବରିଷ୍ଠ ନାଗରିକଙ୍କ ବିୟୋଗରେ ଶୋକସଭା


ଅନୁଷ୍ଠିତ ଶୋକସଭାରେ ବରିଷ୍ଠ ନାଗରିକ ସଙ୍ଗଠନ କାର୍ଯ୍ୟକର୍ତ୍ତା।

ବୀରମହାରାଜପୁର,୧।୧(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବରିଷ୍ଠ ନାଗରିକ ସଙ୍ଗଠନ କାର୍ଯ୍ୟାଳୟରେ ବୟୋଜ୍ୟେଷ୍ଠ ସଦସ୍ୟ ଉଗ୍ରସେନ ବିଶ୍ୱାଳଙ୍କ ତିରୋଧାନରେ ଗୁରୁବାର ପୂର୍ବାହ୍ନ ୧୧ଟାରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ଡକ୍ଟର ପ୍ରଫୁଲ୍ଲ କୁମାର ରଥ ଏ ସଂକ୍ରାନ୍ତରେ ଏକ ଶୋକ ପ୍ରସ୍ତାବ ଆଣିଥିଲେ। ସ୍ୱର୍ଗତ ବିଶ୍ୱାଳଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ଭୂଷଣ କୁମାର ପାତ୍ର ଏବଂ ସୁରୁ ସାହୁ ସ୍ୱର୍ଗତ ବିଶ୍ୱାଳଙ୍କ ସ୍ମୃତି ଚାରଣ କରିଥିଲେ। ଏହି ଶୋକସଭାରେ ଅନୁଷ୍ଠାନର ସଦସ୍ୟ ଦ୍ୱିତୀକୃଷ୍ଣ ପଣ୍ଡା, ଅଦ୍ୱୈତ ପଣ୍ଡା, ଦୟାନିଧି ହୋତା, ଶିବ ଖମାରୀ, ନାରାୟଣ ନାୟକ, ସନ୍ତୋଷ ଷଡ଼ଙ୍ଗୀ, ସୌମିତ୍ରୀ ମେହେର, ରମେଶ ପଣ୍ଡା, ଗୋପୀନାଥ ମହାକୁର, ଶ୍ୟାମ ସେଠୀ, ଅକ୍ରୁର ଦନ୍ତା, ଚମରା ମହାକୁର, ରତ୍ନାକର ମହାକୁର, ଦିଲ୍ଲିପ ତ୍ରିପାଠୀ, ବଳରାମ କାଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ।

# ନୂଆବର୍ଷରେ ଆଧ୍ୟାତ୍ମିକ ଚେତନା ଜାଗରଣ ଲକ୍ଷ୍ୟ

ସୋନପୁର,୧।୧(ମୃତ୍ୟୁଞ୍ଜୟ ଶତପଥୀ)

୨୬ତମ ଆଞ୍ଚଳିକ ମହାନଦୀ ବାଲି ଆଧ୍ୟାତ୍ମିକ ମହୋତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ନୂତନ ବର୍ଷରେ ଆଞ୍ଚଳବାସୀଙ୍କ ମଧ୍ୟରେ ଆଧ୍ୟାତ୍ମିକ ଚେତନା ଜାଗରଣ ଲକ୍ଷ୍ୟରେ ହିକୁଡିସ୍ଥିତ ସୋନପୁର ସରକାରୀ ଶିଳ୍ପ ପ୍ରତିଷ୍ଠାନ(ଆଇଟିଆଇ) ଖେଳ ପଡିଆରେ ଏହି ଧାର୍ମିକ କାର୍ଯ୍ୟକ୍ରମ ହୋଇଥିଲା। ସକାଳେ ଗଙ୍ଗା ଆଳତୀ, ସାମୂହିକ ହନୁମାନ ଚାଳିଶା ପଠନ ପରେ ଓଡିଆ ରାମଚରିତ ମାନସର ସୁନ୍ଦରାକାଣ୍ଡ

## ୨୬ତମ ଆଞ୍ଚଳିକ ମହାନଦୀ ବାଲି ଉତ୍ସବ

ପାରାୟଣ, ବିଶ୍ୱର ମଙ୍ଗଳ ସକାଶେ ହୋମଯଜ୍ଞ ଓ ପ୍ରାର୍ଥନା ହୋଇଥିଲା। ମଧ୍ୟାହ୍ନରେ ପ୍ରବଚନ ହୋଇଥିଲା। ପୂଜା କର୍ତ୍ତାଥିଲେ ବ୍ୟୋମକେଶ ତ୍ରିପାଠୀ ଓ ପୂଜକ ଦାୟିତ୍ୱ ନିର୍ବାହ କରିଥିଲେ ପଣ୍ଡିତ ସଞ୍ଜୟ ତ୍ରିପାଠୀ, ଶ୍ରୀରାମ ପଣ୍ଡା ବ୍ୟାସଶଭାବେ ପୁରାଣ ଗାନ କରିଥିଲେ। ବୃନ୍ଦାବନର ସ୍ୱାମୀ ସ୍ୱରୂପାନନ୍ଦ ସରସ୍ୱତୀ ମହାରାଜ ଓ ପୁରୀ ରାମଜୀ ମଠର ମହନ୍ତ ବଂଶୀଧର ଦାଶ ଶ୍ରଦ୍ଧାଳୁଙ୍କୁ ଆଶିର୍ବଚନ ପ୍ରଦାନ କରିଥିଲେ। ଉଭୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଥା ହିକୁଡି ଅଞ୍ଚଳବାସୀ ଓ ମହୋତ୍ସବ କମିଟିର ପରିଚାଳନାରେ ଏହି ଧାର୍ମିକ କାର୍ଯ୍ୟକ୍ରମ ସଫଳ ହୋଇଥିଲା।କାର୍ଯ୍ୟକ୍ରମରେ ଜିଲାପାଳ ଡ. ନୃପରାଜ ସାହୁ ସପତ୍ନୀକ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ପ୍ରାୟ ୮ ହଜାର ଶ୍ରଦ୍ଧାଳୁ ଉପସ୍ଥିତ ରହି ହନୁମାନ ଚାଳିଶା ପାଠ କରିବା ସହ ପ୍ରବଚନ ଶୁଣିଥିଲେ। ସମସ୍ତ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା।


ଧାର୍ମିକ କାର୍ଯ୍ୟକ୍ରମରେ ଉପସ୍ଥିତ ମହିଳା ଭକ୍ତ ବୃନ୍ଦ।

# ଆଜିଠୁ ବୌଦ୍ଧ ମହୋତ୍ସବ, ପଲ୍ଲିଶ୍ରୀ ମେଳା

ବୌଦ୍ଧ,୧।୧(ଅଜିତ କୁମାର ବାରିକ)

ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଯାଉଛି ବୌଦ୍ଧ ମହୋତ୍ସବ, ପଲ୍ଲିଶ୍ରୀ ମେଳା ଓ ଆତ୍ମନିର୍ଭର ଭାରତ ସ୍ୱଦେଶୀ ମେଳା। ଏହା ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ସହରର କଚେରି ଖେଳ ପଡିଆରେ ଅନୁଷ୍ଠିତ ହେବ। ମହୋତ୍ସବ ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ। ମହୋତ୍ସବର ତୃତୀୟ ଦିବସ ଅର୍ଥାତ ୪ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ବେଳେ ପ୍ରଶାସନ ସମସ୍ତ ପ୍ରସ୍ତୁତି କରିସାରିଛି। ଜିଲାବାସୀଙ୍କ ଅବଗତି ନିମନ୍ତେ ଗତ ମଙ୍ଗଳବାରଠାରୁ ଏକ ସଚେତନତା ରଥ ଜିଲାର ସମସ୍ତ ବ୍ଲକରେ ପରିକ୍ରମା କରୁଛି। ଏହି ଉପଲକ୍ଷେ ଗୁରୁବାର ଅପରାହ୍ନରେ ଜିଲାପାଳ ବିଭୁତିଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ନାୟକ ମହୋତ୍ସବ ଯେପରି ଶାନ୍ତିଶୃଙ୍ଖଳାରେ ଅନୁଷ୍ଠିତ ହେବ ସେ ନେଇ ସମସ୍ତ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା



ଖବରଦାତା ସମ୍ମିଳନୀରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

## ପ୍ରଶାସନର ଖବରଦାତା ସମ୍ମିଳନୀ

କରିଥିଲେ। ଚଳିତବର୍ଷ ସମୁଦାୟ ୨୪୫ ଗୋଟି ଷ୍ଟଲ ଜରିଆରେ ବୟନିକା, ମହିଳା ସ୍ୱୟଂସହାୟକ ଦଳ ଓ ଗ୍ରାମୀଣ କାରିଗରଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତଶିଳ୍ପ ସାମଗ୍ରୀ ଓ ଖାଦ୍ୟ ଷ୍ଟଲ ଖୋଲାଯାଇଛି। ଶାନ୍ତିଶୃଙ୍ଖଳା ପାଇଁ ବ୍ୟାପକ ପୋଲିସ ବ୍ୟବସ୍ଥା, ପାର୍କିଂ ସୁବିଧା କରାଯାଇଛି । ମହୋତ୍ସବରେ ସ୍ଥାନୀୟ କଳାକାର, ରାଜ୍ୟ ଓ ରାଜ୍ୟ ବାହାରର କଳାକାରମାନେ ଭାଗ ନେବାର କାର୍ଯ୍ୟକ୍ରମ ରହିଥିବ ସୂଚନା ଦିଆଯାଇଥିଲା। ଜିଲାର ଆଞ୍ଚଳିକ ସାଂସ୍କୃତିକ ଦଳ ପକ୍ଷରୁ ଅପରାହ୍ନ ୪ଟାରୁ ୭ଟା ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ସଭା ଶେଷ ପରେ ରାଜ୍ୟ ଓ ରାଜ୍ୟ ବାହାରର କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ଖବରଦାତା ସମ୍ମିଳନୀରେ ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସଚନ୍ଦ୍ର ଦଣ୍ଡସନା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସାର୍ଥକ ରାୟ, ଏସ୍‌ଡିପିଓ ଲରେନ୍ସ ରାଉତରାୟ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିଆରସିଂ, ସାଂସ୍କୃତିକ କମିଟି ନୋଡାଲ ଅଧିକାରୀ ତଥା ତହସିଲଦାର ଅନିତା କୁମାରୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ଟ୍ରକ୍ ପଛରେ ପିଟିଲା ପିକ୍‌ଅପ୍, ଜଣେ ମୃତ

**ବଡ଼ଗାଁ, ୧।୧ (ଅଶୋକ ଷଡ଼ଙ୍ଗୀ) :** ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ରାଜ୍ୟ ରାଜପଥ କଣ୍ଟିଆମୁରା ପେଟ୍ରୋଲ ପମ୍ପ ନିକଟରେ ବୁଧବାର ରାତିରେ ଅନୁଗୋଳରୁ ରାଉରକେଲା ଯାଉଥିବା କୁକୁଡ଼ା ବୋଝେଇ ପିକଅପ୍ ଭ୍ୟାନ ଭାରସାମ୍ୟ ହରାଇ ସମ୍ମୁଖରେ ଯାଉଥିବା ଏକ ଟ୍ରକ ପଛରେ ଧକ୍କା ଦେଇଥିଲା। ପିକ୍‌ଅପ୍ ଭିତରେ ଚାପି ହୋଇ ଛତିଶଗଡ଼ ରାଜ୍ୟ ଯଶିପୁର ଜିଲାର ମଖନା ଗ୍ରାମର ଜିତେନ୍ଦ୍ର ଚୌହାନ (୧୯)ଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା। ଚାଳକ ଛତିଶଗଡ଼ ନାରାୟଣପୁର ଗ୍ରାମର ହାଇଦର ଅଲ୍ଲୀ (୩୨) ଓ ହେଲପର ଅସିଫ ଖାନ (୩୨) ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ବଡ଼ଗାଁ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ସୁନ୍ଦରଗଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ବଡ଼ଗାଁ ପୋଲିସ ଘଟଣାର ତଦନ୍ତ କରୁଛି। ପିକ୍‌ଅପ୍‌ର ସମ୍ମୁଖଭାଗ ଚାପିହୋଇଯାଇଛି।

### ନୂଆ ବର୍ଷରେ ମନ୍ଦିରରେ ଭିଡ଼

**ବଡ଼ଗାଁ, ୧।୧ (ଅଶୋକ ଷଡଙ୍ଗୀ):** ବଡ଼ଗାଁ ଅଞ୍ଚଳର ଶିବ ମନ୍ଦିର ସମେତ ବିଭିନ୍ନ ଗ୍ରାମରେ ଥିବା ମନ୍ଦିରରେ ଦର୍ଶନପାଇଁ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଗୁରୁବାର ସକାଳୁ ମହାବୀର ଧାମ ଶୈବପୀଠ ସମେତ ଫୁଲବାରୀ ଗ୍ରାମ ପଞ୍ଚାୟତର ଛାମୁଣ୍ଡା ଗ୍ରାମରେ ଥିବା ଶିବ ମନ୍ଦିର, ତୁଡାଲଗା ବାବା ମଠ ମନ୍ଦିର, ଜରଙ୍ଗଲୋଇ ଗ୍ରାମ ଉଦ୍ୟାନ ସଂଶୋଧନ କେନ୍ଦ୍ର ପରିସରରେ ଥିବା ତ୍ରୟମ୍ବକେଶର ମନ୍ଦିର, ରୁନଗାଁ ଗ୍ରାମ ପଞ୍ଚାୟତର ପାହାଡ଼ି ମହାଦେବ ମନ୍ଦିରରେ ଭକ୍ତଙ୍କ ସମାଗମ ହୋଇଥିଲା। ଏହାସହ ବ୍ଲକର ବିଭିନ୍ନ ପିକନିକ ସ୍ପଟ ସଫେଇ ନଦୀ ତଟରେ ବଣଭୋଜି ପାଇଁ ଭିଡ଼ ହୋଇଥିଲା। ମହାବୀର ଧାମ ଶୈବପୀଠରେ ପୂଜକ ଭରତ ଚନ୍ଦ୍ର ନାଏକ ପୂଜା କାର୍ଯ୍ୟ ପରିଚାଳନା କରିଥିଲେ। ମନ୍ଦିର ପରିଚାଳନା କମିଟିର ସଦସ୍ୟ ଭଗବାନ ନାଏକ, କୁବେର ଚନ୍ଦ୍ର ରାଜହଂସ, ଭୂନେଶର ସାହୁ, ଲମ୍ବୋଦର ପୃଷେଟ, ବାବଲୁ ନାଏକଙ୍କ ତତ୍ତ୍ୱାବଧାନରେ ମନ୍ଦିରର ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।

### ଆର୍‌ଡିସିଙ୍କ ଘୋଷଣା ୫ରେ ବରଗଡ଼ ଉପଖଣ୍ଡରେ ପୁଷ୍‌ପୁନି ଛୁଟି

**ମଥୁରାନଗରୀ, ୧।୧ (ପ୍ରେମାନନ୍ଦ ଖମାରୀ)** ବରଗଡ଼ରେ ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ଚାଲିଛି। ଏହି ମହୋତ୍ସବ ଆସନ୍ତା ୩ତାରିଖ ଶନିବାର କଂସବଧ ସହିତ ଶେଷ ହେବ। ତିଥି ଅନୁଯାୟୀ, ଶନିବାର ପୌଷ ପୂର୍ଣ୍ଣିମା (ପୁଷପୁନି) ରହିଛି। ଏହି ତିଥିରେ ଧନୁଯାତ୍ରା ମହୋତ୍ସବ ଉଦ୍‌ଯାପନ ହେଉଥିବାରୁ ଉକ୍ତ ଦିନ ଏ ଅଞ୍ଚଳର ଲୋକେ ମୁଖ୍ୟ ଗଣପର୍ବ ମଧ୍ୟରୁ ଅନ୍ୟତମ ପୁଷପୁନି ପାଳନ କରିପାରି ନ ଥାନ୍ତି। ଏହି ଦୃଷ୍ଟିରୁ ଉକ୍ତ ଜିଲାର କେବଳ ବରଗଡ ଉପଖଣ୍ଡ ପାଇଁ ଆସନ୍ତା ୫ତାରିଖ ସୋମବାରକୁ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ପୁଷପୁନି ଛୁଟି ଭାବେ ଘୋଷଣା କରିଛନ୍ତି।



ସୁନ୍ଦରଗଡ଼ର ମୟୂରୀ ଅନୁଷ୍ଠାନ କଳାକାରମାନେ ସମ୍ବଲପୁରୀ ରସରକେଲି ନାଚ ପରିବେଷଣ କରୁଛନ୍ତି।

### ନୂଆବର୍ଷରେ ଖଣ୍ଡାଧାରରେ ପର୍ଯ୍ୟଟକଙ୍କ ଭିଡ଼

**ଲହୁଣୀପଡା, ୧।୧ (ଦାଶରଥି ପଣ୍ଡା)**

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ତାଳବାହାଲି ପଞ୍ଚାୟତ ବୁଢାଭୁଇଁ ଗ୍ରାମ ସ୍ଥିତ ଖଣ୍ଡାଧାର ଜଳ ପ୍ରପାତଠାରେ ଗୁରୁବାର ପର୍ଯ୍ୟଟକଙ୍କ ଭିଡ଼ ଜମିଥିଲା। ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ଖଣ୍ଡାଧାର ଜଳ ପ୍ରପାତକୁ ଅତି ଆକୃଷ୍ଟ କରିବା ପାଇଁ ବନ ବିଭାଗ ତଥା ଇକୋ ଟୁରିଜିମ ପକ୍ଷରୁ ଅନେକ ଆକର୍ଷଣୀୟ ପଦକ୍ଷେପ ଗ୍ରହଣ କରାଯାଇଛି। ଦୂରଦୂରାନ୍ତରୁ ଆସିଥିବା ପର୍ଯ୍ୟଟକମାନେ ଖଣ୍ଡାଧାର ଜଳ ପ୍ରପାତ ପରିଦର୍ଶନ କରିବା ଏବଂ ରାତ୍ରି ଯାପନ କରିବା ପାଇଁ ଉନ୍ନତ ମାନର କଟେଜ ନିର୍ମାଣ କରାଯାଇଛି। ରାତ୍ରି ଭୋଜନ ପାଇଁ ବ୍ୟବସ୍ଥା ଓ ଭିନ୍ନ ଭିନ୍ନ ଧରଣର ବିଶ୍ରାମ ଗୃହ ନିର୍ମାଣ ହୋଇଛି। ଖଣ୍ଡାଧାର ଜଳ ପ୍ରପାତ ପର୍ଯ୍ୟନ୍ତ ପାହାଚ ଓ ପାନୀୟ ଜଳ, ଶୌଚାଳୟ, ଶିଶୁ ଉଦ୍ୟାନର ବ୍ୟବସ୍ଥା କରାଯାଇ ଥିବା ବେଳେ ବଣଭୋଜି କରିବା ପାଇଁ ୩୫ଟି ପିଣ୍ଡି ନିର୍ମାଣ କରାଯାଇଛି। ଏଥିପାଇଁ ପିଣ୍ଡି ପ୍ରତି ୩୦୦ ଟଙ୍କା ଦେବାକୁ ପଡିଥାଏ। ଗାଡି ପାର୍କିଂର ବ୍ୟବସ୍ଥା କରାଯାଇଛି। ବଣଭୋଜି ଋତୁରେ ପ୍ରାୟ ୪୫ ଜଣ ସ୍ଥାନୀୟ ମହିଳା ପୁରୁଷ ରକ୍ଷଣ ବେକ୍ଷଣ ପାଇଁ କାର୍ଯ୍ୟରତ ଥିବା ବେଳେ ପୋଲିସ ଓ ବନ ବିଭାଗ କର୍ମଚାରୀମାନେ ତଦାରଖ ଦାୟିତ୍ୱ ତୁଲାଉଥିବା ଜଣାପଡିଛି।

### ପାଇପ୍ ଫାଟି ଜଳ ଯୋଗାଣ ବନ୍ଦ

**ଖଡ଼ିଆଳ, ୧।୧ (ସୁଜିତ କୁମାର ପ୍ରଧାନ):** ଖଡ଼ିଆଳ ସିନାପାଲି ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ଚାଲୁ ରହିଛି। ସମ୍ପୃକ୍ତ ଠିକା ସଂସ୍ଥା ରାସ୍ତାପାର୍ଶ୍ୱ ଖୋଳି କାର୍ଯ୍ୟ କରୁଛି। ଫଳରେ ଘରକୁ ସଂଯୋଗ ହୋଇଥିବା ପାଇପ୍ ଫାଟି ଜଳ ଯୋଗାଣ ବନ୍ଦ ରହୁଛି। ଖଡ଼ିଆଳ ୧୦ନଂ. ୱାର୍ଡ ପୁରୁପଡାର ରଞ୍ଜନ ହେର୍ଣ୍ଣା ଏହି ସମସ୍ୟା ଯୋଗୁ ୭ଦିନ ହେଲା ପାଣି ସମସ୍ୟାରେ ଥିବା ଅଭିଯୋଗ କରିଛନ୍ତି।

# ସମର୍ପିତ ପ୍ରତିବଦ୍ଧତା ହିଁ ଜିଲାର ବିକାଶକୁ ଆଗେଇ ନେବ

**ସୁନ୍ଦରଗଡ଼, ୧।୧ (ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ ଜିଲାର ପ୍ରାଚୀନ କଳା, ସଂସ୍କୃତି, ପ୍ରାକୃତିକ ବିଭବ ଓ ଐତିହ୍ୟ ବେଶ ସମୃଦ୍ଧ। ସମଗ୍ର ବିଶ୍ୱରେ ସୁନ୍ଦରଗଡର ପରିଚୟ ରହିଛି। କେବଳ କ୍ରୀଡା ନୁହେଁ, ଏଠାକାର ସଂସ୍କୃତି, କଳା ଓ ସାହିତ୍ୟ ଏକ ସମନ୍ୱିତ ଭାବଧାରାରେ ମହିମାନ୍ୱିତ। ଏହାର ମୌଳିକତା ସବୁଦିନ ପାଇଁ ବଞ୍ଚାଇ ରଖିବାସହ ଜିଲାର ବିକାଶକୁ ଆଗେଇ ନେବା ଦିଗରେ ଆମ ସମସ୍ତଙ୍କ ସହଭାଗୀତା ଓ ସମର୍ପିତ ପ୍ରତିବଦ୍ଧତା ରହିବା ଆବଶ୍ୟକ ବୋଲି ଗୁରୁବାର ୭୯ତମ ସୁନ୍ଦରଗଡ ଜିଲା ଦିବସରେ ଆୟୋଜିତ ଆଲୋଚନା ଚକ୍ରରେ ଯୋଗ ଦେଇ ଅତିଥି ଓ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଜିଲାପାଳ ଡ. ଶୁଭଙ୍କର ମହାପାତ୍ର ଏହି ଆଲୋଚନା ଚକ୍ରକୁ ଉଦ୍‌ଘଟନ କରି ସୁନ୍ଦରଗଡବାସୀ ତଥା ଏଠାରେ ଅବସ୍ଥାପିତ ପ୍ରତ୍ୟେକ ବ୍ୟକ୍ତିଙ୍କର ନିଜସ୍ୱ ଉଦ୍ୟମ ଦ୍ୱାରା ଜିଲାର ବିକାଶ ସମ୍ଭବ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଆଇଏସ ଶିକ୍ଷା ନବୀଶ, ଅତିରିକ୍ତ ଜିଲାପାଳ ସୁରଜ କୁମାର ପଟ୍ଟନାୟକ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ସୁରଞ୍ଜନ ସାହୁ, ସଦର ଉପଜିଲାପାଳ ତେଜସ୍ୱିନୀ ବେହେରା ସମ୍ମାନିତ ଅତିଥିଭାବେ ଯୋଗଦେଇ ଥିଲେ। ଜିଲା ଶିକ୍ଷା ଅଧିକାରୀ ଡକ୍ଟର ମୂରଲୀଧର ବେହେରା ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ସୁନ୍ଦରଗଡ ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡକ୍ଟର ସରୋଜ କୁମାର ପଟେଲ ମୁଖ୍ୟ ବକ୍ତା ରୂପେ ଯୋଗଦେଇ ସୁନ୍ଦରଗଡର ଇତିହାସ, ତତ୍କାଳୀନ ଗଡଜାତ ରାଜ୍ୟ ଗାଙ୍ଗପୁର ଓ ବଣାଇଗଡ ରାଜ୍ୟର ଶାସକଙ୍କ ବିସ୍ତୃତ ବିବରଣୀ ସହ ଅଧୁନା ଜିଲାର ସାମାଜିକ, ରାଜନୈତିକ ଓ ଆର୍ଥିକ ସ୍ଥିତି ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପିକା ସୁସ୍ମିତା ଭୋଇ ସମ୍ମାନିତ ବକ୍ତାଭାବେ ଯୋଗଦେଇ ସୁନ୍ଦରଗଡ ଜିଲାର ପ୍ରାଚୀନ ଐତିହ୍ୟ, ଜନଜାତି ସଂସ୍କୃତି, କ୍ରୀଡା ଓ ଦେଶ ସ୍ୱାଧୀନତା ଆନ୍ଦୋଳନରେ ସ୍ଥାନୀୟ ବରପୂତ୍ର ମାନଙ୍କ ଅବଦାନ ସମ୍ପର୍କରେ ବିଶଦ ଭାବେ ବାଖ୍ୟା କରିଥିଲେ। ଜିଲା ଶିକ୍ଷା ଅଧିକାରୀ ଡ. ବେହେରା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସାରଙ୍ଗଧର ବରିହା, ସଦାନନ୍ଦ ପ୍ରଧାନ ପ୍ରମୁଖ ଅନ୍ୟତମ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ତୁଡୁକା ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ମିନତୀ ମିଶ୍ର ସଭା ସଞ୍ଚାଳନ କରିଥିଲେ। ବିବିଧ ବିଶ୍ୱ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଜିଲାର ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରମାନେ ମଧ୍ୟ ସୁନ୍ଦରଗଡ ଜିଲାର ଐତିହ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଜିଲା ସଂସ୍କୃତି ଅଧିକାରୀ ନନ୍ଦିନୀ ମୁଣ୍ଡାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲାପ୍ରଶାସନ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ସକାଳେ ସ୍ଥାନୀୟ ସମଲେଇ ମନ୍ଦିରରେ ପୂଜାର୍ଚ୍ଚନା ପରେ ଏକ ସାଂସ୍କୃତିକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ସନ୍ଧ୍ୟାରେ ସ୍ଥାନୀୟ ନାରୀ କଲ୍ୟାଣ ପଡିଆଠାରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ପ୍ରିୟଙ୍କା ଜେନା ଓ ଦେବାଶିଷ କବି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ରୂପେ ପୌରାଧକ୍ଷା ତନୟା ମିଶ୍ର, ଜିଲାପାଳ ଡ. ମିଶ୍ର, ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ମାଝୀ, ଆଡଭୋକେଟ ଗିରିଶ ଚନ୍ଦ୍ର ସାହୁଙ୍କ ସମେତ ଅନ୍ୟ ଅଧିକାରୀମାନେ ଯୋଗ ଦେଇ ଦଳମତ ନିର୍ବିଶେଷରେ ସମସ୍ତେ ସୁନ୍ଦରଗଡର ବିକାଶ ପାଇଁ ଏକାଠି ମିଶି କାର୍ଯ୍ୟ କରିବାକୁ ଅନୁରୋଧ କରିଥିଲେ। ପରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରେ ତାରକା ରାତ୍ରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ୱନାମଧନ୍ୟ କଳାକାର ସତଜିତ ପ୍ରଧାନ ଓ ସୁଙ୍କାନୀ ମହାପାତ୍ରଙ୍କ ଗୀତରେ ଦର୍ଶକମାନେ ଶୀତୁଆ ରାତିରେ ମତୁଆଲା ହୋଇଥିଲେ।



ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥି।

**୭୯ତମ ସୁନ୍ଦରଗଡ଼ ଜିଲା ପ୍ରତିଷ୍ଠା ଦିବସ**

# ଗନ୍ଧମାର୍ଦ୍ଦନ ସୁରକ୍ଷା ପାଇଁ ସଂକଳ୍ପ

**ଗନ୍ଧମାର୍ଦ୍ଦନ ସୁରକ୍ଷା ଆନ୍ଦୋଳନର ୪୧ତମ ବାର୍ଷିକ ସମାବେଶ**

**ପାଇକମାଳ, ୧।୧ (ବଢ଼ ଶତପଥୀ)**

ଐତିହାସିକ ଗନ୍ଧମାର୍ଦ୍ଦନ ସୁରକ୍ଷା ଆନ୍ଦୋଳନର ୪୧ତମ ବାର୍ଷିକ ସମାବେଶ ନୃସିଂହନାଥଠାରେ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଥମେ ନୃସିଂହନାଥ ମନ୍ଦିରଠାରୁ ଏକ ମଶାଲ ଶୋଭାଯାତ୍ରା କରାଯାଇଥିଲା। ଏଥିରେ ପାଇକମାଳ, ଝାରବନ୍ଧ, ପଦ୍ମପୁର, ଖପ୍ରାଖୋଲ, ଗାଇସିଲେଟ ଓ ଛତିଶଗଡ଼ର ଗନ୍ଧମାର୍ଦ୍ଦନ ଆନ୍ଦୋଳନ କର୍ମୀମାନେ ଭାଗ ନେଇଥିଲେ। ଶ୍ରୀ ଶ୍ରୀ ନୃସିଂହନାଥ ପୀଠରେ ଥିବା ଗାନ୍ଧୀ ପ୍ରତିମୂର୍ତ୍ତିରେ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଥିଲେ, ଗନ୍ଧମାର୍ଦ୍ଦନ ସୁରକ୍ଷା ପାଇଁ ଅତୀତରେ ସେ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଆଜିର ଦିନରେ ଯେ କୌଣସି କମ୍ପାନୀ ଏହି ପର୍ବତରେ ଖଣିଖନନ କରିବାକୁ ଆସିଲେ ତୀବ୍ର ବିରୋଧ କରାଯିବ। ମୋର ଶେଷ ରକ୍ତ ବିନ୍ଦୁ ଥିବା ଯାଏ ଗନ୍ଧମାର୍ଦ୍ଦନରେ ଖଣି ଖନନ କରିବାକୁ ଦିଆଯିବ ନାହିଁ ବୋଲି ଏମ୍‌ପି ପୁରୋହିତ ଦୃଢୋକ୍ତି ପ୍ରକାଶ କରିଥିଲେ। ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ବରିଷ୍ଠ ନାରୀନେତ୍ରୀ ଜମ୍ବୋବତୀ ବିଜରା ଓ ପ୍ରତିମା ବଗାର ନେତୃତ୍ୱରେ ଅନୁଷ୍ଠିତ ସମାବେଶକୁ ଆବାହକ ଦୁର୍ଯୋଧନ ପୁଟା ପରିଚାଳନା କରିଥିଲେ। ସଭାରେ ଗନ୍ଧମାର୍ଦ୍ଦନ ପାହାଡ଼ର ସୁରକ୍ଷା ପାଇଁ ହଜାର ହଜାର ଜନତା ସଂକଳ୍ପ ନେଇଥିଲେ। ଏହି ଅବସରରେ ଦିବଂଗତ ଆନ୍ଦୋଳନ କର୍ମୀମାନଙ୍କ ପରିବାରକୁ ଗନ୍ଧମାର୍ଦ୍ଦନ ଗୌରବ ସମ୍ମାନରେ ସମ୍ମାନୀତ କରାଯାଇଥିଲା। ଉକ୍ତ ସମାବେଶରେ ବରିଷ୍ଠ ସଂଗ୍ରାମୀ ଗଙ୍ଗାଧର ସାହୁ, ଭାଗବତ ବେହେରା, ପୂର୍ବତନ ଆବାହକ ରାହାସ ସାହୁ, ଧିରେନ ମହାନ୍ତି, ରଘୁବୀର ସିଂ ବରିହା, ଦିଲୀପ ବେହେରା, ସୁରେଶ ଚନ୍ଦ୍ର ପ୍ରଧାନ, ଝସକେତନ ସାହୁ, ଶୁକ୍ରୁ ସାହୁ, ହଜାରୁ ମଲ୍ଲିକ, ଜ୍ୟୋତି ସାହୁ, ରକ୍ମଣ ସେଠ, ବିନୋଦ ସେଟ, ଦୟାନନ୍ଦ ମାଝୀ, ଶ୍ୟାମ ଧରୁଆ, ଗଜରାଜ ଡନସନା, ନରହରି ପାଣ୍ଡେ, ବିରାଲାଲ ଧରୁଆ, ଗୌରହରି ସାହୁ, ପୁରନ୍ଦର ବାଗ, ଦୁଲାମଣି ବଛା, ବିପିନ ପ୍ରଧାନ, ଯଶୋଦା ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପୂର୍ବତନ ଆବାହକ ଭୀଷ୍ମଦେବ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।



ମଶାଲ ଶୋଭାଯାତ୍ରାରେ ଯୋଗ ଦେଇଥିବା କର୍ମୀଗଣ।

# ନଅ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ସମ୍ପନ୍ନ

**କୁଆଁରମୁଣ୍ଡା, ୧।୧ (ମହେନ୍ଦ୍ର କୁମାର ସାହୁ)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ସଦର ପଞ୍ଚାୟତର ସରବେରଣୀ ସ୍ଥିତ ଗାୟତ୍ରୀ ଶକ୍ତିପୀଠରେ ଅନୁଷ୍ଠିତ ୨ ଦିନିଆ ନଅ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞର ଗୁରୁବାର ଥିଲା ସମାପନ ଦିବସ। ବୁଧବାର ସକାଳ ୯ରୁ ଗାୟତ୍ରୀ ପରିବାର ଓ ସ୍ଥାନୀୟ ଅଞ୍ଚଳର ମହିଳା ଓ ପୁରୁଷ ଶ୍ରଦ୍ଧାଳୁମାନେ କଳସ ଶୋଭାଯାତ୍ରାରେ ଯାଇ ନିକଟସ୍ଥ ନାଗରା ପୋଖରୀରୁ ଜଳ ଉଠାଇ ଥିଲେ। ଏହାପରେ ଦିନ ତମାମ ପ୍ରବଚନ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଚାଲୁ ରହିଥିଲା। ସନ୍ଧ୍ୟାରେ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥିଭାବେ ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର ଶକ୍ତିପୀଠରେ ପହଞ୍ଚି ପ୍ରଦୀପ ପ୍ରଜଳନ ପୂର୍ବକ ଯଜ୍ଞକାର୍ଯ୍ୟର ଶୁଭାରମ୍ଭ କରିଥିଲେ। ସେହିପରି

**କୁଆଁରମୁଣ୍ଡା ବ୍ଲକ**

ଗୁରୁବାର ଯଜ୍ଞ ଏବଂ ସଂସ୍କାର ଆଦି କାର୍ଯ୍ୟକ୍ରମରେ ଦୀକ୍ଷା ସଂସ୍କାର, ବିଦ୍ୟାଳୟ ସଂସ୍କାର, ଜନ୍ମଦିବସ ସଂସ୍କାର ଓ ମୁଣ୍ଡନ ସଂସ୍କାର ଆଦି ଗାୟତ୍ରୀ ପରିବାର ପକ୍ଷରୁ ନିଃଶୁଳ୍କ ସମ୍ପନ୍ନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କୁଆଁରମୁଣ୍ଡା ଗାୟତ୍ରୀ ପରିବାରର ବରିଷ୍ଠ କାର୍ଯ୍ୟକର୍ତ୍ତା ଅବସରପ୍ରାପ୍ତ ଶିକ୍ଷାଧିକାରୀ ଗୁରୁଚରଣ ସାହୁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶତ୍ରୁଘ୍ନ ଲେଙ୍କା ଓ ସୁରେନ୍ଦ୍ର ସାହୁ, ତ୍ରିଲୋଚନ ପରିଡ଼ା, ଅଜୟ ସାହୁ, ଶିବ ନାରାୟଣ ସାହୁ, କୃଷ୍ଣଚନ୍ଦ୍ର ପଣ୍ଡା, ମହେଶ୍ୱର ମିଶ୍ର, ରବୀନ୍ଦ୍ର ସାହୁ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସୁଚାରୁରୂପେ ସମ୍ପାଦନ କରିଥିଲେ।

# ରାଜ୍ୟସ୍ତରୀୟ ଧନୁଯାତ୍ରା କୁଇଜ୍ ପ୍ରତିଯୋଗିତା

**ମଥୁରାନଗରୀ, ୧।୧ (ପ୍ରେମାନନ୍ଦ ଖମାରୀ)**

ବରଗଡ଼ର ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ଐତିହ୍ୟ ଓ ପରମ୍ପରାକୁ ବର୍ତ୍ତମାନର ଛାତ୍ରୀଛାତ୍ରମାନଙ୍କୁ ଅବଗତ କରାଇବା ପାଇଁ ସ୍ଥାନୀୟ ଲେଙ୍ଗୁମିଶ୍ର ଷ୍ଟାଡିୟମରେ ଆୟୋଜିତ ହସ୍ତତନ୍ତ ମେଳା ପରିସରରେ ରାଜ୍ୟସ୍ତରୀୟ ପଞ୍ଚମ ଧନୁଯାତ୍ର କୁଇଜ୍ ପ୍ରତିଯୋଗିତା ଗୁରୁବାର ଅନୁଷ୍ଠିତ ହେଇଯାଇଛି। ମହତାବ ଶିଶୁ ସାହିତ୍ୟ ସଂସଦ ଓ ଶିଶୁ ସାହିତ୍ୟ ପତ୍ରିକା 'କଳାମାଣିକ' ଆନୁକୂଲ୍ୟରେ ଆୟୋଜିତ ତଥା ସାହିତ୍ୟିକ ମନୋରଞ୍ଜନ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉକ୍ତ ପ୍ରତିଯୋଗିତାର ପ୍ରଶଂସା କରିବା ସହିତ ବରଗଡ଼ର ବିଶ୍ୱପ୍ରସିଦ୍ଧ ଧନୁଯାତ୍ରାର ଇତିହାସ ବିଷୟରେ ଅବଗତ ହେବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସଲା ଯୋଗଦେଇ ଛାତ୍ରୀଛାତ୍ରମାନେ ଆମର ସମୃଦ୍ଧ ଐତିହ୍ୟ ଓ ସଂସ୍କୃତି ବିଷୟ ପ୍ରତି ଆନ୍ତରିକତା ପ୍ରଦର୍ଶନ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରିତମ ସିଂ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଦିବ୍ୟକାନ୍ତି ଭୋଇ, ମୀନା ପଣ୍ଡା, ଶିକ୍ଷକ ଦୁଃଖିସେବକ ସାହୁ, ସାହିତ୍ୟିକା ସୁପ୍ରଭା ସାମଲ, ସାମାଜିକ କର୍ମୀ ସଂଘମିତ୍ରା ପଟେଲ ଓ ଶିକ୍ଷୟିତ୍ରୀ ମଞ୍ଜୁଲତା ସାହୁ ପ୍ରମୁଖ ସହଯୋଗ କରିଥିଲେ। ଉକ୍ତ ପ୍ରତିଯୋଗିତାର ସିନିଅର ବିଭାଗରେ ଯୁବୋଦୟ କଲେଜ ବଲାଙ୍ଗୀରର ଛାତ୍ରୀ ଆଦ୍ୟାଶା ପ୍ରଧାନ ପ୍ରଥମ, ରେଭେନ୍ସା ମହାବିଦ୍ୟାଳୟର ଛାତ୍ର ଆୟାଶ ପଣ୍ଡା ଦ୍ୱିତୀୟ ଓ ଓଡ଼ିଶା ଆଦର୍ଶ ବିଦ୍ୟାଳୟ କନଗାଁର ଛାତ୍ରୀ ଶ୍ରୀୟା ବାରିକ ତୃତୀୟ ଏବଂ ଜୁନିଅର ବିଭାଗରେ ଗୋବିନ୍ଦପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅଂଶୁମାନ ଦାସ ପ୍ରଥମ, ସିମେଣ୍ଟ ନଗର ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଅସ୍ମିତା ପଟ୍ଟନାୟକ ଦ୍ୱିତୀୟ ଓ ଶ୍ରୀଅରବିନ୍ଦ ସ୍କୁଲର ଛାତ୍ର ସ୍ମୃତି ରଞ୍ଜନ ସାହୁ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ।



କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

# ୫ରୁ ଉଠାଇବେନି ଧାନ, ଅଡୁଆରେ ଚାଷୀ

**ସରକାରଙ୍କୁ ମିଲର୍ସଙ୍କ ଚେତାବନୀ**

**ମଥୁରାନଗରୀ, ୧।୧ (ପ୍ରେମାନନ୍ଦ ଖମାରୀ)**

ଆଉ ୨ଦିନ ପରେ ବରଗଡ଼ ଜିଲାରେ ଖରିଫ୍ ଧାନ ସଂଗ୍ରହ ପ୍ରକ୍ରିୟାକୁ ଦେଢ଼ମାସ ପୂରିବ। ଅଥଚ ଏପର୍ଯ୍ୟନ୍ତ ଜିଲାରେ ଧାନ କିଣାବିକା ସମସ୍ୟାର ସମାଧାନ ହୋଇପାରିନାହିଁ। ଟୋକନ ସମସ୍ୟାକୁ ନେଇ ଚାଷୀମାନେ ମଣ୍ଡିକୁ ଧାନ ଆଣି ପାରୁ ନ ଥିବାବେଳେ ମଣ୍ଡିକୁ ଆସିଥିବା ଧାନ ମଧ୍ୟ ଠିକ୍ ଭାବେ ଉଠାଣ କରାଯାଉନାହିଁ। ସେହିପରି କଟନୀଛଟନୀ ଜୋର୍ ଧରିଥିବା ଅଭିଯୋଗ ହୋଇଛି। ଏହି ଦୃଷ୍ଟିରୁ ଅନ୍ୟବର୍ଷ ତୁଳନାରେ ଏଥର ଧାନ ସଂଗ୍ରହ ପ୍ରକ୍ରିୟା କେବଳ ବିଳମ୍ବିତ ହୋଇଛି ତାହା ନୁହେଁ, ଧାନବିକ୍ରି ଏବଂ ଉଠାଣରେ ମନ୍ଥରତା ଦେଖାଯାଇଛି। ଏଥିପାଇଁ ଜିଲାର ଚାଷୀମାନଙ୍କୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଚାଷୀମାନେ ଏଭଳି ସ୍ଥିତିରେ ଥିବାବେଳେ ଗୁରୁବାର ଅଲ୍ ଓଡ଼ିଶା ମିଲର୍ସ ଆସୋସିଏଶନ ଆସନ୍ତା ଜାନୁଆରୀ ୩ତାରିଖ ସୁଦ୍ଧା ସେମାନଙ୍କ ଦାବି ପୂରଣ ନ ହେଲେ ୫ତାରିଖରୁ ରାଜ୍ୟରେ ମଣ୍ଡିଗୁଡ଼ିକରୁ ଧାନ ଉଠାଣ ବନ୍ଦ କରି ଦେବାକୁ ଚେତାବନୀ ଦେଇଛି। ମିଲର୍ସ ଆସୋସିଏଶନ ପକ୍ଷରୁ ଏ ନେଇ ଜିଲାପାଳଙ୍କଠାରୁ ଆରମ୍ଭ କରି ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ମନ୍ତ୍ରୀଙ୍କୁ ଅବଗତ କରାଯାଇଥିବା ସୂଚନା ମିଳିଛି। ଯଦି ମିଲର୍ସମାନେ ଯଦି ଆସନ୍ତା ୫ତାରିଖରୁ ଧାନ ଉଠାଣ ପ୍ରକ୍ରିୟା ବନ୍ଦ ହେବ, ତେବେ ଚାଷୀମାନଙ୍କ ସମସ୍ୟା ବହୁଗୁଣିତ ହେବ ବୋଲି ଏବେଠାରୁ ଆଶଙ୍କା ପ୍ରକାଶ ପାଇଛି। ଅନେକ ଚାଷୀଙ୍କ ଟୋକନ ଅବଧି ସରିଯିବା ସମ୍ଭାବନା ଥିବାବେଳେ ପରବର୍ତ୍ତୀ ଫସଲର ଚାଷକାର୍ଯ୍ୟ ପ୍ରସ୍ତୁତି ପାଇଁ ଚାଷୀମାନେ ସମସ୍ୟାର ସମ୍ମୁଖୀନ ହେବା ସମ୍ଭାବନା ରହିଛି । ଏହାକୁ ନେଇ ଏବେ ଚାଷୀମାନେ ଅଡୁଆରେ ପଡ଼ିଛନ୍ତି।

ସୂଚନା ଅନୁଯାୟୀ, ଖରିଫ୍ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବାର ଯଥେଷ୍ଟ ପୂର୍ବରୁ ବରଗଡ଼ରେ ଅଲ୍ ଓଡ଼ିଶା ମିଲର୍ସ ଆସୋସିଏଶନ ବୈଠକ ବସିଥିଲା। ରାଜ୍ୟ ସରକାର ସେମାନଙ୍କ ଦୀର୍ଘଦିନର ଦାବି ପୂରଣ ନ କଲେ ଧାନ ସଂଗ୍ରହ ପ୍ରକ୍ରିୟାରେ ସହଯୋଗ କରିବେ ନାହିଁ ବୋଲି ବୈଠକରେ ମିଲର୍ସ ଆସୋସିଏଶନର ପ୍ରତିନିଧିମାନେ ନିଷ୍ପତ୍ତି ନେଇଥିଲେ। ଏହି କ୍ରମରେ ଗତ ନଭେମ୍ବର ୧୮ତାରିଖରୁ ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟାକୁ ଆରମ୍ଭ କରାଯାଇଥିଲେ ସୁଦ୍ଧା ପ୍ରାରମ୍ଭିକ ପର୍ଯ୍ୟାୟରେ ମିଲର୍ସଙ୍କ ସହଯୋଗ ମନୋବୃତ୍ତି ଦେଖାଯାଇ ନଥିଲା। ଫଳରେ ଅନେକ ମଣ୍ଡିକୁ ବିକ୍ରି ପାଇଁ ଆସୁଥିବା ଧାନ ତୁଳନାରେ ଉଠାଣ କରାଯାଉ ନଥିଲା। ପରେ ମିଲର୍ସ ଆସୋସିଏଶନଙ୍କୁ ଡାକି ସରକାରୀସ୍ତରରେ ବୈଠକ ବସିଥିଲା ଏବଂ ମିଲର୍ସଙ୍କ କିଛି ଦାବିକୁ ସରକାର ମାନି ନେବା ପରେ ଧାନ ଉଠାଣ ପ୍ରକ୍ରିୟା ଆପାତତଃ ସ୍ୱାଭାବିକ ହୋଇଥିଲେ ସୁଦ୍ଧା ତତ୍ପରତା ପରିଲକ୍ଷିତ ହୋଇ ନ ଥିଲା। ଏହାକୁ ନେଇ ଚାଷୀ ଅସନ୍ତୋଷ ତେଜି ଉଠିଥିଲା ଏବଂ ଚାଷୀମାନେ ରାଜରାସ୍ତାରେ ବସିଥିଲେ।

ଏହାସତ୍ତ୍ୱେ ଧାନ ଉଠାଣରେ ଆଶାନୁରୂପ ସୁଧାର ଆସି ନ ଥିବାବେଳେ ଚାଷୀଙ୍କ ମଧ୍ୟରେ ଚାପା ଅସନ୍ତୋଷ ଲାଗି ରହିଛି। ଏଭଳି ସ୍ଥଳେ ଧାନ ଉଠାଣ ନ କରିବା ନେଇ ନବବର୍ଷରେ ମିଲର୍ସଙ୍କ ଚେତାବନୀ ଆଗକୁ ଧାନ ଉଠାଣରେ ବଡ଼ ସମସ୍ୟା ସୃଷ୍ଟି କରିବ ବୋଲି ଏବେଠାରୁ ଅନୁମାନ କରାଯାଉଛି। କଷ୍ଟମ ମିଲିଂ ଚାର୍ଜ ବୃଦ୍ଧି, ଧାନ ସଂରକ୍ଷଣ ଓ ରକ୍ଷଣାବେକ୍ଷଣ ଓ ଧାନ ପରିବହନ ଖର୍ଚ୍ଚ ପ୍ରଦାନ ନେଇ ମିଲର୍ସ ଆସୋସିଏଶନ ପକ୍ଷରୁ ଦୀର୍ଘଦିନରୁ ଦାବି ହୋଇଆସୁଛି। ମାତ୍ର ରାଜ୍ୟ ସରକାର ଦାବି ସମୂହକୁ ଅଣଦେଖା କରି ଚାଲିଥିବା ଅଭିଯୋଗ ହୋଇଛି। ସରକାର ଆଲୋଚନା ସମୟରେ କେବଳ ଆଶ୍ୱାସନା ଏବଂ ପ୍ରତିଶ୍ରୁତି ଦେଉଛନ୍ତି। ମାତ୍ର ଏପର୍ଯ୍ୟନ୍ତ ତାହା ପାଣିର ଗାର ପାଲଟିଛି ବୋଲି ମିଲର୍ସ ଆସୋସିଏଶନ ଅଭିଯୋଗ କରିଛି। ଏହି ଦାବି ସମୂହ ପୂରଣ ନ ହେଲେ ମଣ୍ଡିରୁ ଧାନ ଉଠାଇବାକୁ ରୋକଠୋକ୍ ମନା କରି ଦେଇଛି। ଅନ୍ୟପଟେ ଯୋଗାଣ ନିଗମ ଧାନ ସଂଗ୍ରହ କରି ନିଜ ଦାୟିତ୍ୱରେ ସଂରକ୍ଷିତ ରଖୁ ଏବଂ ମିଲର୍ସମାନେ ସେମାନଙ୍କ ଆବଶ୍ୟକତା ଅନୁଯାୟୀ (କଷ୍ଟମ ମିଲିଂ ରାଇସ୍ ଡେଲିଭରି ଭିତ୍ତି)ରେ ମିଲିଂ ପାଇଁ ଧାନ ସେଠାରୁ ଆଣିବେ ବୋଲି ଆସୋସିଏଶନ ଯୋଗାଣ ମନ୍ତ୍ରୀଙ୍କୁ ଦେଇଥିବା ଦାବିପତ୍ରରେ ଉଲ୍ଲେଖ ରହିଛି।



ବିକ୍ରି ଅପେକ୍ଷାରେ ମଣ୍ଡିରେ ପଡ଼ିଥିବା ଧାନ।

# ଜିଲା ପ୍ରତିଷ୍ଠା ଦିବସ ଦୁଲଦୁଲି ଉଦ୍‌ଘାଟିତ

**ଝାରସୁଗୁଡା,୧।୧ (ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡା ଜିଲାର ୩୨ତମ ପ୍ରତିଷ୍ଠା ଦିବସ ଏବଂ ଜିଲା ମହୋତ୍ସବ 'ଦୁଲଦୁଲି' ପ୍ରସିଦ୍ଧ ସମ୍ବଲପୁରୀ ଗୀତ ରଙ୍ଗବତୀ ଓ ଦୁଲଦୁଲି ବାଦ୍ୟରେ ଗୁରୁବାର ସନ୍ଧ୍ୟା ୭ ଟାରେ ବିଟିଏମ ପଡିଆରେ ଉଦ୍‌ଘାଟିତ ହୋଇଯାଇଛି। ଝାରସୁଗୁଡା ଜିଲା ପ୍ରଶାସନ ଓ ଜିଲା ସଂସ୍କୃତି ପରିଷଦ ତତ୍ତ୍ୱାବଧାନରେ ଏହି ଉତ୍ସବ ଆୟୋଜିତ ହୋଇଛି। ଉତ୍ସବରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ, ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣ ତଥା ଜିଲା ପ୍ରଶାସନର ବରିଷ୍ଠ ଅଧିକାରୀ ଏବଂ ସାଂସ୍କୃତିକ ପରିଷଦର କର୍ମକର୍ତ୍ତା ପୂର୍ବାହ୍ନ ୧୦ଟା୩୦ରେ ଝାଡ଼େଶ୍ୱର ମନ୍ଦିରରୁ କନକ ଦୁର୍ଗା ମନ୍ଦିର ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଯାଇଥିଲେ। ପୁଣି ଅପରାହ୍ନରେ କନକ ଦୁର୍ଗା ମନ୍ଦିରରୁ ବାହାରି ବେହେରାମାଲ ସ୍ଥିତ ସିଦ୍ଧେଶ୍ୱର ମା' ମନ୍ଦିରଦେଇ ବିଟିଏମ ପଡ଼ିଆ ପର୍ଯ୍ୟନ୍ତ ରାଲି କରାଯାଇଥିଲା। ପ୍ରାୟ ୩ କିଲୋମିଟର ବ୍ୟାପି ଏହି ପଟୁଆରରେ ବାରାଣସୀର ପ୍ରସିଦ୍ଧ ଅଘୋରୀ ଡ୍ୟାନ୍ସ ଏକାଡେମୀ, କଳାହାଣ୍ଡିର କଳସା ନୃତ୍ୟ, ସଂକୀର୍ତ୍ତନ, ଝାଞ୍ଜ ନୃତ୍ୟ, କରାମସାନୀ ନୃତ୍ୟ, ସମ୍ବଲପୁରୀ ଘଣ୍ଟ ବାଦ୍ୟ, ସ୍ୱୟଂ ସହାୟିକା ଗୋଷ୍ଠୀ, କଲେଜ ଛାତ୍ରୀଛାତ୍ର ଏବଂ ବିଭିନ୍ନ ସଙ୍ଗଠନର ୨ହଜାରରୁ



ଗୁରୁବାର ପ୍ରତିଷ୍ଠା ଦିବସ ସମାରୋହର ଉଦ୍‌ଘାଟନୀ ଦିବସରେ ମଞ୍ଚାସୀନ ଅତିଥିମାନେ।

ଅଧିକ ପ୍ରତିନିଧି ସାମିଲ ହୋଇଥିଲେ।

ସନ୍ଧ୍ୟା ୭ଟାରେ ବିଟିଏମ ପଡିଆଠାରେ ଦୁଲଦୁଲି ମହୋତ୍ସବକୁ ଉଦ୍‌ଘାଟନ କରାଯାଇଥିଲା। ଉଦଘାଟନୀ କାର୍ଯ୍ୟକ୍ରମରେ ଜିଲାପାଳ ଚହ୍ୱାଣ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ସମ୍ମାନିତ ଅତିଥିଭାବେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର, ଡିଏଫ୍‌ଓ ଅଶୋକ ମନୁ ଭଟ୍ଟ, ସ୍ୱତନ୍ତ୍ର ଅତିଥି ଭାବେ ପଦ୍ମଶ୍ରୀ ଅରୁଣା ମହାନ୍ତି, ପଦ୍ମଶ୍ରୀ କ୍ରିଷ୍ଣା ପଟେଲ, ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ ଉପସ୍ଥିତ ଥିଲେ। ଦୁଲଦୁଲି ମଞ୍ଚରେ ଝାରସୁଗୁଡ଼ାର ଆରାଧ ଦେବତା ବାବା ଝାଡେଶ୍ୱର ଏବଂ ରାମଚଣ୍ଡୀଙ୍କ ପୂଜା କରାଯାଇଥିଲା। ମଞ୍ଚରେ ଥିବା ଏକ ଢୋଲରେ ମନ୍ତ୍ରୀ ପୂଜାରୀ ଦୁଲଦୁଲି ବାଦ୍ୟ ବଜାଇ, ସମ୍ବଲପୁରୀ ଗାୟିକା କ୍ରିଷ୍ଣା ପଟେଲ ରଙ୍ଗବତୀ ଗୀତ ଗାଇ ଜିଲା ପ୍ରତିଷ୍ଠା ଦିବସ ଏବଂ ଜିଲା ମହୋତ୍ସବ ଦୂଲଦୁଲିର ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ପୂଜାରୀ ତାଙ୍କ ବକ୍ତବ୍ୟରେ କହିଥିଲେ, ଝାରସୁଗୁଡାର ବିକାଶ ପାଇଁ ଜିଲାପାଳ ଯାହା ପ୍ରସ୍ତାବ ଦେବେ ତାହାକୁ ସରକାର ଗ୍ରହଣ କରିବେ। ଝାରସୁଗୁଡ଼ାର ବିକାଶ ପାଇଁ ଅନୁଦାନର ଅଭାବ ରହିବ ନାହିଁ। ସମ୍ମାନିତ ଅତିଥି ପଞ୍ଚାୟତିରାଜ ମନ୍ତ୍ରୀ ନାଏକ ଝାରସୁଗୁଡା ସଦର ବ୍ଲକ ଓ ଲଇକେରା ବ୍ଲକରେ ୫୯୬ଟି ସୋଲାର ଷ୍ଟ୍ରିଟ ଲାଇଟର ଲୋକାର୍ପଣ କରିବା ସହ ଝାରସୁଗୁଡ଼ା ଜିଲା ଆଗାମୀ ଦିନରେ ରାଜ୍ୟରେ ଏକ ଅଗ୍ରଣୀ ଜିଲାରେ ପରିଣତ ହେବ, ଏଥିରେ କୌଣସି ସନ୍ଦେହ ନାହିଁ ବୋଲି କହିଥିଲେ। ବରଗଡ଼ ଲୋକ ସଭା ଏମପି ପୁରୋହିତ ଝାରସୁଗୁଡାର ସଂସ୍କୃତି, ପରମ୍ପରା, ଇତିହାସ ବିଷୟରେ କହିଥିଲେ। ଝାରସୁଗୁଡା ଜିଲା ଗଠନରେ ଯେଉଁ ବ୍ୟକ୍ତିଙ୍କ ଅବଦାନ ରହିଛି ସେମାନଙ୍କୁ ଝାରସୁଗୁଡାବାସୀ ଭୁଲି ପାରିବେ ନାହିଁ ବୋଲି କହିଥିଲେ। ଝାରସୁଗୁଡା ବିଧାୟକ ତ୍ରିପାଠୀ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଝାଡେଶ୍ୱର ମନ୍ଦିରକୁ ୨ କୋଟି ଟଙ୍କା ପ୍ରଦାନ କରିସାରିଥିବା ବେଳେ ଧୀରେ ଧୀରେ ଝାରସୁଗୁଡା ଜିଲା ଏକ ସର୍ବଶ୍ରେଷ୍ଠ ଜିଲାରେ ପରିଣତ ହେବ ଏଥିରେ ସନ୍ଦେହ ନାହିଁ ବୋଲି କହିଥିଲେ। ଏହା ସହିତ ଝାଡେଶ୍ୱର ବାବା, ପାହାଡେଶ୍ୱର ବାବା, ପଦ୍ମାଶିନୀ ମନ୍ଦିର, ରାମଚଣ୍ଡୀ ମନ୍ଦିର, କୁକୁରଜଙ୍ଘା ଜଗନ୍ନାଥ ମନ୍ଦିର ବହୁତ ଐତିହାସିକ କହି ସ୍ୱାଧୀନତା ସଂଗ୍ରାମୀ କରୁଣାକର ସିଂ, ବୀର ସୁରେନ୍ଦ୍ର ସାଏ, ବିହାରୀ ରାମ ତନ୍ତୀ ଆଦି ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତି ଚାରଣ କରିଥିଲେ। ଦୂଲଦୁଲି ମଞ୍ଚରେ ପ୍ରସିଦ୍ଧ ସମ୍ବଲପୁରୀ ଗୀତ ଗାଇଥିବା ଗାୟକ ଜିତେନ୍ଦ୍ର ହରିପାଲ ଓ ଗାୟିକା କ୍ରିଷ୍ଣା ପଟେଲଙ୍କ ସହିତ ପଦ୍ମଶ୍ରୀ ଅରୁଣା ମହାନ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ଦୁଲଦୁଲି ମଞ୍ଚରେ ଝାରସୁଗୁଡ଼ାର ଭରନି ନୃତ୍ୟ, ବିଶିଷ୍ଟ ଓଡ଼ିଶୀ ନୃତ୍ୟ ଶିଳ୍ପୀ ଅରୁଣା ମହାନ୍ତିଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ, ମଥୁରାର ମୟୁର ଡ୍ୟାନ୍ସ, ମହାରାଷ୍ଟ୍ରର ଲାବଣ୍ୟ ଡ୍ୟାନ୍ସ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଥିରେ ଜିଲାର ବହୁ ଏସ୍‌ଏଚ୍‌ଜି ନିଜ ହାତ ତିଆରି ସାମଗ୍ରୀ ପ୍ରଦର୍ଶନ ଓ ବିକ୍ରି ପାଇଁ ପଲ୍ଲିଶ୍ରୀ ମେଳାରେ ଭାଗ ନେଇଛନ୍ତି। ମହୋତ୍ସବରେ ଜିଲା ସଂସ୍କୃତି ପରିଷଦର ସମସ୍ତ କାର୍ଯ୍ୟକର୍ତ୍ତା, ଜିଲା ପ୍ରଶାସନର ବହୁ ଅଧିକାରୀ ଓ ଟ୍ରାଫିକ ସମସ୍ୟା ସହିତ ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ପାଇଁ ଝାରସୁଗୁଡ଼ା ପୋଲିସ ସହଯୋଗ କରିଥିଲେ।

## ଲୋକଙ୍କୁ ସଚେତନ କରିବ ସଚେତନତା ରଥ


ଜିଲାପାଳ ଓ ଅନ୍ୟ ଅଧିକାରୀ ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି।

**ଦେବଗଡ଼,୧।୧ (ଶଶାଙ୍କ ଶେଖର ଝାଙ୍କର)**

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଗୁରୁବାର ସହଯୋଗ ମୋବାଇଲ ୟୁନିଟ୍ ସେବା ସଚେତନତା ରଥ ଶୁଭାରମ୍ଭ ହୋଇଯାଇଛି। ଦେବଗଡ଼ ପୌରପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ସଚେତନତା ରଥ ଓ ଲୋକଙ୍କ ଶୋଭାଯାତ୍ରାକୁ ଜିଲାପାଳ କବୀନ୍ଦ୍ର କୁମାର ସାହୁ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ମିଞ୍ଜ, ପୌରପରିଷଦ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ୍ କୁମାର ଭୋଜ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ରଥ ସହରାଞ୍ଚଳ ପରିକ୍ରମା କରି ସଚେତନତା ବାର୍ତ୍ତା ପ୍ରେରଣ କରିବ। ପ୍ରଧାନମନ୍ତ୍ରୀ ଆବାସ, ରାସନ କାର୍ଡ, ଆୟୁଷ୍ମାନ କାର୍ଡ, ସୁଭଦ୍ରା ଯୋଜନା, ଶ୍ରମିକ କାର୍ଡ, ଇ-ଶ୍ରମିକ କାର୍ଡ, ମଧୁବାବୁ ପେନ୍‌ସନ୍, ସୁକନ୍ୟା ସମୃଦ୍ଧି ଯୋଜନା, ପିଏମ୍ ସୁରକ୍ଷା ବୀମା, ପିଏମ୍ ବିଶ୍ୱକର୍ମା ଯୋଜନା ଭଳି ବିଭିନ୍ନ ସରକାରୀ ଯୋଜନା ଉପରେ ସଚେତନତା ବାର୍ତ୍ତା ପ୍ରେରଣ କରାଯିବ। ଏହି କାର୍ଯ୍ୟକ୍ରମରେ ଜିଲା ଶ୍ରମ ଅଧିକାରିଣୀ ପଦ୍ମାବତୀ ମାରାଣ୍ଡି, ଶିଶିର କୁମାର ଷଡଙ୍ଗୀ, ପୌରପରିଷଦ ନିର୍ବାହୀ ଅଧିକାରୀ କୃପାସିନ୍ଧୁ ସ୍ୱାଇଁ, ଏମ୍. ବିଶ୍ୱଜିତ୍, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାରଙ୍କ ସମେତ ପୌରପରିଷଦର କର୍ମଚାରୀ ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

## ଭାଗବତ କଥାମୃତ ଉଦ୍‌ଯାପିତ

**ଲଖନପୁର,୧।୧ (ଗୌତମ ସାହୁ)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ସୀମାନ୍ତ କନକତୋରା ଗାଁ ଗଣ୍ଡ ପଡ଼ାଠାରେ ସପ୍ତାହବ୍ୟାପୀ ଭାଗବତ କଥାମୃତ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ବରଗଡ଼ ଜିଲାରୁ ଆସିଥିବା ପ୍ରବଚିକା ବିନୋଦିନୀ ସାହୁ ଓ ସାଥୀଙ୍କ ଦ୍ୱାରା କଥାମୃତ ପରିବେଷଣ କରାଯାଉଥିଲା। ଅନ୍ତିମ ଦିନ ଏହି କାର୍ଯ୍ୟକ୍ରମରେ ଗ୍ରାମବାସୀ ଙ୍କ ସହିତ ଆଖପାଖ ଅଞ୍ଚଳର ଶତାଧିକ ଶ୍ରୋତା ଉପସ୍ଥିତ ରହି କଥାମୃତରେ ପ୍ରଭୁ କୃପା ଲାଭ କରିଥିଲେ। ଆୟୋଜକଙ୍କ ପକ୍ଷରୁ ଉପସ୍ଥିତ ଭକ୍ତଙ୍କ ପାଇଁ ଅନ୍ନଭୋଗର ବ୍ୟବସ୍ଥା କରାଯାଇଥିଲା। ଗତ ଶୁକ୍ରବାର ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା।

## ନିରମାଏଲ ସାହିତ୍ୟ ସଂସଦର ନୂତନ କର୍ମକର୍ତ୍ତା

**ସମ୍ବଲପୁର,୧।୧ (ଭବାନୀ ଶଙ୍କର ଭୋଇ)**

ସୁବର୍ଣ୍ଣପୁର ଜିଲା ମାନେଶ୍ୱର ବ୍ଲକ ପରମାଣପୁର ଧନୁଯାତ୍ରା ପଡିଆ ସମ୍ମୁଖରେ ଗୁରୁବାର ନିରମାଏଲ ସାହିତ୍ୟ ସଂସଦର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଭୁତ ଭୂଷଣ ନାଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ କମିଟିର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ସଭାପତିଭାବେ ଯୁବକବି ଭବାନୀଶ ଭୋଇ, ଉପସଭାପତିଭାବେ କବୟିତ୍ରୀ ନିରୂପମା ନାଥ, ସମ୍ପାଦକଭାବେ ଯୁବକବି ପ୍ରଦ୍ୟୁମ୍ନ ବିଶି, ସହସମ୍ପାଦକ ରାଜଲକ୍ଷ୍ମୀ ମିଶ୍ର, ସଂଯୋଜିକା ସୁଷମା ପ୍ରଧାନ, କୋଷାଧ୍ୟକ୍ଷଭାବେ ତ୍ରିଲୋଚନ ସାହୁଙ୍କୁ ଚୟନ କରାଯାଇଥିଲା। ଏଥିସହ ନିରମାଏଲ ସାହିତ୍ୟ ସଂସଦ ଉପଦେଷ୍ଟାଭାବେ ବରିଷ୍ଠ ଗୀତିକାର ବିଭୂତି ଭୂଷଣ ନାଥ, କୈଳାସ ଚନ୍ଦ୍ର ବାରିକ, ସୁବ୍ରତ କୁମାର ମିଶ୍ର, କାହ୍ନୁଚରଣ ନାଥଙ୍କୁ ରଖାଯାଇଥିଲା। ସଭାରେ ଅନ୍ୟମାନଙ୍କ ମଧ୍ୟରେ ତ୍ରିଲୋଚନ ସାହୁ, ଉଜାଗର ବାରିକ, ସୁଷମା ପ୍ରଧାନ, ରାଜଲକ୍ଷ୍ମୀ ମିଶ୍ର, ନିରୂପମା ନାଥ, ପ୍ରଦ୍ୟୁମ୍ନ ବିଶି, ମହେଶ୍ୱର ନାୟକ, ରାହାସ ବିହାରୀ ନାଥ, କୈଳାସ ବାରିକ, ପ୍ରସନ୍ନ ମିଶ୍ର, ରାଧେଶ୍ୟାମ ପ୍ରଧାନ ପ୍ରମୁଖ ସଂସଦ ପକ୍ଷରୁ ଆଗାମୀ ଦନରେ ହାତକୁ ନିଆଯିବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ନିରମାଏଲ ସାହିତ୍ୟ ସଂସଦ ତରଫରୁ ଏକ ତ୍ରୈମାସିକ ପତ୍ରିକା ବାହାର କରାଯିବା ପାଇଁ ବୈଠକରେ ଆଲୋଚନା କରାଯାଇଥିଲା। ଏହାସହ ପରମାଣପୁର ମାଟିର ଗୌରବ ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ରଙ୍କ ଜୀବନ ଦର୍ଶନକୁ ନେଇ ଏକ କାର୍ଯ୍ୟକ୍ରମ ଆୟୋଜନ ନେଇ ବୈଠକରେ ପ୍ରସ୍ତାବ ଆଗତ କରାଯାଇଥିଲା।


ପରମାଣପୁରରେ ଗୁରୁବାର ନିରମାଏଲ ସାହିତ୍ୟ ସଂସଦର ବୈଠକରେ ଉପସ୍ଥିତ କର୍ମକର୍ତ୍ତାଗଣ।

**ସଂକ୍ଷେପରେ**

## ନବବର୍ଷରେ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼

**ବ୍ରଜରାଜନଗର,୧।୧ (ବିଜୟ ବରା)**

ବ୍ରଜରାଜନଗର ସହରାଞ୍ଚଳରେ ଥିବା ବିଭିନ୍ନ ମନ୍ଦିରରେ ନୂତନ ବର୍ଷ ଉପଲକ୍ଷେ ଭକ୍ତଙ୍କ ପ୍ରବଳ ସମାଗମ ଦେଖିବାକୁ ମିଳିଥିଲା। ବିଶେଷ କରି ମା'ରାମଚଣ୍ଡୀ ଓ ଜଗତରନାଥ ଜଗନ୍ନାଥଙ୍କ ମନ୍ଦିରରେ ଅଧିକ ଭିଡ ହୋଇଥିଲା। ମା'ଙ୍କ ଦର୍ଶନ ପାଇଁ ବୁଧବାର ରାତିରୁ ମନ୍ଦିରରେ ଭକ୍ତଙ୍କ ଲମ୍ବା ଧାଡି ଲାଗିଥିଲା। ସେହିପରି ଜଗନ୍ନାଥ ମନ୍ଦିରରେ ଭିଡ଼ ପରିଲକ୍ଷିତ ହୋଇଥିଲା।

## ବଘରାଚକାରେ ଭଜନ ସମାରୋହ

**ବ୍ରଜରାଜନଗର,୧।୧ (ବିଜୟ ବରାଡ)**

ରାଜପୁର ପଞ୍ଚାୟତ ଅନ୍ତର୍ଗତ ବଘରାଚକାଠାରେ ବୀର ସୁରେନ୍ଦ୍ର ସାଏ କ୍ଲବ ପକ୍ଷରୁ ଗୁରୁବାର ନୂଆ ବର୍ଷ ଉପଲକ୍ଷେ ଭଜନ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଗାୟିକା ସୁଶ୍ରୀ ବନ୍ଦିତା ନାୟକ ଯୋଗଦେଇ ସୁନ୍ଦରାକାଣ୍ଡ ପାରାୟଣ ଓ ଭଜନ ପରିବେଷଣ କରି ଉପସ୍ଥିତ ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ସେହିପରି ଶ୍ରୀ ରାଧାରାଣୀଙ୍କ ନାମ ଜପ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଗ୍ରାମବାସୀଙ୍କ ସମେତ ଆଖପାଖ ଅଞ୍ଚଳର ଲୋକେ ଯୋଗ ଦେଇଥିଲେ। ଆୟୋଜକ କ୍ଲବର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ଦେବଗଡ଼ ଜିଲା ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଚେୟାର ଫାଙ୍କା ପଡିଛି।

# ଦେବଗଡ଼ ଜିଲା ପ୍ରତିଷ୍ଠା ଦିବସ ପାଳିତ

**ଦେବଗଡ଼,୧।୧ (ଶଶାଙ୍କ ଶେଖର ଝାଙ୍କର)**

- ପ୍ରଶାସନର ଆନ୍ତରିକତା ନ ଥିବା ଚର୍ଚ୍ଚା
- କାର୍ଯ୍ୟକ୍ରମରେ ଚେୟାର ଫାଙ୍କା

ଜିଲା ପ୍ରଶାସନ ତଥା ଜିଲା ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ସଂସ୍କୃତି ଭବନଠାରେ ୩୩ତମ ଜିଲା ପ୍ରତିଷ୍ଠା ଦିବସ ଗୁରୁବାର ପାଳିତ ହୋଇଯାଇଛି। ଜିଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ କୌଶିକ୍ କୁମାର ପ୍ରଧାନ, ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ଉପଜିଲାପାଳ ପରକ୍ଷିତ ସାହୁ, ପୌରପରିଷଦ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ କୁମାର ଭୋଜ, ବରିଷ୍ଠ ନାଗରିକ ସୁଧୀର କପରଦାର ଯୋଗଦେଇ ଜିଲାର ମହତ୍ତ୍ୱ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଓଡ଼ିଶା ବରପୁତ୍ର ସ୍ୱର୍ଗତ ବିଜୁ ପଟ୍ଟନାୟକ ଓ ପୂର୍ବତନ ବିଧାୟକ ସ୍ୱର୍ଗତ ପ୍ରଦୀପ୍ତ ଗଙ୍ଗଦେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିସହ ଡ୍ରିମ୍ ଡ୍ୟାନ୍ସ, ଜାଗରଣ ଓ ମାହାରୀ ନୃତ୍ୟଶିଳ୍ପୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆଇନଜୀବୀ ମନୋଜ ପାଢ଼ୀ, ବରିଷ୍ଠ ନାଗରିକ ପ୍ରଫୁଲ ମହାପାତ୍ର, ନିରଞ୍ଜନ ଦ୍ୱିବେଦୀ, ଡ. ରାମଚନ୍ଦ୍ର ମହାପାତ୍ର, ଅଧ୍ୟାପକ ଚିତ୍ତରଞ୍ଜନ ଦାସ, ଭାରତ ଭୂଷଣ ନନ୍ଦ, ଜାଗରଣ ଆର୍ଟ ସଭାପତି ସୁଜିତ୍ ପାତ୍ର, ଚିତ୍ରକର ସମୀର ପ୍ରଧାନ, ପ୍ରଦୀପ ପାତ୍ର, ଜନ୍ମାଜୟ ନାୟକ, ଜିଲା ସଂସ୍କୃତି ପରିଷଦ ସଭ୍ୟ ଅବନୀ ମିଶ୍ର, ସାମାଜିକ କର୍ମୀ ପ୍ରଫୁଲ୍ଲ ନାୟକ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର, ଜିଲା ସଂସ୍କୃତି ଅଧିକାରୀ ଈଶ୍ୱର ଗୁରୁ, ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅନ୍ୟପକ୍ଷରେ ପ୍ରଶାସନର ଆନ୍ତରିକତା ନ ଥିଲା ପରି ଏହି ପ୍ରତିଷ୍ଠା ଦିବସ ପାଳନ ହେଉଥିବା ବୁଦ୍ଧିଜୀବୀ ମହଲରେ ଆଲୋଚନା ହୋଇଛି। ଇତିମଧ୍ୟରେ ଦେବଗଡ଼ ଜିଲା ହେବାର ୩୩ ବର୍ଷ ବିତି ଯାଇଥିଲେ ସୁଦ୍ଧା ଏଠାରେ ସେଭଳି କିଛି ଆଖିଦୃଷିଆ ଉନ୍ନତି ହୋଇ ନ ଥିବା ଆଲୋଚନା ହେଉଛି। କେତେଜଣ ହାତଗଣତି ଲୋକଙ୍କୁ ନେଇ କାମଚଳାରେ କିଛି ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଛି। ଏପଟେ ଚର୍ଚ୍ଚା ହେଉଛି ଯେ ଜିଲା ପ୍ରତିଷ୍ଠା ଦିବସ ପାଳନ ବଡ଼ ଆକାରରେ ଧୁମ୍‌ଧାମ୍‌ରେ ଜିଲାବାସୀ ପାଳନ କରିବା କଥା, ହେଲେ ଦୁଃଖ ଓ ପରିତାପର ବିଷୟ ସେଭଳି କିଛି ହେଉ ନାହିଁ। ଛୋଟ ଜାଗାରେ ସଭା ଆୟୋଜନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ କଲେ ମଧ ଲୋକ କମ୍ ଆସିବାରୁ ଚେୟାର ଫାଙ୍କା ପଡିଥିବା ଦେଖିବାକୁ ମିଳିଛି। ଏପଟେ ସନ୍ଧ୍ୟାରେ ଜିଲା ଯୁବକ ମଞ୍ଚ ଓ ଜିଲା ମହିଳା ମଞ୍ଚ ପକ୍ଷରୁ ସ୍ଥାନୀୟ ଗୋପବନ୍ଧୁ ଛକରେ ଧୁମ୍‌ଧାମ୍‌ରେରେ ପ୍ରଥମଥର ପାଇଁ ଭଲ କାର୍ଯ୍ୟକ୍ରମ ହେଇଥିବା ଆଲୋଚନା ହେଉଛି।

## ଉମରିଆକୁ ହରାଇ ବୁଢ଼ାଝରିଆ ଚାମ୍ପିୟନ

**ଲଖନପୁର,୧।୧ (ଗୌତମ ସାହୁ)**

**ବାବା ସ୍ୱପ୍ନେଶ୍ୱର କପ୍ କ୍ରିକେଟ**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ କନକତୋରା ପଞ୍ଚାୟତ ଅନ୍ତର୍ଗତ ଲୁହାବଗା ଗାଁ ବୀର ସୁରେନ୍ଦ୍ର ସାଏ କ୍ଲବ ଆନୁକୂଲ୍ୟରେ ଚାଲିଥିବା ନକ୍ ଆଉଟ କ୍ରିକେଟ ପ୍ରତିଯୋଗିତା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ମୋଟ ୩୨ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳ ପଡ଼ୋଶୀ ରାଜ୍ୟ ଛତିଶଗଡ଼ର ଉମରିଆ ଓ ବୁଢାଝରିଆ ଦଳ ମଧ୍ୟରେ ହୋଇଥିଲା। ପ୍ରଥମେ ବ୍ୟାଟିଂ କରି ଉମରିଆ ଦଳ ୧୨ଓଭରରେ ୮ଉଇକେଟ ହରାଇ ୧୩୯ରନ କରିଥିଲା। ଜବାବରେ ବୁଢାଝରିଆ ୧୧ଓଭରରେ ୬ଉଇକେଟ ହରାଇ ୧୪୦ରନ କରି ଚାମ୍ପିୟନ ହୋଇଥିଲା। ଶୁଭମ ସିଂଦେଓ ଓ ନବୀନ ସିଦାର ଖେଳ ପରିଚାଳନା କରିଥିଲେ। ଓମପ୍ରକାଶ ଓ ବିଟୁ ଭାଷ୍ୟକାର ଦାୟିତ୍ୱ ନିର୍ବାହୀ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ କନକତୋରା ସରପଞ୍ଚ ସୁଶାନ୍ତ କୁମାର ଚଇନି, ସମ୍ମାନିତ ଅତିଥିଭାବେ ସ୍ଥାନୀୟ ସମିତି ସଭ୍ୟ ପଦ୍ମନ ଭୋଇ, ଗ୍ରାମ୍ୟ ପରିଚାଳନା କମିଟି ସଦସ୍ୟମାନେ ଉପସ୍ଥିତ ରହି ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ।


ଚାମ୍ପିୟନ ଦଳକୁ ଅତିଥି ଟ୍ରଫି ପ୍ରଦାନ କରୁଛନ୍ତି।

## ଭାଜପାରେ ମିଶିଲେ ବିଜେଡିର ଶତାଧିକ କର୍ମୀ

**ଝାରସୁଗୁଡା,୧।୧ (ଆଶିଷ ରଞ୍ଜନ ଦାଶ)**

ନୂଆବର୍ଷରେ ବିଜୁ ଜନତା ଦଳର ହାତ ଛାଡି ଭାଜପାରେ ସାମିଲ ହୋଇଛନ୍ତି ଝାରସୁଗୁଡା ଜିଲା ଲଇକେରା ବ୍ଲକର ଶତାଧିକ କର୍ମୀ। ପ୍ରଧାନମନ୍ତ୍ରୀଙ୍କ ନୀତି, ଆଦର୍ଶ ଓ ଭାଜପାର ଲୋକାଭିମୁଖୀ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଲଇକେରା ବ୍ଲକର ୫ଟି ପଞ୍ଚାୟତର ହେବିୱେଟ୍‌ଙ୍କୁ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ଗୁରୁବାର ଅପରାହ୍ନରେ ବିଟିଏମ୍‌ସ୍ଥିତ କାର୍ଯ୍ୟାଳୟରେ ବିଧିବଦ୍ଧ ଭାବେ ସାମିଲ କରିଛନ୍ତି। ଲଇକେରା ବ୍ଲକ ପାକେଲପଡା, ଜାମମାଲ, କୁଲେମୁରା, ସରାଙ୍ଗଲୋଇ ଓ ନିକ୍ତିମାଲ ପଞ୍ଚାୟତର ହେବିୱେଟ୍‌ଙ୍କ ସହ ଶତାଧିକ ବିଜେଡି କର୍ମୀ ଭାଜପାରେ ସାମିଲ ହୋଇଛନ୍ତି। ବିଟିଏମ୍‌ସ୍ଥିତ ଭାଜପା କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ କୁଲେମୁରା ପଞ୍ଚାୟତର ବରିଷ୍ଠ ବିଜେଡି କର୍ମୀ ଗୋପାଳ ପଟେଲ, ଭେଷଜ ପଟେଲ, ସରାଙ୍ଗଲୋଇ ଗ୍ରାମପଞ୍ଚାୟତ ହରିଜନ ସମାଜର ସଭାପତି ଲକ୍ଷ୍ମୀଧର ମଙ୍ଗରାଜ, ଚେତରାମ ଦର୍ଭା ଓ ରାଜକୁମାର ନାୟକ, ପାକେଲପଡା ଗ୍ରାମପଞ୍ଚାୟତର ବିଜେଡି ପଞ୍ଚାୟତ ପ୍ରଭାରୀ ରମାକାନ୍ତ ପାଢ଼ୀ ଓ ପ୍ରମୋଦ ମହାନନ୍ଦ, ଜାମମାଲ ଗ୍ରାମପଞ୍ଚାୟତର ବିଜେଡି ସଭାପତି ଜଗମୋହନ ବୁଢୁଲା ଓ ନାଏବ ସରପଞ୍ଚ ବିରଞ୍ଚି ମାଝୀ ଏବଂ ନିକ୍ତିମାଲ ଗ୍ରାମପଞ୍ଚାୟତର କିସାନ ସମାଜ ସଭାପତି ଗୋବର୍ଦ୍ଧନ ପ୍ରଧାନ, ଶଶୀ କିସାନ ଓ ଦିଲୀପ ଆଗ୍ରୱାଲଙ୍କ ଭଳି ଅନୁଭବୀ ଓ ଦକ୍ଷ କର୍ମୀ ଭାଜପାରେ ସାମିଲ ହୋଇଛନ୍ତି। ଆଗାମୀ ଦିନରେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ସ୍ଥାନୀୟ ବିଧାୟକ ତ୍ରିପାଠୀଙ୍କ ନେତୃତ୍ୱରେ କାର୍ଯ୍ୟ କରିବା ସହିତ ଭାଜପା ଦଳକୁ ସୁଦୃଢ଼ କରିବେ ବୋଲି ମତ ପ୍ରକାଶ କରିଥିଲେ। ଅନୁଷ୍ଠିତ ମିଶ୍ରଣ ପର୍ବ କାର୍ଯ୍ୟକ୍ରମରେ ବିଧାୟକ ଟଙ୍କଧର ତ୍ରିପାଠୀ, ଜିଲା ସାଧାରଣ ସମ୍ପାଦକ ପ୍ରେମସେନ ରାୟ, ଲଇକେରା ବ୍ଲକ ମଣ୍ଡଳ ସଭାପତି ଦ୍ୱିତୀୟା ଓରାମ, ପୂର୍ବତନ ମଣ୍ଡଳ ସଭାପତି ପଙ୍କଜ ବେହେରା, ନିଶିକାନ୍ତ ପଟେଲ, ଲଳିତ ମଗର ପ୍ରମୁଖ ଉପସ୍ଥିତ ଥିଲେ।



ମିଶ୍ରଣ ପର୍ବରେ ଉପସ୍ଥିତ ଭାଜପା କର୍ମକର୍ତ୍ତା।

## ସଂକ୍ଷେପରେ

### ପାଇପ୍ ଫାଟି ଜଳ ଯୋଗାଣ ବନ୍ଦ

**ଖଡ଼ିଆଳ,୧୧ (ସୁଜିତ କୁମାର ପ୍ରଧାନ):** ଖଡ଼ିଆଳ ସିନାପାଲି ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ଚାଲୁ ରହିଛି। ସମ୍ପୃକ୍ତ ଠିକା ସଂସ୍ଥା ରାସ୍ତାପାର୍ଶ୍ୱ ଖୋଳି କାର୍ଯ୍ୟ କରୁଛି। ଫଳରେ ଘରକୁ ସଂଯୋଗ ହୋଇଥିବା ପାଇପ୍ ଫାଟି ଜଳ ଯୋଗାଣ ବନ୍ଦ ରହୁଛି। ଖଡ଼ିଆଳ ୧୦ନଂ. ୱାର୍ଡ ପୁରୁପଡାର ରଞ୍ଜନ ହେର୍ଣ୍ଣା ଏହି ସମସ୍ୟା ଯୋଗୁ ୭ଦିନ ହେଲା ପାଣି ସମସ୍ୟାରେ ଥିବା ଅଭିଯୋଗ କରିଛନ୍ତି। ଏହାର ମରାମତି ପାଇଁ ସେ ସମ୍ପୃକ୍ତ ଠିକାସଂସ୍ଥାକୁ ନିବେଦନ କରିଥିଲେ ମଧ୍ୟ କର୍ଣ୍ଣପାତ କରୁ ନ ଥିବା ପ୍ରକାଶ କରିଛନ୍ତି। ଘରଠାରୁ ଏକ କିଲୋମିଟର ଦୂରରେ ପାଣି ସୁବିଧା ଥିଲେ ମଧ୍ୟ ସେଠାକୁ ଯିବା ସମ୍ଭବ ହେଉନାହିଁ। ବିକଳ୍ପ ନ ଥିବାରୁ ଦୋକାନରୁ ପାଣି କିଣି ପିଇବାକୁ ବାଧ୍ୟ ହେଉଥିବା କହିଛନ୍ତି। ଅନେକ ଲୋକ ଏଭଳି ସମସ୍ୟା ଭୋଗୁଥିବାରୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

### ମୌଳିକ ସୁବିଧା ଅପହଞ୍ଚ ଗାଁ ବଡ଼ଖମନପଡ଼ା

**ଥୁଆମୂଳ ରାମପୁର, ୧୧ (ଦୁର୍ଗା କୀର୍ତ୍ତି):** କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକର ବଡ଼ଖମନପଡ଼ାରେ ମୌଳିକ ସୁବିଧା ଅପହଞ୍ଚ ହୋଇରହିଛି। ବ୍ଲକ କାର୍ଯ୍ୟାଳୟଠାରୁ ମାତ୍ର ୨ କି.ମି. ଓ ତହସିଲ ଅଫିସଠାରୁ ୧ କି.ମି. ଦୂରରେ ଥିବା ଗ୍ରାମର ଲୋକଙ୍କ ପାଇଁ ବିଦ୍ୟୁତ୍ ସୁବିଧା ପହଞ୍ଚିପାରିନାହିଁ। ଗ୍ରାମରେ ପ୍ରାୟ ୧୦ ପରିବାର ବସବାସ କରୁଥିବାବେଳେ ବିଜୁଳି ସଂଯୋଗ ନ ଥିବାରୁ ଲୋକେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପିଲାମାନେ ଲଣ୍ଠନ କିମ୍ବା ଡିବିରି ଆଲୁଅରେ ପାଠ ପଢିବାକୁ ବାଧ୍ୟ ହେଉଛନ୍ତି। ପଡ଼ାରେ ମାତ୍ର ଗୋଟିଏ ନଳକୂପ ଥିଲେ ମଧ୍ୟ ଗ୍ରୀଷ୍ମ ଦିନେ ଏଥିରୁ ପାଣି ବାହାରୁ ନ ଥିବାରୁ ଲୋକେ ନାଳ ଓ ଝରଣାର ଦୂଷିତ ପାଣି ବ୍ୟବହାର କରୁଛନ୍ତି। ଫଳରେ ଏଠାରେ ଜଳବାହିତ ରୋଗର ଭୟ ଲାଗି ରହିଛି। ଏହି ପଡ଼ାର ରାସ୍ତାଘାଟ ଶୋଚନୀୟ ହୋଇ ପଡ଼ିଥିବାବେଳେ ଲୋକେ ଏବେ ବି କୁଡ଼ିଆ ଘରେ ରହୁଛନ୍ତି। ବୃଦ୍ଧାବୃଦ୍ଧଙ୍କୁ ସରକାରୀ ଭତ୍ତା ମଧ୍ୟ ମିଳୁ ନ ଥିବା ଅଭିଯୋଗ ହୋଇଛି। ଏ ନେଇ ବ୍ଲକ ପ୍ରଶାସନକୁ ଗୁହାରି କରିଥିଲେ ସୁଦ୍ଧା ସୁଫଳ ମିଳିପାରୁ ନ ଥିବା ଗ୍ରାମବାସୀ କହିଛନ୍ତି। ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହେଉଛି।

# ଇତିହାସ ହେବାକୁ ବସିଛି ସରକାରୀ ଛାପାଖାନା

**ଭବାନୀପାଟଣା, ୧୧ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲାର ଭବାନୀପାଟଣା ସହରରେ ଥିବା ସରକାରୀ ଛାପାଖାନା ଏବେ ଇତିହାସ ହେବାକୁ ବସିଛି। ପ୍ରକାଶ ଯେ, ଭବାନୀପାଟଣା ସହରର ଅର୍କାବାହାଲି ପଡାଠାରେ ତତ୍କାଳୀନ ରାଜ୍ୟ ବାଣିଜ୍ୟ ମନ୍ତ୍ରୀ ସ୍ୱର୍ଗତ ଦୟାନିଧି ନାଏକଙ୍କ ଦ୍ୱାରା ୧୯୮୧ ମସିହା ଅଗଷ୍ଟ ୫ରେ ସରକାରୀ ଶାଖା ମୁଦ୍ରଣାଳୟ ସ୍ଥାପନ ହୋଇଥିଲା। ରାଜ୍ୟରେ ବର୍ତ୍ତମାନ ଭବାନୀପାଟଣା, ବଲାଙ୍ଗୀର, ଦେବଗଡ, ସମ୍ବଲପୁର, ଖଣ୍ଡପଡାଠାରେ ସରକାରୀ ଶାଖା ମୁଦ୍ରଣାଳୟ ରହିଛି। ଗତ ସରକାର ସମୟରେ ଏହି ଶାଖାଗୁଡିକୁ କଟକ ଉଠାଇନେବା ପାଇଁ ମସୁଧା ହୋଇଥିଲା। ଏହାର ତୀବ୍ର ବିରୋଧ ପରେ ଏହାକୁ ସ୍ଥଗିତ ରଖିଥିଲେ। ୨୦୧୭ରେ ଭବାନୀପାଟଣା ଛାପାଖାନାର ପ୍ରିଣ୍ଟିଂ ମେଶିନ କଟକ ସ୍ଥାନାନ୍ତର କରାଯାଇଥିଲା। ଏହା ପୂର୍ବରୁ ଏଠାରେ କମନ ସିଡ୍ୟୁଲ ଫର୍ମ, ପିଅନ ବୁକ, ରସିଦ, ଇସ୍ୟୁଡେସ୍‌ପାଚ ରେଜିଷ୍ଟର, ନୋଟ ସିଟ୍, ଫାଇଲ ବୋର୍ଡ




ଭବାନୀପାଟଣା ସରକାରୀ ଛାପାଖାନା।

ଓ ଲଫାପା ଛପାଯାଉଥିଲା। ମେଶିନ ସ୍ଥାନାନ୍ତର ହେବା ପରେ ଭବାନୀପାଟଣା ଛାପାଖାନାରେ କେବଳ ଷ୍ଟିଚର ଓ କଟର ମେଶିନ ରହିଛି। ଏଠାରେ ବର୍ତ୍ତମାନ ଲଫାପା ଓ ଫାଇଲ ବୋର୍ଡ ପ୍ରସ୍ତୁତ ହୋଇ କଟକ ମୁଖ୍ୟ ଅଫିସକୁ ଯାଉଛି। ବର୍ଷକରେ ପ୍ରାୟ ୭ ଲକ୍ଷ ଲଫାପା ଓ ପ୍ରାୟ ୨୦ ହଜାର ଫାଇଲ ବୋର୍ଡ ପ୍ରସ୍ତୁତ ହେଉଛି। ସେହିଭଳି ୨୦୨୪ ମସିହାରୁ କମନ ଫର୍ମ ପ୍ରସ୍ତୁତି ମଧ୍ୟ ବନ୍ଦ ହୋଇସାରିଛି। କଟକରୁ ପ୍ରସ୍ତୁତ ହୋଇ ଆସୁଥିବା ସରକାରୀ କ୍ୟାଲେଣ୍ଡର କେବଳ ବିକ୍ରି ପାଇଁ ଏଠାକୁ ଆସିଥାଏ। ଏହି ଛାପାଖାନାରେ ସାମଗ୍ରୀ ପ୍ରସ୍ତୁତ ହୋଇ ନୂଆପଡା, କଳାହାଣ୍ଡି, ମାଲକାନଗିରି ଓ ନବରଙ୍ଗପୁର ଜିଲାକୁ ଯୋଗାଣ ହୋଇଥାଏ। ଚଳିତବର୍ଷ ଏହି ୪ ଜିଲା ପାଇଁ ମାତ୍ର ୫୦୦ ଆସିଥିବା ଯୋଗୁ ଷ୍ଟକ ଶେଷ ହୋଇଛି। ନୂଆଷ୍ଟକ ଆସିବାକୁ କର୍ମଚାରୀମାନେ ଅପେକ୍ଷା କରି ରହିଛନ୍ତି। ଭବାନୀପାଟଣା ଛାପାଖାନାରେ ଜୁନିଅର ରିଡରଙ୍କୁ ଛାପାଖାନା ଦାୟିତ୍ୱ ଦିଆଯାଇଥିବାବେଳେ ଜଣେ ବାଇଣ୍ଡର ଗ୍ରେଡ-୩, ୪ଜଣ ହେଲପର ଓ ଆଉଟସୋର୍ସିଂରେ ହେଲପର ରଖାଯାଇଛି। ୧୭ ପଦବୀ ମଧ୍ୟରୁ ମାତ୍ର ୭ଜଣ କର୍ମଚାରୀ ଅଛନ୍ତି। ଏହି ଛାପାଖାନାରେ କମନ ସିଡ୍ୟୁଲ ଫର୍ମ ଓ ଅନ୍ୟ ଆନୁଷଙ୍ଗିକ ସରକାରୀ ଫର୍ମ ପୂର୍ବଭଳି ଛପାଗଲେ ଏହି ୪ ଜିଲାର ସରକାରୀ ଅଫିସ ଉପକୃତ ହୋଇପାରନ୍ତେ। ଭବାନୀପାଟଣା ଛାପାଖାନା ବନ୍ଦ ପାଇଁ ଏକ ଯୋଜନା ଚାଲିଥିବାରୁ ରାଜ୍ୟ ସରକାର ତୁରନ୍ତ ଏଥିରେ ହସ୍ତକ୍ଷେପ କରି ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି ।

## ଦାଦନ ସମସ୍ୟା ଉପରେ ଖବରଦାତାଙ୍କ ଆଲୋଚନା

**ଖଡ଼ିଆଳ,୧୧ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳଠାରେ ଖବରଦାତାଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖଡ଼ିଆଳ ସମେତ ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଅଞ୍ଚଳରେ ଦାଦନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଦୈନିକ ଏସବୁ ଅଞ୍ଚଳରୁ ବହୁ ଦାଦନ ଶ୍ରମିକ ବାହାର ରାଜ୍ୟକୁ କାମ ଅନ୍ୱେଷଣରେ ଯାଉଛନ୍ତି। ଏହି ସମସ୍ୟା ସମାଧାନ ପାଇଁ ପ୍ରଶାସନିକ ସ୍ତରରେ ଉଦ୍ୟମ ହେଉଥିଲେ ମଧ୍ୟ ସେଭଳି ସୁଫଳ ମିଳିପାରୁନାହିଁ। ସେହିପରି ବର୍ତ୍ତମାନ ପିକ୍‌ନିକ୍ ଋତୁ ହୋଇଥିବାରୁ ପର୍ଯ୍ୟଟନ ସ୍ଥଳୀରେ ଲୋକେ ଭୋଜି କରି ମଜା ନେଉଛନ୍ତି। ହେଲେ ଖଲିଦନା, ପାଣି ଗ୍ଲାସ୍, ଟିଫିନ ପ୍ଲେଟ ଇତ୍ୟାଦି ବ୍ୟବହାର ଯୋଗୁ ଉକ୍ତ ଅଞ୍ଚଳ ଦୂଷିତ ହେବା ସହିତ ଅଳିଆ ଆବର୍ଜନାରେ ଭରି ରହୁଛି। ସମସ୍ତେ ଏ ଦିଗରେ ସଚେତନତା ସୃଷ୍ଟି କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ଖବରଦାତା ପରମେଶ୍ୱର ବାରିକ, ହେମନ୍ତ କୁମାର ବେହେରା, କୁନାଲ ଚରଣ ବେହେରା, ଯୁଗେଶ୍ୱର ସଗରିଆ, ସନ୍ତୋଷ କୁମାର ଦଣ୍ଡସେନା, ବାପିନା ସାହୁ, ଶାମ୍ଭ କୁମାର ସରାଫ, ମନୋଜ କୁମାର ସଗରିଆ, ଚନ୍ଦ୍ରଶେଖର ବେହେରା, ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ବ୍ଲକ୍ ଖବରଦାତା ସଂଘ ସଭାପତି ରଶ୍ମିରଞ୍ଜନ ପୁଟେଲ, ପୁଷ୍ପକେତୁ ବେହେରା, ସୁଶାନ୍ତ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଗାଡ଼ି ଧକ୍କାରେ ମହିଳାଙ୍କ ମୃତ୍ୟୁ, ରାସ୍ତାରୋକୋ



ମୃତଦେହ ରଖି ରାସ୍ତା ଅବରୋଧ କରାଯାଇଛି।

**ଲାଞ୍ଜିଗଡ଼, ୧୧(ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡିଜିଲା ଲାଞ୍ଜିଗଡ ଥାନା ଆଶ୍ରମପଡା ନିକଟରେ ଗୁରୁବାର ଏକ ଅଜଣା ଗାଡି ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଲାଞ୍ଜିଗଡ ପଞ୍ଚାୟତ ଜାମଚୁଆ ଗ୍ରାମର ସ୍ୱର୍ଗତ ସାଇବ ମାଝୀଙ୍କ ସ୍ତ୍ରୀ ମଲ ମାଝୀ (୫୫)। ସୂଚନାନୁସାରେ ପୂର୍ବାହ୍ନ ୧୧ଟାରେ ମଲ କୌଣସି କାମରେ ଗାଁର ଲକ୍ଷ୍ମୀ ମାଝୀଙ୍କ ସହିତ ଆଶ୍ରମପଡ଼ା ଆଡ଼କୁ ଯାଉଥିବା ବେଳେ ପଛପଟୁ କୌଣସି ଏକ ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ମଲ ଛିଟିକିପଡ଼ିବାରୁ ଘଟଣାସ୍ଥଳରେ ପ୍ରାଣ ହରାଇଥିଲେ। ଖବର ପାଇ ପରିବାର ଲୋକେ ପହଞ୍ଚି କ୍ଷତିପୂରଣ ଦାବିରେ ମୃତଦେହ ରଖି ଲାଞ୍ଜିଗଡ-ବିଶ୍ୱନାଥପୁର ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ଏହାକୁ ନେଇ ଟ୍ରାଫିକ ସମସ୍ୟା ଦେଖାଦେଇଥିଲା। ଲାଞ୍ଜିଗଡ ଥାନାଧିକାରୀ ଯଶୋବନ୍ତ ହିଆଲଙ୍କ ନେତୃତ୍ୱରେ ପୋଲିସ ଟିମ୍ ପହଞ୍ଚି ତଦନ୍ତ କରିଥିଲେ । ସେମାନେ ପରିବାର ଲୋକଙ୍କୁ ବୁଝାଶୁଝା କରି କ୍ଷତିପୂରଣ ପ୍ରତିଶ୍ରୁତି ଦେବାରୁ ୩ଘଣ୍ଟା ପରେ ରାସ୍ତା ଅବରୋଧ ହଟିଥିଲା। ପୋଲିସ ଥାନାରେ ଏକ ମାମଲା (ନଂ.୧/୨୬) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# କଂସବଧ ସହ ଆଞ୍ଚଳିକ ଧନୁଯାତ୍ରା ଉଦ୍‌ଯାପିତ

**ନୂଆପଡ଼ା,୧୧(ମକାରୁ ବେମାଲ)**

ନୂଆପଡ଼ା ସଦର ବ୍ଲକ ସାରାବଙ୍ଗ ମିନି ଷ୍ଟାଡିୟମ ଧନୁଯାତ୍ରା ପଡ଼ିଆରେ ୩ୟ ବିରାଟ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ବୁଧବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଆୟୋଜକ କମିଟି ସଭାପତି ଗୋପାଳ ପଟେଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ନୂଆପଡ଼ା ବିଧାୟକ ଜୟ ଢୋଲକିଆ ମୁଖ୍ୟ ଅତିଥି, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଯଦୁମଣି ପାଣିଗ୍ରାହୀ, ଭାଜପା ଜିଲା ସଭାପତି କମଳେଶ ଦୀକ୍ଷିତ, ଜିଲା ସାଧାରଣ ସମ୍ପାଦକ ଅଭିନନ୍ଦନ ପଣ୍ଡା, ଜିଲା ସରପଞ୍ଚ ସଂଘ ସଭାପତି ପ୍ରେମଲାଲ ନାଏକ, ସ୍ଥାନୀୟ ସରପଞ୍ଚ ରଥବାଇ ପଟେଲ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ଖୋଲା ରଙ୍ଗମଞ୍ଚରେ ମଥୁରା ନଗରୀରେ ମାମୁଁ କଂସାସୁରଙ୍କ ଆୟୋଜିତ ଧନୁଯାତ୍ରା ଦେଖିବାକୁ ଗୋପପୁରରୁ ଭଣଜା କୃଷ୍ଣ ଓ ବଳରାମ ଆସିଥିଲେ। ପ୍ରଥମେ ଚାଣୁର, ମୁଷ୍ଟିକ ଭଳି ରାକ୍ଷସଙ୍କୁ



ମୁଖ୍ୟ ଅତିଥିଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଉଛି।

କୃଷ୍ଣ ବଳରାମ ବଧ କରିଥିଲେ। ମଥୁରା ନଗରରେ ଭଣଜା କୃଷ୍ଣଙ୍କୁ ଦେଖି ମାମୁଁ କଂସଙ୍କ ମୃତ୍ୟୁ ହୋଇଥିଲା। ପରେ ମଥୁରା କାରାଗାରରୁ ବାସୁଦେବ ଓ ଦେବକୀଙ୍କୁ ଉଦ୍ଧାର କରାଯିବା ସହ ଉଗ୍ରେସନଙ୍କ ରାଜ୍ୟାଭିଷେକ କରାଯାଇଥିବା ନାଟକ ମଞ୍ଚସ୍ଥ ହୋଇଥିଲା। କୋମନା ବ୍ଲକ ସଲଙ୍ଗିପଡ଼ାର ଶିକ୍ଷକ ମଧୁସୂଦନ ପାଣିଗ୍ରାହୀଙ୍କ କଂସ ଭୂମିକା ଓ ଅନ୍ୟ କଳାକାରଙ୍କ ଅଭିନୟ ଦର୍ଶକଙ୍କୁ ବିମୋହିତ କରିଥିଲା। ରାତିରେ ଛତିଶଗଡ଼ି ଷ୍ଟାର ଗାୟକ ବିବେକ ଶର୍ମାଙ୍କ ଗୀତରେ ଦର୍ଶକ ଝୁମି ଉଠିଥିଲେ। କମିଟି ଉପସଭାପତି ଗୋବିନ୍ଦ ଦଣ୍ଡସେନା, କୋଷାଧ୍ୟକ୍ଷ ପୁନିତ ରାଉତ, ଦେୱା ଦେବାଙ୍ଗନ, ସନ୍ତୋଷ ଦଣ୍ଡସେନା, ଭୁବନେଶର ଦଣ୍ଡସେନା, ପ୍ରତୀକ ଦେବାଙ୍ଗନ, କୌଶିକ ସାହୁ, ଯୋଗିନ୍ଦ୍ର ମହାନ୍ତି, ଗୋବିନ୍ଦ ରାଉତ, ପୁରୁଷୋତ୍ତମ ରାଉତ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ମେରା ଯୁବ ଭାରତ ପକ୍ଷରୁ କର୍ମଶାଳା

**ନୂଆପଡ଼ା,୧୧ (ମକାରୁ ବେମାଲ)**

ନୂଆପଡ଼ା କେଜିଏନ୍‌ଟି କାର୍ଯ୍ୟାଳୟଠାରେ ନେହେରୁ ଯୁବକେନ୍ଦ୍ର ତଥା ମେରା ଯୁବ ଭାରତ ତରଫରୁ ଜିଲାର ଯୁବତୀଯୁବକଙ୍କୁ ନେଇ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଢ଼େଇ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମୃତ୍ୟୁଞ୍ଜୟ ପଣ୍ଡା, ଡବ୍ଲ୍ୟୁଇଓ ଅବିନାଶ ସାହୁ, ଜୟନାରାୟଣ ଘୋଷ,ଏପିଏ ଦ୍ୱିତୀୟା ବନଛୋର, କେନ୍ଦ୍ର ସଂଯୋଜକ ମୋଉମିତା ପାଲ, ଅଧ୍ୟାପକ ମହମ୍ମଦ ଫଇଜାନ, ସଂଯୋଜକ ପ୍ରହଲ୍ଲାଦ ମାଝି ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଅତିଥିମାନେ ବିଜୁ ସଶକ୍ତୀକରଣ, ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ, କଳିଙ୍ଗ ଶିକ୍ଷାସାଥୀ, ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ସହାୟତା, ସୁଭଦ୍ରା, ମମତା, ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣପୁଷ୍ଟି, ଦୁର୍ଘଟଣା ଜନିତ ସହାୟତା, କାଳିଆ ବୃତ୍ତି, ଅଟଳ ପେନ୍‌ସନ, ଆୟୁଷ୍ମାନ ଭାରତ ଭଳି ଯୋଜନା ଉପରେ ଯୁବତୀଯୁବକଙ୍କୁ ବୁଝାଇଥିଲେ।

## ଚାରାରୋପଣକରି ନୂଆବର୍ଷ ପାଳିଲେ




ସଚେତନତା କାର୍ଯ୍ୟକ୍ରମରେ ସଙ୍ଗଠନର କର୍ମକର୍ତ୍ତାଙ୍କ ସହ ଗ୍ରାମବାସୀ।

**ନୂଆପଡ଼ା,୧୧ (ମକାରୁ ବେମାଲ)**

ଭୋଜିଭାତ, ନାଚଗୀତ କରି ଜାନୁଆରୀ ୧ ଇଂରାଜୀ ନବବର୍ଷକୁ ବିଭିନ୍ନ ସ୍ଥାନରେ ଧୁମଧାମରେ ପାଳନ କରାଯାଇଛି। ହେଲେ କୋମନା ବ୍ଲକ୍ ପଣ୍ଡରାପଥର ଗାଁର ମଦର ଟେରେସା ସେବା ସଂଗଠନ କର୍ମକର୍ତ୍ତା ନିଆରା ଢଙ୍ଗରେ ନୂତନବର୍ଷ ପାଳନ କରିଛନ୍ତି। ପରିବେଶ ସୁରକ୍ଷା ଓ ସବୁଜିମା ଲକ୍ଷ୍ୟ ନେଇ ସେମାନେ ବିଭିନ୍ନ ଗାଁରେ ବଟବୃକ୍ଷ ଚାରା ରୋପଣକରି ସଚେତନତାର ବାର୍ତ୍ତା ଦେଇଛନ୍ତି। ସିଆଲଲଟି ପଞ୍ଚାୟତ କରଙ୍ଗାଭଟା ଗାଁରେ ବଟବୃକ୍ଷ ଚାରା ରୋପଣ କରିଛନ୍ତି। ଏହି ଅବସରରେ ଗାଁର ଶତାଧିକ ମହିଳାପୁରୁଷ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରିଥିଲେ। ଏହାପରେ ଗାଁରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ସଂଗଠନର ସମ୍ପାଦକ ଶେଷଦେବ ପ୍ରଧାନୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଭାଜପା ସାଧାରଣ ସମ୍ପାଦକ ଅଭିନନ୍ଦନ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରିବେଶ ସୁରକ୍ଷା ଓ ନୂତନ ବର୍ଷ ପାଳନର ବାର୍ତ୍ତା ଦେଇଥିଲେ। ଏହାପରେ କରଙ୍ଗାଭଟା ଗାଁର ବିଭିନ୍ନ ଛକରେ ବଟବୃକ୍ଷ ଚାରା ରୋପଣ କରାଯାଇଥିଲା। ଏଥିରେ ବାନରସେନା ମଞ୍ଚ ନୂଆପଡ଼ାର କର୍ମକର୍ତ୍ତା ରାମ ନାଏକ, ଶେଷଦେବ ବାଗ, ନୁରଧର ପ୍ରଧାନ ଓ ମଦର ଟେରେସା ସଙ୍ଗଠନର ନମିତା ସାହୁ, ମମତା ପ୍ରଧାନ, ଊର୍ମିଳା ନାଏକ ପ୍ରମୁଖ ସାମିଲ ଥିଲେ ।

# ସର୍ବଶ୍ରୀ ସାହିତ୍ୟ ସଂସଦର ସ୍ୱନକ୍ଷତ୍ର ଉତ୍ସବ

**ଭବାନୀପାଟଣା,୧୧(ଉତ୍ତମ କୁମାର ଦାଶ)**

ଭବାନୀପାଟଣାସ୍ଥ ବୃନ୍ଦାବନ ସ୍ମାର୍ଟ ସ୍କୁଲ ପରିସରରେ ଗୁରୁବାର ବ୍ରହ୍ମାନନ୍ଦ ସାମଲଙ୍କ ପୌରୋହିତ୍ୟରେ ସର୍ବଶ୍ରୀ ସାହିତ୍ୟ ସଂସଦର ସ୍ୱନକ୍ଷତ୍ର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ ଉଦ୍‌ଘାଟନ କରିଥିବାବେଳେ ବକ୍ତା ଭାବେ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଉପକୁଳସଚିବ ମେଜର ଡ. ଜୟଦେବ ସାହୁ, ସମ୍ମାନିତ ଅତିଥି ଭାବେ ଡ. ତପନ କୁମାର ରଥ, ସାରସ୍ୱତ ତପସ୍ୱୀ ସଜିତ ରତେ ଓ ସ୍କୁଲ ଅଧ୍ୟକ୍ଷ ଅରୁଣ କୁମାର ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ। ଉପସଭାପତି ଡ. ନୀରଦ ଚନ୍ଦ୍ର କହଁର ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ। ପ୍ରାରମ୍ଭରେ ଦିବଂଗତ ଲେଖକଙ୍କ ସଦ୍‌ଗତି ପାଇଁ ଦୀପଦାନ କରାଯାଇଥିଲା। ଚଳିତ ମାସରେ ଇହଲୀଳା ସମ୍ବରଣ କରିଥିବା କୁଳମଣି ସିଂଙ୍କ ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ସଂସଦର ବାର୍ଷିକ ସାହିତ୍ୟ ପତ୍ରିକା 'ଦୀପ୍ତିସୁଧା'ର ଅଷ୍ଟାଦଶ ସଂଖ୍ୟାକୁ ଅତିଥିଗଣ ଲୋକାର୍ପଣ କରିଥିଲେ। ସାହିତ୍ୟ ପାଇଁ ଅବଦାନ ଦେଇଆସୁଥିବା ବରିଷ୍ଠ ଲେଖକ ବିଜୟ କୁମାର ପ୍ରଧାନଙ୍କୁ 'ସର୍ବଶ୍ରୀ ସାହିତ୍ୟ ସମ୍ମାନ-୨୫' ପ୍ରଦାନ କରାଯାଇଥିଲା। ସେହିପରି ଶତାଧିକ ପୌରାଣିକ, ସାମାଜିକ, ଐତିହାସିକ ତଥା ସାହିତ୍ୟ ପତ୍ରିକା କ୍ରୟ କରି ସାଇତି ରଖୁଥିବା ପାଠକ କେଦାରନାଥ ମିଶ୍ରଙ୍କୁ



ସଂସଦର ବାର୍ଷିକ ସାହିତ୍ୟ ପତ୍ରିକା 'ଦୀପ୍ତିସୁଧା'ର ଅଷ୍ଟାଦଶ ସଂଖ୍ୟାକୁ ଅତିଥିଗଣ ଲୋକାର୍ପଣ କରୁଛନ୍ତି।

'ସର୍ବଶ୍ରୀ ପାଠକ ସମ୍ମାନ-୨୫'ରେ ସମ୍ବର୍ଦ୍ଧିତ କରାଯାଇଥିଲା। ଯୁବକବି ପ୍ରଶାନ୍ତ କୁମାର ଦାଶ ମଞ୍ଚ ପରିଚାଳନା କରିଥିବାବେଳେ ଯୁବପ୍ରତିଭା ପ୍ରତାପ ପଣ୍ଡା, ଆଶୁଧନ ପୁରୋହିତ, କାଜଲ ମହାରଣା, ପ୍ରାଞ୍ଜଳ ଠାକୁର, ରଚିତା ମେହେର, ଦୀପ୍ତି ମୁଣ୍ଡ, ସଂଜୀବ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ସମ୍ପାଦକ ବିରଞ୍ଚି ନାରାୟଣ ମୁଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ।

# ସିଭିଲ ସୋସାଇଟିର ବାର୍ଷିକ ଉତ୍ସବ

**ଭବାନୀପାଟଣା,୧୧(ଉତ୍ତମ କୁମାର ଦାଶ)**

ଭବାନୀପାଟଣା ହିଲଟାଉନ ସିଭିଲ ସୋସାଇଟିର ଦ୍ୱାଦଶ ବାର୍ଷିକ ଉତ୍ସବ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଳାହାଣ୍ଡି ଜିଲାପାଳ ପାୱାର ସଚିନ ପ୍ରକାଶ ମୁଖ୍ୟ ଅତିଥି, ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଅନିମେଶ ପ୍ରଧାନ ବିଶିଷ୍ଟ ଅତିଥି, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ନିହାରେନ୍ଦ୍ର ପଣ୍ଡା ମୁଖ୍ୟବକ୍ତା ଓ ଭବାନୀପାଟଣା ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ପାଢ଼ୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ହିଲଟାଉନରେ ଲାଗିରହିଥିବା ଜଳବନ୍ଦୀ ସମସ୍ୟା ଦୂରୀକରଣ ଦିଗରେ କାମ କରିବେ ବୋଲି ମତପ୍ରକାଶ କରିଥିଲେ। ସୋସାଇଟି ଅଧ୍ୟକ୍ଷ ପ୍ରତାପ ଚନ୍ଦ୍ର ପ୍ରଧାନ ସ୍ୱାଗତ ଭାଷଣ ଓ ସମ୍ପାଦକ ଜିତେନ୍ଦ୍ର କୁମାର ମୁଣ୍ଡ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବ୍ରହ୍ମାନନ୍ଦ ସାମଲଙ୍କ ଶିଶୁ କବିତା ସଂକଳନ 'ଚାରିଚାନ୍ଦ' ଉନ୍ମୋଚନ କରାଯାଇଥିଲା। ଏଥିସହ ଅନ୍ତର୍ଜାତୀୟ ପର୍ବତାରୋହୀ ଯୋଗବ୍ୟାସ ଭୋଇ, ଶିଶୁରୋଗ ବିଶେଷଜ୍ଞ ଡାକ୍ତର ପଲଉ ପ୍ରଧାନ ଓ ବିଶିଷ୍ଟ ଲେଖିକା ସ୍ନେହଲତା ଷଡଙ୍ଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏକ ଶିଶୁ ଚିତ୍ରକଳା ପ୍ରଦର୍ଶନୀ ସୋସାଇଟିର ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିଲା। ଏହାକୁ ପ୍ରଫେସର ବିପିନ ବିହାରୀ ପଣ୍ଡା ଉଦ୍‌ଘାଟନ କରିଥିଲେ। ଉତ୍ସବରେ ୭୫ ବର୍ଷରୁ ଅଧିକ ବୟସର ବରିଷ୍ଠ ସଦସ୍ୟଙ୍କୁ ପୂଜ୍ୟପୂଜା, ପୁରସ୍କାର ବଣ୍ଟନ, ନବବିବାହିତ ଦମ୍ପତିଙ୍କୁ ସମ୍ବର୍ଦ୍ଧନା ଓ ନୂତନ ସଦସ୍ୟଙ୍କୁ ସ୍ୱାଗତ କରାଯାଇଥିଲା। ଉପାଧ୍ୟକ୍ଷ ଗଣପତି ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।




ବାର୍ଷିକ ଉତ୍ସବରେ ଜିଲାପାଳ ଓ ଅନ୍ୟମାନେ।

# ମୌଳିକ ସୁବିଧାରୁ ବଞ୍ଚିତ ଗାଁ ଭୂର୍ଷିପଡ଼ା

**ନୂଆପଡ଼ା,୧୧ (ମକାରୁ ବେମାଲ)**

ଲୋକଙ୍କୁ ସର୍ବନିମ୍ନ ସୁବିଧା ଯୋଗାଇଦେବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ହେଲେ ବିଭାଗୀୟ ଅଧିକାରୀ ଓ ନିର୍ବାଚିତ ଜନ ପ୍ରତିନିଧିଙ୍କ ଆନ୍ତରିକତା ଅଭାବ ଯୋଗୁ ଅନେକ ସ୍ଥାନରେ ଏସବୁ ଯୋଜନା କାର୍ଯ୍ୟକାରୀ ହୋଇପାରୁନାହିଁ। ଫଳରେ ଲୋକେ ମୌଳିକ ସୁବିଧାରୁ ବଞ୍ଚିତ ହୋଇରହିଛନ୍ତି। ଏପରି ଏକ ଦୃଶ୍ୟ ନୂଆପଡ଼ା ଜିଲା କୋମନା ବ୍ଲକ୍ ସିଆଲଲଟି ପଞ୍ଚାୟତ ବାଗମୁଣ୍ଡା ଗାଁର ଭୂର୍ଷିପଡ଼ାରେ ଦେଖିବାକୁ ମିଳିଛି।

ଭୂର୍ଷିପଡ଼ାରେ ଆଦିବାସୀ ସମ୍ପ୍ରଦାୟର ୩୦ ପରିବାରରେ ୧୫୦ରୁ ଅଧିକ ଲୋକ ବସବାସ କରିଆସୁଛନ୍ତି। ବିଜୁ ଏକ୍ସପ୍ରେସ୍ ୱେଠାରୁ ଭୂର୍ଷିପଡ଼ାକୁ ପ୍ରାୟ ଦେଢ କି.ମି. ଭଲ ରାସ୍ତା ନ ଥିବାରୁ ଲୋକେ ଜମି ହିଡ଼ରେ ଅସୁବିଧାରେ ଯିବାଆସିବା କରନ୍ତି। ସାଇକେଲ ବା ଅନ୍ୟ ଯାନବାହନ ଯିବା ପାଇଁ ୩କି.ମି. ରାସ୍ତା ବୁଲି ଯିବାକୁ ପଡ଼େ। ଗାଁରେ ପ୍ରାଥମିକ ବିଦ୍ୟାଳୟ ନ ଥିବାରୁ କୋମଳମତି ଶିଶୁମାନେ ୪ କି.ମି. ଝିପାବାହାଲ ଗାଁ ସ୍କୁଲକୁ ପଢିବାକୁ ଯାଉଛନ୍ତି। ଜମି ହିଡ଼ରେ ଯାଇ ବିଜୁ ଏକ୍ସପ୍ରେସ୍ ୱେ ପାରିହେବାକୁ ପଡୁଥିବାରୁ ଛୋଟ ପିଲାମାନଙ୍କ ଜୀବନ ପ୍ରତି ବିପଦ ରହିଛି। ଗାଁରେ ଅଙ୍ଗନୱାଡି କେନ୍ଦ୍ର ନାହିଁ। ଫଳରେ ଶିଶୁମାନେ ପ୍ରାକ୍ ଶିକ୍ଷା ଓ ପୁଷ୍ଟିକର ଖାଦ୍ୟ ପାଇବାରୁ ବଞ୍ଚିତ



ଭୂର୍ଷିପଡ଼ା ଗାଁର ଦୃଶ୍ୟ।

ହେଉଛନ୍ତି। ଗାଁ ଭିତରେ ପାଇପ୍‌ଲାଇନ ଯାଇ ଘରକୁ ଘର ଷ୍ଟାଣ୍ଡପୋଷ୍ଟ ବସାଯାଇଛି। ହେଲେ ଜଳ ଯୋଗାଣ ନ ହେବାରୁ ଗ୍ରାମବାସୀ ଫ୍ଲୋରାଇଡ୍‌ଯୁକ୍ତ ପାଣି ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି । ଗାଁରେ ଅଧିକାଂଶ ବୃଦ୍ଧାବୃଦ୍ଧ, ମହିଳା, ଶିଶୁଙ୍କ ଆଧାର କାର୍ଡ ନାହିଁ। ନୂତନ ଆଧାର କାର୍ଡ ପାଇଁ ଅନେକଥର ଅନ୍‌ଲାଇନ କରିବା ସହ ଆଧାର କେନ୍ଦ୍ର ଓ ବ୍ଲକ୍ କାର୍ଯ୍ୟାଳୟ ଦୌଡୁଥିଲେ ମଧ୍ୟ ସୁଫଳ ପାଇନାହାନ୍ତି। ୬୦ବର୍ଷରୁ ଊର୍ଦ୍ଧ୍ୱ ବୃଦ୍ଧାବୃଦ୍ଧ, ବିଧବା ଓ ଦିବ୍ୟାଙ୍ଗ ମାସିକ ଭତ୍ତା ପାଇବାରୁ ବଞ୍ଚିତ ରହିଛନ୍ତି। ସ୍ନାନଶୌଚ ପାଇଁ ଭଲ ପୋଖରୀଟିଏ ନାହିଁ। ଗାଁଠାରୁ ଅନତି ଦୂରରେ ରୁଗଡ଼ିବନ୍ଧ ଥିଲେ ମଧ୍ୟ ସେଠାକୁ ଯିବା ପାଇଁ ରାସ୍ତା ନାହିଁ । ଏହିସବୁ ସମସ୍ୟା ବିଷୟରେ ଗ୍ରାମବାସୀ ଅନେକଥର ଲିଖିତ ଭାବରେ ସରପଞ୍ଚ, ବିଡିଓ ଓ ଜିଲାପାଳଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବା ପାଇଁ ଗ୍ରାମର ବୈଶାଖୁ ମିର୍ଦ୍ଧା, କୃଷ୍ଣ ବରିହା, ସାନ ବରିହା, କନ୍ଦର୍ପ ବରିହା, ବଡ଼ ବରିହା, ରାମ ବରିହା, ବୈଶାଖୁ ବରିହା, ବୀରସିଂ ବରିହା, ଲବ ବରିହା ପ୍ରମୁଖ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ଜିଲାପାଳ ମଧୁସୂଦନ ଦାଶଙ୍କୁ ପଚାରିବାରୁ କୋମନା ବିଡିଓ ଯାଇ ଏହାର ତଦନ୍ତ କରିବେ। ଯେଉଁସବୁ ସମସ୍ୟା ରହିଛି ବହୁଶୀଘ୍ର ସମାଧାନ କରାଯିବ ବୋଲି କହିଥିଲେ।






ଗୁରୁବାର ବରଗଡ଼ ଧନୁଯାତ୍ରାର ନବମ ଦିବସରେ ବେନିଭାଇଙ୍କୁ ମଥୁରା ନେବାକୁ ମା' ଯଶୋଦା ବାରଣ କରୁଛନ୍ତି (ବାମ)। ମଥୁରା ଗମନ ସମୟରେ ଶ୍ରୀରାଧା ଶ୍ରୀକୃଷ୍ଣଙ୍କ ପଥରୋଧ କରୁଛନ୍ତି। ଶ୍ରୀକୃଷ୍ଣ, ବଳରାମଙ୍କୁ ଧରି ମହାମନ୍ତ୍ରୀ ଅକ୍ରୁରଙ୍କ ମଥୁରାନଗରୀ ଗମନ।



ଗୋପପୁରରେ ସମ୍ପ୍ରଦା ପରିବେଷଣ।



ବେନିଭାଇଙ୍କ ମେଲାଣି ଦୃଶ୍ୟାଭିନୟ ଦେଖିବାକୁ ଗୋପପୁରରେ ଦର୍ଶକଙ୍କ ଭିଡ଼।



ଆରାଧନାରତ ମୁନିଋଷିଙ୍କ ଉପରେ କଂସ ମହାରାଜା ଚାବୁକ ପ୍ରହାର କରୁଛନ୍ତି।

# କଂସ ଅତ୍ୟାଚାରରେ ମୁନିଋଷି ଆତଙ୍କିତ

**ମଥୁରାନଗରୀ/ଗୋପପୁର, ୧।୧ (ପ୍ରେମାନନ୍ଦ ଖମାରୀ)**

**ମଥୁରାରେ ପ୍ରବେଶ କଲେ କୃଷ୍ଣ ବଳରାମ**

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବରେ ଗୁରୁବାର ଥିଲା ନବମ ଦିବସ। ଗୋପପୁରରେ ବେନିଭାଇ ଶ୍ରୀକୃଷ୍ଣ, ବଳରାମଙ୍କୁ ମେଲାଣି ଦୃଶ୍ୟ ଗୋପବାସୀଙ୍କୁ ଯେଭଳି ଭାବବିହ୍ୱଳ କରି ପକାଇଥିଲା, ମଥୁରାନଗରୀରେ କଂସଙ୍କ ଅତ୍ୟାଚାର ସମଗ୍ର ମଥୁରାବାସୀଙ୍କୁ ଭୟଭୀତ କରି ପକାଇଥିଲା। ଉଭୟ ଗୋପପୁର ଏବଂ ମଥୁରାନଗରୀର ଦୃଶ୍ୟାଭିନୟ ଗୁଡ଼ିକ ଅତି ଚମତ୍କାର ହୋଇଥିବାବେଳେ ଅନ୍ୟଦିନ ଅପେକ୍ଷା ଦର୍ଶକଙ୍କ ଆଶାତୀତ ଭିଡ଼ ଜମିଥିଲା।

ଶ୍ରୀକୃଷ୍ଣ, ବଳରାମଙ୍କୁ ଧରି ମହାମନ୍ତ୍ରୀ ଅକ୍ରୁର ନନ୍ଦ ଭବନରୁ ବାହାରିଥିଲେ। ବେନିଭାଇ ଗୋପ ପରିକ୍ରମା କରି ଗୋପ ମଣ୍ଡପରେ ପହଞ୍ଚିଥିଲେ। ସେଠାରେ ଗୋପବାସୀ ବେନିଭାଇଙ୍କ ସମେତ ଅକ୍ରୁରଙ୍କୁ ପୂଜାର୍ଚ୍ଚନା କରିଥିଲେ। ଅକ୍ରୁର ବେନିଭାଇଙ୍କୁ ଧରି ମଥୁରା ଅଭିମୁଖେ ବାହାରୁଥିବାବେଳେ ନନ୍ଦରାଜା, ନନ୍ଦରାଣୀ ବାଟ ଓଗାଳିଥିଲେ। ଶ୍ରୀକୃଷ୍ଣଙ୍କୁ ମେଲାଣି ଦେବା ସମୟରେ ନନ୍ଦରାଣୀ, ନନ୍ଦରାଜାଙ୍କ ସମେତ ସମସ୍ତ ଗୋପବାସୀ ଭାବବିହ୍ୱଳ ହୋଇ ପଡ଼ିଥିଲେ। ଶ୍ରୀକୃଷ୍ଣଙ୍କ ବିରହରେ ରାଧା ପଥରୋଧ କରିବାକୁ ଚେଷ୍ଟା କରିଥିଲେ। ମାତ୍ର ସେଥିରେ ବିଫଳ ହୋଇଥିଲେ। ସେହିପରି ଗୋପୀ, ଗୋପାଙ୍ଗନା ଏବଂ ଗୋପାଳ ବାଳକମାନେ ମଧ୍ୟ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିଲେ। ଅନ୍ୟପଟେ ଶ୍ରୀକୃଷ୍ଣ, ବଳରାମଙ୍କୁ ଧରି ମହାମନ୍ତ୍ରୀ ଅକ୍ରୁର ମଥୁରାରେ ପ୍ରବେଶ କରିଥିଲେ।

ଅନ୍ୟପକ୍ଷେ ଶୂନ୍ୟବାଣୀ ଶୁଣିବା ପରଠାରୁ ମଥୁରାନଗରୀରେ କଂସ ମହାରାଜଙ୍କ ଅତ୍ୟାଚାର ଆହୁରି ବଢ଼ି ଚାଲିଛି। ଅନ୍ୟଦିନ ଭଳି ମଥୁରାଧିପତି ରାଜମହଲରୁ ମଥୁରାନଗରୀ ଭ୍ରମଣରେ ବାହାରିଥିଲେ। ନିଜ ପାତ୍ରମନ୍ତ୍ରୀଙ୍କ ସହିତ ସେ ଆମ୍ରବନ (ଗୋବିନ୍ଦପାଲି ହନୁମାନ ମନ୍ଦିର) ପ୍ରାଙ୍ଗଣରେ ପହଞ୍ଚିଥିଲେ। ସେଠାରେ ତପସ୍ୟାରତ ମୁନିଋଷିଙ୍କ ଉପରେ କଂସ ମହାରାଜ ଅତ୍ୟାଚାର କରିଥିଲେ। ଯଜ୍ଞ ମଣ୍ଡପକୁ ଭାଙ୍ଗି ଦେଇଥିବାବେଳେ ମୁନିଋଷିଙ୍କୁ ଚାବୁକରେ ପ୍ରହାର କରିଥିଲେ। ସେହିପରି କଂସଙ୍କ ଆଦେଶକ୍ରମେ ପାତ୍ରମନ୍ତ୍ରୀ, ସୈନ୍ୟ ସାମନ୍ତ ମୁନିଋଷିଙ୍କୁ ସେଠାରୁ ଧରି ଆଣି କାରାଗାରରେ ବନ୍ଦୀ ରଖିଥିଲେ। ଏହାପରେ ରଙ୍ଗମହଲକୁ ଆସି କଂସ ମହାରାଜ ସାଂସ୍କୃତିକ ଦଳର ନାଚଗୀତରେ ମସଗୁଲ ହୋଇଥିଲେ। ଏହାପରେ ସେଠାରୁ ସେ ଲୋକ ମଣ୍ଡପ ପଡ଼ିଆସ୍ଥିତ ରାଜଦରବାରକୁ ଯାଇଥିଲେ ଏବଂ ରାଜ ଅତିଥିମାନଙ୍କୁ ସମ୍ମାନିତ କରିଥିଲେ।

# ଗନ୍ଧମାର୍ଦ୍ଦନ ସୁରକ୍ଷା ପାଇଁ ସଂକଳ୍ପ

**ପାଇକମାଳ, ୧।୧ (ବଢ଼ ଶତପଥୀ)**

**ଗନ୍ଧମାର୍ଦ୍ଦନ ସୁରକ୍ଷା ଆନ୍ଦୋଳନର ୪୧ତମ ବାର୍ଷିକ ସମାବେଶ**

ଐତିହାସିକ ଗନ୍ଧମାର୍ଦ୍ଦନ ସୁରକ୍ଷା ଆନ୍ଦୋଳନର ୪୧ତମ ବାର୍ଷିକ ସମାବେଶ ନୃସିଂହନାଥଠାରେ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଥମେ ନୃସିଂହନାଥ ମନ୍ଦିରଠାରୁ ଏକ ମଶାଲ ଶୋଭାଯାତ୍ରା କରାଯାଇଥିଲା। ଏଥିରେ ପାଇକମାଳ, ଝାରବନ୍ଧ, ପଦ୍ମପୁର, ଖପ୍ରାଖୋଲ, ଗାଇସିଲେଟ ଓ ଛତିଶଗଡ଼ର ଗନ୍ଧମାର୍ଦ୍ଦନ ଆନ୍ଦୋଳନ କର୍ମୀମାନେ ଭାଗ ନେଇଥିଲେ। ଶ୍ରୀ ଶ୍ରୀ ନୃସିଂହନାଥ ପୀଠରେ ଥିବା ଗାନ୍ଧୀ ପ୍ରତିମୂର୍ତ୍ତିରେ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଥିଲେ, ଗନ୍ଧମାର୍ଦ୍ଦନ ସୁରକ୍ଷା ପାଇଁ ଅତୀତରେ ସେ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଆଜିର ଦିନରେ ଯେ କୌଣସି କମ୍ପାନୀ ଏହି ପର୍ବତରେ ଖଣିଖନନ କରିବାକୁ ଆସିଲେ ତୀବ୍ର ବିରୋଧ କରାଯିବ। ମୋର ଶେଷ ରକ୍ତ ବିନ୍ଦୁ ଥିବା ଯାଏ ଗନ୍ଧମାର୍ଦ୍ଦନରେ ଖଣି ଖନନ କରିବାକୁ ଦିଆଯିବ ନାହିଁ ବୋଲି ଏମ୍‌ପି ପୁରୋହିତ ଦୃଢୋକ୍ତି ପ୍ରକାଶ କରିଥିଲେ। ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ବରିଷ୍ଠ ନାରୀନେତ୍ରୀ ଜମ୍ୱୋବତୀ ବିଜରା ଓ ପ୍ରତିମା ବଗାର ନେତୃତ୍ୱରେ ଅନୁଷ୍ଠିତ ସମାବେଶକୁ ଆବାହକ ଦୁର୍ଯ୍ୟୋଧନ ପୁଟା ପରିଚାଳନା କରିଥିଲେ। ସଭାରେ ଗନ୍ଧମାର୍ଦ୍ଦନ ପାହାଡ଼ର ସୁରକ୍ଷା ପାଇଁ ହଜାର ହଜାର ଜନତା ସଂକଳ୍ପ ନେଇଥିଲେ। ଏହି ଅବସରରେ ଦିବଂଗତ ଆନ୍ଦୋଳନ କର୍ମୀମାନଙ୍କ ପରିବାରକୁ ଗନ୍ଧମାର୍ଦ୍ଦନ ଗୌରବ ସମ୍ମାନରେ ସମ୍ମାନୀତ କରାଯାଇଥିଲା। ଉକ୍ତ ସମାବେଶରେ ବରିଷ୍ଠ ସଂଗ୍ରାମୀ ଗଙ୍ଗାଧର ସାହୁ, ଭାଗବତ ବେହେରା, ପୂର୍ବତନ ଆବାହକ ରାହାସ ସାହୁ, ଧିରେନ ମହାନ୍ତି, ରଘୁବୀର ସିଂ ବରିହା, ଦିଲୀପ ବେହେରା, ସୁରେଶ ଚନ୍ଦ୍ର ପ୍ରଧାନ, ଝସକେତନ ସାହୁ, ଶୁକ୍ରୁ ସାହୁ, ହଜାରୁ ମଲ୍ଲିକ, ଜ୍ୟୋତି ସାହୁ, ରକ୍ମଣ ସେଠ, ବିନୋଦ ସେଟ, ଦୟାନନ୍ଦ ମାଝୀ, ଶ୍ୟାମ ଧରୁଆ, ଗଜରାଜ ଡନସନା, ନରହରି ପାଣ୍ଡେ, ବିରାଲାଲ ଧରୁଆ, ଗୌରହରି ସାହୁ, ପୁରନ୍ଦର ବାଗ, ଦୁଲାମଣି ବଛା, ବିପିନ ପ୍ରଧାନ, ଯଶୋଦା ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପୂର୍ବତନ ଆବାହକ ଭୀଷ୍ମଦେବ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।



ମଶାଲ ଶୋଭାଯାତ୍ରାରେ ଯୋଗ ଦେଇଥିବା କର୍ମୀଗଣ।

# ରାଜ୍ୟସ୍ତରୀୟ ଧନୁଯାତ୍ରା କୁଇଜ୍ ପ୍ରତିଯୋଗିତା

**ମଥୁରାନଗରୀ, ୧।୧ (ପ୍ରେମାନନ୍ଦ ଖମାରୀ)**




କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ବରଗଡ଼ର ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ଐତିହ୍ୟ ଓ ପରମ୍ପରାକୁ ବର୍ତ୍ତମାନର ଛାତ୍ରୀଛାତ୍ରମାନଙ୍କୁ ଅବଗତ କରାଇବା ପାଇଁ ସ୍ଥାନୀୟ ଲେଙ୍ଗୁମିଶ୍ର ଷ୍ଟାଡିୟମରେ ଆୟୋଜିତ ହସ୍ତତନ୍ତ ମେଳା ପରିସରରେ ରାଜ୍ୟସ୍ତରୀୟ ପଞ୍ଚମ ଧନୁଯାତ୍ର କୁଇଜ୍ ପ୍ରତିଯୋଗିତା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମହତାବ ଶିଶୁ ସାହିତ୍ୟ ସଂସଦ ଓ ଶିଶୁ ସାହିତ୍ୟ ପତ୍ରିକା 'କଳାମାଣିକ' ଆନୁକୂଲ୍ୟରେ ଆୟୋଜିତ ତଥା ସାହିତ୍ୟିକ ମନୋରଞ୍ଜନ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉକ୍ତ ପ୍ରତିଯୋଗିତାର ପ୍ରଶଂସା କରିବା ସହିତ ବରଗଡ଼ର ବିଶ୍ୱପ୍ରସିଦ୍ଧ ଧନୁଯାତ୍ରାର ଇତିହାସ ବିଷୟରେ ଅବଗତ ହେବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସଲା ଯୋଗଦେଇ ଛାତ୍ରୀଛାତ୍ରମାନେ ଆମର ସମୃଦ୍ଧ ଐତିହ୍ୟ ଓ ସଂସ୍କୃତି ବିଷୟ ପ୍ରତି ଆନ୍ତରିକତା ପ୍ରଦର୍ଶନ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରିତମ ସିଂ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଦିବ୍ୟକାନ୍ତି ଭୋଇ, ମୀନା ପଣ୍ଡା, ଶିକ୍ଷକ ଦୁଃଖିସେବକ ସାହୁ, ସାହିତ୍ୟିକା ସୁପ୍ରଭା ସାମଲ, ସାମାଜିକ କର୍ମୀ ସଂଘମିତ୍ରା ପଟେଲ ଓ ଶିକ୍ଷୟିତ୍ରୀ ମଞ୍ଜୁଲତା ସାହୁ ପ୍ରମୁଖ ସହଯୋଗ କରିଥିଲେ। ଉକ୍ତ ପ୍ରତିଯୋଗିତାର ସିନିଅର ବିଭାଗରେ ଯୁବୋଦୟ କଲେଜ ବଲାଙ୍ଗୀରର ଛାତ୍ରୀ ଆଦ୍ୟାଶା ପ୍ରଧାନ ପ୍ରଥମ, ରେଭେନ୍ସା ମହାବିଦ୍ୟାଳୟର ଛାତ୍ର ଆୟାଶ ପଣ୍ଡା ଦ୍ୱିତୀୟ ଓ ଓଡ଼ିଶା ଆଦର୍ଶ ବିଦ୍ୟାଳୟ କନଗାଁର ଛାତ୍ରୀ ଶ୍ରୀୟା ବାରିକ ତୃତୀୟ ଏବଂ ଜୁନିଅର ବିଭାଗରେ ଗୋବିନ୍ଦପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅଂଶୁମାନ ଦାସ ପ୍ରଥମ, ସିମେଣ୍ଟ ନଗର ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଅସ୍ମିତା ପଟ୍ଟନାୟକ ଦ୍ୱିତୀୟ ଓ ଶ୍ରୀଅରବିନ୍ଦ ସ୍କୁଲର ଛାତ୍ର ସ୍ମୃତି ରଞ୍ଜନ ସାହୁ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ସମ୍ପାଦକ ଡ. ରବିନାରାୟଣ ସାହୁ କାର୍ଯ୍ୟକ୍ରମ ପରିଚାଳନା ଓ ଆବାହକ ରାଜେନ୍ଦ୍ର ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଆର୍‌ଡିସିଙ୍କ ଘୋଷଣା ୫ରେ ବରଗଡ଼ ଉପଖଣ୍ଡରେ ପୁଷପୁନି ଛୁଟି

**ମଥୁରାନଗରୀ, ୧।୧ (ପ୍ରେମାନନ୍ଦ ଖମାରୀ)**

ବରଗଡ଼ରେ ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ଚାଲିଛି। ଏହି ମହୋତ୍ସବ ଆସନ୍ତା ୩ତାରିଖ ଶନିବାର କଂସବଧ ସହିତ ଶେଷ ହେବ। ତିଥି ଅନୁଯାୟୀ, ଶନିବାର ପୌଷ ପୂର୍ଣ୍ଣିମା(ପୁଷପୁନି) ରହିଛି। ଏହି ତିଥିରେ ଧନୁଯାତ୍ରା ମହୋତ୍ସବ ଉଦ୍‌ଯାପନ ହେଉଥିବାରୁ ଉକ୍ତ ଦିନ ଏ ଅଞ୍ଚଳର ଲୋକେ ମୁଖ୍ୟ ଗଣପର୍ବ ମଧ୍ୟରୁ ଅନ୍ୟତମ ପୁଷପୁନି ପାଳନ କରିପାରି ନ ଥାନ୍ତି। ଏହି ଦୃଷ୍ଟିରୁ ଉକ୍ତ ଜିଲାର କେବଳ ବରଗଡ ଉପଖଣ୍ଡ ପାଇଁ ଆସନ୍ତା ୫ତାରିଖ ସୋମବାରକୁ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ପୁଷପୁନି ଛୁଟି ଭାବେ ଘୋଷଣା କରିଛନ୍ତି।

# ୫ରୁ ଉଠାଇବେନି ଧାନ, ଅଡୁଆରେ ଚାଷୀ

**ସରକାରଙ୍କୁ ମିଲର୍ସଙ୍କ ଚେତାବନୀ**

**ମଥୁରାନଗରୀ, ୧।୧ (ପ୍ରେମାନନ୍ଦ ଖମାରୀ)**



ବିକ୍ରି ଅପେକ୍ଷାରେ ମଣ୍ଡିରେ ପଡ଼ିଥିବା ଧାନ।

ଆଉ ୨ଦିନ ପରେ ବରଗଡ଼ ଜିଲାରେ ଖରିଫ୍ ଧାନ ସଂଗ୍ରହ ପ୍ରକ୍ରିୟାକୁ ଦେଢ଼ମାସ ପୂରିବ। ଅଥଚ ଏପର୍ଯ୍ୟନ୍ତ ଜିଲାରେ ଧାନ କିଣାବିକା ସମସ୍ୟାର ସମାଧାନ ହୋଇପାରିନାହିଁ। ଟୋକନ ସମସ୍ୟାକୁ ନେଇ ଚାଷୀମାନେ ମଣ୍ଡିକୁ ଧାନ ଆଣି ପାରୁ ନ ଥିବାବେଳେ ମଣ୍ଡିକୁ ଆସିଥିବା ଧାନ ମଧ୍ୟ ଠିକ୍ ଭାବେ ଉଠାଣ କରାଯାଉନାହିଁ। ସେହିପରି କଟନୀଛଟନୀ ଜୋର୍ ଧରିଥିବା ଅଭିଯୋଗ ହୋଇଛି। ଏହି ଦୃଷ୍ଟିରୁ ଅନ୍ୟବର୍ଷ ତୁଳନାରେ ଏଥର ଧାନ ସଂଗ୍ରହ ପ୍ରକ୍ରିୟା କେବଳ ବିଳମ୍ବିତ ହୋଇଛି ତାହା ନୁହେଁ, ଧାନବିକ୍ରି ଏବଂ ଉଠାଣରେ ମନ୍ଥରତା ଦେଖାଯାଇଛି। ଏଥିପାଇଁ ଜିଲାର ଚାଷୀମାନଙ୍କୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଚାଷୀମାନେ ଏଭଳି ସ୍ଥିତିରେ ଥିବାବେଳେ ଗୁରୁବାର ଅଲ୍ ଓଡ଼ିଶା ମିଲର୍ସ ଆସୋସିଏଶନ ଆସନ୍ତା ଜାନୁଆରୀ ୩ତାରିଖ ସୁଦ୍ଧା ସେମାନଙ୍କ ଦାବି ପୂରଣ ନ ହେଲେ ୫ତାରିଖରୁ ରାଜ୍ୟରେ ମଣ୍ଡିଗୁଡ଼ିକରୁ ଧାନ ଉଠାଣ ବନ୍ଦ କରି ଦେବାକୁ ଚେତାବନୀ ଦେଇଛି। ମିଲର୍ସ ଆସୋସିଏଶନ ପକ୍ଷରୁ ଏ ନେଇ ଜିଲାପାଳଙ୍କଠାରୁ ଆରମ୍ଭ କରି ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ମନ୍ତ୍ରୀଙ୍କୁ ଅବଗତ କରାଯାଇଥିବା ସୂଚନା ମିଳିଛି। ଯଦି ମିଲର୍ସମାନେ ଯଦି ଆସନ୍ତା ୫ତାରିଖରୁ ଧାନ ଉଠାଣ ପ୍ରକ୍ରିୟା ବନ୍ଦ ହେବ, ତେବେ ଚାଷୀମାନଙ୍କ ସମସ୍ୟା ବହୁଗୁଣିତ ହେବ ବୋଲି ଏବେଠାରୁ ଆଶଙ୍କା ପ୍ରକାଶ ପାଇଛି। ଅନେକ ଚାଷୀଙ୍କ ଟୋକନ ଅବଧି ସରିଯିବା ସମ୍ଭାବନା ଥିବାବେଳେ ପରବର୍ତ୍ତୀ ଫସଲର ଚାଷକାର୍ଯ୍ୟ ପ୍ରସ୍ତୁତି ପାଇଁ ଚାଷୀମାନେ ସମସ୍ୟାର ସମ୍ମୁଖୀନ ହେବା ସମ୍ଭାବନା ରହିଛି । ଏହାକୁ ନେଇ ଏବେ ଚାଷୀମାନେ ଅଡୁଆରେ ପଡ଼ିଛନ୍ତି।

ସୂଚନା ଅନୁଯାୟୀ, ଖରିଫ୍ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବାର ଯଥେଷ୍ଟ ପୂର୍ବରୁ ବରଗଡ଼ରେ ଅଲ୍ ଓଡ଼ିଶା ମିଲର୍ସ ଆସୋସିଏଶନ ବୈଠକ ବସିଥିଲା। ରାଜ୍ୟ ସରକାର ସେମାନଙ୍କ ଦୀର୍ଘଦିନର ଦାବି ପୂରଣ ନ କଲେ ଧାନ ସଂଗ୍ରହ ପ୍ରକ୍ରିୟାରେ ସହଯୋଗ କରିବେ ନାହିଁ ବୋଲି ବୈଠକରେ ମିଲର୍ସ ଆସୋସିଏଶନର ପ୍ରତିନିଧିମାନେ ନିଷ୍ପତ୍ତି ନେଇଥିଲେ। ଏହି କ୍ରମରେ ଗତ ନଭେମ୍ବର ୧୮ତାରିଖରୁ ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟାକୁ ଆରମ୍ଭ କରାଯାଇଥିଲେ ସୁଦ୍ଧା ପ୍ରାରମ୍ଭିକ ପର୍ଯ୍ୟାୟରେ ମିଲର୍ସଙ୍କ ସହଯୋଗ ମନୋବୃତ୍ତି ଦେଖାଯାଇ ନଥିଲା। ଫଳରେ ଅନେକ ମଣ୍ଡିକୁ ବିକ୍ରି ପାଇଁ ଆସୁଥିବା ଧାନ ତୁଳନାରେ ଉଠାଣ କରାଯାଉ ନଥିଲା। ପରେ ମିଲର୍ସ ଆସୋସିଏଶନଙ୍କୁ ଡାକି ସରକାରୀସ୍ତରରେ ବୈଠକ ବସିଥିଲା ଏବଂ ମିଲର୍ସଙ୍କ କିଛି ଦାବିକୁ ସରକାର ମାନି ନେବା ପରେ ଧାନ ଉଠାଣ ପ୍ରକ୍ରିୟା ଆପାତତଃ ସ୍ୱାଭାବିକ ହୋଇଥିଲେ ସୁଦ୍ଧା ତତ୍ପରତା ପରିଲକ୍ଷିତ ହୋଇ ନ ଥିଲା। ଏହାକୁ ନେଇ ଚାଷୀ ଅସନ୍ତୋଷ ତେଜି ଉଠିଥିଲା ଏବଂ ଚାଷୀମାନେ ରାଜରାସ୍ତାରେ ବସିଥିଲେ।

ଏହାସତ୍ତ୍ୱେ ଧାନ ଉଠାଣରେ ଆଶାନୁରୂପ ସୁଧାର ଆସି ନ ଥିବାବେଳେ ଚାଷୀଙ୍କ ମଧ୍ୟରେ ଚାପା ଅସନ୍ତୋଷ ଲାଗି ରହିଛି। ଏଭଳି ସ୍ଥଳେ ଧାନ ଉଠାଣ ନ କରିବା ନେଇ ନବବର୍ଷରେ ମିଲର୍ସଙ୍କ ଚେତାବନୀ ଆଗକୁ ଧାନ ଉଠାଣରେ ବଡ଼ ସମସ୍ୟା ସୃଷ୍ଟି କରିବ ବୋଲି ଏବେଠାରୁ ଅନୁମାନ କରାଯାଉଛି। କଷ୍ଟମ ମିଲିଂ ଚାର୍ଜ ବୃଦ୍ଧି, ଧାନ ସଂରକ୍ଷଣ ଓ ରକ୍ଷଣାବେକ୍ଷଣ ଓ ଧାନ ପରିବହନ ଖର୍ଚ୍ଚ ପ୍ରଦାନ ନେଇ ମିଲର୍ସ ଆସୋସିଏଶନ ପକ୍ଷରୁ ଦୀର୍ଘଦିନରୁ ଦାବି ହୋଇଆସୁଛି। ମାତ୍ର ରାଜ୍ୟ ସରକାର ଦାବି ସମୂହକୁ ଅଣଦେଖା କରି ଚାଲିଥିବା ଅଭିଯୋଗ ହୋଇଛି। ସରକାର ଆଲୋଚନା ସମୟରେ କେବଳ ଆଶ୍ୱାସନା ଏବଂ ପ୍ରତିଶ୍ରୁତି ଦେଉଛନ୍ତି। ମାତ୍ର ଏପର୍ଯ୍ୟନ୍ତ ତାହା ପାଣିର ଗାର ପାଲଟିଛି ବୋଲି ମିଲର୍ସ ଆସୋସିଏଶନ ଅଭିଯୋଗ କରିଛି। ଏହି ଦାବି ସମୂହ ପୂରଣ ନ ହେଲେ ମଣ୍ଡିରୁ ଧାନ ଉଠାଇବାକୁ ରୋକଠୋକ୍ ମନା କରି ଦେଇଛି। ଅନ୍ୟପଟେ ଯୋଗାଣ ନିଗମ ଧାନ ସଂଗ୍ରହ କରି ନିଜ ଦାୟିତ୍ୱରେ ସଂରକ୍ଷିତ ରଖୁ ଏବଂ ମିଲର୍ସମାନେ ସେମାନଙ୍କ ଆବଶ୍ୟକତା ଅନୁଯାୟୀ (କଷ୍ଟମ ମିଲିଂ ରାଇସ୍ ଡେଲିଭରି ଭିତ୍ତି)ରେ ମିଲିଂ ପାଇଁ ଧାନ ସେଠାରୁ ଆଣିବେ ବୋଲି ଆସୋସିଏଶନ ଯୋଗାଣ ମନ୍ତ୍ରୀଙ୍କୁ ଦେଇଥିବା ଦାବିପତ୍ରରେ ଉଲ୍ଲେଖ ରହିଛି।

# କ୍ଷୁଦ୍ର ଉନ୍ନତିମୂଳକ ପଦକ୍ଷେପ ବ୍ୟାପକ ପରିବର୍ତ୍ତନ ଆଣିପାରେ: ଆଲୋକ ବର୍ମା

ରାଉରକେଲା,୧।୧(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ୨୦୨୬ ନୂତନ ବର୍ଷ ପାଳନ ଅବସରରେ କର୍ମଚାରୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ପ୍ରତ୍ୟେକ କ୍ଷୁଦ୍ର ଉନ୍ନତିମୂଳକ ପଦକ୍ଷେପ ସଙ୍ଗଠନର ସାମଗ୍ରିକ କାର୍ଯ୍ୟଦକ୍ଷତାରେ ବ୍ୟାପକ ସକାରାତ୍ମକ ପରିବର୍ତ୍ତନ ଆଣିପାରେ ବୋଲି ଉଲ୍ଲେଖ କରିଛନ୍ତି। ଏହି ଅବସରରେ ବର୍ମା, ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ଖଣି ଉନ୍ନୟନ ସିଏମ୍‌ଏଲ୍‌ଓ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବି. କେ. ଗିରି, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର, ଖଣି, ଓଜିଓଏମ୍ ସିଏମ୍‌ଏଲ୍‌ଓ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ୍. ପି. ସିଂହ, ବିତ୍ତ ଏବଂ ଲେଖା ବିଭାଗର ସିଜିଏମ ରାଜେଶ ଦାସଗୁପ୍ତା ଏବଂ ଅନ୍ୟ ବହୁ ବରିଷ୍ଠ ଅଧିକାରୀ ବିଭିନ୍ନ ବିଭାଗ ପରିଦର୍ଶନ କରିବା ସହ ଆର୍‌ଏସ୍‌ପି କାର୍ମିକମାନଙ୍କୁ ନୂତନ ବର୍ଷର ଶୁଭେଚ୍ଛା ଜଣାଇଥିଲେ।



ଆର୍‌ଏସ୍‌ପି କର୍ମଚାରୀଙ୍କ ସହ ଭାରପ୍ରାପ୍ତ ନିର୍ଦ୍ଦେଶକ।

ଏହି ପରିଦର୍ଶନ ପ୍ରଶାସନିକ ବ୍ଲକରୁ ଆରମ୍ଭ ହୋଇଥିଲା। ଏହାପରେ ଜ୍ଞାନାର୍ଜନ ଓ ବିକାଶ ବିଭାଗ, ଏନ୍‌ଏସ୍‌ପିସିଏଲ୍, ଆର୍‌ଏମ୍‌ଏଚ୍‌ପି, ବ୍ଲାଷ୍ଟ ଫର୍ନେସ୍-୫, ଷ୍ଟିଲ୍ ମେଲ୍ଟିଂ ଶପ୍-୨, କୋକ୍ ଓଭେନ୍ସ, ଇଡି(କାର୍ଯ୍ୟ) କାର୍ଯ୍ୟାଳୟ, ହଟ୍ ଷ୍ଟ୍ରିପ୍ ମିଲ୍-୨, ନୂତନ ପ୍ଲେଟ୍ ମିଲ୍, ଇଡି (ପ୍ରୋଜେକ୍ଟ) କାର୍ଯ୍ୟାଳୟ, ଟାଉନ୍ ଇଞ୍ଜିନିୟରିଂ କାର୍ଯ୍ୟାଳୟ ଏବଂ ଆଇଜିଏଚ୍ ନୂତନ ସମ୍ମିଳନୀ ହଲରେ ବର୍ମା ବରିଷ୍ଠ ଅଧିକାରୀମାନଙ୍କ ସହିତ କର୍ମଚାରୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ ଏବଂ ସେମାନଙ୍କ ସହିତ ଆଲୋଚନା କରିଥିଲେ। ଏହି ଅବସରରେ ଆର ଏଣ୍ଡ ଡି ବିଭାଗରେ କେକ୍ କଟାଯାଇଥିଲା। ଆଲୋଚନା ସମୟରେ ଭାରପ୍ରାପ୍ତ ନିର୍ଦ୍ଦେଶକ ବିଭିନ୍ନ ସଫଳତା ପାଇଁ ଆର୍‌ଏସ୍‌ପି ସାମୂହିକମାନଙ୍କୁ ଅଭିନନ୍ଦନ ଜଣାଇଥିଲେ ଏବଂ ଏକ ସମନ୍ୱିତ ଇସ୍ପାତ କାରଖାନାର ଉତ୍ପାଦନ ଶୃଙ୍ଖଳରେ ପ୍ରତ୍ୟେକ ବିଭାଗର ଗୁରୁତ୍ୱ ଏବଂ ପ୍ରତ୍ୟେକ ୟୁନିଟ୍ କିପରି କାରଖାନାର ସଫଳତାରେ ନିଜ ନିଜ ଉପାୟରେ ଯୋଗଦାନ ଦେଇପାରିବେ ତାହା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ଆହୁରି କହିଥିଲେ, ବିଭାଗ ଗୁଡିକରେ ଆମର କର୍ମଚାରୀମାନଙ୍କ ଦ୍ୱାରା ପ୍ରଦର୍ଶିତ ସମର୍ପଣ, ଦଳଗତ କାର୍ଯ୍ୟ ଏବଂ ସ୍ଥିରତା ପ୍ରକୃତରେ ପ୍ରଶଂସନୀୟ। ଉତ୍ପାଦକତାରେ ବୃଦ୍ଧି ଏବଂ ବୈଷୟିକ ଅର୍ଥନୀତିକୁ ଆହୁରି ଉନ୍ନତ କରିବା ପାଇଁ ନିର୍ଦ୍ଦିଷ୍ଟ କ୍ଷେତ୍ର ଉପରେ ଧ୍ୟାନ ଦେବାକୁ ସେ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ସାମୂହିକ ପ୍ରତିବଦ୍ଧତା ଏବଂ କେନ୍ଦ୍ରିତ କାର୍ଯ୍ୟାନ୍ୱୟନ ସହିତ ୨୦୨୯ ସୁଦ୍ଧା ଆର୍‌ଏସ୍‌ପିକୁ ସର୍ବନିମ୍ନ ମୂଲ୍ୟର ଇସ୍ପାତ ଉତ୍ପାଦନ କରିବା ପାଇଁ ଆମ ଲକ୍ଷ୍ୟ ଦିଗରେ ସ୍ଥିର ଭାବେ ଆଗକୁ ବଢ଼ିପାରିବା ବୋଲି ସେ କହିଥିଲେ। କର୍ମଚାରୀଙ୍କଠାରେ ସ୍ୱତନ୍ତ୍ର ଦକ୍ଷତା ବିକଶିତ କରି ସେଗୁଡିକୁ ପ୍ରତିପାଦନ କରିବା ଉପରେ ବର୍ମା ଗୁରୁତ୍ୱାରୋପ କରିଥିଲେ। ୨୦୨୬ ବର୍ଷ ବିଗତ ବର୍ଷ ଅପେକ୍ଷା ଆର୍‌ଏସ୍‌ପି ପାଇଁ ଆହୁରି ଶୁଭଙ୍କର ହେବା ସହିତ ଉତ୍ପାଦନରେ ଏହା ଉତ୍କର୍ଷତାର ନୂତନ ଶିଖର ଛୁଇଁବ। କର୍ମଚାରୀମାନେ ସଙ୍ଗଠନକୁ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ହାସଲ କରିବା ପାଇଁ ଆବଶ୍ୟକ ସମସ୍ତ ପ୍ରୟାସ କରିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ପ୍ରକାଶ କରିଥିଲେ।

# ନନ୍ଦକିଶୋର ବଳଙ୍କ ଜୟନ୍ତୀରେ ଆଲୋଚନାଚକ୍ର


ସାହିତ୍ୟ ସଭାରେ ମଞ୍ଚାସୀନ ଅତିଥି।

ରାଉରକେଲା,୧।୧(ବିପ୍ଳବ ରଞ୍ଜନ ଦାଶ)

ଓଡ଼ିଆ ଭାଷା ବିକାଶ ମଞ୍ଚ ପକ୍ଷରୁ ରାଉରକେଲା କଲଚରାଲ ଏକାଡେମୀ ସଭାକକ୍ଷରେ ସଭାପତି ପ୍ରଶାନ୍ତ କୁମାର ପତିଙ୍କ ଅଧ୍ୟକ୍ଷତାରେ ପଲ୍ଲୀ କବି ନନ୍ଦକିଶୋର ବଳଙ୍କ ଜୟନ୍ତୀ ପାଳନ ଅବସରରେ ଏକ ଆଲୋଚନାଚକ୍ର ଗୁରୁବାର ଆୟୋଜିତ ହୋଇଯାଇଛି। ସାଧାରଣ ସମ୍ପାଦକ ଆର୍ତ୍ତତ୍ରାଣ ମହାପାତ୍ରଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଯୁବକବି ଧନଞ୍ଜୟ ମଲ୍ଲିକ ପଲ୍ଲୀ କବିଙ୍କ ଜୀବନୀ ଓ କାବ୍ୟ ଜୀବନ ଉପରେ ଏକ ପ୍ରବନ୍ଧ ପାଠ କରିଥିଲେ। ଅଧ୍ୟାପକ ଡ. ନଗେନ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ସାମ୍ପ୍ରତିକ ଓଡ଼ିଆ କବିତାର ସ୍ୱର ସମ୍ପର୍କରେ ଆଲୋଚନା ରଖି ମାନବବାଦୀ ଚେତନାମୂଳକ ସାହିତ୍ୟ ସୃଷ୍ଟି ହିଁ ଏକ ଶୋଷଣମୁକ୍ତ ସଦ୍‌ଭାବନାମୂଳକ ସମ୍ବେଦନଶୀଳ ବିଶ୍ୱ ଚୈତନ୍ୟ ଜାଗରଣ କରିପାରିବ ବୋଲି ମତପ୍ରକାଶ କରିଥିଲେ। ପ୍ରାରମ୍ଭିକ ଅଭିଭାଷଣରେ ସାଧାରଣ ସମ୍ପାଦକ ମହାପାତ୍ର ପାରମ୍ପରିକ ପୌରାଣିକତାକୁ ପରିହାର କରି ବିଶ୍ୱ ଜୀବନର ଜଳଛବିକୁ କବିତାୟିତ କରିପାରିଲେ ପ୍ରଗତିଶୀଳ କବିତା, ଗଳ୍ପ ଓ ନାଟକର ଉତ୍ତରଣ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ସଭାପତି ପତି ପାଠକର ସ୍ମୃତିରେ ଯେଉଁ କବିତା ସ୍ମୃତି ହୋଇ ରହିଯାଏ, ସେହି କାବ୍ୟପୁରୁଷ କାଳଜୟୀ ଓ ସେ କବିତା କାଳୋତ୍ତୀର୍ଣ୍ଣ ହୋଇରହିଯାଏ ବୋଲି କହିଥିଲେ। ପରେ ଏକ କବିତାପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। କବୟିତ୍ରୀ ଗୀତାରାଣୀ ବେହେରାଙ୍କ ସଂଯୋଜନାରେ ଡ. କୃପାସିନ୍ଧୁ ନାୟକ, ପରେଶ ବିଶ୍ୱାଳ, ଧୋବେଇ ବେହେରା, ଅଙ୍ଗୁରବାଳା ପରିଡ଼ା, ଅକ୍ଷୟ ସାମଲ, ଅଶୋକ ପଟ୍ଟନାୟକ, ଅର୍ଚ୍ଚନା ପାତ୍ର, ବଳରାମ ରାଉଳ, ବିଜୟିନୀ ଜେନା, ଗଗନ ବିହାରୀ ନାୟକ, ଶ୍ରୀଧର ସୁନା, ଶଶୀଭୂଷଣ ଦାସ, ଗୀତାରାଣୀ ବେହେରା, ଗଙ୍ଗାଧର ପୁହାଣ, ସତ୍ୟନାରାୟଣ ଦାସ ପ୍ରମୁଖ କବିତା ପାଠ କରିଥିଲେ। ସାହିତ୍ୟକାର ଡ. ସୁମନ ଦତ୍ତ, ଗଗନ ବିହାରୀ ଧଳ, କାଶୀନାଥ ପାତ୍ର, ଅକ୍ଷୟ କୁମାର ପଣ୍ଡା, ବାସୁଦେବ ସାହୁ, ସୁକାନ୍ତ କୁମାର ଖୁଣ୍ଟିଆ, ପଶୁପତିନାଥ ଚାଟାର୍ଜୀ, ଶିବପ୍ରସାଦ ଦାସ, କିଶୋର ଚନ୍ଦ୍ର ବେହେରା, କୈଳାସ ଚନ୍ଦ୍ର ମହାଳି ଓ ପ୍ରବୀର କୁମାର ଦୁବେ ଉପସ୍ଥିତ ଥିଲେ। କବି ପ୍ରତାପ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଏଡିଏମ୍‌ଙ୍କୁ ଦାବିପତ୍ର ଦେଲା ଉତ୍କଳ ସମ୍ମିଳନୀ

**ଓଡ଼ିଆ ଭାଷାର ବାଧ୍ୟତାମୂଳକ ବ୍ୟବହାର ଦାବି**

ରାଉରକେଲା,୧।୧(ଦିନେଶ ମିଶ୍ର)

ରାଉରକେଲା ସହରରେ ଥିବା ବିଭିନ୍ନ ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନରେ ନାମ ଫଳକ ଓଡିଆ ଭାଷାରେ ଲେଖିବାକୁ ବାଧ୍ୟତାମୂଳକ କରିବା ପାଇଁ ଉତ୍କଳ ସମ୍ମିଳନୀ ଦାବି କରିଛି। ଏହି ମର୍ମରେ ସମ୍ମିଳନୀର ରାଉରକେଲା ଶାଖା ପକ୍ଷରୁ ସଭାପତି ସୁଦାମ ଦାସଙ୍କ ନେତୃତ୍ୱରେ ରାଉରକେଲା ଏଡିଏମ୍ ତଥା କମିଶନର ଦୀନା ଦସ୍ତଗୀରିଙ୍କୁ ଗୁରୁବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଓଡିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ଚିଠି ସଂଖ୍ୟା-୧୮୧୪୪ ଏଚ୍‌ୟୁଡି ଅନୁସାରେ ସହରର ସମସ୍ତ ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନର ନାମଫଳକ ଶତକଡା ୬୦ ଭାଗ ଓଡିଆ ଭାଷାରେ ଲେଖିବା ପାଇଁ ଆଦେଶନାମା ଜାରି ହୋଇଥିଲା। ଏହି ଆଦେଶନାମା କାର୍ଯ୍ୟକାରୀ କରିବାକୁ ମହାନଗର ନିଗମ କାର୍ଯ୍ୟାଳୟକୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଏହି କ୍ରମରେ ଉତ୍କଳ ସମ୍ମିଳନୀ ରାଉରକେଲା ଆନୁକୂଲ୍ୟରେ ଗତ ସେପ୍ଟେମ୍ବର ୧୨ ତାରିଖରେ ଓଡିଆ ଭାଷାକୁ ପ୍ରାଧାନ୍ୟ ଦେବାକୁ ସହରରେ ଏକ ବିରାଟ ପଦଯାତ୍ରା ଆୟୋଜନ କରାଯାଇଥିଲା। ଏହି ପଦଯାତ୍ରାରେ ରାଉରକେଲା ଓ ରଘୁନାଥପାଲୀ ବିଧାୟକଙ୍କ ସମେତ ସହରବାସୀଙ୍କ ସମର୍ଥନ ରହିଥିଲା। କିନ୍ତୁ ଦୁଃଖର ବିଷୟ ଏହାସତ୍ତ୍ୱେ ସହରରେ ଥିବା ବହୁ ଦୋକାନୀ ଓ ଶିଳ୍ପ ବାଣିଜ୍ୟ ଅନୁଷ୍ଠାନଗୁଡିକ ଆଦେଶନାମାକୁ ଅଣଦେଖା କରୁଥିବାବେଳେ ଏଥିପ୍ରତି କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଓଡିଆ ଭାଷାକୁ ଅବମାନନା କରୁଥିବା ନିୟମ ଉଲ୍ଲଂଘନକାରୀଙ୍କ ପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ସମ୍ମିଳନୀ ପକ୍ଷରୁ ଦାବି ହୋଇଛି। ସାଧାରଣ ସମ୍ପାଦକ ଅକ୍ଷୟ ଦାସଙ୍କ ଆବାହକତ୍ୱରେ ସୁନୀଲ ମହାନ୍ତି, ଡ. କିଶୋରୀ ଦାସ, ହରିହର ଶତପଥୀ, ବିଜୟ ବରାଳ, ଅନୀଲ ଦାସ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ।


ଏଡିଏମ୍‌ଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ନୂଆବର୍ଷ: ମନ୍ଦିର, ପାର୍କରେ ଜମିଲା ଭିଡ଼


ସେକ୍ଟର-୮ ସାଇ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼।

ରାଉରକେଲା,୧।୧(ଦିନେଶ ମିଶ୍ର)

ବିଦାୟ ନେଇଛି ପୁରୁଣା ବର୍ଷ । ଧରାପୃଷ୍ଠରେ ପାଦଥାପିଛି ନୂତନ ବର୍ଷ ୨୦୨୬। ଏଥିପାଇଁ ଷ୍ଟିଲସିଟି ରାଉରକେଲା ସହର ଚଳଚଞ୍ଚଳ ହୋଇଉଠିଛି। ବୁଧବାର ରାତିରେ ସହରର ବିଭିନ୍ନ ହୋଟେଲ ଓ କ୍ଲବମାନଙ୍କରେ ଜିରୋ ନାଇଟ୍ ସେଲିବ୍ରେସନ ସାଙ୍ଗକୁ ରାତି ୧୨ଟା ପରେ ସହରବାସୀ ପରସ୍ପରକୁ ନୂତନ ବର୍ଷର ଶୁଭେଚ୍ଛା ଜଣାଇଥିଲେ। ସହରରେ ଥିବା ବିଭିନ୍ନ ବସ୍ତି ଓ ତଳି ଅଞ୍ଚଳରେ ଭୋଜିଭାତ ସାଙ୍ଗକୁ ନାଚଗୀତ ହୋଇଥିଲା। ସହରବାସୀ ବିଳମ୍ବିତ ରାତିରେ ନୂତନ ବର୍ଷକୁ ଆତସବାଜି ଦ୍ୱାରା ସ୍ୱାଗତ କରିଥିଲେ। ସେହିପରି ଗୁରୁବାର ସକାଳେ ବିଭିନ୍ନ ମନ୍ଦିର ଓ ଦେବାଳୟରେ ଭିଡ ଦେଖିବାକୁ ମିଳିଥିଲା। ବେଦବ୍ୟାସ ପୀଠ, ହନୁମାନ ବାଟିକା, ସେକ୍ଟର-୩ ଜଗନ୍ନାଥ ମନ୍ଦିର, ଉଦିତନଗର ପଞ୍ଚଦେବ ମନ୍ଦିରକୁ ସହରବାସୀ ସପରିବାର ଯାଇ ଠାକୁରଙ୍କ ଦର୍ଶନ କରିଥିଲେ। ପାନପୋଷ ରୋଡ୍‌ସ୍ଥିତ ମା' ତାରିଣୀ ପୀଠ, ପାନପୋଷସ୍ଥିତ କାଳୀ ମନ୍ଦିର, ଦେଓଗାଁସ୍ଥିତ ଧବଳେଶ୍ୱର ପୀଠ, ଟିସିଆଇସ୍ଥିତ ଶିରିଡି ସାଇ ମନ୍ଦିର, ସେକ୍ଟର-୮ସ୍ଥିତ ସାଇ ମନ୍ଦିରରେ ସାମୁହିକ ଆଳତି ଓ ପୁଷ୍ପାଞ୍ଜଳି ପ୍ରଦାନ କରାଯାଇଥିଲା। ନୂଆବର୍ଷ ପାଇଁ ରାଉରକେଲା ଇନ୍ଦିରାଗାନ୍ଧୀ ପାର୍କ ଓ ଜୁବୁଲି ଭଳି ବିଭିନ୍ନ ପାର୍କ ଓ ବଗିଚାରେ ଭିଡ ଦେଖିବାକୁ ମିଳିଥିଲା। ସହରର ପ୍ରମୁଖ ଛକ ଓ ମନ୍ଦିର, ପାର୍କଗୁଡିକୁ ରଙ୍ଗବେରଙ୍ଗ ଆଲୋକମାଳାରେ ସଜ୍ଜିତ କରାଯାଇଥିଲା। ଅନ୍ୟପକ୍ଷେ ନୂତନ ବର୍ଷକୁ ଶାନ୍ତିଶୃଙ୍ଖଳା ସହ ପାଳନ କରିବା ପାଇଁ ରାଉରକେଲା ପୋଲିସ ପ୍ରଶାସନ ପକ୍ଷରୁ ପାଟ୍ରୋଲିଂ ଓ ଟ୍ରାଫିକ ବ୍ୟବସ୍ଥାକୁ କଡାକଡି କରାଯାଇଥିଲା।

# ମା' ତାରିଣୀଙ୍କ ବାର୍ଷିକୋତ୍ସବ ପ୍ରସ୍ତୁତି ବୈଠକ

ରାଉରକେଲା,୧।୧(ଦିନେଶ ମିଶ୍ର)

ବାସନ୍ତୀ କଲୋନୀସ୍ଥିତ ଡିଏଭି ଛକରେ ଥିବା ମା' ତାରିଣୀଙ୍କ ବାର୍ଷିକୋତ୍ସବ ପାଳନକୁ ନେଇ ଗୁରୁବାର ଏକ ପ୍ରସ୍ତୁତି ବୈଠକ ସଭାପତି ବାସୁଦେବ ବରାଳଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ମା' ତାରିଣୀଙ୍କ ବାର୍ଷିକୋତ୍ସବ ଆସନ୍ତା ଏପ୍ରିଲ ୭ ଓ ୮ ତାରିଖରେ ପାଳନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏହି ଅବସରରେ ଜୟ ମା' ତାରିଣୀ ଶାନ୍ତି କମିଟି ପକ୍ଷରୁ ପୀଠରେ ଜୟ ମା' ତାରିଣୀ ହୁଣ୍ଡିର ଏକ ଲାଇଟ୍ ବୋର୍ଡ ଶୁଭ ଉଦ୍‌ଘାଟନ ହୋଇଥିଲା। ଏହି ହୁଣ୍ଡିରେ ପ୍ରତିଦିନ ଶ୍ରଦ୍ଧାଳୁମାନେ ମା' ତାରିଣୀଙ୍କ ନାମରେ ନଡିଆ ଅର୍ପଣ କରିବେ। ଏହି ବସ୍‌ଷ୍ଟାଣ୍ଡରୁ ଘଟଗାଁ ଅଭିମୁଖେ ଯାଉଥିବା ବସ୍‌ଗୁଡିକ ଉକ୍ତ ନଡ଼ିଆଗୁଡିକୁ ନେଇ ତାରିଣୀ ପୀଠରେ ପହଞ୍ଚାଇବେ ବୋଲି ସମ୍ପାଦକ କହରା ଜେନା କହିଥିଲେ। ମନ୍ଦିରର ମୁଖ୍ୟ ପଣ୍ଡିତ ଅଖିଳ ପାଣି ପୂଜାର୍ଚ୍ଚନା କରିଥିଲେ। ଟୁନୁ କର, ଅମୀୟ ପୋଥାଳ, କବିତା ଜେନା, ଅରବିନ୍ଦ ମହାନ୍ତି, ମାନୁ ସାମଲ, ଗଣେଶ ଡୋରା, ସୁଶାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ରାମକୃଷ୍ଣ ମିଶନର କଳ୍ପତରୁ ଦିବସ ପାଳନ


କାର୍ଯ୍ୟକ୍ରମରେ ଉପସ୍ଥିତ ବିଦ୍ୟାର୍ଥୀ।

ରାଉରକେଲା,୧।୧(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ହମିରପୁରସ୍ଥିତ ରାମକୃଷ୍ଣ ମିଶନ ପକ୍ଷରୁ ଗୁରୁବାର କଳ୍ପତରୁ ଦିବସ ପାଳିତ ହୋଇଯାଇଛି। ମିଶନର ସ୍ୱାମୀ ପୂଜାନନ୍ଦଜୀ, ଗୋଲୋକେଶାନନ୍ଦଜୀ ମହାରାଜ ଓ ମିଶନ ପରିଚାଳନା ସମିତି ସଭାପତି ଭାରତ ଭୂଷଣ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭୋର ୫ଟାରେ ମଙ୍ଗଳ ଆଳତି, ହୋମ, ପୁଷ୍ପାଞ୍ଜଳି, ପ୍ରବଚନ, ଠାକୁରଙ୍କ ବାଣୀ, ସଙ୍ଗୀତ ଆଦି କାର୍ଯ୍ୟକ୍ରମ ହୋଇଥିଲା। ସେହିପରି ଗୋପବନ୍ଧୁପାଲୀଠାରେ ଥିବା ଆନନ୍ଦଧାମର ରାମକୃଷ୍ଣ ମିଶନର ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ଏବଂ ଶିକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ୫୦ ଜଣ ବିଦ୍ୟାର୍ଥୀଙ୍କୁ ନିଃଶୁଳ୍କ ଶିକ୍ଷା ଦାନ ସହ ଶିଶୁମାନଙ୍କ ବୌଦ୍ଧିକ, ଆଧ୍ୟାତ୍ମିକ ତଥା ଶାରୀରିକ ବିକାଶ ପାଇଁ ଗଦାଧର ଅଭ୍ୟୁଦୟ ପ୍ରକଳ୍ପ କାର୍ଯ୍ୟକ୍ଷମ କରାଯାଇଥିଲା। ଏହାକୁ ପୂଜା କୁମାରୀ, କିରଣ ପୂର୍ବେ, ବବିତା ଓ ରାହୁଲ ପ୍ରମୁଖ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମିଶନର ସମସ୍ତ କର୍ମକର୍ତ୍ତା ଓ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।

# ଚକରା ବିଶୋଇଙ୍କ ସଂଗ୍ରାମୀ ଜୀବନ ଆଲୋଚନା

ରାଉରକେଲା,୧।୧(ବିପ୍ଳବ ରଞ୍ଜନ ଦାଶ)

ଚକରା ବିଶୋଇ ମୁକ୍ତି ସେନା ପକ୍ଷରୁ ଚକରା ବିଶୋଇଙ୍କ ଜୟନ୍ତୀ ରାଉରକେଲା କୋଏଲ ନଗରଠାରେ ବୁଧବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ପ୍ରକାଶ ଚନ୍ଦ୍ର ପତି ଅଧ୍ୟକ୍ଷତା କରିବା ସହ ଚକରାଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାଧ୍ୟାପକ ପ୍ରଫେସର ସମର ମୁଦାଲୀ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଚକରାଙ୍କ ସାହସ ଓ ନେତୃତ୍ୱର ପରାକାଷ୍ଠା ଚିରଦିନ ଉଜ୍ଜୀବିତ ରହିବ ବୋଲି କହିଥିଲେ। ବ୍ରଜେନ୍ଦ୍ର ଦାଶ କାର୍ଯ୍ୟକ୍ରମ ସଂଯୋଜନା ଏବଂ ଶ୍ରଦ୍ଧା ଷଡ଼ଙ୍ଗୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ସଙ୍ଗୀତ ସନ୍ଧ୍ୟା କାର୍ଯ୍ୟକ୍ରମ ହୋଇଥିଲା। ମୁକ୍ତି ସେନାର ପ୍ରମୁଖ କର୍ମକର୍ତ୍ତାଙ୍କ ସମେତ ଅଞ୍ଚଳବାସୀ ଉପସ୍ଥିତ ଥିଲେ।


ଚକରା ବିଶୋଇଙ୍କ ଜୟନ୍ତୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ଉଷୁ ପ୍ରତିଯୋଗିତା: ଚମକିଲେ ରାଉରକେଲା ଖେଳାଳି

ରାଉରକେଲା,୧।୧(ସଙ୍ଗୀତା ଜେନା)

ଛତିଶଗଡର ରାଜନନ୍ଦ ଗାଁରେ ଥିବା ସଂସ୍କାର ସିଟି ଜାତୀୟ ସ୍କୁଲରେ ଜାତୀୟ ଫେଡେରେଶନ ପକ୍ଷରୁ ଆୟୋଜିତ ଉଷୁ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ସାରା ଭାରତରୁ ୨ହଜାର ଖେଳାଳି ବିଭିନ୍ନ ବର୍ଗରେ ଭାଗ ନେଇଥିଲେ। ସେଥିରେ ୫୭ ଜଣ ଓଡିଆ ଖେଳାଳିଙ୍କ ମଧ୍ୟରୁ ରାଉରକେଲାର ୧୨ ଜଣ ଏବଂ ୨ ଜଣ ସ୍ପୋର୍ଟସ ଅଧିକାରୀ ଉଷୁ ଆସୋସିଏଶନ ସୁନ୍ଦରଗଡ ତତ୍ତ୍ୱାବଧାନରେ ପ୍ରତିନିଧିତ୍ୱ କରିଥିଲେ। ସେମାନଙ୍କ ମଧ୍ୟରେ ଟୀକା ବାହାଦୂର ବୈଷୟିକ ଅଧିକାରୀ ଏବଂ ସୁଜନ ରଥ ଓଡିଶା ଦଳର କୋଚ୍ ଦାୟିତ୍ୱ ତୁଲାଇଥିଲେ। ରାଉରକେଲାର ୬ ଜଣ ଖେଳାଳି ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରି ୯ଟି ମେଡାଲ ଜିତି ଓଡ଼ିଶା ତଥା ରାଉରକେଲା ପାଇଁ ଗର୍ବ ଆଣିଛନ୍ତି। ଉଷୁ ଖେଳର ଉପକନିଷ୍ଠ ବର୍ଗରେ ଅନିକେତ ମୋଦି ଗୋଟିଏ ରୌପ୍ୟ ସାଙ୍ଗକୁ ୨ଟି କାଂସ୍ୟ ପଦକ, ଆରାଧନା ମାଝୀ ଗୋଟିଏ କାଂସ୍ୟ, ତିଷ୍ଟା ସେଠୀ ଗୋଟିଏ କାଂସ୍ୟ, ଦିବ୍ୟଜ୍ୟୋତି ବେହେରା ଗୋଟିଏ କାଂସ୍ୟ ପଦକ ଜିତିଥିଲେ। ସେହିଭଳି କନିଷ୍ଠ ବର୍ଗରେ ସମୃଦ୍ଧି ଗୋଟିଏ ରୌପ୍ୟ ସହ ଗୋଟିଏ କାଂସ୍ୟ ଓ ସାଧନା ମାଝୀ ଗୋଟିଏ କାଂସ୍ୟ ପଦକ ଜିତିଥିଲେ। ଦଳର ଏହି ପ୍ରଦର୍ଶନ ପାଇଁ ରାଉରକେଲା ଉଷୁ ସଂଘ ସଭାପତି ବିରଞ୍ଚି ନାରାୟଣ ନଟ୍ଟନାୟକ, ଉପସଭାପତି ଟିକା ବାହାଦୁର, ସାଧାରଣ ସମ୍ପାଦକ ସୁଜନ ରଥ, ଯୁଗ୍ମ ସମ୍ପାଦକ ଅଜୟ ଲାହା ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।



ଉଷୁ ଖେଳରେ ପଦକ ପାଇଥିବା ଖେଳାଳି।

# ୧୫ ମହିଳାଙ୍କୁ ସିଲେଇ ତାଲିମ

ରାଉରକେଲା,୧।୧(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପି ପାର୍ଶ୍ୱାଞ୍ଚଳ ବିକାଶ ପ୍ରତିଷ୍ଠାନରେ ଆୟୋଜିତ ପ୍ରଥମ ପର୍ଯ୍ୟାୟ ୧୫ ଦିନିଆ ତାଲିମ କାର୍ଯ୍ୟକ୍ରମରେ ବନ୍ଧମୁଣ୍ଡା ଗ୍ରାମପଞ୍ଚାୟତର ୧୫ ଜଣ ମହିଳାଙ୍କୁ ସିଲେଇ ତାଲିମ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମର ଶେଷ ଅଧିବେଶନ ଡିସେମ୍ବର ୨୩ରେ ଅନୁଷ୍ଠିତ ହୋଇଥିଲା। ଅବହେଳିତ ବର୍ଗର ମହିଳାମାନଙ୍କ ଦକ୍ଷତା ବିକାଶ କରିବା ସହିତ ବନ୍ଧମୁଣ୍ଡାରେ ଏକ ତାଲିମ୍ ସହ ଉତ୍ପାଦନ କେନ୍ଦ୍ର (ଟିସିପିସି) ପ୍ରତିଷ୍ଠା କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ଥିଲା। ଏହା ମାଧ୍ୟମରେ ପ୍ରତ୍ୟେକ ପ୍ରଶିକ୍ଷାର୍ଥୀଙ୍କୁ ଏକ ବାଣିଜ୍ୟିକ ଗ୍ରେଡ୍ ସିଲେଇ ମେଶିନ ପ୍ରଦାନ କରାଯିବ। ସିଲେଇ ଅଧିବେଶନଗୁଡ଼ିକ ଉଷା ସିଲେଇ ସ୍କୁଲର ମାଷ୍ଟର ଟ୍ରେନର ସୁଶ୍ରୀ ମୋନାଲିସା ସାହୁଙ୍କ ଦ୍ୱାରା ପରିଚାଳନା କରାଯାଇଥିଲା। ଉଦ୍‌ଯାପନୀ ସମାରୋହରେ ସହର ସେବା ଓ ସିଏସ୍‌ଆର ବିଭାଗର ସିଜିଏମ ଟି. ଜି. କାନେକର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ପ୍ରଶିକ୍ଷଣ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ସିଏସ୍‌ଆର୍ ବିଭାଗର ଜିଏମ୍ ଇନ୍‌ଚାର୍ଜ ସୁଶ୍ରୀ ମୁନମୁନ ମିତ୍ର, ଡିଜିଏମ୍ ଟି. ବି. ଟପ୍ପୋ, ଡେପୁଟି ମ୍ୟାନେଜର ଏସ୍. କେ. ଶୁକ୍ଲା, ଗ୍ରାମ ଉତ୍ଥାନ ପ୍ରୋଜେକ୍ଟ ମ୍ୟାନେଜର ଗୁରୁ ପ୍ରସାଦ ମହାନ୍ତିଙ୍କ ସମେତ ଆର୍‌ଏସ୍‌ପି ଏବଂ ସମ୍ପୃକ୍ତ ସଂସ୍ଥାର ବହୁ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରଶିକ୍ଷାର୍ଥୀମାନଙ୍କ ଦ୍ୱାରା ପ୍ରସ୍ତୁତ ଶ୍ରେଷ୍ଠ ଉତ୍ପାଦ ପୋଷାକ ଏବଂ ରୋଷେଇ ଘର ଆପ୍ରନ୍, ଏମ୍ବ୍ରୋଡୋରି ଏବଂ ଆପ୍ଲିକ୍ କାମ ମଧ୍ୟ ପ୍ରଦର୍ଶିତ ହୋଇଥିଲା। ଏହି ୧୫ ଦିନିଆ ତାଲିମର ପ୍ରଥମ ପର୍ଯ୍ୟାୟରେ ମହିଳାମାନଙ୍କୁ ସିଲେଇ ମେଶିନ ବସାଇବା, ମରାମତି ଓ ସର୍ଭିସିଂ, ଡିଜାଇନ୍ ଓ ପ୍ୟାଟର୍ନ ଫର୍ମୁଲେଟିଂ, ମାପ କୌଶଳ ଓ କଟିଂ, ସିଲେଇ, ପୋଷାକ ଫିଟିଂ, ହେମିଂ ଓ ଇଣ୍ଟରଲକିଂ, ପ୍ୟାକେଟିଂ ଏବଂ ଫାଷ୍ଟିଂ ସହ ଅନ୍ୟାନ୍ୟ ନିର୍ଦ୍ଦିଷ୍ଟ ପୋଷାକ ସିଲେଇ ତାଲିମ ଶିକ୍ଷା ଦିଆଯାଇଥିଲା। ପ୍ରଥମ ପର୍ଯ୍ୟାୟ ତାଲିମ ଶେଷ ହେବା ପରେ ବନ୍ଧମୁଣ୍ଡାରେ ଏକ ତାଲିମ ଏବଂ ଉତ୍ପାଦନ କେନ୍ଦ୍ର (ଟିସିପିସି) ସ୍ଥାପନ କରାଯିବ। ଦ୍ୱିତୀୟ ପର୍ଯ୍ୟାୟ ଛଅ ମାସ ପରେ ୧୦ ଦିନିଆ ରିଫ୍ରେସର ଅନ୍‌ସାଇଟ୍ ତାଲିମ ପାଠ୍ୟକ୍ରମ ଆରମ୍ଭ ହେବ। ପରେ ତୃତୀୟ ପର୍ଯ୍ୟାୟରେ ପ୍ରଶିକ୍ଷାର୍ଥୀମାନଙ୍କୁ ମୂଲ୍ୟ ବୃଦ୍ଧି ପାଇଁ ଏକ ପଦକ୍ଷେପ ଭାବେ କଟୱାର୍କ ଆପ୍ଲିକ୍ ତାଲିମରେ ୧୦ ଦିନିଆ ସ୍ୱତନ୍ତ୍ର ତାଲିମ ପ୍ରଦାନ କରାଯିବ। ସମ୍ପୂର୍ଣ୍ଣ ତାଲିମ ପରେ ତାଲିମପ୍ରାପ୍ତ ମହିଳାମାନଙ୍କୁ ଏକ ଉତ୍ପାଦକ ଗୋଷ୍ଠୀ ଭାବେ ପଞ୍ଜୀକରଣ କରାଯିବ ଏବଂ ବଡ଼ ଅର୍ଡର ପାଇଁ ଓରମାସ୍ ସହିତ ସଂଯୋଗ ସ୍ଥାପନ କରାଯିବ। ବନ୍ଧମୁଣ୍ଡା ଗ୍ରାମପଞ୍ଚାୟତରେ ତାଲିମ ଏବଂ ଉତ୍ପାଦନ କେନ୍ଦ୍ର (ଟିସିପିସି) ପ୍ରତିଷ୍ଠା ପାଇଁ ମୋଟ ୧୧.୯୮ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ଏଥିରେ ବ୍ୟବସାୟ କାର୍ଯ୍ୟ ଆରମ୍ଭ କରିବା ପାଇଁ ୩୫ ହଜାର ଟଙ୍କା ସିଡ୍ ମନି ଅନ୍ତର୍ଭୁକ୍ତ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସିଏସ୍‌ଆର୍ ବିଭାଗର ଜିଏମ୍ ଇନ୍‌ଚାର୍ଜ ସୁଶ୍ରୀ ମୁନମୁନ ମିତ୍ର ଉଦ୍‌ଘାଟନୀ ଭାଷଣ ଦେଇଥିଲାବେଳେ ଏସ୍. କେ. ଶୁକ୍ଲା ଧନ୍ୟବାଦ ଅର୍ପଣ କରିଥିଲେ। ସିଏସ୍‌ଆର ବିଭାଗର ସେକ୍ସନ ଆସୋସିଏଟ୍ ମହମ୍ମଦ ଜାହିଦ ଅଖତାର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ଉଦ୍‌ଯାପନୀ ସମାରୋହରେ ଉପସ୍ଥିତ ଅତିଥି ଏବଂ ପ୍ରଶିକ୍ଷାର୍ଥୀ।

## ହନୁମାନ ଚାଳିଶା, ସୁନ୍ଦରାକାଣ୍ଡ ପାଠ

ପଡ଼ିଆବାହାଲ,(ରାଧାମୋହନ ଷଡ଼ଙ୍ଗୀ): ଇଂରାଜୀ ନବବର୍ଷରେ ସମ୍ବଲପୁର ଜିଲା ବାହାମ ପଞ୍ଚାୟତ ଖଲିଆପାଲିରେ ଜୟଦୁର୍ଗା ଆଞ୍ଚଳିକ ପଣ୍ଡିତ ସଂଘ ତରଫରୁ ବିଶ୍ୱର କଲ୍ୟାଣ କାମନା କରି ହନୁମାନ ମନ୍ଦିର ଛକରେ ଶହେ ଆଠ ବାର ହନୁମାନ ଚାଳିଶା ପାଠ ସହିତ ସୁନ୍ଦରାକାଣ୍ଡ ପାରାୟଣ କରାଯାଇଛି। ପଣ୍ଡିତ ମହେଶ୍ୱର ନାୟକ, ପଣ୍ଡିତ ସୁଦୀପ୍ତ ନାୟକ, ପଣ୍ଡିତ ବିଦ୍ୟାଭୂଷଣ ନାୟକ, ଶ୍ରୀକାନ୍ତ, ସୁନୀଲ, ମନୀଷ ପ୍ରମୁଖ ୧୩ ଜଣ ପଣ୍ଡିତ ସାମୂହିକ ପୂଜା, ହୋମ, ପୁଷ୍ପାଞ୍ଜଳି, ଚାଳିଶା ଓ ସୁନ୍ଦରାକାଣ୍ଡ ପାରାୟଣ କରିଥିଲେ।



ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦିବସରେ ଅତିଥିଙ୍କ ଗହଣରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବା କଳାକାର।

# ଶିକ୍ଷା କ୍ଷେତ୍ରରେ ଏସ୍‌ୟୁର ଅବଦାନ ଅତୁଳନୀୟ

**ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ**

**ସମ୍ବଲପୁର,୧୧(ପ୍ରମୋଦ ବହିଦାର)**

ସମ୍ବଲପୁର ବିଶ୍ୱବିଦ୍ୟାଳୟର ୫୯ତମ ପ୍ରତିଷ୍ଠା ଦିବସ ଗୁରୁବାର ପାଳିତ ହୋଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ(ଭିସୁଟ୍)ର କୁଳପତି ପ୍ରଫେସର ଦୀପକ କୁମାର ସାହୁ ମୁଖ୍ୟଅତିଥି ଓ ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଚିକିତ୍ସା ଓ ଗବେଷଣା ପ୍ରତିଷ୍ଠାନ(ଭିମ୍‌ସାର୍)ର ଡିନ୍ ତଥା ଅଧକ୍ଷ ପ୍ରଫେସର ଡା. ପ୍ରଦୀପ କୁମାର ମହାନ୍ତି ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ପ୍ରଫେସର ସାହୁ ନିଜ ବକ୍ତବ୍ୟରେ ଶିକ୍ଷାକ୍ଷେତ୍ରରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅବଦାନ ଅତୁଳନୀୟ। ଏଠାରୁ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ର ଦେଶ ବିଦେଶରେ ଉଚ୍ଚ ପଦପଦବୀରେ ରହି କେବଳ ସମ୍ବଲପୁର ବା ପଶ୍ଚିମ ଓଡ଼ିଶା ନୁହେଁ ବରଂ ସମଗ୍ର ରାଜ୍ୟ ଓ ଦେଶ ପାଇଁ ଗୌରବ ଆଣିଛନ୍ତି ବୋଲି କହିଥିଲେ। ପ୍ରାରମ୍ଭରେ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦ ଅଧକ୍ଷ ପ୍ରଫେସର ତୁଷାରକାନ୍ତି ଦାସ ସ୍ୱାଗତ ଅଭିଭାଷଣ ପ୍ରଦାନ କରି ସମ୍ବଲପୁର ବିଶ୍ୱବିଦ୍ୟାଳୟ(ଜ୍ୟୋତିବିହାର)ର ଇତିହାସ, ଅବଦାନ ଓ ସ୍ୱପ୍ନ ଉପରେ ଆଲୋକପାତ କରିଥିଲେ। ଭାରପ୍ରାପ୍ତ କୁଳସଚିବ ପ୍ରଫେସର ପ୍ରଦୀପ କୁମାର ନାଏକ ବାର୍ଷିକ ବିବରଣୀ ପାଠ କରିଥିଲେ। ଡ. ଗୋପୀନାଥ ବାଗ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ସାହିତ୍ୟିକ ପ୍ରଫୁଲ୍ଲ କୁମାର ମହାପାତ୍ର ଓ ବାଦ୍ୟଶିଳ୍ପୀ ସୁରେନ୍ଦ୍ର ମେହେରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ରୀଡ଼ାବିତ୍ ସରୁନ୍ ପୟାସିଂଙ୍କୁ ସ୍ୱର୍ଗତ ହରିବନ୍ଧୁ ସାହୁ ସ୍ମୃତି ସମ୍ମାନ ଓ ମେରୀମୁକ୍ତା ସୋରେନଙ୍କୁ ଶ୍ରେଷ୍ଠ ମହିଳା କ୍ରୀଡ଼ାବିତ୍‌ଭାବେ ମାନପତ୍ର, ଟ୍ରଫି ଓ ଅର୍ଥରାଶି ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ପ୍ରତିଷ୍ଠା ଦିବସ ଉପଲକ୍ଷେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ୨୦୨୫ ମସିହାରେ କାର୍ଯ୍ୟରୁ ଅବସର ଗ୍ରହଣ କରିଥିବା ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀମାନଙ୍କୁ ମଧ୍ୟ ଅତିଥିମାନେ ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ପ୍ରଫେସର ମୋନାଲିସା ପଟ୍ଟନାୟକ ଓ ଡ. ଶୁକମୁନି ମେହେର ସମସ୍ତ ମାନପତ୍ର ପାଠ କରିଥିଲେ। ଶେଷ ପର୍ଯ୍ୟାୟରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଡ. ଅନୁରାଧା ସାମଲ, ଡ. ଅଶୋକ କୁମାର ରଥ, ପ୍ରଫେସର ଅମିୟ କୁମାର ପଟେଲ, ଦିଲୀପ କୁମାର ବଡ଼ପଣ୍ଡା, ବିମଳ ମହାନ୍ତି, ରଞ୍ଜନ କୁମାର ମାଝୀ, ବଳରାମ କଟା ଓ ସମରେନ୍ଦ୍ର କୁମାର କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

## ପ୍ରତିଷ୍ଠା ଦିବସରେ କେହି ପାଇଲେ ନାହିଁ ଗଙ୍ଗାଧର ସମ୍ମାନ

**ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ**

**ସମ୍ବଲପୁର,(ପ୍ରମୋଦ ବହିଦାର)**

ଚଳିତବର୍ଷ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦିବସରେ କୌଣସି ବ୍ୟକ୍ତି ବିଶେଷଙ୍କୁ ସ୍ୱଭାବ କବି ଗଙ୍ଗାଧର ସମ୍ମାନରେ ସମ୍ମାନିତ କରାଯାଇନାହିଁ। ଯାହାକୁ ନେଇ ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହାକୁ ନେଇ ବରିଷ୍ଠ ନାଗରିକ ଶିବ ପ୍ରସାଦ ମେହେର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଏଭଳି ପଦକ୍ଷେପକୁ ତୀବ୍ର ସମାଲୋଚନା କରିଛନ୍ତି। ସେ କହିଛନ୍ତି ଏହାଦ୍ୱାରା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କେବଳ ଏକ ସମୃଦ୍ଧ ପରମ୍ପରା ଭଙ୍ଗ କରି ନାହାନ୍ତି ବରଂ ଆମ ରାଜ୍ୟର ଗର୍ବ ଓ ଗୌରବ ଭାବେ ପରିଚିତ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କୁ ଅସମ୍ମାନ କରିଛନ୍ତି। ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଏକ ସ୍ୱତନ୍ତ୍ର ପରିଚୟ ରହିଛି। ତାଙ୍କ ନାମରେ ସମ୍ବଲପୁରର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସହିତ ଅନେକ ସମ୍ମାନ ମଧ୍ୟ ଘୋଷଣା କରାଯାଇଛି। ସେଥିମଧ୍ୟରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ସ୍ୱଭାବ କବି ଗଙ୍ଗାଧରଙ୍କ ନାମରେ ଏକ ପୁରସ୍କାର ଘୋଷଣା କରାଯାଇଛି। ପ୍ରତିବର୍ଷ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦିବସରେ ଏକ ଉଚ୍ଚ ସ୍ତରୀୟ ସମିତି ଦ୍ୱାରା ଚୟନିତ ଜଣେ ଓଡ଼ିଆ କିମ୍ବା ଅଣଓଡ଼ିଆ ରାଜ୍ୟସ୍ତରୀୟ ବା ଜାତୀୟସ୍ତରର ଜଣେ ସାରସ୍ୱତ ସାଧକଙ୍କୁ ଏହି ସମ୍ମାନରେ ସମ୍ମାନିତ କରିବାର ଏକ ପରମ୍ପରା ରହିଥିଲା। ଏହାକୁ ନେଇ ବିଶ୍ୱବିଦ୍ୟାଳୟ ଭାରପ୍ରାପ୍ତ କୁଳସଚିବ ପ୍ରଫେସର ପ୍ରଦୀପ କୁମାର ନାଏକ କହିଛନ୍ତି, ସ୍ୱଭାବ କବି ଗଙ୍ଗାଧର ସମ୍ମାନ ବନ୍ଦ ହୋଇ ନାହିଁ। ଏହି ସମ୍ମାନ ପାଇଁ ଅନେକ ପ୍ରାର୍ଥୀ ଆବେଦନ କରିଛନ୍ତି। ମାତ୍ର କେତେକ ଅନିବାର୍ଯ୍ୟ କାରଣବଶତଃ ଉପଯୁକ୍ତ ପ୍ରାର୍ଥୀଙ୍କୁ ଚୟନ କରାଯାଇ ପାରି ନ ଥିଲା। ତେଣୁ ଏହାକୁ ସାମୟିକ ଭାବେ ସ୍ଥଗିତ ରଖାଯାଇଛି। ପ୍ରାର୍ଥୀ ଚୟନ ପାଇଁ ରହିଥିବା ଉଚ୍ଚସ୍ତରୀୟ କମିଟି ସଦସ୍ୟମାନେ ବର୍ତ୍ତମାନ କମିଟିରେ ନାହାନ୍ତି। ଖୁବ୍‌ଅଳ୍ପ ସମୟ ମଧ୍ୟରେ ଉତ୍ସବ ଆୟୋଜନ ପାଇଁ ନିଷ୍ପତ୍ତି ହୋଇଥିଲା। ତେଣୁ ନୂତନ କମିଟି ଗଠନ ମଧ୍ୟ ହୋଇ ପାରି ନ ଥିଲା। ତେବେ ସିଣ୍ଡିକେଟ୍ ଅନୁମୋଦନ କ୍ରମେ ନୂତନ କମିଟି ହେଲା ପରେ ଯୋଗ୍ୟ ପ୍ରାର୍ଥୀଙ୍କୁ ଚୟନ କରାଯାଇ ସ୍ୱଭାବ କବି ଗଙ୍ଗାଧର ସମ୍ମାନରେ ସମ୍ମାନିତ କରାଯିବ ବୋଲି ଭାରପ୍ରାପ୍ତ କୁଳସଚିବ ପ୍ରଫେସର ନାଏକ କହିଛନ୍ତି।

# ୪ରୁ ସମ୍ବଲପୁର ଲୋକ ମହୋତ୍ସବ

- ୧କୋଟି ୫୦ ଲକ୍ଷ ବ୍ୟୟ ଅଟକଳ
- ଜାତୀୟ, ରାଜ୍ୟ, ସ୍ଥାନୀୟ କଳାକାରଙ୍କ ମହାକୁମ୍ଭ
- ଯୁବକଙ୍କୁ ଆକୃଷ୍ଟ କରିବେ ଚଳଚ୍ଚିତ୍ର ଗାୟକ ସୁଖବିନ୍ଦର

**ସମ୍ବଲପୁର,୧୧(ବି.ଶଙ୍କର)**

ଓଡ଼ିଶା ସରକାରଙ୍କ ଭଷା, ସାହିତ୍ୟ, ସଂସ୍କୃତି ବିଭାଗ ଓ ଜିଲା ସଂସ୍କୃତି ପରିଷଦ ସମ୍ବଲପୁରର ମିଳିତ ଆନୁକୂଲ୍ୟରେ ଲୋକ ମହୋତ୍ସବ-୨୦୨୬ ଚଳିତ ମାସ ୪ରୁ ୬ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଅଇଁଠାପାଲି ପିଏଚ୍‌ଡି ପଡିଆରେ ହେବ। ମହୋତ୍ସବ ସକାଶେ ପ୍ରସ୍ତୁତି ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ପ୍ରକୃତପକ୍ଷେ ଏହି ମହୋତ୍ସବ ଜାତୀୟ, ରାଜ୍ୟ ଓ ସ୍ଥାନୀୟ କଳାକାରଙ୍କ ମହାକୁମ୍ଭ। ଓଡ଼ିଶା ସମେତ ବିଭିନ୍ନ ରାଜ୍ୟର କଳାକାରମାନେ ନିଜ ଅଞ୍ଚଳର କଳାନୈପୁଣ୍ୟ ପ୍ରଦର୍ଶନ କରିବେ। ଏଥିସହ ନୃତ୍ୟ, ଗୀତ ଓ ବାଦ୍ୟକୁ ନେଇ ଆଲୋଚନ ମାଧ୍ୟମରେ ଭାବ ଆଦାନ ପ୍ରଦାନ କରିପାରିବେ । ଯୁବପିଢ଼ିଙ୍କୁ ଦୃଷ୍ଟିରେ ରଖି ଜାନୁୟାରୀ ୭ ଓ ୮ ତାରିଖ ଯୁଥ ଫେଷ୍ଟିଭାଲ ଆୟୋଜିତ ହେବ । ଏଥିରେ ବିଶିଷ୍ଟ ଚଳଚ୍ଚିତ୍ର ଗାୟକ ସୁଖବିନ୍ଦର ସିଂ ଓ ଦଳ ସଙ୍ଗୀତ ପରିବେଷଣ କରି ଯୁବକଙ୍କୁ ଆକୃଷ୍ଟ କରିବାର କାର୍ଯ୍ୟକ୍ରମ ରହିଛି । ସମ୍ବଲପୁର ମହୋତ୍ସବ ସକାଶେ ପ୍ରାୟ ୧କୋଟି ୫୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ ସ୍ଥିର ହୋଇଛି । ଏଥିରେ ୨ଶହଟି ଷ୍ଟଲ ରହିବ। ଗୁରୁବାର ଅପରାହ୍ନ ୬ଟାରେ ସମ୍ବଲପୁର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଜିଲାପାଳ ଅଶୋକ ଭୋଇ ସୂଚିତ କରିଛନ୍ତି।

ସମ୍ବଲପୁର ଲୋକ ମହୋତ୍ସବ-୨୦୨୬ର ନୋଡା ଅଧିକାରୀ ତଥା ସମ୍ବଲପୁର ମହାନିଗର ନିଗମ ଆୟୁକ୍ତ ରେହାନ ଖତ୍ରୀ କହିଥିଲେ, ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧକ୍ଷତାରେ ସମସ୍ତ ଉପକମିଟି ଆବାହକ, ମହୋତ୍ସବ ମୁଖ୍ୟ ସଂଯୋଜକ, ସହ ସଂଯୋଜକ, ଉପଦେଷ୍ଟା ମଣ୍ଡଳୀ ସଦସ୍ୟଙ୍କ ବୈଠକ ହୋଇଛି । କାର୍ଯ୍ୟକ୍ରମ ସକାଶେ ସମସ୍ତେ କାର୍ଯ୍ୟ କରୁଛନ୍ତି । ତେଣୁ ଚଳିତବର୍ଷ ଲୋକମହୋତ୍ସବ ଅଧିକ ଆକର୍ଷଣୀୟ ହୋଇପାରିବ । ମହୋତ୍ସବ କମିଟି ସଂଯୋଜକ ଦୀପକ କୁମାର ପଣ୍ଡା ସୂଚିତ କରି କହିଥିଲେ, ସମ୍ବଲପୁର ମହୋତ୍ସବ ପ୍ରକୃତ ପକ୍ଷେ ଏହା ଜାତୀୟସ୍ତରୀୟ । ଲପ୍ତକଳା ସମେତ ଲୋକ ନୃତ୍ୟ, ଲୋକବାଦ୍ୟ ଓ ଲୋକଗୀତକୁ ଗୁରୁତ୍ୱ ଦିଆଯାଉଛି। ଏଥିସହ ଆଲୋଚନା ମାଧ୍ୟମରେ ସମ୍ବଲପୁରୀ ଲୋକ ସଂସ୍କୃତି, ପରମ୍ପରା, ଭାଷାକୁ ନେଇ ଜିଲା ଓ ଉପଖଣ୍ଡ ସ୍ତରୀୟ ଆଲୋଚନାଚକ୍ର ହୋଇଛି ଓ ହେବ। ଏଥିରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ସାହିତ୍ୟିକ, କବି, ଗବେଷକ, ନାଟ୍ୟକାର, ଲେଖକ, ନାଟ୍ୟକାର ସାମିଲ ହୋଇ ନିଜ ମତ ଉପସ୍ଥାପନ କରିବେ। ଯାହାକି ଆଗ୍ରମୀ ପିଢ଼ି ସକାଶେ ତଥ୍ୟ ସଂରକ୍ଷିତ ରହିବ, ଯାହା ସମସ୍ତଙ୍କ ସକାଶେ ଗବେଷଣ କରିବାକୁ ସହଜ ହେବ ବୋଲି ମୁଖ୍ୟ ସଂଯୋଜକ ପଣ୍ଡା କହିଥିଲେ। ସହ ସଂଯୋଜକ ସତ୍ୟରଞ୍ଜନ ବେହେରା କହିଥିଲେ , ଚଳିତବର୍ଷ ଜାତୀୟ ନୃତ୍ୟ ଦଳରେ ହିମାଚଳ ପ୍ରଦେଶ, ଉତ୍ତର ପ୍ରଦେଶ, ପଞ୍ଜାବ, ଆସାମ, ମହାରାଷ୍ଟ୍ର, ରାଜସ୍ଥାନ, ଗୁଜୁରାଟ ଏବଂ ହରିୟାନା ସାମିଲ ଅଛନ୍ତି । ସେହିପରି ରାଜ୍ୟ ନୃତ୍ୟ ଦଳର କଳାକାରମାନେ ସମ୍ବଲପୁରୀ, ଢ଼ାପ, କରମା, ପରବ, ବଜନିଆ, ଘୁମୁରା, ନଚନିଆ, ରସରକେଲି ପ୍ରଭୃତି ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ବିମୋହିତ କରିବେ। ଖବରଦାତା ସମ୍ମିଳନୀରେ ଉପ ଜିଲାପାଳ ଡାକ୍ତର ପୁଷ୍ପାଞ୍ଜଳି ପଣ୍ଡା ଓ ସଂସ୍କୃତି ଅଧିକାରୀ ଅମୃତଲାଲ ବେହେରା ମହୋତ୍ସବର ବିଭିନ୍ନ ଦିଗ ବିଷୟରେ ସୂଚନା ଦେଇଥିଲେ।



ଆୟୋଜିତ ଖବରଦାତା ସମ୍ମିଳନୀରେ ଅଧିକାରୀ ଓ କର୍ମକର୍ତ୍ତାମାନେ।

# ଭୀମ ମଣ୍ଡଳୀରେ ପ୍ରତ୍ନତତ୍ତ୍ୱ ବିଭାଗର ସର୍ବେକ୍ଷଣ

**ନାକଟିଦେଉଳ,୧୧(ବୈକୁଣ୍ଠନାଥ ସାହୁ)**



ପ୍ରତ୍ନତାତ୍ତ୍ୱିକ ଟିମ୍ ସଦସ୍ୟ ଭୀମ ମଣ୍ଡଳୀରେ ସର୍ବେକ୍ଷଣ କରୁଛନ୍ତି।

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଘୋଷରାମାଳ ଗ୍ରାମ ପଞ୍ଚାୟତର ରାଇଲ ଏବଂ ଲାଣ୍ଡିମାଳ ସଂରକ୍ଷିତ ଜଙ୍ଗଲରେ ଥିବା ପ୍ରସିଦ୍ଧ ଭୀମ ମଣ୍ଡଳୀ ଏବଂ ଏହାର ଆଖପାଖ ଅଞ୍ଚଳରେ ଥିବା ଗୁମ୍ଫାଗୁଡିକରେ ଗୁରୁବାର ସର୍ବେକ୍ଷଣ ସହ ଉତଖନନ କାର୍ଯ୍ୟ ଆରମ୍ଭ ହୋଇଛି । ଭାରତୀୟ ପତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା ପୁରୀ ସର୍କଲ ପକ୍ଷରୁ ଏହି କାର୍ଯ୍ୟ ଆରମ୍ଭ ହୋଇଛି। ସଂସ୍ଥା ପକ୍ଷରୁ ଗୁମ୍ଫାଗୁଡିକର ସଂରକ୍ଷଣ ଓ ସୁରକ୍ଷା ଉପରେ ଗୁରୁତ୍ୱ ଦିଆ ଯାଇଛି । ପତ୍ନତତ୍ତ୍ୱ ବିଭାଗ ପୁରୀ ସର୍କଲ ଅଧୀକ୍ଷକ ଦିବିସଦ ବ୍ରଜସୁନ୍ଦର ଗଡ଼ନାୟକ, ଘୋଷରାମାଳ ଗ୍ରାମ ପଞ୍ଚାୟତର ସରପଞ୍ଚ ପ୍ରେମଶିଳା ପ୍ରଧାନ ଏବଂ ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟ ଇତିହାସ ବିଭାଗ ଅଧ୍ୟାପକ ଦେବେଶ କୁମାର ବିଶ୍ୱାଳ ଉପସ୍ଥିତ ରହି ଏହି ସର୍ବେକ୍ଷଣ କାର୍ଯ୍ୟକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୧୦ଜଣିଆ ଟିମ୍ ନିୟୋଜିତ ରହିଥିବା ଜଣାପଡିଛି। ରାଇଲ ଏବଂ ଲାଣ୍ଡିମାଳ ସଂରକ୍ଷିତ ଜଙ୍ଗଲ ଭିତରେ ବିଭିନ୍ନ ସ୍ଥାନରେ ୧୦୦ରୁ ଉର୍ଦ୍ଧ୍ୱ ଗୁମ୍ଫା ରହିଛି। ସେଥି ମଧ୍ୟରୁ ୪୦ରୁ ଅଧିକ ଗୁମ୍ଫାରେ ପ୍ରାଗ୍ରେଐତିହାସିକ ଶୈଳ ଚିତ୍ର ରହିଥିବା ବେଳେ ଏହା ପ୍ରାୟ ୧୫ରୁ ୨୦ହଜାର ବର୍ଷର ପୁରୁଣା ବୋଲି ଅଧୀକ୍ଷକ ଡ.ଗଡ଼ନାୟକ କହିଛନ୍ତି। ତେବେ ଏହି ସବୁ ଗୁମ୍ଫା ଏବଂ ଶୈଳ ଚିତ୍ରଗୁଡିକ ବୈଜ୍ଞାନିକ ପଦ୍ଧତିରେ ଅନୁଧ୍ୟାନ ସହ ସର୍ବେକ୍ଷଣ କରାଯିବ ଏବଂ ଆଗାମୀ ଦିନରେ ଏହାର ଡିଜିଟାଲ ଡକ୍ୟୁମେଣ୍ଟେଶନ କରାଯିବା କାର୍ଯ୍ୟକ୍ରମ ରହିଛି । ଏଥିସହିତ ସମସ୍ତ ଗୁମ୍ଫା ଚିତ୍ରଗୁଡିକର ସଂରକ୍ଷଣ ଓ ସୁରକ୍ଷା ଉପରେ ଅନୁଧ୍ୟାନ ସହ ଏହାର ଜାତୀୟ ସୁରକ୍ଷା ଓ ବିକାଶ ପାଇଁ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦିଆଯିବ ବୋଲି ଡ. ଗଡ଼ନାୟକ ପ୍ରକାଶ କରିଛନ୍ତି।

# ଅସଫଳତା ତ୍ରୁଟି ସୁଧାରିବାର ଏକ ସୁଯୋଗ

**ଲିମସରିଏନ ଯୁବକ ସଂଘର ପ୍ରତିଷ୍ଠା ଦିବସ**

**ସମ୍ବଲପୁର,୧୧(ବି.ଶଙ୍କର)**



ଲିମସରିଏନ୍ ଯୁବକ ସଂଘର ୧୫ତମ ପ୍ରତିଷ୍ଠା ଦିବସରେ ଅତିଥି ଓ କର୍ମକର୍ତ୍ତା ।

ଲିମସରିଏନ୍ ଯୁବକ ସଂଘର ୧୫ତମ ପ୍ରତିଷ୍ଠା ଦିବସ ଗୁରୁବାର ସମ୍ବଲପୁର ମାନେଶ୍ୱର ବ୍ଲକ କାର୍ଯ୍ୟାଳୟ ନିକଟସ୍ଥ ପୀଠରେ ପାଳିତ ହୋଇଛି। ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ସଭ୍ୟ ତଥା ଶିକ୍ଷାବିତ ରାଜେନ୍ଦ୍ର ପଣ୍ଡା ଅତିଥିଭାବେ ଯୋଗଦେଇଥିଲେ। ଜୀବନରେ ଅସଫଳତା ବୋଲି କିଛି ନାହିଁ। ଅସଫଳତା ହେଉଛି ତ୍ରୁଟି ସୁଧାରିବାର ଏକ ସୁଯୋଗ ଏବଂ ଏହା ହିଁ ଆଗକୁ ଯିବା ପାଇଁ ଉଚିତ ଶିକ୍ଷା ଦେଇଥାଏ ବୋଲି ଅତିଥି ପଣ୍ଡା କହିଥିଲେ । ସଂଘ ସଭାପତି ଅମିତ ସ୍ୱାଇଁ ସଭାପତିତ୍ୱ କରି ଏକତା ହିଁ ଶକ୍ତି ବୋଲି କହିଥିଲେ। ନାରାୟଣ ରାଉତ ସଭା ପରିଚାଳନା କରିଥିବା ବେଳେ ଅସୀମ ପତି ଧନ୍ୟବାଦ ଦେଇଥିଲେ। ସଭାରେ ବିଶ୍ୱଜିତ ଦାଶ, ବିଭୁତି ବେହେରା, ଅଂଶୁମାନ ପନାୟକ, ଭବାନୀ ମିଶ୍ର, ସୌମ୍ୟ ପାଢ଼ି, ଅଭିଜିତ ତ୍ରିପାଠୀ, ସୋମନାଥ ପଟେଲ, ସଂଗ୍ରାମ ପଣ୍ଡା, ଅବିନାଶ ପାଣିଗ୍ରାହୀ, ପ୍ରଦ୍ୟୁମ୍ନ ମାହାନା, କୈଳାସ ମେହେର, ହିତେଶ ପ୍ରଧାନ, ଲକି ସାହୁ ଉପସ୍ଥିତ ଥିଲେ । ଏହି ଅବସରରେ ସକାଳେ ଖଣ୍ଡୁଆଳସ୍ଥିତ ଲିମସରିଏନ୍ ମନ୍ଦିରରେ ସଂଘ ସଦସ୍ୟଙ୍କ ପକ୍ଷରୁ ସ୍ୱତନ୍ତ୍ର ପୂଜା କରାଯାଇଥିଲା। ସଭା ପରେ ଜିଲା ସ୍କୁଲ ଛକରେ ସଂଘର ନୂତନ ଝଣ୍ଡା ସ୍ଥାପନ କରାଯାଇଥିଲା। ସେହିପରି ଦୁର୍ଗାପାଲି ସ୍ଥିତ ବୃଦ୍ଧାଶ୍ରମ ଅନ୍ତେବାସୀ ଏବଂ ସହରର ଅନ୍ୟାନ୍ୟ ଅସହାୟ ଲୋକଙ୍କୁ ସଂଘ ପକ୍ଷରୁ କମ୍ବଳ ବଣ୍ଟନ କରାଯାଇଥିଲା ।

# ଯୋଗ ପରିବାର ପକ୍ଷରୁ ସଦ୍ଭାବ ନିରାମୟ କାର୍ଯ୍ୟକ୍ରମ

**ସମ୍ବଲପୁର,୧୧(ଭବାନୀ ଶଙ୍କର ଭୋଇ)**

ଯୋଗ ପରିବାର ପକ୍ଷରୁ ସମ୍ବଲପୁର ଜେଲଛକ ନିକଟସ୍ଥ ଗାନ୍ଧୀ ପାର୍କରେ ଗୁରୁବାର ସକାଳେ ସଦଭାବ ନିରାମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୁରୁ ଟିକେଲାଲ ଭୋଇଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନବବର୍ଷକୁ ସ୍ୱାଗତ କରାଯିବା ସହ ଜୀବନରେ ଯୋଗର ମହତ୍ତ୍ୱ ଉପରେ ଆଲୋଚନା କରାଯାଇଥିଲା। ଏହାପରେ ଗତ ବର୍ଷରେ ଯୋଗ ସାଧନା ଦ୍ୱାରା କ'ଣ ସବୁ ଲାଭ ହୋଇଛି ସେ ବିଷୟରେ ସମସ୍ତ ସଦସ୍ୟ ସଦସ୍ୟା ମାନଙ୍କଠାରୁ ମତାମତ ଉପସ୍ଥାପନା କରାଯାଇଥିଲା। ଯୋଗ ମାଧ୍ୟମରେ ମନରେ ସଦଭାବନା ସୃଷ୍ଟି ହେବା ସହ ଶରୀର ନିରାମୟ ରହିଥାଏ ବୋଲି ଯୋଗ ଗୁରୁ ଟିକେଲାଲ ଭୋଇ କହିଥିଲେ। ଏହି ଅବସରରେ ଯୋଗ ପରିବାରର ସମସ୍ତ ସଦସ୍ୟ ଚଳିତ ବର୍ଷରେ ସକ୍ରିୟ ଏବଂ ନିୟମିତ ଯୋଗ ସାଧନା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏଥିରେ ଯୋଗ ପରିବାରର ସଦସ୍ୟ ସଦସ୍ୟା ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ବିରଞ୍ଚି ନାରାୟଣ ନାୟକ, ହରିହର ମିଶ୍ର, ଶଶୀକାନ୍ତ ଜେନା, ମାନସ ହୋତା, ପ୍ରଜ୍ଞା ହୋତା, ପ୍ରଦୀପ୍ତ କିଶୋର ସୁଣାରୀ, ନରେନ୍ଦ୍ର କୁମାର ପଟେଲ, ଉଦୀପ୍ତ ତ୍ରିପାଠୀ, ରାଜେନ୍ଦ୍ର କୁମାର ବାଗ, କ୍ଷିତୀଶ ବିଶ୍ୱାଳ, ଭୁଟାନ ସିଂହ ପ୍ରମୁଖ ସାମିଲ ହୋଇଥିଲେ।



ଯୋଗ ଗୁରୁଙ୍କ ସହ ଯୋଗ ପରିବାରର ସଦସ୍ୟ ବୃନ୍ଦ।

# ଟୋକନ ନ ମିଳିବା ଯାଏ ଆନ୍ଦୋଳନ

**ଶାସନ, ଠେମରା ଧାନ ମଣ୍ଡିରେ ଚାଷୀଙ୍କ ବିକ୍ଷୋଭ**

**ସମ୍ବଲପୁର,୧୧(ପ୍ରମୋଦ ବହିଦାର)**



ଶାସନ ଧାନମଣ୍ଡିରେ ହାତରେ ପ୍ଲାକାର୍ଡ ଧରି ଚାଷୀମାନେ ଆନ୍ଦୋଳନ କରୁଛନ୍ତି।

ଖରିଫ ଧାନ ବିକ୍ରିପାଇଁ ଟୋକନ ସମସ୍ୟାକୁ ନେଇ ଗୁରୁବାର ମଧ୍ୟ ସମ୍ବଲପୁରରେ ଚାଷୀ ସଙ୍ଗଠନ ପକ୍ଷରୁ ଆନ୍ଦୋଳନ ହୋଇଥିଲା। ଶାସନ ଓ ଠେମରା ମଣ୍ଡିରେ ଅସନ୍ତୁଷ୍ଟ ଚାଷୀମାନେ ପୃଥକ ଭାବେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଟୋକନ ସମସ୍ୟା ନେଇ ମୁଖ୍ୟମନ୍ତ୍ରୀ ଓ ଯୋଗାଣ ମନ୍ତ୍ରୀଙ୍କ ବିରୋଧରେ ବିଷୋଦ୍‌ଗାର କରିଥିଲେ। ଜିଲା କୃଷକ ସୁରକ୍ଷା ସମନ୍ୱୟ ସମିତି ସଭାପତି ବ୍ୟୋମକେଶ ଠାକୁରଙ୍କ ନେତୃତ୍ୱରେ ଗୁରୁବାର ପୂର୍ବାହ୍ନରେ ଶାସନ ମଣ୍ଡିରେ ତାଲବ, ବିଶାଳଖିଣ୍ଡା, କିଲାସମା ଆଦି ପଞ୍ଚାୟତର ଓ ଠେମରା ମଣ୍ଡିରେ ଏକତ୍ରିତ ହୋଇଥିବା ସିନ୍ଦୁରପଙ୍କ, ଠେମରା, ଦଣ୍ଡେଇପାଲି ଆଦି ବିଭିନ୍ନ ଗ୍ରାମର ଆନ୍ଦୋଳନରତ ଚାଷୀମାନେ ଯୋଗାଣ ମନ୍ତ୍ରୀ ଧାନବିକ୍ରି ବାବଦରେ ଅସତ୍ୟ ତଥ୍ୟ ଦେଉଥିବା କହି ନାରା ଦେଇଥିଲେ। ହାତରେ ସରକାର ବିରୋଧୀ ସ୍ଲୋଗାନ ଉଲ୍ଲିଖିତ ପ୍ଲାକାର୍ଡ ଧରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କୃଷକ ସୁରକ୍ଷା ସମନ୍ୱୟ ସମିତି ସଭାପତି ଠାକୁର କହିଛନ୍ତି, ପଶ୍ଚିମ ଓଡ଼ିଶାରେ ଧାନ ସଂଗ୍ରହ ଆଦୌ ସୁରୁଖୁରୁରେ ଚାଲି ନାହିଁ। ଏଭଳି ଅବ୍ୟବସ୍ଥାକୁ ନେଇ ବର୍ତ୍ତମାନ ସମଗ୍ର ପଶ୍ଚିମ ଓଡ଼ିଶାର ଚାଷୀ ଜର୍ଜରିତ। ଏଭଳି ପରିସ୍ଥିତିରେ ଯୋଗାଣ ମନ୍ତ୍ରୀ ଧାନ ସଂଗ୍ରହ ସୁରଖୁରରେ ଚାଲିଛି ବୋଲି କହୁଛନ୍ତି। ଏହାସହ ଚାଷୀମାନଙ୍କୁ ଆନ୍ଦୋଳନଜୀବୀ ବୋଲି ଆକ୍ଷେପ କରୁଛନ୍ତି। ବର୍ତ୍ତମାନ ମଧ୍ୟ ଅନେକ ଚାଷୀଙ୍କୁ ପ୍ରଥମ ପର୍ଯ୍ୟାୟ ଟୋକନ ମିଳିନାହିଁ। କେତେକ ଚାଷୀଙ୍କୁ ଦ୍ୱିତୀୟ ପର୍ଯ୍ୟାୟ ଟୋକନ ମିଳିବା ପରେ ଜାରି ବନ୍ଦ ରହିଛି। ଫଳରେ ଧାନ ବିକ୍ରି ନେଇ ଚାଷୀଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି। ଦୁଇଦିନ ତଳେ ବରଗଡ଼ ଧନୁଯାତ୍ରା ଦେଖିବାକୁ ଅସିଥିବା ମୁଖ୍ୟମନ୍ତ୍ରୀଙ୍କୁ ପଶ୍ଚିମ ଓଡ଼ିଶାରେ ଧାନ ସଂଗ୍ରହରେ ଉପୁଜିଥିବା ଅବ୍ୟବସ୍ଥା ନେଇ ଚାଷୀମାନେ ଅବଗତ କରିବା ସହ ଏହାର ସମାଧାନ ପାଇଁ ନିବେଦନ କରିଥିଲେ। ଆଶାଥିଲା ଧନୁଯାତ୍ରା ମଞ୍ଚରେ ସେ ଧାନ ସଂଗ୍ରହ ପ୍ରକ୍ରିୟାକୁ ବ୍ୟବସ୍ଥିତ କରିବା ନେଇ କିଛି ଘୋଷଣା କରିବେ। ମାତ୍ର ଏନେଇ ସେ ନୀରବ ରହିବା ଦୁର୍ଭାଗ୍ୟଜନକ ବୋଲି ଚାଷୀ ନେତା ଠାକୁର କହିଛନ୍ତି। ତେଣୁ ଚାଷୀ ସଙ୍ଗଠନର ପୂର୍ବ ନିଷ୍ପତ୍ତି ଅନୁସାରେ ଗୁରୁବାର ଶାସନ ଓ ଠେମରା ମଣ୍ଡିରେ ଚାଷୀ ଆନ୍ଦୋଳନକୁ ଓହ୍ଲାଇ ଥିଲେ। ଆଗକୁ ଚାଷୀଙ୍କୁ ଶେଷ ଟୋକନ ନ ମିଳିବା ପର୍ଯ୍ୟନ୍ତ ଜିଲାର ଅନ୍ୟ ଧାନ ମଣ୍ଡିରେ ମଧ୍ୟ ଚାଷୀମାନେ ଅନୁରୂପ ଆନ୍ଦୋଳନ କରିବେ ବୋଲି ସେ କହିଛନ୍ତି। ଆଜିର ଆନ୍ଦୋଳନରେ ଅଶ୍ୱିନୀ ହେତା, ଯୋଗେଶ ଭୋଇ, ରତଣୀ ଭୋଇ, ନିଗମାନନ୍ଦ ପୂଜାରୀ, ଭାସ୍କର ରାଓ, ବଲ୍ଲଭ ସାହୁ, ଦୁର୍ଗା ପୂଜାରୀ, ପ୍ରଫୁଲ୍ଲ ପ୍ରଧାନ, ଅଶ୍ୱନୀ ମହାପାତ୍ର, ସୁଶାନ୍ତ ନାଥ ପ୍ରମୁଖଙ୍କ ସହ ବହୁ ସଂଖ୍ୟାରେ ଚାଷୀ ସାମିଲ ହୋଇଥିଲେ।



ବୁଲଗେରିଆର ସୋଫିଆରେ ନୂଆବର୍ଷ ୨୦୨୬କୁ ସ୍ୱାଗତ କରୁଛନ୍ତି ଲୋକେ। (ଫଟୋ ସୌଜନ୍ୟ: ରଏଟର୍ସ)

# ଆଉ ଜଣେ ହିନ୍ଦୁଙ୍କୁ ଜାଳିଦେବାକୁ ଉଦ୍ୟମ

**ଦୁବାଇ,୧।୧**

ବାଂଲାଦେଶରେ ଆଉ ଜଣେ ହିନ୍ଦୁଙ୍କ ଉପରେ ଆକ୍ରମଣ ହୋଇଛି। ଉତ୍ତ୍ୟକ୍ତ ଲୋକେ ତାଙ୍କୁ ମାଡ଼ ମାରି ଗୁରୁତର କରିଛନ୍ତି। ପରେ ସେମାନେ ପେଟ୍ରୋଲ ଢାଳି ନିଆଁ ଲଗାଇଦେବା ସହ ଜିଅନ୍ତା ଜାଳିଦେବାକୁ ଉଦ୍ୟମ କରିଥିଲେ। ତେବେ ସେ ପାଖରେ ଥିବା ଏକ ପୋଖରୀରୁ ଡେଇଁପଡ଼ିବାରୁ ମୃତ୍ୟୁମୁଖରୁ ବର୍ତ୍ତିଯାଇଛନ୍ତି। ବୁଧବାର ଶାରିଆତପୁର ଜିଲାରେ ଏହି ଘଟଣା ଘଟିଛି। ଆହତ ବ୍ୟକ୍ତିଙ୍କ ନାମ ଖୋକନ ଦାସ(୫୦)। ସେ ଘରକୁ ଫେରୁଥିବାବେଳେ ଉତ୍ତ୍ୟକ୍ତ ଲୋକେ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଖୋକନ ତାଙ୍କ ଔଷଧ ଦୋକାନ ବନ୍ଦ କରି ଘରକୁ ଫେରୁଥିବାବେଳେ ଆକ୍ରମଣକାରୀ ତାଙ୍କୁ ଛୁରି ଭୁସିଥିଲେ ବୋଲି ତାଙ୍କ ସ୍ତ୍ରୀ କହିଛନ୍ତି।

- ପୋଖରୀକୁ ଡେଇଁ ବର୍ତ୍ତିଗଲେ
- ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି
- ବାଂଲାଦେଶରେ ସଂଖ୍ୟାଲଘୁ ଅସୁରକ୍ଷିତ

ଏଥିସହିତ ସେମାନେ ଖୋକନଙ୍କ ମୁଣ୍ଡରେ ଆଘାତ ଦେଇଥିଲେ ଓ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ତେବେ ଆକ୍ରମଣକାରୀ କିଏ, ତାହା ଆମେ ଜାଣିନାହୁଁ। ସ୍ୱାମୀଙ୍କ ପାଇଁ ମୁଁ ନ୍ୟାୟ ଚାହେଁ ବୋଲି ମହିଳା ଜଣକ କହିଛନ୍ତି। ଖୋକନଙ୍କ ଅବସ୍ଥା ସଙ୍କଟାପନ୍ନ



ଗୁରୁତର ଖୋକନଙ୍କୁ ହସ୍ପିଟାଲ ନିଆଯାଉଛି।

ହେବା ପରେ ତାଙ୍କୁ ଢାକା ମେଡିକାଲ କଲେଜ ହସ୍ପିଟାଲକୁ ପଠାଯାଇଛି।

ବାଂଲାଦେଶରେ ୨ ସପ୍ତାହ ମଧ୍ୟରେ ଏହା ହିନ୍ଦୁଙ୍କ ଉପରେ ଚତୁର୍ଥ ଆକ୍ରମଣ। ଗତ ୨୪ ତାରିଖରେ ଅମ୍ରିତ ମଣ୍ଡଳ(୨୯)ଙ୍କୁ ଲୋକେ ପିଟି ମାରିଦେଇଥିଲେ। ସେହିପରି ଗତ ୧୮ ତାରିଖରେ ଦୀପୁ ଚନ୍ଦ୍ର ଦାସ ନାମକ ୨୫ ବର୍ଷୀୟ ହିନ୍ଦୁ ଯୁବକ ଭିଡ଼ ହିଂସାରେ ପ୍ରାଣ ହରାଇଥିଲେ। ଉତ୍ତ୍ୟକ୍ତ ଲୋକେ ଦୀପୁଙ୍କୁ ହତ୍ୟା କରିବା ପରେ ଗଛରେ ଝୁଲାଇ ନିଆଁ ଲଗାଇ ଦେଇଥିଲେ।

ବାଂଲାଦେଶରେ ମହମ୍ମଦ ୟୁନୁସ୍‌ଙ୍କ ନେତୃତ୍ୱାଧୀନ ଅନ୍ତରୀଣ ସରକାରରେ ହିନ୍ଦୁଙ୍କ ସମେତ ସଂଖ୍ୟାଲଘୁମାନଙ୍କ ଉପରେ ଆକ୍ରମଣ ବଢ଼ିଛି। ଏହାକୁ ନେଇ ସାରା ବିଶ୍ୱର ଜନସାଧାରଣ ଏବଂ ମାନବାଧିକାର ସଂଗଠନ କ୍ଷୁବ୍ଧ ହୋଇଛନ୍ତି। ସଂଖ୍ୟାଲଘୁଙ୍କ ପ୍ରତି କ୍ରମାଗତ ଶତ୍ରୁତାକୁ ନେଇ ଗତ ସପ୍ତାହରେ ଭାରତ ସରକାର ସ୍ୱର ଉଠାଇଥିଲେ। ତେବେ ହିଂସାକାଣ୍ଡକୁ ନେଇ ଭାରତର ଉଦ୍‌ବେଗକୁ ବାଂଲାଦେଶ ବହିର୍ବ୍ୟାପାର ମନ୍ତ୍ରଣାଳୟ ଖଣ୍ଡନ କରିଥିଲା। ୟୁନୁସ୍ ସରକାର ସଂଖ୍ୟାଲଘୁଙ୍କୁ ସୁରକ୍ଷା ଦେବାରେ ବିଫଳ ହେବା ସହ ବିଦେଶ ନୀତିରେ ଉଗ୍ରପନ୍ଥୀଙ୍କୁ ସୁଯୋଗ ଦେଉଥିବା କ୍ଷମତାଚ୍ୟୁତ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା କହିଛନ୍ତି।

## ମନ୍ଦିରର ଅଧିକ କଳାକୃତିରୁ ସୁନା ଗାଏବ

**କୋଚି,୧।୧**

**ସାବରିମାଲା ଦୁର୍ନୀତିର ବଡ଼ ପର୍ଦ୍ଦାଫାଶ**



କେରଳ ହାଇକୋର୍ଟଙ୍କ ତରଫରୁ ସାବରିମାଲା ମନ୍ଦିରର ସୁନା ଚୋରି ଘଟଣାର ତଦନ୍ତ ଆରମ୍ଭ କରିଥିବା ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ମନ୍ଦିର ଗର୍ଭଗୃହର ଦ୍ୱାରପାଳ ମୂର୍ତ୍ତି ଏବଂ କବାଟ ବନ୍ଧରୁ ସୁନା ଗାଏବ ହୋଇଥିବା ନେଇ ମାମଲା ରୁଜୁ କରିଛି। ମନ୍ଦିରର ଅଧିକ କାଳକୃତିରୁ ସୁନା ଗାଏବ୍ ହୋଇଥିବା ନେଇ ଏସ୍‌ଆଇଟି କୋଲାମସ୍ଥିତ ଭିଜିଲାନ୍ସ କୋର୍ଟରେ ରିପୋର୍ଟ ଦାଖଲ କରିଛି। ଏଥିସହିତ ସୁନା ଗାଏବ ଘଟଣା ୨ଟି କଳାକୃତିରେ ସୀମିତ ନୁହେଁ ବୋଲି ତଦନ୍ତକାରୀ ଟିମ୍ କହିବା ସହ ଅଭିଯୁକ୍ତମାନଙ୍କୁ ଅଧିକ ଜେରା ପାଇଁ ହାଜତକୁ ନେବା ନିମନ୍ତେ ନିବେଦନ କରିଛି। ରିପୋର୍ଟ ଅନୁଯାୟୀ, ମନ୍ଦିରର ପ୍ରଭା ମଣ୍ଡଳମ୍‌ରେ ଥିବା ୭ଟି ତମ୍ବା ପ୍ଲେଟ୍‌ରେ ଲାଗିଥିବା ସୁନା ନାହିଁ। ଏହା ଶିବ ମୂର୍ତ୍ତି ଏବଂ ବ୍ୟାଲି ରୂପମ୍‌କୁ ଆଚ୍ଛାଦିତ କରି ରଖିଥିଲା।

## ପୀଡ଼ିତାଙ୍କୁ ହତ୍ୟା ଧମକ ଦେଇଥିଲେ ଅଭିଯୁକ୍ତ

**ଫରିଦାବାଦ,୧।୧(ପି.ଟି.)**

**ଫରିଦାବାଦ ଗଣବଳାତ୍କାର**

ଫରିଦାବାଦରେ ଜଣେ ୨୫ ବର୍ଷୀୟା ମହିଳାଙ୍କୁ ଚଳନ୍ତା ଭ୍ୟାନ୍‌ରେ ରାତି ସାରା ଗଣବଳାତ୍କାର କରାଯିବା ପରେ ଦ୍ରୁତ ବେଗରେ ଥିବା ଉକ୍ତ ଭ୍ୟାନ୍‌ରୁ ଫିଙ୍ଗିଦିଆଯାଇଥିଲା। ଏହି ଖବର ପ୍ରକାଶ ପାଇବାର ଦିନକ ପରେ ଅଭିଯୁକ୍ତମାନଙ୍କ ବର୍ବରତା ସାମ୍ନାକୁ ଆସିଛି। ପୀଡ଼ିତା ଜଣକ ୩ ପିଲାର ମାଆ। ତାଙ୍କ ପରିବାର ସଦସ୍ୟଙ୍କ କହିବା ଅନୁଯାୟୀ, ପୀଡ଼ିତା ସାହାଯ୍ୟ ପାଇଁ ଚିତ୍କାର କରିବାରୁ ଅଭିଯୁକ୍ତମାନେ ତାଙ୍କୁ ମାରିଦେବାର ଧମକ ଦେଇଥିଲେ। ଏହା ପରେ ସେମାନେ ଜଣକ ପରେ ଜଣେ ବଳାତ୍କାର କରିଥିଲେ। ୩ ଘଣ୍ଟାର ଡ୍ରାଇଭିଂ ପରେ ସେମାନେ ଦ୍ରୁତ ବେଗରେ ଥିବା ଭ୍ୟାନ୍‌ରୁ ଗୁରୁଗ୍ରାମ-ଫରିଦାବାଦ ରୋଡ୍‌ରେ ଫିଙ୍ଗିଦେଇଥିଲେ। ବିଳମ୍ବିତ ରାତି ଏବଂ କୁହୁଡ଼ି ଯୋଗୁ ରାସ୍ତା ଜନଶୂନ୍ୟ ଥିଲା। ଏହି ଘଟଣା ୧୩ ବର୍ଷ ପୂର୍ବେ ଦିଲ୍ଲୀରେ ଘଟିଥିବା ନିର୍ଭୟା ବଳାତ୍କାର ଘଟଣାର ବୀଭତ୍ସତାକୁ ମନେ ପକାଇଦେଉଛି।

ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ଉତ୍ତରପ୍ରଦେଶର ହୋଇଥିବାବେଳେ ଅନ୍ୟ ଜଣେ ମଧ୍ୟପ୍ରଦେଶର ବୋଲି ଜଣାପଡ଼ିଛି। ସେମାନଙ୍କୁ ପୋଲିସ ଗିରଫ କରିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁବାର ସ୍ଥିର ରହିଛି। ତାଙ୍କୁ ହସ୍ପିଟାଲରେ ଭେଟିଥିବା ହରିୟାଣା କଂଗ୍ରେସ ସଭାପତି ରାଓ ନରେନ୍ଦ୍ର ସିଂ ରାଜ୍ୟରେ ଆଇନ ଶୃଙ୍ଖଳା ସ୍ଥିତିରେ ଅଧୋଗତିକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଏଭଳି ଅମାନବୀୟ ଏବଂ ବୀଭତ୍ସ ଅପରାଧ ମାମଲାର ବିଚାର ଫାଷ୍ଟଟ୍ରାକ୍ କୋର୍ଟରେ କରିବାକୁ ଆହ୍ୱାନ ଦେଇଛନ୍ତି।

## ରୁଷିଆ ଅଧିକୃତ ଅଞ୍ଚଳରେ ୟୁକ୍ରେନ୍‌ର ଡ୍ରୋନ୍ ଆକ୍ରମଣ: ୨୪ ମୃତ

**କିଭ୍,୧।୧**

ରୁଷିଆ ଅଧିକୃତ ଖେର୍‌ସନ ଅଞ୍ଚଳର ଏକ ଗ୍ରାମରେ ୟୁକ୍ରେନ୍‌ର ଡ୍ରୋନ୍ ଆକ୍ରମଣରେ ୨୪ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟୂନ ୫୦ ଜଣ ଆହତ ହୋଇଛନ୍ତି। ଶାନ୍ତି ଆଲୋଚନା ସକାରାତ୍ମକ ହୋଇଥିବା ନେଇ କୂଟନୀତିଜ୍ଞମାନେ କହୁଥିବାବେଳେ ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ଉତ୍ତେଜନା ଲାଗି ରହିଛି। କୃଷ୍ଣ ସାଗର ଉପକୂଳରେ ଥିବା ଖୋର୍ଲି ରିସର୍ଟ ସହରର ଏକ କାଫେ ଏବଂ ହୋଟେଲ ଉପରେ ୩ଟି ଡ୍ରୋନ୍ ମାଡ଼ ହୋଇଥିଲା ବୋଲି ସେଠାରେ ମସ୍କୋ ଦ୍ୱାରା ନିୟୋଜିତ ନେତା ଭ୍ଲାଡିମିର ସାଲ୍‌ଡୋ କହିଛନ୍ତି। ତେବେ ୟୁକ୍ରେନୀୟ ଅଧିକାରୀମାନଙ୍କଠାରୁ କୌଣସି ମତାମତ ମିଳିନାହିଁ। ତେବେ ଆକ୍ରମଣରେ ସମ୍ପୃକ୍ତ ଗୋଟିଏ ଡ୍ରୋନ୍ ଖସୁଥିବାର ଭିଡିଓ ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ଜାରି କରିଛି। ୩ ଦିନ ପୂର୍ବରୁ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କ ବାସଭବନ ଉପରେ ୟୁକ୍ରେନ ଆକ୍ରମଣ କରିଥିବା ନେଇ ମସ୍କୋ ଅଭିଯୋଗ କରିଥିବାବେଳେ କିଭ୍ ଏହାକୁ ଖଣ୍ଡନ କରିଥିଲା। ନୂଆବର୍ଷ ଅଭିଭାଷଣରେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି କହିଛନ୍ତି, ଶାନ୍ତି ଚୁକ୍ତିନାମାର ୯୦ ପ୍ରତିଶତ ପ୍ରସ୍ତୁତ ହୋଇଛି। ତେବେ ଅବଶିଷ୍ଟ ୧୦ ପ୍ରତିଶତରେ ଗୁରୁତ୍ୱପୂର୍ଣ୍ଣ ଆକ୍ରମଣ ସ୍ଥଳ ରହିବ, ଯାହା ଶାନ୍ତି ତଥା ୟୁକ୍ରେନ୍ ଓ ୟୁରୋପର ଭାଗ୍ୟ ନିର୍ଦ୍ଧାରଣ କରିବ ବୋଲି ସେ ସତର୍କ କରାଇଦେଇଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ସ୍ୱତନ୍ତ୍ର ଦୂତ ଷ୍ଟିଭ୍ ୱିଟ୍‌କଫ୍ କହିଛନ୍ତି, ତାଙ୍କ ସମେତ ପରରାଷ୍ଟ୍ର ସଚିବ ମାର୍କୋ ରୁବିଓ ଏବଂ ଟ୍ରମ୍ପ୍‌ଙ୍କ ଜ୍ୱାଇଁ ତଥା ଉପଦେଷ୍ଟା ଜାରେଦ୍ କୁଶନରଙ୍କର ବ୍ରିଟେନ୍, ଫ୍ରାନ୍ସ, ଜର୍ମାନୀ ଏବଂ ୟୁକ୍ରେନ୍ ଜାତୀୟ ସୁରକ୍ଷା ଉପଦେଷ୍ଟାଙ୍କ ସହ ଶାନ୍ତି ପ୍ରକ୍ରିୟା ନେଇ ଫଳପ୍ରଦ ଆଲୋଚନା ହୋଇଛି।

## ଦୂଷିତ ପାଣି ପିଇ ୭ ମୃତ, ୧୬୨ ଅସୁସ୍ଥ

**ଇନ୍ଦୋର,୧।୧**

ସ୍ୱଚ୍ଛତା ସର୍ବେକ୍ଷଣରେ ଲଗାତର ଭାବେ ଦେଶରେ ୧ ନମ୍ବର ସ୍ଥାନରେ ରହୁଥିବା ମଧ୍ୟପ୍ରଦେଶର ଇନ୍ଦୋର ସହର ଏବେ ବିପରୀତ କାରଣକୁ ନେଇ ଚର୍ଚ୍ଚାରେ। ଇନ୍ଦୋରରେ ଦୂଷିତ ପାଣି ପିଇ ୭ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟୂନ ୧୬୨ ଜଣ ଅସୁସ୍ଥ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି।

ଇନ୍ଦୋରର ଭାଗୀରଥପୁରା ଅଞ୍ଚଳରେ ଦୂଷିତ ପାଣି ଯୋଗୁ ଝାଡ଼ାବାନ୍ତି ବ୍ୟାପିଛି। ଏହି ପାଣି ପିଇବା ପରେ ୯ ଜଣଙ୍କ ମୃତ୍ୟୁ ଘଟିଥିବା ଲୋକେ କହୁଥିବାବେଳେ ସ୍ଥାନୀୟ ମେୟର ପୁଷ୍ୟମିତ୍ର ଭାର୍ଗବ ମୃତ୍ୟୁସଂଖ୍ୟା ୭ ବୋଲି କହିଛନ୍ତି। ଗତ ସପ୍ତାହେ ମଧ୍ୟରେ ୧୧୦୦ ଜଣ ଝାଡ଼ାବାନ୍ତିରେ ପଡ଼ିଥିବାବେଳେ ଶତାଧିକ ଲୋକଙ୍କୁ ହସ୍ପିଟାଲରେ ଚିକିତ୍ସା କରାଯାଇଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଯାଦବ ଘଟଣାକୁ ନେଇ ଶୋକବ୍ୟକ୍ତ କରିବା ସହ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରିବାକୁ ଘୋଷଣା କରିଛନ୍ତି। ଏଥିସହ ବିଭିନ୍ନ ହସ୍ପିଟାଲରେ ଚିକିତ୍ସାଧୀନ ଅସୁସ୍ଥମାନଙ୍କୁ ଭେଟିଛନ୍ତି। ସମସ୍ୟାର ସମାଧାନ ପାଇଁ ଇନ୍ଦୋର ମହାନଗର ନିଗମର ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନେ ଉଦ୍ୟମ ଚଳାଇଛନ୍ତି। ପ୍ରାୟ ୪୦,୦୦୦ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିବାବେଳେ ୨,୪୫୬ ଜଣ ଡାଇରିଆରେ ଆକ୍ରାନ୍ତ ହୋଇଥିବା ଚିହ୍ନଟ ହୋଇଛନ୍ତି। ୨୧୨ ରୋଗୀଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୫୦ ଜଣଙ୍କୁ ଡିସ୍‌ଚାର୍ଜ କରାଯାଇଥିବା ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। କୌଣସି ପ୍ରକାର ଅବହେଳାକୁ ସରକାର ବରଦାସ୍ତ କରିବେ ନାହିଁ। ଏଥିପାଇଁ ଯେଉଁମାନେ ଦାୟୀ ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ଚେତାବନୀ ଦେଇଛନ୍ତି।

## ନିମେସୁଲାଇଡ୍ ପେନ୍‌କିଲର ବ୍ୟାନ୍

**ନୂଆଦିଲ୍ଲୀ,୧।୧**

ନିମେସୁଲାଇଡ୍ ପେନ୍‌କିଲର୍‌ର ଉତ୍ପାଦନ, ବିକ୍ରି ଓ ବିତରଣକୁ କେନ୍ଦ୍ର ସରକାର ନିଷିଦ୍ଧ ଘୋଷଣା କରିଛନ୍ତି। ଯନ୍ତ୍ରଣାରୁ ତତ୍କାଳ ମୁକ୍ତି ପାଇଁ ସେବନ କରାଯାଉଥିବା ନିମେସୁଲାଇଡ୍ ପେନ୍‌କିଲରରେ ୧୦୦ରୁ ଅଧିକ ଏମ୍‌ଜି ଫର୍ମୁଲେଶନ୍ ରହୁଛି, ଯାହାକି ମଣିଷ ସ୍ୱାସ୍ଥ୍ୟ ଲାଗି ହାନିକାରକ ବୋଲି ସୋମବାର କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି। ଏହାର ବିକଳ୍ପ ଔଷଧ ବଜାରରେ ଉପଲବ୍ଧ ଥିବାରୁ ତାକୁ କିଣି ସେବନ କରିବା ପାଇଁ ଏଥିରେ ପରାମର୍ଶ ଦିଆଯାଇଛି। ୧୯୪୦ରେ ପ୍ରଣୀତ ଡ୍ରଗ୍ସ ଆଣ୍ଡ କସ୍‌ମେଟିକ୍ସ ଆଇନର ଧାରା ୨୬ଏ ଅନୁସାରେ ଔଷଧ ବୈଷୟିକ ପରାମର୍ଶଦାତା ବୋର୍ଡ ସହ ଆଲୋଚନା ପରେ ଏହି ବ୍ୟାନ୍ ତତ୍କାଳ ଲାଗୁ ହୋଇଥିବା ସରକାରଙ୍କ ପକ୍ଷରୁ ପରାମର୍ଶ ଦିଆଯାଇଛି।

## ଭାରତ-ପାକ୍ ଆଣବିକ ପ୍ରତିଷ୍ଠାନ ତାଲିକା ବିନିମୟ

**ଇସ୍‌ଲାମାବାଦ,୧।୧(ପି.ଟି.)**

ଭାରତ ଓ ପାକିସ୍ତାନ ଗୁରୁବାର କୂଟନୈତିକ ଚ୍ୟାନେଲ ଜରିଆରେ ପରସ୍ପର ମଧ୍ୟରେ ଆଣବିକ ପ୍ରତିଷ୍ଠାନଗୁଡ଼ିକର ତାଲିକା ବିନିମୟ କରିଛନ୍ତି। ଆଣବିକ ପ୍ରତିଷ୍ଠାନ ଉପରେ ଆକ୍ରମଣ ରୋକିବା ପାଇଁ ହୋଇଥିବା ଚୁକ୍ତିନାମା ଅନୁଯାୟୀ ପ୍ରତିବର୍ଷର ପ୍ରଥମ ଦିନରେ ଏଭଳି ତାଲିକା ବିନିମୟ ହୋଇଥାଏ। ୧୯୮୮ ଡିସେମ୍ବର ୩୧ରେ ଉକ୍ତ ଚୁକ୍ତିନାମା ସ୍ୱାକ୍ଷର ହୋଇଥିଲା। ଏଥିସହିତ ୨ ଦେଶ ୨୦୦୮ ମେ' ୨୧ରେ ସ୍ୱାକ୍ଷର କରିଥିବା କନ୍‌ସୁଲାର ଆକ୍ସେସ୍ ଚୁକ୍ତି ଅନୁଯାୟୀ, ଭାରତ ଓ ପାକିସ୍ତାନ ବନ୍ଦୀ ତାଲିକା ବିନିମୟ କରିଛନ୍ତି। ତଦନୁଯାୟୀ ପାକିସ୍ତାନ ଜେଲରେ ୧୯୯ ମତ୍ସ୍ୟଜୀବୀଙ୍କ ସମେତ ୨୫୭ ଜଣ ଭାରତୀୟ ବନ୍ଦୀ ରହିଥିବା ନେଇ ଇସ୍‌ଲାମାବାଦସ୍ଥିତ ଭାରତୀୟ ଉଚ୍ଚାୟୁକ୍ତଙ୍କୁ ପାକିସ୍ତାନ କର୍ତ୍ତୃପକ୍ଷ ତାଲିକା ପ୍ରଦାନ କରିଛନ୍ତି।

**ଫୁର୍‌ସତ୍**

# ସିଟି ବଜାଇ ପରସ୍ପରକୁ ଡାକନ୍ତି

ସାରା ବିଶ୍ୱରେ ଅନେକ ଗାଁ ଅନନ୍ୟ କାରଣ ପାଇଁ ଜଣାଶୁଣା। ଭାରତରେ ଏପରି ଏକ ଗାଁ ଅଛି, ଯାହା ଏହାର ଅନନ୍ୟ ଶୈଳୀ ପାଇଁ ବେଶ୍ ପରିଚିତ। ଦୁନିଆରେ ଏପରି କୌଣସି ଲୋକ ନାହିଁ ଯାହାର ନାଁ ନାହିଁ। ଲୋକମାନେ ପରସ୍ପରକୁ ସେମାନଙ୍କ ନାଁ ଧରି ଡାକିଥାନ୍ତି। ସାଧାରଣତଃ ଲୋକମାନେ ସେମାନଙ୍କ ମା'ବାପାଙ୍କ ଦ୍ୱାରା ଦିଆଯାଇଥିବା ନାଁ ଦ୍ୱାରା ଚିହ୍ନଟ ହୋଇଥାନ୍ତି। କିନ୍ତୁ ଭାରତର ଏକ ଗାଁରେ ଲୋକଙ୍କୁ ସେମାନଙ୍କ ନାଁ ଦ୍ୱାରା ନୁହେଁ, ବରଂ ଏକ ସ୍ୱର ଦ୍ୱାରା ବା ସିଟି ବଜାଇ ଡକାଯାଏ। ମେଘାଳୟ ରାଜ୍ୟରେ ଅବସ୍ଥିତ ଏହି ଅନନ୍ୟ ଗାଁ, ଯେଉଁଠାରେ ଲୋକମାନେ ପରସ୍ପରକୁ ସିଟି ବଜାଇ ଡାକନ୍ତି। ଯେତେବେଳେ ଏକ ପିଲା ଜନ୍ମ ହୁଏ, ତା' ନାମରେ ଏକ ସ୍ୱର ଦିଆଯାଏ, ଯାହା ତା' ନାମ ହୋଇଯାଏ। ମେଘାଳୟର ଖାସି ପାହାଡ଼ରେ ଅବସ୍ଥିତ ଏହି ଗାଁକୁ କାଙ୍ଗଥାନ କୁହାଯାଏ। ଅନନ୍ୟ ବୈଶିଷ୍ଟ୍ୟ ପାଇଁ ସିଟି ଗାଁ ଭାବରେ ମଧ ଜଣାଶୁଣା। ଗାଁରେ ଯେତେବେଳେ ଏକ ଶିଶୁ ଜନ୍ମ ହୁଏ, ସେମାନଙ୍କ ମାଆ ଏକ ଅନନ୍ୟ ସ୍ୱର ରଚନା କରନ୍ତି ଏବଂ ବଜାଇ ଦିଅନ୍ତି। ଧିରେ ଧିରେ ପିଲାଟି ସେହି ସ୍ୱରକୁ ନିଜ ନାମ ଭାବରେ ଚିହ୍ନିପାରେ। ଏହା ପରେ ଲୋକମାନେ ସେମାନଙ୍କୁ ଡାକିବା ପାଇଁ ସିଟି ବଜାଇଥାନ୍ତି। ଏହି ସ୍ୱର ପକ୍ଷୀଙ୍କ କିଚିରିମିଚିରି ଦ୍ୱାରା ପ୍ରଭାବିତ ହୋଇଥାଏ। ଏହି ସ୍ୱରକୁ ଜିଙ୍ଗରାୱାଇ ଲୋବେଇ କୁହାଯାଏ। ଆପଣ ଏହାର ଅନେକ ଭିଡିଓ ସୋସିଆଲ ମିଡିଆରେ ପାଇପାରିବେ। ପ୍ରକୃତରେ ସିଟି ପର୍ବତରେ ପ୍ରତିଧ୍ୱନିତ ହୁଏ, ଯାହା ଫଳରେ ଲୋକମାନେ ପରସ୍ପରକୁ ଡାକିବା ପାଇଁ ସିଟି ବଜାଇଥାନ୍ତି। ଯାହା ଦ୍ୱାରା ଶବ୍ଦ ଦୂର ଦୂରାନ୍ତ ପର୍ଯ୍ୟନ୍ତ ପ୍ରତିଧ୍ୱନିତ ହୁଏ ଏବଂ ଶୁଣାଯାଇପାରେ। ଏଠାରେ ଲୋକଙ୍କ ନାଁ ମଧ୍ୟ ଅଛି, ଯାହା ଡକ୍ୟୁମେଣ୍ଟରେ ଲେଖାଯାଇଥାଏ। ତଥାପି ସାଧାରଣତଃ ସେମାନଙ୍କୁ ଡାକିବା ପାଇଁ ସିଟି ବଜା ଯାଇଥାଏ।



# ଅନୁପମଙ୍କ ପ୍ରତିଜ୍ଞା



ଅନୁପମ ଖେର

ବଲିଉଡ୍ ନୂଆବର୍ଷକୁ ଜୋରଦାର୍ ସ୍ୱାଗତ କରିଛି। କିଏ ନିଜ ପରିବାର ସହିତ ସମୟ ବିତାଉଛନ୍ତି ତ ଆଉ କିଏ ମନ୍ଦିରରେ ପ୍ରାର୍ଥନା କରି ଆଶୀର୍ବାଦ ନେଉଛନ୍ତି। ଅଭିନେତା ଅନୁପମ ଖେର ନୂଆବର୍ଷରେ ଏକ ବଡ଼ ପ୍ରତିଜ୍ଞା କରିଛନ୍ତି। ସେ ତାଙ୍କ ପ୍ରଶଂସକଙ୍କ ସହିତ ମନର କଥା ଶେୟାର କରିଛନ୍ତି। ଅନୁପମ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ'ରେ ଏକ ଭିଡିଓ ପୋଷ୍ଟ କରିଛନ୍ତି। ସେ ଗରିବଙ୍କୁ ସାହାଯ୍ୟ କରିବାକୁ ଏବଂ ନିଜ କାନ୍ଧରେ ଦୁନିଆର ବୋଝ ବୋହିବାକୁ ପ୍ରତିଜ୍ଞା କରିଛନ୍ତି। ଭିଡିଓରେ ସେ କହିଛନ୍ତି, ଜୀବନର ପ୍ରତ୍ୟେକ ବର୍ଷ ଆମକୁ କିଛି ନୂଆ ଶିଖାଏ, ଏବଂ ମୁଁ ୨୦୨୫ରୁ ଯାହା ଶିଖିଛି ୨୦୨୬ରେ ମୋ ଜୀବନରେ ସେଗୁଡ଼ିକୁ ପ୍ରୟୋଗ କରିବାକୁ ଚାହେଁ। ତାହା ହେଉଛି ଏହି ଛୋଟ ଛୋଟ ଜିନିଷ। ନିଜ ଉପରେ ଅତ୍ୟଧିକ ବୋଝ ନ ନେବା, ଗରିବଙ୍କୁ ସାହାଯ୍ୟ କରିବା, ପନିପରିବା ବିକ୍ରେତାଙ୍କ ସହିତ ମୂଲଚାଲ ନ କରିବା ଏବଂ ଭୁଲ କାମ କରୁଥିବା ଲୋକଙ୍କ ତ୍ରୁଟି ସୁଧାରିବା ଦାୟିତ୍ୱ ନିଜେ ନେବା ବିଷୟରେ କହିଛନ୍ତି। ସେ ଆହୁରି ଲେଖିଛନ୍ତି, ଆପଣ ମଧ୍ୟ ଏହି ଜିନିଷଗୁଡ଼ିକ ମଧ୍ୟରୁ କିଛି ଶିକ୍ଷା ପାଇବେ। ସମସ୍ତଙ୍କୁ ନୂତନ ବର୍ଷର ଶୁଭେଚ୍ଛା। ଭଗବାନ ଆପଣଙ୍କୁ ସୁଖ ଏବଂ ଶାନ୍ତି ସହିତ ଆଶୀର୍ବାଦ କରନ୍ତୁ। ନିଜ ପାଇଁ, ପରିବାର, ସମାଜ ଏବଂ ଦେଶ ପାଇଁ ଚିନ୍ତା କରନ୍ତୁ ଏବଂ ଭଲ କାମ କରନ୍ତୁ ବୋଲି ଅନୁପମ କହିଛନ୍ତି।।

# ସ୍ୱାମୀଙ୍କ ଠେଙ୍ଗାମାଡ଼ରେ ସ୍ତ୍ରୀ ମୃତ

ହେମଗିର,୧।୧
(ଚୈତନ୍ୟ ପଟେଲ)

## ଅଭିଯୁକ୍ତ ସ୍ୱାମୀ ଗିରଫ

ସୁନ୍ଦରଗଡ଼ ଜିଲ୍ଲା ହେମଗିର ଥାନା ଅନ୍ତର୍ଗତ ଖୁଟିପାଳି ଗ୍ରାମରେ ବୁଧବାର ରାତିରେ ସ୍ୱାମୀଙ୍କ ଠେଙ୍ଗାମାଡ଼ରେ ସ୍ତ୍ରୀଙ୍କ ମୃତ ହୋଇଛି। ଏହି ଘଟଣାରେ ହେମଗିର ପୋଲିସ ଅଭିଯୁକ୍ତ ସ୍ୱାମୀ ମକୁନ୍ଦ ଧନୱାର(୩୪)ଙ୍କୁ ଗୁରୁବାର ଗିରଫ କରିଛି। ଘଟଣା ସ୍ଥଳରେ ଥାନା ଅଧିକାରୀ ମନୋରଞ୍ଜନ ବିଶି, ଆସିଷ୍ଟାଣ୍ଟ ସବ୍‌ଇନ୍ସପେକ୍ଟର ମିତ୍ରଭାନୁ ସା, ସବ୍‌ଇନ୍ସପେକ୍ଟର ହରିଶ କୁମାର ଛତର ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଏକ ମାମଲା (ନଂ.୧/୨୬) ରୁଜୁ କରିଛି। ହତ୍ୟାରେ ବ୍ୟବହୃତ ଠେଙ୍ଗାକୁ ପୋଲିସ ଜବତ କରିଥିବା ଆଇଆଇସି ବିଶି ସୂଚନା ଦେଇଛନ୍ତି। ପୋଲିସ ସୂଚନା ଅନୁଯାୟୀ, ମକୁନ୍ଦ ଏବଂ ସ୍ତ୍ରୀ ପୁଷ୍ପ ଧନୱାର (୩୦) ବୁଧବାର ହେମଗିର ସାପ୍ତାହିକ ହାଟ ସାରି ଘରକୁ ଫେରୁଥିଲେ। ହଠାତ୍ କୌଣସି କଥାକୁ ନେଇ ରାସ୍ତା ମଝିରେ ୨ ଜଣଙ୍କ ଝଗଡ଼ା ହୋଇଥିଲା। ଏଥିରେ ଉତ୍ତେଜିତ ହୋଇ ମକୁନ୍ଦ ସ୍ତ୍ରୀଙ୍କୁ ଠେଙ୍ଗାରେ ପିଟି ଥିଲେ। ପରେ ତାଙ୍କୁ ୩ ଶହ ମିଟର ଦୂରରେ ଥିବା ନିଜ ଘରକୁ ଘୋଷାଡ଼ି ନେଇଥିଲେ। ଏଥିରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ହେଲେ ଘଟଣା ସମ୍ପର୍କରେ ସେ କାହାକୁ କିଛି ଜଣାଇ ନ ଥିଲେ। ତେବେ ଗୁରୁବାର ପୁଷ୍ପ ବାହାରକୁ ନ ବାହାରିବାରୁ ପଡ଼ୋଶୀ ତାଙ୍କୁ ହତ୍ୟା କରାଯାଇଥିବା ଆଶଙ୍କା କରିଥିଲେ। ଏହାକୁ ନେଇ ଗାଁରେ ଚର୍ଚ୍ଚା ବଢ଼ିଥିଲା। କୌଣସି ସୂତ୍ରରୁ ହେମଗିର ପୋଲିସ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ତନାଘନା କରିଥିଲା। ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଅପରପକ୍ଷରେ ପୁଷ୍ପଙ୍କ ବାପା ଗୁଞ୍ଜଲାଲ ଧନୱାର ଅନେକ ଥର ଉଭୟ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଗଣ୍ଡଗୋଳ ହେଉଥିଲା ବୋଲି କହିଛନ୍ତି। ତେବେ ଝିଅଙ୍କୁ ହତ୍ୟା କରାଯାଇଥିବା ଥାନାରେ ଅଭିଯୋଗ କରିଛନ୍ତି।

# ଗାଁ ଦାଣ୍ଡରେ ବୃଦ୍ଧଙ୍କୁ ହତ୍ୟା

ଦିଗପହଣ୍ଡି,୧।୧ (ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି ଥାନା ଅଞ୍ଚଳରେ ନୂଆବର୍ଷର ପ୍ରଥମ ଦିନ ଗୁରୁବାର ଏକ ହତ୍ୟାକାଣ୍ଡ ଘଟିଛି। ନାତୁଣୀଙ୍କୁ ହଇରାଣ ନ କରିବା ପାଇଁ ତାଗିଦ୍ କରିବାରୁ ଜଣେ ବୃଦ୍ଧଙ୍କୁ ହତ୍ୟା କରାଯାଇଛି। ମୃତକ ହେଲେ ଦିଗପହଣ୍ଡି ବ୍ଲକ ନିମଖଣ୍ଡି ପଞ୍ଚାୟତ ସିଦ୍ଧବା ଗ୍ରାମର ସନିଆ ଗୌଡ଼(୮୫)। କେ.ନୂଆଗାଁ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ୨ ଅଭିଯୁକ୍ତ ସିଦ୍ଧବା ଗ୍ରାମର ଶିବ ଗୌଡ଼ ଏବଂ [illegible] ଗୌଡ଼ଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଗତ କିଛିଦିନ ହେଲା ଗାଁରେ ରହୁଥିବା ସନିଆଙ୍କ ନାତୁଣୀଙ୍କୁ ଶିବ ହଇରାଣ ହରକତ କରୁଥିଲେ। ସନିଆ ତାଙ୍କୁ ଏଭଳି କାମରୁ ନିବୃତ୍ତ ହେବାକୁ ଚେତାବନୀ ଦେଇଥିଲେ। ଗତ ମଙ୍ଗଳବାର ରାତି ପ୍ରାୟ ୯ଟାରେ ଶିବ ପୁଣି ନାତୁଣୀଙ୍କୁ ଦୁର୍ବ୍ୟବହାର କରିଥିବା ଓ ଗୁରୁବାର ସକାଳେ ଘର ସମ୍ମୁଖରେ ଶିବଙ୍କୁ ଦେଖି ସନିଆ ତାଗିଦ୍ କରିଥିଲେ। ଏଥିରେ ଉତ୍ତେଜିତ ହୋଇ ଶିବ ଓ ତାଙ୍କ ସମ୍ପର୍କୀୟ ସନିଆଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳି କରିଥିଲେ। ସନିଆ ଏହାର ପ୍ରତିବାଦ କରିବାରୁ ଶିବ ଏକ ଭଙ୍ଗା ଠେସ କାଠରେ ତାଙ୍କୁ ନିର୍ଘାତ ପିଟିଥିଲେ। ଗୁରୁତର ଅବସ୍ଥାରେ ସନିଆଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। କେ.ନୂଆଗାଁ ଥାନା ପୋଲିସ ପହଞ୍ଚି ତଦନ୍ତ କରିବା ସହ ଦିଗପହଣ୍ଡି ମେଡିକାଲରୁ ମୃତଦେହ ଜବତ କରିଥିଲା। ଏ ନେଇ ସନିଆଙ୍କ ପୁଅ ବିଚିତ୍ର ଗୌଡ଼ଙ୍କ ଏତଲାକୁ ଭିତ୍ତିକରି ପୋଲିସ ନଂ.୧/୨୬ରେ ମାମଲା ରୁଜୁ କରିଛି। ବ୍ରହ୍ମପୁର ବଡ଼ ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି।

# ତ୍ରିକୋଣୀୟ ପ୍ରେମରୁ ଗଡ଼ିଲା ମୁଣ୍ଡ

ଭୁବନେଶ୍ୱର,୧।୧ (ତ୍ରିନାଥ ମହାନ୍ତି)

- ମୁଖ୍ୟ ଅଭିଯୁକ୍ତ ନଣ୍ଡାଙ୍କୁ ଗିରଫ ଦାବିରେ ରାସ୍ତାରୋକୋ
- ଚିକିତ୍ସାଧୀନ ଅବସ୍ଥାରେ ଜିତୁନଙ୍କ ମୃତ୍ୟୁ

ନୟାପଲ୍ଲୀ ଡିଏଭି ସ୍କୁଲ ନିକଟରେ ଗତ ୨୭ ତାରିଖରେ ସଂଘବଦ୍ଧ ଆକ୍ରମଣର ଶିକାର ହୋଇ ମୃତ୍ୟୁ ସହ ସଂଗ୍ରାମ କରୁଥିବା ଜିତୁନ ଦାସ ଓରଫ ବବୁଲଙ୍କ ଗୁରୁବାର ମୃତ୍ୟୁ ଘଟିଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ନୟାପଲ୍ଲୀ ନୂଆସାହିର ଜିତୁନ ଜଣେ ଡ୍ରାଇଭର ଭାବେ କାମ କରୁଥିଲେ। ଘଟଣା ରାତିରେ ଫେରୁଥିବାବେଳେ ବିଟ୍ ରାସ୍ତାରେ ତାଙ୍କୁ ଆକ୍ରମଣ ହୋଇଥିଲା। ଏନେଇ ନୟାପଲ୍ଲୀ ଥାନା ପକ୍ଷରୁ ପ୍ରଥମେ ହତ୍ୟା ଉଦ୍ୟମ ମାମଲା ରୁଜୁ କରାଯାଇ ପୋଲିସ ୨ଜଣ ନାବାଳକ ଏବଂ ଦଶପଲ୍ଲାର ସୁମନ ନାୟକଙ୍କୁ ପୂର୍ବରୁ ଗିରଫ କରିଥିଲା। ହତ୍ୟା ପଛରେ ଥିବା ମାଷ୍ଟରମାଇଣ୍ଡ ନଣ୍ଡାଙ୍କୁ ସହଯୋଗ କରିଥିବା ଜଣେ ନାବାଳକଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି। ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ସିଏମ୍‌ଇ ଅଫିସ ସମ୍ମୁଖ ରାସ୍ତାରେ ମୃତକଙ୍କ ପରିବାର ଏବଂ ପଡ଼ୋଶୀ ରାସ୍ତାରୋକୋ କରିଥିଲେ। ନ୍ୟାୟ ନ ମିଳିଲେ ସେମାନେ ରାସ୍ତାରୁ ହଟିବେ ନାହିଁ ବୋଲି କହିଥିଲେ। ଖବରପାଇ ବରିଷ୍ଠ ପୋଲିସ ଅଧିକାରୀ ପହଞ୍ଚି ବୁଝାଶୁଝା କରିବା ସହ ଅନ୍ୟ ଅଭିଯୁକ୍ତମାନଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି କହିବା ପରେ ରାସ୍ତାରୋକୋ ହଟିଥିଲା। ଫେରାର ନଣ୍ଡାଙ୍କୁ ଧରିବା ପାଇଁ ୨ଟି ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଚାଲିଛି। ପୋଲିସ ତଦନ୍ତରୁ ଏହି ହତ୍ୟାକାଣ୍ଡ ତ୍ରିକୋଣୀୟ ପ୍ରେମକୁ ନେଇ ଘଟିଥିବା ଜାଣିବାକୁ ପାଇଛି। ଫେରାର ଅଭିଯୁକ୍ତ ନଣ୍ଡା ଏବଂ ନୟାପଲ୍ଲୀ ନୂଆସାହିର ବବୁଲ ଜଣେ ଯୁବତୀଙ୍କୁ ଭଲ ପାଉଥିଲେ। ବବୁଲ ଉକ୍ତ ଯୁବତୀଙ୍କ ଅତି ନିକଟତର ହେବା ପରେ ନଣ୍ଡା କ୍ରୋଧାନ୍ୱିତ ହୋଇଥିଲେ। ଏପରିକି ବବୁଲଙ୍କୁ ତାଙ୍କ ରାସ୍ତାରୁ ହଟିଯିବା ପାଇଁ କହିଥିଲେ। ବବୁଲ ଯୁବତୀଙ୍କ ଠାରୁ ଦୂରେଇବା ବଦଳରେ ଅତି ନିକଟତର ହୋଇଥିଲେ। ସେଥିପାଇଁ ନଣ୍ଡା ତାଙ୍କୁ ରାସ୍ତାରୁ ହଟାଇବା ପାଇଁ ଯୋଜନା କରିଥିଲେ। ତାଙ୍କୁ ସହଯୋଗ କରିବା ପାଇଁ ସୁମନ ନାୟକଙ୍କୁ କହିଥିଲେ। ସୁମନ ତାଙ୍କ ନାବାଳକ ଗ୍ୟାଙ୍ଗକୁ ଧରି ହତ୍ୟାକରିବା ପାଇଁ ଯୋଜନା କରିଥିଲେ।

# ମାନସିକ ବିକାରଗ୍ରସ୍ତ ଯୁବତୀଙ୍କୁ ବଳାତ୍କାର

ବାହାନଗା,୧।୧
(ଅରୂପ୍ କୁମାର ଦାସ)

ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ୍ ତଥା ଗୋପାଳପୁର ଥାନା ଅଞ୍ଚଳରେ ନୂଆବର୍ଷରେ ଏକ ଲଜ୍ଜାଜନକ ଘଟଣା ଘଟିଛି। ୨୮ ବର୍ଷୀୟ ଜଣେ ମାନସିକ ବିକାରଗ୍ରସ୍ତ ଯୁବତୀଙ୍କୁ ବଳାତ୍କାର କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପୋଲିସ୍ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ସେହି ଗ୍ରାମର ଚକ୍ରଧର ତ୍ରିପାଠୀ (୫୪)।

ସୂଚନା ଅନୁଯାୟୀ, ଗୁରୁବାର ସକାଳ ୮ଟା୩୦ରେ ପୀଡ଼ିତା ଏକୁଟିଆ ଥିବା ସୁଯୋଗରେ ଚକ୍ରଧର ତାଙ୍କ ଘରେ ପଶି ବଳାତ୍କାର କରିଥିଲେ। ସେହି ସମୟରେ ପୀଡ଼ିତାଙ୍କ ମା' ଘରକୁ ଫେରି ଝିଅର ଚିତ୍କାର ଶୁଣି ଡାକ ପକାଇଥିଲେ। ଅଭିଯୁକ୍ତ ସେଠାରୁ ପଳାଇ ଯିବାକୁ ଚେଷ୍ଟା କରୁଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ କାବୁ କରି ଏକ ଖୁଣ୍ଟରେ ବାନ୍ଧି ପକାଇ ପୋଲିସକୁ ଖବର ଦେଇଥିଲେ। ପୋଲିସ୍ ପହଞ୍ଚି ଅଭିଯୁକ୍ତଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିଲା। ଶୁକ୍ରବାର ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା କରାଯିବ ବୋଲି ପୋଲିସ ସୂଚନା ଦେଇଛି।

# ଠକେଇ ର୍‍ୟାକେଟ୍‌ର ପର୍ଦ୍ଦାଫାଶ, ୨ ଗିରଫ

ଅନୁଗୋଳ,୧।୧
(ଜ୍ୟୋତିରଞ୍ଜନ ସାହୁ)

ଠକେଇ ଉଦ୍ଦେଶ୍ୟରେ ବିଭିନ୍ନ ବ୍ୟାଙ୍କରେ ଏକାଧିକ ଆକାଉଣ୍ଟ ଖୋଲି ବେଆଇନ ଟଙ୍କା କାରବାର କରୁଥିବା ଅଭିଯୋଗରେ ଅନୁଗୋଳ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଭଦ୍ରକ ଜିଲାର ତନ୍ମୟ କୁମାର ମଲିକ (୨୧) ଓ ଅନୁଶ କୁମାର ନାୟକ (୨୨)।

ସୂଚନା ଅନୁଯାୟୀ, ନାଲ୍‌କୋନଗରସ୍ଥିତ ଇଣ୍ଡିଆନ ଓଭରସିଜ ବ୍ୟାଙ୍କରେ ନୂଆ ପାସ୍‌ବୁକ ଯାଞ୍ଚ ସମୟରେ ୨ ଯୁବକଙ୍କ ଚଳାଚଳ ଓ କାଗଜପତ୍ରରେ ଅସଙ୍ଗତି ଦେଖାଦେବା ପରେ ବ୍ୟାଙ୍କ କର୍ମଚାରୀ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଥିଲା। ଯାଞ୍ଚରୁ ଭଦ୍ରକର ତନ୍ମୟ ଓ ଅନୁଗୋଳର ଅମାନ୍ତ ବେହେରା ପୂର୍ବରୁ ଏକ ଆକାଉଣ୍ଟ ଥିବା ସତ୍ତ୍ୱେ ଅନ୍ୟ ଜଣଙ୍କ ନାମରେ ଆକାଉଣ୍ଟ ଖୋଲିବାକୁ ଚେଷ୍ଟା କରୁଥିଲେ ବୋଲି ଜଣାପଡ଼ିଥିଲା। ପୋଲିସ ପଚରାଉଚରା ସମୟରେ ଏକାଧିକ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ସାଇବର ଠକେଇ ସମ୍ପୃକ୍ତ ଥିବା ତନ୍ମୟ ସ୍ୱୀକାର କରିଥିଲେ। ପୋଲିସ ଯାଞ୍ଚରେ ୪ଟି ବ୍ୟାଙ୍କ ଆକାଉଣ୍ଟରେ ମୋଟ ୧ କୋଟି ୧୯ ଲକ୍ଷ ଟଙ୍କାରୁ ଅଧିକ କାରବାର ହୋଇଥିବା ତଥ୍ୟ ପାଇଥିଲା। ଏହାପରେ ଆକାଉଣ୍ଟରେ ଥିବା ୨ ଲକ୍ଷ ୫୮ ହଜାର ଟଙ୍କାକୁ ଫ୍ରିଜ୍ କରାଯାଇଥିଲା। ଏଥିସହ ତନ୍ମୟ ଓ ଭଦ୍ରକରୁ ସହଯୋଗୀ ଅନୁଶଙ୍କୁ ଗିରଫ କରାଯାଇଥିଲା।


## ନିୟନ୍ତ୍ରିତ ବଜାର କମିଟି, ବରଗଡ଼

**No.E-638** : Applications are invited from eligible candidates for filling up of the following position under National Health Mission, Odisha on Contractual basis with monthly remuneration as noted and subject to renewal as per the terms and conditions of OSH&FW Society. The position is purely temporary and co-terminus with the scheme. Lower age limit for the position is 21 years as on dtd.01.01.2026.

| Sl. No. | Name of the Position | No. of Vacancy | Remuneration (in Rs.), Performance Incentive (P.I.) & other allowances as admissible |
|---|---|---|---|
| 01 | District Data Manager | 01 | Rs.52,142/-+P.I. |

Interested candidates can log on to **www.nhmodisha.gov.in** for details of vacancy, eligibility criteria, age, ToR & Selection Procedure etc. **Online application form will be available from 02.01.2026 to 09.01.2026 by 11.59 P.M. Last date for receipt of the System Generated Application duly signed by the candidate along with self attested copies of all supportive documents is 17.01.2026 (by 5.30 P.M.).**

**The authority reserves the right to cancel this advertisement or modify the terms and conditions of this advertisement and the recruitment criteria at any stage of recruitment process without assigning any reason thereof.**

OIPR- Sd./- Mission Director, NHM,
Member Secretary, OSH&FWS, Odisha

---

**ODISHA PUBLIC SERVICE COMMISSION**
19, DR. P. K. PARIJA ROAD, CUTTACK- 753001

NOTICE
NO.8987/PSC, Dt.31.12.2025
(2PG-09-25/26, DR-I)

**ADVERTISEMENT NO. 05 OF 2025-26**
Website - https://opsc.gov.in

| | |
|---|---|
| I. | Odisha Civil Services Examination, 2025 |
| II. | No. of Vacancies - 314 (104-w) |

**No. D- :** Online applications are invited from the prospective candidates for recruitment to Odisha Civil Services, 2025, through Proforma Application to be made available in the WEBSITE (https://opsc.gov.in). The link for registration and payment of examination fee shall be available from 20.01.2026 to 20.02.2026 (5.00 P.M.) **(Note- 27.02.2026 (5.00 P.M.) is the last date for submission of registered Online Application)** for admission to the Odisha Civil Services Preliminary Examination, 2025 in the scale of pay for Group-A Service is Rs.56,100/- in Level-12-Cell- 1 in the Pay Matrix & Group-B Service is Rs. 44,900/- in Level-10-Cell-1 in the Pay Matrix provided under Rule-3 of ORSP Rules, 2017.

2. **VACANCY POSITION:** As per requisition filed by the General Administration & P.G. Department, Government of Odisha, **the vacancy position for the post of Odisha Civil Services, 2025 is 314 (104-w).**
3. **AGE LIMIT:** A candidate must have attained the age of 21 years and must not be above the age of 42 years as on the **1st day of January, 2025,** i.e. he/she must not have been born earlier than **2nd January, 1983** and not later than **1st January, 2004.**
4. **EDUCATIONAL QUALIFICATION:** A candidate **must hold a Bachelor's Degree** from any University incorporated by an Act of the Central or a State Legislature in India or an Educational Institution established by an Act of Parliament or deemed to be a University under Section-3 of the University Grants Commission Act, 1956 or a Foreign University approved by the Central Government from time to time.
5. **EXAMINATION FEE:** The candidates **other than SC, ST and PwD** category shall have to pay the examination fee amounting to **Rs. 700/- (Rupees Seven hundred) only** through online mode while filling the Online Application Form. The examination fees **paid shall be refunded only to those candidates who actually appear in the both the papers of the Preliminary Examination. Applications without payment of examination fees (except SC/ST/PwD candidates) will be taken as incomplete and outrightly be rejected.**
   Refund shall be issued in due course after completion of the preliminary examination. Refunds will be processed to the original mode of payment used at the time of the transaction by the candidate. (Credit Card, Debit Card, UPI, Net Banking, Wallet, etc.)
5. **METHOD OF SELECTION:**
   The Combined Competitive Recruitment Examination shall comprise of the following: -
   (A) Preliminary Examination (Objective Type) for the selection of candidates for Main Examination.
   There shall be negative marking for wrong answers. **One-third (0.33)** of the marks assigned to a question shall be deducted as penalty.
   (B) Main Examination (Written and Interview) for the selection of candidates for the various services and posts.
   **The details of Plan of Examination, Scheme, Subjects & Syllabus for the Preliminary and Main Examinations is available at Annexure-II, III & V of Long Advertisement.**
6. **DATE OF EXAMINATION:**
   The Preliminary Examination of OCS-2025 will be held tentatively on **07.06.2026 (Sunday)**. The detailed Schedule and Centre of Examination will be notified in due course.
7. **HOW TO APPLY:**
   Candidates must go through the details of this Advertisement available in the website of OPSC before filling up of Online Application Form.
   Candidates must apply online though the website of OPSC https://opsc.gov.in. Applications received through any other mode would not be accepted and summarily be rejected.

CUTTACK Sd./- SECRETARY
DT- 31.12.25 ODISHA PUBLIC SERVICE COMMISSION, CUTTACK
OIPR-

See Career Appointment on every Wednesday & Saturday

---

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ (ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)
**ODISHA POWER TRANSMISSION CORPORATION LIMITED** (A Government of Odisha Undertaking)
Lifeline of Odisha

**OFFICE OF THE SENIOR GENERAL MANAGER, (PROJECTS) - I**
OPTCL TECH TOWER, JANPATH, SAHEED NAGAR, BHUBANESWAR-751007

No.CAD-2875 **NOTIFICATION**

No. 1008 Dated : 30.12.2025

In accordance with section-164 of Indian Electricity Act, 2003 and in exercise of the power conferred upon OPTCL vide departmental of Energy, Government of Odisha Order no: R&R-II-10/2006/2353 dated 09.03.2006, the following transmission scheme, which are intended to be undertaken by the Odisha Power Transmission Corporation Limited for execution, are published for general information. The estimated cost of the project is Rs. 56.56 Crore Approx. It is also notified in the interest of general public that any person interested in making representation regarding the execution of the above scheme, may submit such representation in writing so as to reach the **Sr. GM (Project)-1, OPTCL, Bhubaneswar** within two months from the date of publication of this notification. Full details of the scheme and plan may be seen in the office of the concerned Deputy General Manager (Elect),EHT (Projects) Division, OPTCL, Jajpur Road as mentioned against the work, on any working day during office hours.

**Name of the Work:-** Construction of proposed 220KV D/C line from existing 220/132/33KV Grid S/s, Turumunga to proposed 400KV Grid S/s at Basudevpur, Keonjhar (Approx. line length of 49.96Km).

**Name of the Village in which the line will Pass :**
**Tahasil:** Patna ,**(a) R.I Circle:** Kantiapada, **Revenue Village-** Godipokhari, **(b) R.I Circle:** Khireitangiri, **Revenue Village-** Khireitangiri, Baunshuli; **Tahasil:** Jhumpura, **(a) R.I Circle:** Ukhunda, **Revenue Village-** Silitia, Sanadhanurjayapur, Pahadapur, Sarasinga, Tukudiha, Barapashi, Rasabantala, Manoharapur, **(b)R.I Circle:** Chauthia, **Revenue Village-** Gidhibas, Manima, Hatianasa, Chaitanpur, **(c) R.I Circle:** Malad, **Revenue Village -** Dhatika, **(d) R.I Circle:** Gumura, **Revenue Village-** Jagannathpur, Naradapur, Jaganathpur ; **Tahasil:** Champua, **(a) R.I Circle:** Bhimapur, **Revenue Village-** Tangaarabantala, Nischintapur, Kamanda(ka), Shirikuan, Birakuan(Ka), Birakuan(Kha), Bhodapashi, Silipunj, **(b) R.I Circle:** Karanjia, **Revenue Village-** Kanjiasula, Berhampur, Bishnupur, Jamunapasi, Bidyadharpur, Ichinda, **(c) R.I Circle:** Remuli, **Revenue Village-** Kalikaprasada, Hanjapasi, Taduabahal, **(d) R.I Circle:** Chimila, **Revenue Village-** Basudevpur, Sarasapashi; **Tahasil:** Barbil, (a) **R.I Circle:** Chamakpur, **Revenue Village-** Ramachandrapur, Basudevpur.

**Perceived benefit that may accrue :** This will facilitate an alternate power source to the existing 220/132/33KV Grid S/s, Turumunga and will provide un- interrupted power supply to the domestic & industrial loads in & around Turumunga, Godipokhari, Patna, Saharpada, Palaspanga, Jumpura & Karanjia command area in particular & overall development of Keonjhar district in general.

FIPR-77/2025-26 **ER. SUNIL KUMAR DANDSENA**
OIPR- Sr. General Manager (Projects- I)

/optcl.odisha /optcl_odisha

---

ପୌରପରିଷଦ କାର୍ଯ୍ୟାଳୟ, ପାରଳାଖେମୁଣ୍ଡି, ଗଜପତି
**OFFICE OF THE MUNICIPAL COUNCIL, PARALAKHEMUNDI, GAJAPATI**

Phone No.:06815-222052, e-Mail:parala.mply@gmail.com
Letter No.4603, Date:30.12.2025

**QUOTATION CALL NOTICE**

No.C-1942:Sealed quotations are invited from agency having relevant certificates and past experience for the work "Ward level wall painting on 1EC activities relating to sanitation theme for wide awareness of ward habitants". The tender paper will be available on payment of Rs.3000/- (Rupees Three Thousand) only (which is non refundable) in shape of Demand Draft in any Nationalized Bank payable at Paralakhemundi in favour of Executive Officer, Paralakhemundi Municipality or payment of cash. The prescribed bid documents & related terms conditions can be downloaded from www.gajapati.odisha.gov.in or purchased from office from dated 01.01.2026. The Quotations with double cover must comprise with technical bid & the Financial bid. The quotations should reach this office on or before 09.01.2026 by 01.00 PM through Speed Post / Register Post only and the technical bid will be opened on 12.01.2026 at 11.00 AM and financial bid will be open on 16.01.2026 at 11.00 A.M. in presence of the agency or their authorized representative if any. Quotation incomplete in any respect / received after due date & time will be summarily rejected. The undersigned reserves the right to accept or reject any or all quotations without assigning any reason thereof.

OIPR- Sd./- Executive Officer
Paralakhemundi Municipality

---

# ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ବାଲେଶ୍ୱର

ବିଜ୍ଞପ୍ତି ସଂଖ୍ୟା: ୧୮୦୧/ତାରିଖ ୩୦.୧୨.୨୦୨୫

No.g-140:- ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଏହି ଶିଶୁମାନଙ୍କର ଯଦି କେହି ପିତା, ମାତା, ଅଭିଭାବକ ବା ଆଇନସିଦ୍ଧ ଦାବିଦାର ଥାଆନ୍ତି ତେବେ ଏହି ବିଜ୍ଞାପନ ପ୍ରକାଶ ପାଇବାର ୩୦ (ତିରିଶ) ଦିନ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ବାଲେଶ୍ୱର ଫୋନ୍ ନମ୍ବର - ୮୯୧୭୫୨୧୭୨୫ କିମ୍ବା ଅଧ୍ୟକ୍ଷ, ଜିଲ୍ଲା ଶିଶୁ ମଙ୍ଗଳ କମିଟି, ଉତ୍କଳ ବାଳାଶ୍ରମ ପରିସର, ସହଦେବଖୁଣ୍ଟା, ବାଲେଶ୍ୱର, ଫୋନ୍- ୯୮୬୧୩୭୯୦୦୫କୁ ଯୋଗାଯୋଗ କରିପାରିବେ । ଉପରୋକ୍ତ ସମୟସୀମା ପରେ କୌଣସି ଦାବିପତ୍ର ଗ୍ରହଣ କରାଯିବ ନାହିଁ । ନିର୍ଦ୍ଧାରିତ ସମୟ ପରେ ଏହି ଶିଶୁଟିକୁ ଧାରା ୩୮(୧) କିଶୋର ନ୍ୟାୟ ଆଇନ (ଯତ୍ନ ଓ ସୁରକ୍ଷା) ୨୦୧୫ (ସଂଶୋଧିତ ୨୦୨୧) ଅନୁଯାୟୀ ପୋଷ୍ୟ ସନ୍ତାନ ନିମନ୍ତେ ଆଇନତଃ ଯୋଗ୍ୟ ବିବେଚିତ କରାଯାଇପାରେ ।

| ଶିଶୁର ନାମ | ବୟସ | ଲିଙ୍ଗ | ଉଦ୍ଧାର ସମ୍ବନ୍ଧୀୟ ବିବରଣୀ | ଫଟୋ |
|---|---|---|---|---|
| ରାମ (ଦିଆ ଯାଇଥିବା ନାମ) | ୧ ମାସ | ପୁଅ | ଉକ୍ତ ଶିଶୁଟିକୁ ଗୁଣିଆ ମାଛି, ଗ୍ରାମ- ବିଶ୍ୱନାଥପୁର, ପୋ- ଲଙ୍ଗଳେଶ୍ୱର, ଥାନା- ସିଙ୍ଗଲା, ଜିଲ୍ଲା- ବାଲେଶ୍ୱର ଅବହେଳିତ ଅବସ୍ଥାରେ ଉଦ୍ଧାର କରି ଫକୀର ମୋହନ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଚିକିତ୍ସା ପାଇଁ ତା.୨୫.୧୧.୨୦୨୫ ରିଖରେ ଭର୍ତ୍ତି କରାଯାଇଥିଲା । ବର୍ତ୍ତମାନ ସୁଦ୍ଧା ଏହି ଶିଶୁକୁ ନେବା ପାଇଁ ତାର ଜନ୍ମିତ ପିତାମାତା ବା ଆଇନସିଦ୍ଧ ଦାବିଦାର ଆସିନାହାନ୍ତି । ଉକ୍ତ ଶିଶୁଟିର ଚିକିତ୍ସା ପରେ ବର୍ତ୍ତମାନ ଯତ୍ନ ଓ ସୁରକ୍ଷା ନିମନ୍ତେ ବାଲେଶ୍ୱର ଜିଲ୍ଲା ଶିଶୁ ମଙ୍ଗଳ କମିଟିଙ୍କ ଆଦେଶ ସଂଖ୍ୟା ୪୯୬/୨୫ ତା.୧୬.୧୨.୨୫ ରିଖ ବଳରେ ଏକ ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରରେ ରଖାଯାଇଛି । ଅଦ୍ୟାବଧି ଏହି ଶିଶୁର କୌଣସି ଦାବିଦାର ଆସିନାହାନ୍ତି । |  |
| ସୀତା (ଦିଆ ଯାଇଥିବା ନାମ) | ୨୩ ଦିନ | ଝିଅ | ଉକ୍ତ ଶିଶୁଟିକୁ ବାଲେଶ୍ୱର ଅରଡ ବଜାର ଗ୍ରାମର ଗ୍ରାମବାସୀ ଅବହେଳିତ ଅବସ୍ଥାରେ ଉଦ୍ଧାର କରି ବାଲେଶ୍ୱର ମୁଖ୍ୟ ହସ୍ପିଟାଲରେ ଚିକିତ୍ସା ପାଇଁ ତା.୩୦.୧୧.୨୫ରିଖରେ ଭର୍ତ୍ତି କରାଯାଇଥିଲା । ବର୍ତ୍ତମାନ ସୁଦ୍ଧା ଏହି ଶିଶୁକୁ ନେବା ପାଇଁ ତାର ଜନ୍ମିତ ପିତାମାତା ବା ଆଇନସିଦ୍ଧ ଦାବିଦାର ଆସିନାହାନ୍ତି । ଉକ୍ତ ଶିଶୁଟି ସୁସ୍ଥ ହେବା ପରେ, ବର୍ତ୍ତମାନ ଯତ୍ନ ଓ ସୁରକ୍ଷା ନିମନ୍ତେ ବାଲେଶ୍ୱର ଜିଲ୍ଲା ଶିଶୁ ମଙ୍ଗଳ କମିଟିଙ୍କ ଆଦେଶ ସଂଖ୍ୟା ୫୦୯/୨୫ ତା.୨୦.୧୨.୨୫ରିଖ ବଳରେ ଏକ ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରରେ ରଖାଯାଇଛି । ଅଦ୍ୟାବଧି ଏହି ଶିଶୁର କୌଣସି ଦାବିଦାର ଆସିନାହାନ୍ତି । |  |

OIPR- ସ୍ୱା./- ଜିଲ୍ଲାପାଳ, ବାଲେଶ୍ୱର

---

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଦେବଗଡ଼

[ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ]

ବିଜ୍ଞପ୍ତି ସଂଖ୍ୟା-୬୨୯/୨୫, ତା- 31/12/25

No. g-139:- ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ନିମ୍ନରେ ଉଲ୍ଲେଖ କରାଯାଇଥିବା ଶିଶୁମାନେ ଦେବଗଡ଼ ଶିଶୁ ମଙ୍ଗଳ କମିଟିର ନିଷ୍ପତ୍ତିକ୍ରମେ ସପୋର୍ଟ ଶିଶୁ ଗୃହରେ ଆନୁଷ୍ଠାନିକ ଯତ୍ନ ମଧ୍ୟରେ ରହିଆସୁଛନ୍ତି । ଏହି ଶିଶୁମାନଙ୍କର ଯଦି କେହି ପିତାମାତା କିମ୍ବା ଅଭିଭାବକ କିମ୍ବା ଆଇନସିଦ୍ଧ ଦାବିଦାର ଥାଆନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ତିରିଶ (୩୦) ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣପତ୍ର ସହ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଦେବଗଡ଼ [ଫୋନ୍- ୮୯୮୪୩୮୧୫୦୦] କିମ୍ବା ଅଧ୍ୟକ୍ଷ, ଶିଶୁ ମଙ୍ଗଳ ସମିତି, ଦେବଗଡ଼ [୦୬୬୪୧-୨୨୬୬୪୩]କୁ ଯୋଗାଯୋଗ କରିପାରିବେ । ଉପରୋକ୍ତ ସମୟସୀମା ଅତିକ୍ରାନ୍ତ ପରେ କୌଣସି ଦାବିପତ୍ର ଗ୍ରହଣ କରାଯିବ ନାହିଁ । ଏହି ଶିଶୁମାନଙ୍କୁ କିଶୋର ନ୍ୟାୟ ଅଧିନିୟମ - ୨୦୧୫ ଅନ୍ତର୍ଗତ ଧାରା - ୩୮(୧) ଓ ପୋଷ୍ୟ ସନ୍ତାନ ଗ୍ରହଣ ନିୟମାବଳୀ-୨୦୨୨ ଅନୁଯାୟୀ ପୋଷ୍ୟ ସନ୍ତାନ ଗ୍ରହଣ ପ୍ରକ୍ରିୟା ମାଧ୍ୟମରେ ଥଇଥାନ କରାଯିବ ।

ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ
ସ୍ୱା./- ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଦେବଗଡ଼

| କ୍ରମିକ ସଂଖ୍ୟା | ଶିଶୁର ନାମ | ଲିଙ୍ଗ/ ବୟସ | ଶିଶୁ ଗୃହରେ ପ୍ରବେଶ ତାରିଖ | ଶିଶୁ ଯତ୍ନ ଅନୁଷ୍ଠାନର ନାମ | ଫଟୋ |
|---|---|---|---|---|---|
| ୧ | ବର୍ଷା ସ୍ୱାଇଁ | ଝିଅ (୮ ବର୍ଷ) | ୨୮/୦୧/୨୦୨୧ | ସପୋର୍ଟ ଶିଶୁ ଗୃହ |  |
| ୨ | ଅନାମ ମୁଣ୍ଡା | ପୁଅ (୧୦ ବର୍ଷ) | ୦୫/୦୪/୨୦୨୪ | ସପୋର୍ଟ ଶିଶୁ ଗୃହ |  |
| ୩ | ଅଜୟ ମୁଣ୍ଡା | ପୁଅ (୧୩ ବର୍ଷ) | ୦୫/୦୪/୨୦୨୪ | ସପୋର୍ଟ ଶିଶୁ ଗୃହ |  |
| ୪ | ଶିବାନନ୍ଦ | ପୁଅ (୭ ମାସ) | ୦୨/୦୬/୨୦୨୫ | ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର |  |

OIPR-

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ । ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ ।


# ଜେଲଗଲେ ମୁଖ୍ୟ ଅଭିଯୁକ୍ତ

### ଯୁବକଙ୍କୁ ମାରି ଫିଙ୍ଗି ଦେବା ଘଟଣା

**ବୀରମହାରାଜପୁର, ୧।୧ (ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଉଲୁଣ୍ଡା ବ୍ଲକ କଳାପଥର ପଞ୍ଚାୟତ ଅନ୍ତର୍ଗତ ନୂଆପାଲି ଗାଁର ପଙ୍କଜ ଜଗଦଲାଙ୍କୁ ମାରି ଫିଙ୍ଗି ଦେବା ଘଟଣାର ଅଭିଯୁକ୍ତ ସରୋଜ ମେହେର(୩୪)ଙ୍କୁ ଗୁରୁବାର ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ପଙ୍କଜଙ୍କ ମୃତଦେହ ୨୮ ତାରିଖ ସକାଳେ ନିକଟସ୍ଥ ପୋଖରୀ ରାସ୍ତାରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିଥିବା ଗ୍ରାମବାସୀ ଦେଖି ପୋଲିସକୁ ସୂଚନା ଦେଇଥିଲେ । ପଙ୍କଜଙ୍କ ବାପା ସୁରୁବାବୁ ଜଗଦଲା ପୁଅକୁ ହତ୍ୟା କରାଯାଇଥିବା ନେଇ ବୀରମହାରାଜପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ବୀରମହାରାଜପୁର ଥାନାରେ ଏକ ମାମଲା(ନଂ.୨୫୯/୨୫) ରୁଜୁ କରି ପୋଲିସ ନୂଆପାଲିର ସରୋଜ ମେହେରଙ୍କୁ ଅଟକ ରଖି ପଚରାଉଚରା କରିଥିଲା । ସରୋଜ ହତ୍ୟା କରିଥିବା ସ୍ୱୀକାର କରିଥିଲେ । ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆ ପୋଲିସ ଜବତ କରିଥିଲା । ପଙ୍କଜ ଓ ସରୋଜଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଗତ କିଛି ଦିନ ପୂର୍ବରୁ ଉଚ୍ଚବାଚ୍ଚ ହୋଇଥିଲା । ଉକ୍ତ ଘଟଣାକୁ ନେଇ ରାଗ ରଖି ୨୭ତାରିଖ ରାତିରେ ପଙ୍କଜଙ୍କୁ ନିଆଁ ପୋଇଁବାକୁ ଘରୁ ଡାକି ଆଣିଥିଲେ । କୌଶଳକ୍ରମେ ପଛପଟରୁ ପଙ୍କଜ ମୁଣ୍ଡରେ ଆଘାତ କରିଥିଲେ । ପଙ୍କଜ ପଡିବା ପରେ ତାଙ୍କ ମୁଣ୍ଡକୁ ବାରମ୍ବାର ଆକ୍ରମଣ କରି ସେଠାରୁ ଘରକୁ ଚାଲିଯାଇଥିଲେ । ସକାଳୁ କିଛି ନ ଜାଣିଲା ପରି ବୀରମହାରାଜପୁର ବଜାରକୁ ଆସି ଘରକୁ ଫେରିଥିଲେ । କିଛିଦିନ ପୂର୍ବର ଗଣ୍ଡଗୋଳ ଓ ପାରିପାର୍ଶ୍ୱିକ ସ୍ଥିତିକୁ ଅନୁଧ୍ୟାନ କରି ପୋଲିସ ସରୋଜ ମେହେରଙ୍କ ପାଖରେ ପହଞ୍ଚି ଥିଲା ।

# ଅସ୍ମିତା ଖେଲୋ ଇଣ୍ଡିଆରେ ସମ୍ବଲପୁରର ସଫଳତା



ସମ୍ବଲପୁର କିକ୍ ବକ୍ସିଂ ଆସୋସିଏଶନର ପ୍ରତିଯୋଗୀ ଏବଂ କର୍ମକର୍ତ୍ତା ।

**ସମ୍ବଲପୁର, ୧।୧ (ଭବାନୀ ଶଙ୍କର ଭୋଇ)**

ଯାଜପୁରସ୍ଥିତ ବିଜୁ ପଟ୍ଟନାୟକ ଇନଡୋର ହଲରେ ଆୟୋଜିତ ଅସ୍ମିତା ଖେଲୋ ଇଣ୍ଡିଆରେ ସମ୍ବଲପୁର କିକ୍‌ବକ୍ସିଂ ବାଳିକା ଦଳର ସଫଳତାକୁ ନେଇ ଗୁରୁବାର ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରା ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆସୋସିଏଶନ ସମ୍ପାଦକ ତଥା କୋଚ ସମସ୍ତ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଥିଲେ । ନବବର୍ଷକୁ ଆସୋସିଏଶନ ପକ୍ଷରୁ ସ୍ୱାଗତ କରାଯାଇ ଖେଲୋ ଇଣ୍ଡିଆ ପ୍ରତିଯୋଗିତାରେ ଖେଳ ବିଷୟରେ ଆଲୋଚନା କରାଯାଇଥିଲା । ପ୍ରତିଯୋଗିତାରେ ସର୍ମିଲ ସାହୁ ଲାଇଟ କଣ୍ଟାକ୍ଟରେ ସ୍ୱର୍ଣ୍ଣ ଏବଂ ପଏଣ୍ଟ ଫାଇଟରେ ବ୍ରୋଞ୍ଜ, ଚାନ୍ଦନୀ ସାହାଣୀ ଲାଇଟ କଣ୍ଟାକ୍ଟରେ ରୌପ୍ୟ ଏବଂ ପଏଣ୍ଟ ଫାଇଟରେ ବ୍ରୋଞ୍ଜ, ଶିବାଂଶୀ ତ୍ରିପାଠୀ ପଏଣ୍ଟ ଫାଇଟ, ଲାଇଟ କଣ୍ଟାକ୍ଟ ଏବଂ ଅସ୍ତ୍ର ଚାଳନାରେ ୪ ବ୍ରୋଞ୍ଜ, ସାଇସୃଷ୍ଟିପଏଣ୍ଟ କଣ୍ଟାକ୍ଟରେ ବ୍ରୋଞ୍ଜ, ଶ୍ରେୟାଂଶୀ ତ୍ରୀପାଠୀ ଅସ୍ତ୍ର ଚାଳନାରେ ବ୍ରୋଞ୍ଜ ପଦକ ହାସିଲ କରିଥିଲେ । ତେବେ ଯେଉଁ ପ୍ରତିଯୋଗୀମାନେ ପଦକ ହାସଲ କରିପାରି ନାହାନ୍ତି ସେମାନଙ୍କୁ ଅଧିକ ପରିଶ୍ରମ କରିବାକୁ କୋଚ ପରାମର୍ଶ ଦେଇଥିଲେ । ଭିତ୍ତିଭୂମି ଅଭାବରୁ ସମ୍ବଲପୁରରେ ଅଧିକ କିକ୍‌ବକ୍ସିଂ ପ୍ରତିଯୋଗୀ ବାହାରି ପାର ନ ଥିବା ବୈଠକରେ ମତପ୍ରକାଶ ପାଇଥିଲା । ତେବେ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ କିକ୍‌ବକ୍ସିଂ ଅଭ୍ୟାସ ପାଇଁ ସୁଯୋଗ ଦେଇଥିବାରୁ ପ୍ରଶାସନ ଏବଂ ପଶ୍ଚିମାଞ୍ଚଳ ଏକା ମଞ୍ଚକୁ ସମ୍ପାଦକ ସୁବ୍ରତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ନବବର୍ଷର ସ୍ୱାଗତ ସମାରୋହ

**କୋଲାବିରା, ୧।୧ (ସଞ୍ଜୟ ପୂଜାରୀ)**

କୋଲାବିରା ବ୍ଲକ କଳା ବିକାଶ କେନ୍ଦ୍ର ପକ୍ଷରୁ ନବ ବର୍ଷର ସ୍ୱାଗତ ସମାରୋହ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । କଳାକେନ୍ଦ୍ରର ପୁରାତନ ସଦସ୍ୟ ରଘୁନାଥପାଲି ଗ୍ରାମର ରାହାସ ପଧାନଙ୍କ ଅମର ଆତ୍ମାର ସଦଗତି କାମନା କରି ୧ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଅପରାହ୍ନରେ କଳାକେନ୍ଦ୍ରର ସଭାପତି ତଥା ଜିଲାପରିଷଦ ସଦସ୍ୟ ନୃପଲାଲ ପଶାୟତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ସଭାରେ ଭାଜପା ମଣ୍ଡଳ ସଭାପତି ରାଜେଶ ଦାଶ, ଏମ୍‌ପି ପ୍ରତିନିଧି ସମରେନ୍ଦ୍ର ରାଏ, ସମଲେଶ୍ୱରୀ ସାହିତ୍ୟ ସଂସଦର ସଭାପତି ଶୋଭାଚନ୍ଦ୍ର ନାଏକ, କୋଶଳ ସେରାମିକ କାରଖାନାର ବରିଷ୍ଠ ଅଧିକାରୀ ରସାନନ୍ଦ ମହନ୍ତ ପ୍ରମୁଖ ସମ୍ମାନିତ ଅତିଥିଭାବରେ ଯୋଗଦେଇଥିଲେ । ଅବସରପ୍ରାପ୍ତ ଶିକ୍ଷକ ଅନାଦି ପଧାନ ମୁଖ୍ୟବକ୍ତା ଭାବରେ ଯୋଗଦେଇଥିଲେ । କଳାକେନ୍ଦ୍ରର ସମ୍ପାଦକ ଡୋଲାମଣି ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ । ଏ ଅବସରରେ ବ୍ରଜରାଜନଗର ରେମଜାର ବ୍ୟାସଦେବ ବାରିକଙ୍କୁ ଜଣେ ଭଲ କଳାକାର ଭାବରେ ସମ୍ବର୍ଦ୍ଧିତ କରାଯାଇଥିଲା । ସଭାପତି ସମାସିଂହା ଧରଣୀଧର ସଙ୍ଗୀତ ପରିଷଦ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଅଞ୍ଚଳର କଳାକାର ଅତୁଲ୍ୟ ଚାନ୍ଦ, ଜସପାଲ ସିଂ, ୟେଲିନା ବାଗ, ଆୟୁଷ ବାଗ, ଗିରିଜାସଙ୍କର ସିଂ, ଶତ୍ରୁଘ୍ନ ଲୁହା, ସରୋଜ ଛତ୍ରାନ, ଶିଶୁ କଣ୍ଠଶିଳ୍ପୀ ଦେବକୁମାର ଛତ୍ରାନ, ଲକ୍ଷ୍ମୀନାରାୟଣ ବାଗ ପ୍ରମୁଖ ଭଜନ, ଗୀତ, ବାଦ୍ୟ ସହ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।


ନବବର୍ଷରେ ଗୁରୁବାର ସମ୍ବଲପୁର ସମଲେଶ୍ୱରୀ ପୀଠରେ ଭକ୍ତମାନେ ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି ।

# ସମଲେଶ୍ୱରୀଙ୍କ ପୀଠରେ ଭକ୍ତଙ୍କ ସମାଗମ

### ନବବର୍ଷରେ ଦେବୀଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କଲେ

**ସମ୍ବଲପୁର, ୧।୧ (ଭବାନୀ ଶଙ୍କର ଭୋଇ)**

ନବବର୍ଷରେ ଗୁରୁବାର ସମ୍ବଲପୁରର ଇଷ୍ଟଦେବୀ ସମଲେଇଙ୍କ ପୀଠରେ ପ୍ରବଳ ଭକ୍ତଙ୍କ ସମାଗମ ହୋଇଥିଲା । ସମ୍ବଲପୁର ସମେତ ରାଜ୍ୟ ଓ ରାଜ୍ୟ ବାହାରର ଭକ୍ତମାନେ ଦେବୀଙ୍କ ଦଶନ ପାଇଁ ସକାଳୁ ମନ୍ଦିରରେ ପହଞ୍ଚିଥିଲେ । ଏଥିସହ ନିଜ ଏବଂ ପରିବାର ପାଇଁ ନୂତନ ବର୍ଷ ସୁଖମୟ ହେଉ ବୋଲି କାମନା କରି ମାଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ ।

ଗୁରୁବାର ପ୍ରାତଃ ୪ଟା ୩୦ରେ ସମଲେଇଙ୍କ ମଙ୍ଗଳ ଆଳତୀ ହୋଇଥିଲା । ସକାଳ ୫ଟା ୩୦ରେ ଦେବୀଙ୍କ ଦର୍ଶନାର୍ଥେ ଭକ୍ତଙ୍କ ପାଇଁ ମନ୍ଦିର ଦ୍ୱାର ଉନ୍ମୁକ୍ତ କରାଯାଇଥିଲା । ସକାଳ ୫ଟା ୩୦ରୁ ମା'ଙ୍କ ଦର୍ଶନ ଆରମ୍ଭ ହୋଇ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବେ ରହିଥିଲା । ଅନ୍ନଭୋଗ ସକାଶେ ପୂର୍ବାହ୍ନ ୧୧ଟା ୪୫ରୁ ମଧ୍ୟାହ୍ନ ୧୨ଟା ୩୦ ପର୍ଯ୍ୟନ୍ତ ମା'ଙ୍କ ଦର୍ଶନ ବନ୍ଦ ହୋଇଥିଲା । ସେହିପରି ମଧ୍ୟାହ୍ନ ୧୨ଟା ୩୦ରୁ ସନ୍ଧ୍ୟା ୭ଟା ୪୫ ପର୍ଯ୍ୟନ୍ତ ଦର୍ଶନ ଜାରି ରହିଥିଲା । ରାତି ୭ ଟା ୪୫ରୁ ୮ଟା୩୦ ପର୍ଯ୍ୟନ୍ତ ମା'ଙ୍କ ସନ୍ଧ୍ୟା ଆଳତୀ ପାଇଁ ଦର୍ଶନ ବନ୍ଦ କରାଯାଇଥିଲା । ରାତି ୧୦ଟା ୩୦ ପର୍ଯ୍ୟନ୍ତ ପହଡ ନୀତି କରାଯିବା ସହ ଭକ୍ତଙ୍କ ପାଇଁ ଦେବୀଙ୍କ ଦର୍ଶନ ବନ୍ଦ ରହିଥିଲା । ଭକ୍ତଙ୍କ ସୁବିଧା ଦୃଷ୍ଟିରୁ ମା'ଙ୍କୁ ଧାଡ଼ି ଦର୍ଶନ ବ୍ୟବସ୍ଥା ହୋଇଥିଲା । ମନ୍ଦିର ବାହାରେ ଭକ୍ତଙ୍କ ପାଇଁ ମନ୍ଦିର ଟ୍ରଷ୍ଟବୋର୍ଡ ପକ୍ଷରୁ ଅନ୍ନ ପ୍ରସାଦ ଏବଂ ଶୁଖିଲା ଭୋଗ ବଣ୍ଟନ କରାଯାଇଥିବା ମନ୍ଦିର ପ୍ରଶାସକ ବିଚିତ୍ରାନନ୍ଦ ଆଚାର୍ଯ୍ୟ ସୂଚନା ଦେଇଛନ୍ତି । ଭକ୍ତଙ୍କ ଗହଳିକୁ ଦୃଷ୍ଟିରେ ରଖି ମନ୍ଦିର ପ୍ରଶାସନ ପକ୍ଷରୁ ପାନୀୟ ଜଳ ଓ ଅନ୍ୟାନ୍ୟ ବ୍ୟବସ୍ଥା କରାଯାଇଥିଲା । ଭକ୍ତମାନେ ମା'ଙ୍କ ଦର୍ଶନ ସହ ମନ୍ଦିର ପରିସରରେ ନିର୍ମାଣ ହୋଇଥିବା ପ୍ରକଳ୍ପ ବୁଲି ଦେଖିଥିଲେ । ମନ୍ଦିର ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟ ଓ ଅନ୍ୟ ପୂଜକମାନେ ଏଥିରେ ସହଯୋଗ କରିଥିଲେ । ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ କୁମାର ବାବୁ ଏବଂ ଟ୍ରଷ୍ଟ ବୋର୍ଡ ସଭ୍ୟମାନେ ଭକ୍ତଙ୍କ ଦର୍ଶନ ସକାଶେ ଆନୁଷଙ୍ଗିକ ବ୍ୟବସ୍ଥା କରିଥିଲେ ।

# ଦିଅଁ ଦର୍ଶନରୁ ଆରମ୍ଭ ହେଲା ପ୍ରଥମ ଦିନ

**ବଲାଙ୍ଗୀର, ୧।୧ (ବୀରେନ୍ଦ୍ର କୁମାର ଝାଙ୍କର)**

ବିଦାୟ ନେଇଛି ୨୦୨୫ । ନୂଆ ସକାଳ ସହ ନୂତନ ସମ୍ଭାବନା ନେଇ ଆସିଛି ୨୦୨୬ । ନୂଆବର୍ଷକୁ ସ୍ୱାଗତ କରିଛନ୍ତି ବଲାଙ୍ଗୀର ଜିଲାବାସୀ । ସବୁଠୁ ବେଶୀ ଲୋକ ନୂଆବର୍ଷର ପ୍ରଥମ ସୂର୍ଯ୍ୟୋଦୟ ପରେ ଦେବଦର୍ଶନ କରିଥିବା ଦେଖିବାକୁ ମିଳିଛି । ଫଳରେ ଗୁରୁବାର ବଲାଙ୍ଗୀର ସହରର ପ୍ରାୟ ସମସ୍ତ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥିଲା । ସହରର ପ୍ରତିଷ୍ଠିତ ପାଟଣେଶ୍ୱରୀ, ସମଲେଶ୍ୱରୀ, ଲୋକନାଥ, ଦୁର୍ଗା, ଗୋପାଳଜୀ, ରାଧାକୃଷ୍ଣ ସମେତ ବିଭିନ୍ନ ଦେବଦେବୀ ମନ୍ଦିରରେ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା କରି ପରିବାର ଓ ବିଶ୍ୱବାସୀଙ୍କ ମଙ୍ଗଳ କାମନା କରିଥିଲେ । ସବୁଠୁ ବେଶୀ ଭିଡ ସମଲେଶ୍ୱରୀ ମନ୍ଦିରରେ ଲାଗିଥିବାରୁ ବଲାଙ୍ଗୀର ଡେଲିମାର୍କେଟ ରୋଡ୍, ଗୋପାଳଜୀ ମନ୍ଦିରରୋଡ, ସମଲେଶ୍ୱରୀ ମନ୍ଦିର ଛକରେ ଟ୍ରାଫିକ୍ ଜାମ୍ ପରିସ୍ଥିତି ସୃଷ୍ଟି ହୋଇଥିଲା । ସକାଳ ପ୍ରାୟ ୬ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଏବଂ ଅପରାହ୍ନ ୪ଟାରୁ ୭ଟା ପର୍ଯ୍ୟନ୍ତ ଲୋକଙ୍କ ଗହଳି ଲାଗିଥିଲା । ସହରର ସମସ୍ତ ଫୁଲଦୋକାନରେ ଭିଡ ଲାଗିଥିଲା । ଅନେକ ଲୋକ ଭୋଜି କରି ନବବର୍ଷ ପାଳନ କରିଥିଲେ । ଅନ୍ୟପଟେ ଜିଲାପାଳ ଅଫିସ, ଏସ୍‌ପି ଅଫିସରେ ମଧ୍ୟ ଅଧିକାରୀ ଓ କର୍ମଚାରୀଙ୍କ ଭିଡ ପରିଲକ୍ଷିତ ହୋଇଥିଲା । ଲୋକମାନେ ପରସ୍ପରକୁ ନବବର୍ଷର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ ।



ଗୁରୁବାର ନୂଆବର୍ଷର ପ୍ରଥମ ଦିନରେ ବଲାଙ୍ଗୀର ସମଲେଶ୍ୱରୀ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ।


ବୀରମହାରାଜପୁର ଜଗନ୍ନାଥ ମନ୍ଦିରରେ ଶ୍ରୀଜୀଉଙ୍କ ଫୁଲବେଶ ।

# ନବବର୍ଷରେ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼, ଆଧ୍ୟାତ୍ମିକ କାର୍ଯ୍ୟକ୍ରମ

**ବୀରମହାରାଜପୁର, ୧।୧ (ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅଞ୍ଚଳରେ ଇଂରାଜୀ ନବବର୍ଷକୁ ଜନସାଧାରଣ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଓ ମଠ ମନ୍ଦିରରେ ଯାଇ ପାଳନ କରିଥିଲେ । ଗୁରୁବାର ସକାଳୁ ବୀରମହାରାଜପୁର ଜଗନ୍ନାଥ ମନ୍ଦିରରେ ସୂର୍ଯ୍ୟପୂଜା, ମଙ୍ଗଳ ଆଳତି ସାଙ୍ଗକୁ ବାଲଭୋଗ ଓ ଖେଚୁଡି ଲାଗି ହୋଇଥିଲା । ଚତୁର୍ଦ୍ଧା ମୂର୍ତ୍ତୀଙ୍କ ଫୁଲବେଶ ଦେଖିବାକୁ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥିଲା । ସେହିଭଳି ଭାବେ ଶୈବପୀଠ ଚମ୍ପାମାଳ ଚମ୍ପେଶ୍ୱର ମହାଦେବଙ୍କ ଦର୍ଶନ ପାଇଁ ଦର୍ଶକ ଲମ୍ବା ଲାଇନ ଲଗାଇଥିଲେ । ଦୁର୍ଗା ମନ୍ଦିର, ଗାୟତ୍ରୀ ମନ୍ଦିର, ପଥର ଘାଟ ପଞ୍ଚମୁଖୀ ହନୁମାନ ମନ୍ଦିର, ବଡଖମାର ବରାହପଦର ମଠ, ବାବୁପାଲି ମଠ, ଭଙ୍ଗାମୁଣ୍ଡା ମଠରେ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥିଲା । ବିଭିନ୍ନ ସ୍ଥାନରେ ପାରାୟଣ ପ୍ରବଚନ କାର୍ଯ୍ୟକ୍ରମ ରେ ଜନସମାଗମ ସାମିଲ ହୋଇଥିବା ଦେଖିବାକୁ ମିଳିଛି ।


# Classified Everyday

0674-2580101, 9692975378


REAL ESTATE

## SALE

2/3 BHK ready to move flat for sale at Jayadev Vihar square. Contact: 9437307086, 7008789347. D-2878




3500sqft. Godown space available at Rasulgarh, beside Esplanade Mall, Bhubaneswar. 9040019183. D-2777

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**

୰ ନୀଳକଣ୍ଠ ସୁନ୍ଦରାୟ
ଭୁବନେଶ୍ୱର, ଶିଶୁପାଳଗଡ଼, ଖଣ୍ଡାଇତ ସାହି
ଆବିର୍ଭାବ: ୦୧।୦୧।୧୯୫୬
ତିରୋଧାନ: ୨୩।୧୨।୨୦୨୫
ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ପତ୍ନୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତିନାତୁଣୀ ଓ ପରିବାରବର୍ଗ ।
ଧ-3007

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**

୰ ଡଃ ବିଜୟ କୁମାର ସାହୁ
ବୟାଳିଶବାଟି, ଗୋପ, ପୁରୀ
ଆବିର୍ଭାବ – ୦୫।୦୨।୧୯୫୬
ତିରୋଧାନ – ୧୩।୦୧।୨୦୨୫
ଦିବ୍ୟ ଆତ୍ମନ୍,
ଆପଣ ଇହଧାମ ତ୍ୟାଗ କରି ଆମକୁ ଛାଡ଼ି ଚାଲିଯିବା ଏକ ବର୍ଷ ବିତିଗଲାଣି । ଆପଣଙ୍କ ସଜଳ ସ୍ମୃତି ଆମକୁ ବ୍ୟଥିତ କରୁଛି । ଯେଉଁଠି ଥିଲେ ବି ଆପଣଙ୍କ ଆଶୀର୍ବାଦର ହାତ ଆମ ମଥାରେ ସର୍ବଦା ରହିଥାଉ । ବିଶ୍ୱନିୟନ୍ତାଙ୍କ କୋଳରେ ଆପଣ ଚିରଶାନ୍ତି ଲାଭ କରନ୍ତୁ, ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଏତିକି କାମନା ।
-:ଆପଣଙ୍କର ସ୍ନେହାନୁବନ୍ଧ:-
ପରିବାରବର୍ଗ
ଧ-3006

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**

୰ ପୂର୍ଣ୍ଣ ଚନ୍ଦ୍ର ଶ୍ରୀଚନ୍ଦନ
ତୁଳସୀ ନଗର, ବଲାଙ୍ଗୀର
ଆବିର୍ଭାବ: ୦୩।୦୪।୧୯୩୧
ତିରୋଧାନ: ୨୩।୧୨।୨୦୨୫
ଏକ ଇଷ୍ଟକୈନ୍ଦ୍ରିକ ପରୋପକାରୀ ନିଷ୍ଠାପର ସତସଙ୍ଗୀ ରୂପେ ସାରା ଜୀବନ ଅତିବାହିତ କଲେ ଆପଣ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ବିନମ୍ର ପ୍ରାର୍ଥନା କରୁଛୁ ।
-:ଶୋକସନ୍ତପ୍ତ:-
ବନ୍ଧୁ ଓ ଶ୍ରୀଚନ୍ଦନ ପରିବାରବର୍ଗ ।
ଧ-3005

**ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**

୰ ସତ୍ୟ ରଞ୍ଜନ ନାୟକ
ଆବିର୍ଭାବ: ୧୫।୦୬।୧୯୯୪
ତିରୋଧାନ: ୦୨।୦୧।୨୦୨୨
ତୋର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ ।
-:ଶୋକସନ୍ତପ୍ତ:-
ମାମା, ବାବା, ଦିଦି, ଭାଇ, ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ, (ସାନୁ ଫାର୍ମ) ।
ଧ-3003

**ଦ୍ୱାଦଶାହ ଉପଲକ୍ଷେ**

୰ ଶାନ୍ତିଲତା ଦାଶ
ତିରୋଧାନ: ୨୨।୧୨।୨୦୨୫
ଶାସ୍ତ୍ରୀ ନଗର, ଭୁବନେଶ୍ୱର
ଶୂନ୍ୟ ଘରଦ୍ୱାର ଶୂନ୍ୟ ଏ ଅଗଣା
ସଭିଏଁ ହୁଅନ୍ତି ଝୁରି,
ବୈକୁଣ୍ଠପୁରକୁ ଚାଲିଗଲ ମା'
ପ୍ରଭୁଙ୍କ ନାମକୁ ସ୍ମରି ।
ପ୍ରଭୁଙ୍କ ପୟରେ ମିନତି ଏତିକି
ତବ ଅମର ଆତ୍ମା ଲଭୁ ଶାନ୍ତି ସ୍ୱସ୍ତି ।
ଶୋକାକୁଳ ପରିବାରବର୍ଗ
ଧ-3004




# ଲୋକ ମହୋତ୍ସବ ପ୍ରଚାର ରଥ ଶୁଭାରମ୍ଭ

ସମ୍ବଲପୁର,୧।୧(ବି.ଶଙ୍କର)

ସମ୍ବଲପୁର ଲୋକ ମହୋତ୍ସବ-୨୦୨୬ ଚଳିତ ଜାନୁଆରୀ ୪ରୁ ୬ତାରିଖ ପର୍ଯ୍ୟନ୍ତ ଅଇଁଠାପାଲି ପିଏଚ୍ଡି ପଡିଆ(ବୀର୍ସା ମଇଦାନ)ରେ ହେବ । ଏହିକ୍ରମରେ ଗୁରୁବାର ସକାଳ ୯ଟାରେ ପ୍ରଚାର ପ୍ରସାର ପାଇଁ ଇଷ୍ଟଦେବୀ ମା' ସମଲେଶ୍ୱରୀ ମନ୍ଦିରରୁ ରଥ ଶୁଭାରମ୍ଭ କରାଯାଇଛି । ଲୋକମହୋତ୍ସବର ପ୍ରଚାର ପ୍ରସାର ଉପ ସମିତି ଆବାହକ ଦଶରଥ ମେହେର, ସହ ଆବାହକ ରାଜ କୁମାର ଜାଲ ଓ ଶ୍ରୀଟି ଶର୍ମାନ ଦେଙ୍କର ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଇଷ୍ଟଦେବୀ ମା' ସମଲେଶ୍ୱରୀଙ୍କୁ ପୂଜାର୍ଚ୍ଚନା ପରେ ଲୋକ ମହୋତ୍ସବର ଉପଦେଷ୍ଟା ସମିତିର ସଦସ୍ୟ ପ୍ରଫୁଲ୍ଲ ହୋତା, ସୂର୍ଯ୍ୟ ପାଣିଗ୍ରାହୀ, ରାମଦାସ ପଣ୍ଡା, ସହ ସଂଯୋଜକ ସତ୍ୟରଞ୍ଜନ ବେହେରା ଓ ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡର ଅଧକ୍ଷ ସଞ୍ଜୟ ବାବୁ ଏହି ପ୍ରଚାର ପ୍ରସାର ପାଇଁ ଉଦ୍ଦିଷ୍ଟ ରଥକୁ ଶୁଭାରମ୍ଭ କରିଥିଲେ । ଏହି ରଥ ସମ୍ବଲପୁର ସହରର ବିଭିନ୍ନ ଅଞ୍ଚଳ ବୁଲି ଲୋକ ମହୋତ୍ସବ କାର୍ଯ୍ୟକ୍ରମର ପ୍ରଚାର କରିବ ବୋଲି ଉପସମିତି ଆବାହକ ମେହେର ସୂଚନା ଦେଇଛନ୍ତି ।









## ଗଞ୍ଜେଇ ଜବତ, ଗାଡ଼ି ଚାଳକ ଗିରଫ

ରାଉରକେଲା,୧।୧
(ସଙ୍ଗୀତା ଜେନା):

ରାଉରକେଲା ସେକ୍ଟର-୧୯ ଥାନା ଅଞ୍ଚଳରେ ଥିବା ବ୍ୟାଙ୍କ ଷ୍ଟ୍ରିଟ୍ ନିକଟରେ ବୁଧବାର ଗଞ୍ଜେଇ ଚାଲାଣ ବେଳେ ପୋଲିସ ଚଢାଉ କରିଥିଲା। ଚଢାଉ ବେଳେ ଏକ ଟାଟା ମ୍ୟାଜିକ୍ (ନଂ.ଓଡ଼ି୨୩କ୍ୟୁ/୧୮୮୪)ରୁ ୯କେଜି ୮ଶହ ଗ୍ରାମ ଗଞ୍ଜେଇ, ୨ଟି ମୋବାଇଲ ଫୋନ ଏବଂ ୫ଶହ ଟଙ୍କା ଜବତ ହୋଇଛି। ଏହି ଘଟଣାରେ ଗାଡି ଚାଳକଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ଝାରସୁଗୁଡ଼ାର ବିକାଶ ସତନାମୀ(୨୮)। ପୋଲିସ ଏ ନେଇ ଏକ ମାମଲା (ନଂ.୧/୨୬) ରୁଜୁ କରିଛି। ଏ ନେଇ ଗୁରୁବାର ଅପରାହ୍ନ ୫ଟାରେ ସେକ୍ଟର-୧୯ ଥାନାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଡିଏସ୍ପି ଯୋଗେଶ ପଣ୍ଡା ସୂଚନା ଦେଇଛନ୍ତି। ଡିଏସ୍ପି ପଣ୍ଡା କହିଥିଲେ, ପୋଲିସ ପାଟ୍ରୋଲିଂ ବେଳେ ଗଞ୍ଜେଇ ଚାଲାଣ ସମ୍ପର୍କରେ ଗୁପ୍ତ ସୂଚନା ମିଳିଥିଲା। ବ୍ୟାଙ୍କ ଷ୍ଟ୍ରିଟ୍ ନିକଟରେ ଗୋଟିଏ ଟାଟା ମ୍ୟାଜିକ୍ରେ ୪ ଜଣ ଯାଉଥିଲେ। ସେମାନଙ୍କୁ ପୋଲିସ ପିଛା କରିବାରୁ ୩ ଜଣ ଫେରାର ହୋଇଯାଇଥିଲେ। କେବଳ ଗାଡ଼ି ଚାଳକ ଗିରଫ ହୋଇଥିଲେ। ତେବେ ଗଞ୍ଜେଇ କେଉଁଠାରୁ ଆସୁଥିଲା ଏବଂ କେଉଁ ଆଡକୁ ଯାଉଥିଲା, ସେନେଇ ତଦନ୍ତ କରାଯାଉଛି। ଏହାବ୍ୟତୀତ ଫେରାର ଅଭିଯୁକ୍ତମାନଙ୍କ ଅନୁସନ୍ଧାନ ଜାରି ରହିଛି ବୋଲି ଡିଏସ୍ପି ପଣ୍ଡା କହିଥିଲେ।



















## ଘାଏ ଦେଖ ତ କଳାପଟାର ବାର୍ଷିକୋତ୍ସବ

ଗାଇସିଲେଟ,୧।୧
(ଦୁର୍ଗା ପ୍ରସାଦ ତ୍ରିବେଦୀ)

ଗାଇସିଲେଟ ସାହୁ କଲ୍ୟାଣ ମଣ୍ଡପରେ ଗୁରୁବାର ଘାଏ ଦେଖ ତ କଳାପଟାର ୧୦ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ସଂସଦର ସଭାପତି ନିରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭେଡେନ ସାହିତ୍ୟ ସଂସଦ ସଭାପତି ଉପନ ଭୋଇ ମୁଖ୍ୟଅତିଥି, ମନୋରଞ୍ଜନ ସାହୁ ମୁଖ୍ୟ ବକ୍ତା, ସୁଶାନ୍ତ କୁମାର ମିଶ୍ର, ସମ୍ପାଦକ ବୈରାଗୀ ସାହୁ, ଉପସଭାପତି ରଞ୍ଜନ କୁମାର ପଣ୍ଡା ଓ ହେମନ୍ତ କୁମାର ପଣ୍ଡା ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ କବି ରାଧାକାନ୍ତ ସାହୁଙ୍କୁ କଳାପଟାଶ୍ରୀ, ସୁରେଶ ଚନ୍ଦ୍ର ଭୋଇଙ୍କୁ ଦୁର୍ଗା ପ୍ରସାଦ ପଣ୍ଡା ସ୍ମାରକୀ, ଅରବିନ୍ଦ କୁମାର ମେହେରଙ୍କୁ ଆଦିତ୍ୟ ପଣ୍ଡା ସ୍ମାରକୀ, ମହିଳା କବି ସବିତା ମାହାରାଙ୍କୁ ଲକ୍ଷ୍ମୀପ୍ରିୟା ସ୍ମାରକୀ ପୁରସ୍କାର ପ୍ରଦାନ କରାଯାଇଥିଲା। ଅଶେଷ କୁମାର ଦାଶ ଓ ରବିନ୍ଦ୍ର କୁମାର ପଣ୍ଡା ସହଯୋଗ କରିଥିଲେ। ବୈରାଗୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।















ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଜାନୁଆରୀ ୨/୨୦୨୬ Bhubaneswar, Friday, January 2/ 2026

# କାର୍ଯ୍ୟକାରୀ ହେଲା କ୍ରୀଡ଼ା ଶାସନ ଆଇନ

**ନୂଆଦିଲ୍ଲୀ, ୧।୧ (ପି.ଟି.)**

ଜାତୀୟ କ୍ରୀଡ଼ା ଶାସନ ଆଇନ ଆଂଶିକ ଭାବେ ଗୁରୁବାରଠାରୁ କାର୍ଯ୍ୟକାରୀ ହୋଇଛି। ଏଥିରେ କ୍ରୀଡ଼ା ସମ୍ପର୍କିତ ବିବାଦର ସମାଧାନ କରିବା ପାଇଁ ଏକ ଟ୍ରିବ୍ୟୁନାଲ ଓ ଆର୍ଥିକ ଅନିୟମିତତା ସହ ପ୍ରତ୍ୟେକ ଫେଡେରେଶନର ସ୍ୱଚ୍ଛ ପରିଚାଳନା ସୁନିଶ୍ଚିତ କରିବା ପାଇଁ ନ୍ୟାଶନାଲ ସ୍ପୋର୍ଟ୍ସ ବୋର୍ଡ (ଏନ୍‌ଏସ୍‌ବି)ରେ ବ୍ୟବସ୍ଥା ରହିଛି। ଏହି ଆଇନକୁ ଗତବର୍ଷ ଅଗଷ୍ଟ ୧୮ ତାରିଖରେ ଅଧିସୂଚିତ କରାଯାଇଥିଲା। କ୍ରୀଡ଼ା ଶାସନ ଆଇନର ଧାରା ୧ରୁ ୩ ପର୍ଯ୍ୟନ୍ତ ପ୍ରାବଧାନ, ଧାରା ୪ର ସବ୍-ସେକ୍ସନ ୧, ୨ ଓ ୪, ଧାରା ୫ର ସବ୍-ସେକ୍ସନ ୧ ଓ ୨, ଧାରା ୮ର ସବ୍-ସେକ୍ସନ ୫, ଧାରା ୧୧ର ସବ୍-ସେକ୍ସନ ୧, ଧାରା ୧୪ ଓ ୧୫, ଧାରା ୧୭ର ସବ୍-ସେକ୍ସନ ୧ରୁ ୭ ପର୍ଯ୍ୟନ୍ତ ଓ ୧୦, ଧାରା ୩୦ ଓ ୩୧ ଏବଂ ଧାରା ୩୩ରୁ ୩୮ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବା ଉଚିତ ବୋଲି କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ବୁଧବାର ବିଳମ୍ବିତ ରାତିରେ ବିଜ୍ଞପ୍ତି ଜାରି କରାଯାଇଛି।

ଏହି ଆଇନ ଅନୁଯାୟୀ, ନିର୍ବାଚନ ହେବା ପରେ ସମସ୍ତ କ୍ରୀଡ଼ା ମହାସଂଘକୁ କାର୍ଯ୍ୟକାରୀ କମିଟିକୁ ୧୫ ସଦସ୍ୟଙ୍କ ମଧ୍ୟରେ ସୀମିତ ରଖିବାକୁ ପଡ଼ିବ; ଯେଉଁଥିରେ ଅତିକମ୍‌ରେ ଦୁଇ ପୂର୍ବତନ କ୍ରୀଡ଼ାବିତ୍ ରହିବେ। ନ୍ୟାଶନାଲ ସ୍ପୋର୍ଟ୍ସ ବୋର୍ଡ (ଏନ୍‌ଏସ୍‌ବି) ଓ ନ୍ୟାଶନାଲ ସ୍ପୋର୍ଟ୍ସ ଟ୍ରିବ୍ୟୁନାଲ (ଏନ୍‌ଏସ୍‌ଟି)ର ସମ୍ବିଧାନ ମଧ୍ୟ କାର୍ଯ୍ୟକାରୀ ହୋଇଛି। ଏନ୍‌ଏସ୍‌ବିରେ ଜଣେ ଚେୟାରପର୍ସନ ରହିବେ ଏବଂ ଲୋକ ପ୍ରଶାସନ, କ୍ରୀଡ଼ା ଶାସନ, କ୍ରୀଡ଼ା ଆଇନ ଓ ଅନ୍ୟ ସମ୍ପର୍କିତ ଫିଲ୍ଡରେ କାର୍ଯ୍ୟ କରିବାର ଅଭିଜ୍ଞତା ଆଧାରରେ ଅନ୍ୟ ସଦସ୍ୟଙ୍କୁ କେନ୍ଦ୍ର ସରକାର ନିଯୁକ୍ତ କରିବେ। ଏହି ନିଯୁକ୍ତି ସର୍ଚ୍ଚ-କମ୍-ସିଲେକ୍ସନ କମିଟିର ସୁପାରିସ ଆଧାରରେ କରାଯିବ। ପୂର୍ବରୁ ମନ୍ତ୍ରଣାଳୟ ପକ୍ଷରୁ ଆଇନ ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟକାରୀ ନ ହେଲା ପର୍ଯ୍ୟନ୍ତ ଜାତୀୟ କ୍ରୀଡ଼ା ଫେଡେରେଶନକୁ ନିର୍ବାଚନକୁ ସ୍ଥଗିତ ରଖିବାକୁ ଅନୁମତି ଦିଆଯାଇଛି। ଏହାର ଅର୍ଥ ଅଲ୍ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ନିର୍ବାଚନ ଚଳିତବର୍ଷ ବିଳମ୍ବରେ ହେବ।

ଏନ୍‌ଏସ୍‌ବିରେ ମୋଟ ୩ ସଦସ୍ୟ ରହିବେ। ଏହି ବୋର୍ଡ ପାଖରେ ଜାତୀୟ କ୍ରୀଡ଼ା ଫେଡେରେଶନ (ଏନ୍‌ଏସ୍‌ଏଫ୍)କୁ ସ୍ୱୀକୃତି ଦେବାର ଓ ପ୍ରତ୍ୟାହାର କରିବାର ଅଧିକାର ରହିଛି। ଏଥିସହିତ ପରିଚାଳନାଗତ ତ୍ରୁଟି ଓ ଆର୍ଥିକ ଅନିୟମିତତା କ୍ଷେତ୍ରରେ ଫେଡେରେଶନକୁ ଦଣ୍ଡିତ ମଧ୍ୟ କରିପାରିବ। ପ୍ରତ୍ୟେକ ଏନ୍‌ଏସ୍‌ଏଫ୍ ଲାଗି ଏନ୍‌ଏସ୍‌ବିଠାରୁ ସ୍ୱୀକୃତି ନେବା ବାଧ୍ୟତାମୂଳକ କରାଯାଇଛି। ଏନ୍‌ଏସ୍‌ବିର ବିନା ସ୍ୱୀକୃତିରେ କୌଣସି ଫେଡେରେଶନ ସରକାରୀ ପାଣ୍ଠି ବ୍ୟବହାର କରିପାରିବେ ନାହିଁ।



କର୍ମକର୍ତ୍ତାଙ୍କ ଗହଣରେ ବ୍ରୋଞ୍ଜ ପଦକ ବିଜୟୀ ଓଡ଼ିଶା ଥ୍ରୋବଲ୍ ଦଳ।

# ଓଡ଼ିଶା ଥ୍ରୋ ବଲ ପୁରୁଷ ଦଳକୁ ବ୍ରୋଞ୍ଜ

**ଭୁବନେଶ୍ୱର, ୧।୧ (ଅନାଦି କର)**

କେରଳର କୋଟାୟମଠାରେ ଅନୁଷ୍ଠିତ ୪୩ତମ ସିନିୟର ଥ୍ରୋ ବଲ ଚାମ୍ପିୟନଶିପ୍‌ରେ ଓଡ଼ିଶା ପୁରୁଷ ଦଳ ବ୍ରୋଞ୍ଜ ପଦକ ହାସଲ କରିଛି। କ୍ୱାର୍ଟର ଫାଇନାଲରେ ଓଡ଼ିଶା ୨-୦ ସେଟରେ ରାଜସ୍ଥାନକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଥିଲା। ହେଲେ ସେମିରେ ଓଡ଼ିଶା ୧-୨ ସେଟ୍‌ରେ ୩ ଥରର ଚାମ୍ପିୟନ ଦିଲ୍ଲୀଠାରୁ ପରାସ୍ତ ହୋଇଥିଲା। ଏହାପରେ ବ୍ରୋଞ୍ଜ ପଦକ ପାଇଁ ଖେଳାଯାଇଥିବା ମ୍ୟାଚ୍‌ରେ ଓଡ଼ିଶା ୨-୧ ସେଟ୍‌ରେ ମଧ୍ୟପ୍ରଦେଶକୁ ପରାସ୍ତ କରିଥିଲା। ଅନ୍ୟପକ୍ଷରେ ଓଡ଼ିଶା ମହିଳା ଦଳ କ୍ୱାର୍ଟର ଫାଇନାଲରେ ଚାରି ଥରର ବିଜେତା ଦିଲ୍ଲୀଠାରୁ ୨-୧ ସେଟ୍‌ରେ ପରାସ୍ତ ହୋଇ ଅଭିଯାନ ଶେଷ କରିଛି। ସଫଳ ପ୍ରଦର୍ଶନ ଲାଗି ଓଡ଼ିଶା ପୁରୁଷ ଦଳକୁ ପ୍ରୋଗ୍ରାମିଂ ଅଫିସର ହରେଶ ମିଶ୍ର, ଓଡ଼ିଶା ଥ୍ରୋ-ବଲ ପ୍ରତିଷ୍ଠାତା କୃଷ୍ଣଚନ୍ଦ୍ର ଦାସ, ସଭାପତି ଭୂପେନ୍ଦ୍ର ସିଂ, ସମ୍ପାଦକ ଯଶବନ୍ତ ପରମଗୁରୁ, ଉପସଭାପତି ମଧୁସୂଦନ ମିଶ୍ର ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

# ଖୋ ଖୋ ଏଚ୍‌ପିସିର ଆଥ୍‌ଲେଟଙ୍କ ସଫଳତା




ଟ୍ରଫି ସହ ଶୁଭମ ଶୁଭ୍ରଜିତ ଦଳାଇ। ସବ୍ ଜୁନିୟର ଚାମ୍ପିୟନ ପୁରୀ ଖୋ ଖୋ ଦଳ।

**ଭୁବନେଶ୍ୱର, ୧।୧ (ଅନାଦି କର)**

ଜଗତ୍‌ସିଂପୁରର ତିର୍ତ୍ତୋଲଠାରେ ଅନୁଷ୍ଠିତ ୧୭ତମ ସବ-ଜୁନିୟର ରାଜ୍ୟର ଖୋ ଖୋ ଚାମ୍ପିୟନଶିପ୍‌ରେ ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଖୋ ଖୋ ହାଇ ପରଫର୍ମାନ୍ସ ସେଣ୍ଟର (ଏଚ୍‌ପିସି)ରେ ପ୍ରଶିକ୍ଷଣ ନେଉଥିବା ୧୩ ବର୍ଷୀୟ ଆଥଲେଟ ଶୁଭମ ଶୁଭ୍ରଜିତ ଦଳାଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ବାଳକ ବିଭାଗରେ ପୁରୀ ପକ୍ଷରୁ ପ୍ରତିଯୋଗିତାରେ ପ୍ରତିନିଧିତ୍ୱ କରି ଦଳକୁ ଟାଇଟଲ ଜିତାଇଥିଲେ। ଶୁଭମଙ୍କୁ ଅଭିନନ୍ଦନ ଜଣାଇବା ପାଇଁ ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଖୋ ଖୋ ଏଚ୍‌ପିସି ମୁଖ୍ୟ କୋଚ୍ ସଞ୍ଜୀବ ଶର୍ମା କହିଛନ୍ତି, ପ୍ରତିଭା ଚିହ୍ନଟ ଓ ଆରମ୍ଭରୁ ପ୍ରଶିକ୍ଷଣ ପ୍ରଦାନ ମାଧ୍ୟମରେ ଓଡ଼ିଶାରେ ଖୋ ଖୋର ଦୃଢ଼ ମୂଳଦୁଆ ପ୍ରତିଷ୍ଠା କରିବା ଆମର ସର୍ବଦା ମୁଖ୍ୟ ଲକ୍ଷ୍ୟ ଥିଲା। ପୁରୀ ଦଳ ପାଇଁ ଶୁଭମଙ୍କ ସଫଳତା କଠିନ ପରିଶ୍ରମ, ଶୃଙ୍ଖଳା ଓ ପ୍ରଶୀକ୍ଷଣକୁ ଦର୍ଶାଉଛି। ଆମେ ତାଙ୍କ ଉପଲବ୍ଧିରେ ଗର୍ବିତ ଓ ଆମେ ନିଶ୍ଚିତ ଯେ, ଏହି ପ୍ରୋଗ୍ରାମରୁ ଭବିଷ୍ୟତର ଆହୁରି ଚାମ୍ପିୟନ ବାହାରିବେ।

# ଟି୨୦ ବିଶ୍ୱକପ୍ ପାଇଁ ଅଷ୍ଟ୍ରେଲିଆ ଦଳ ଘୋଷଣା

**ମେଲବୋର୍ନ (ଅଷ୍ଟ୍ରେଲିଆ), ୧।୧ (ଏପି):** ଶ୍ରୀଲଙ୍କା ଓ ଭାରତରେ ହେବାକୁଥିବା ଆସନ୍ତା ଟି୨୦ କ୍ରିକେଟ ବିଶ୍ୱକପ୍ ପାଇଁ ଅଷ୍ଟ୍ରେଲିଆର ଚୟନକର୍ତ୍ତାମାନେ ଏକ ୧୫ଜଣିଆ ଦଳ ଘୋଷଣା କରିଛନ୍ତି। ଦଳରେ ସ୍ପିନରଙ୍କୁ ପ୍ରାଧାନ୍ୟ ଦିଆଯାଇଛି। ମିଚେଲ ଷ୍ଟାର୍କ ଟି୨୦ରୁ ଅବସର ନେବା ପରେ ୨୦୨୧ ଟୁର୍ନାମେଣ୍ଟ ବିଜେତା ତାଙ୍କ ସ୍ଥାନରେ ଜଣେ ବାମହାତୀ ପେସ୍ ବୋଲର ନ ନେବା ଲାଗି ସ୍ଥିର କରିଥିଲା। ଅଷ୍ଟ୍ରେଲିଆର ଗତ ୧୨ଟି ଅନ୍ତର୍ଜାତୀୟ ଟି୨୦ ମ୍ୟାଚରେ ଖେଳି ନ ଥିବା ଧିମା ରକ୍ଷଣଶୀଳ ବାମହାତୀ ବୋଲର ତଥା ବ୍ୟାଟର କୁପର କନୋଲିଙ୍କୁ ଆଶ୍ଚର୍ଯ୍ୟଜନକ ଭାବେ ଦଳରେ ସ୍ଥାନ ଦିଆଯାଇଛି। ଆଇସିସିର ଗତ ୬ଟି ଟି୨୦ ଇଭେଣ୍ଟ ମଧ୍ୟରୁ ଷ୍ଟାର୍କ ମାତ୍ର ଗୋଟିଏରେ ଖେଳି ନ ଥିଲେ। ଗତ ବର୍ଷ ସେ ଏହି ଫର୍ମାଟରେ ଅନ୍ତର୍ଜାତୀୟ ସ୍ତରରୁ ତାଙ୍କର ଅବସର ନେଇଥିଲେ। ଅଷ୍ଟ୍ରେଲିଆ ଫେବୃଆରୀ ୧୧ରେ କଲମ୍ବୋଠାରେ ଆୟର୍ଲାଣ୍ଡକୁ ଭେଟି ଟୁର୍ନାମେଣ୍ଟରେ ଏହାର ଅଭିଯାନ ଆରମ୍ଭ କରିବ। ପରେ ଦଳ କାଣ୍ଡିଠାରେ ଫେବୃଆରୀ ୧୩ରେ ଜିମ୍ବାୱେ ଏବଂ ଫେବୃଆରୀ ୧୬ରେ ଶ୍ରୀଲଙ୍କା ଏବଂ ଫେବୃଆରୀ ୨୦ରେ ଓମାନ ସହ ମୁକାବିଲା କରିବ। ଚଳିତ ମାସ ପରବର୍ତ୍ତୀ ଭାଗରେ ପ୍ୟାଟ କମିନ୍ସଙ୍କ ପିଠିରେ ସ୍କାନ କରାଯିବା ପରେ ସେ ଟୁର୍ନାମେଣ୍ଟ ଖେଳିବେ କି ନା ତାହା ସ୍ଥିର କରାଯିବ। ହାମ୍‌ଷ୍ଟ୍ରିଙ୍ଗ୍ ଇଞ୍ଜୁରୀରୁ ମୁକ୍ତି ପାଇବା ପରେ ଜୋଶ ହାଜେଲଉଡ୍ ଓ ଟିମ୍ ଡେଭିଡ୍ ଦଳକୁ ଫେରିଛନ୍ତି। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ର ନିୟମାନୁସାରେ ଜାନୁଆରୀ ୩୧ ପର୍ଯ୍ୟନ୍ତ ଦଳରେ ପରିବର୍ତ୍ତନ ପାଇଁ ଅନୁମତି ରହିଛି। ଚଳିତମାସ ପରବର୍ତ୍ତୀ ଭାଗରେ ପାକିସ୍ତାନ ବିପକ୍ଷରେ ଏକ ୩ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ ଖେଳିବ ଅଷ୍ଟ୍ରେଲିଆ। ଅଷ୍ଟ୍ରେଲିଆର ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚଗୁଡ଼ିକ ଶ୍ରୀଲଙ୍କାରେ ଖେଳାଯିବ। ମାତ୍ର ଦଳ ଯଦି ଯୋଗ୍ୟତା ଅର୍ଜନ କରେ ତେବେ କେତୋଟି ସୁପର-୮ ମ୍ୟାଚ ଖେଳିବା ଲାଗି ଭାରତ ଗସ୍ତ କରିବ। **ଅଷ୍ଟ୍ରେଲିଆ ଦଳ:** ମିଚେଲ ମାର୍ଶ (ଅଧିନାୟକ), ଜାଭିଅର ବାର୍ଟଲେଟ୍, କୁପର କନୋଲି, ପ୍ୟାଟ କମିନ୍ସ, ଟିମ୍ ଡେଭିଡ, କାମେରନ ଗ୍ରୀନ୍, ନାଥାନ ଏଲିସ, ଜୋଶ ହାଜେଲଉଡ୍, ଟ୍ରାଭିସ୍ ହେଡ୍, ଜୋଶ ଇଂଲିଶ, ମାଥ୍ୟୁ କୁହ୍ନେମାନ, ଗ୍ଲେନ ମାକ୍ସୱେଲ, ମାଥ୍ୟୁ ଶର୍ଟ, ମାର୍କସ ଷ୍ଟୋଇନିସ ଓ ଆଡାମ ଜାମ୍ପା।

# ଟପ୍ସ କୋର୍ ଗ୍ରୁପ୍‌ରୁ ବାଦ୍ ପଡ଼ିଲେ ରୀତିକା




**ନୂଆଦିଲ୍ଲୀ, ୧।୧ (ପି.ଟି.)**

କ୍ରୀଡ଼ା ମନ୍ତ୍ରଣାଳୟର ପ୍ରମୁଖ ଟାର୍ଗେଟ ଅଲିମ୍ପିକ ପୋଡିୟମ ସ୍କିମ୍ (ଟପ୍ସ)ର ଆଥ୍‌ଲେଟିକ୍ସ ତାଲିକାରୁ ବାଦ୍ ପଡ଼ିଛନ୍ତି ଡୋପ୍ କଳଙ୍କିତ କୁସ୍ତିଯୋଦ୍ଧା ରୀତିକା ହୁଡା। ପରଣିତ କୌର ଓ ଅଭିଷେକ ବର୍ମାଙ୍କ ଭଳି କମ୍ପାଉଣ୍ଡ ତୀରନ୍ଦାଜମାନଙ୍କୁ କୋର୍ ଗ୍ରୁପ୍‌କୁ ପଦୋନ୍ନତି ଦିଆଯାଇଥିବା ବେଳେ ଡେକାଥଲେଟ ତେଜସ୍ୱିନୀ ଶଙ୍କରଙ୍କ ନାମ ବିକାଶମୂଳକ ତାଲିକାରେ ସ୍ଥାନ ପାଇଛି। ଗତବର୍ଷ ତାଲିକାରେ ଆଥ୍‌ଲେଟଙ୍କ ସଂଖ୍ୟା ୧୭୯ରୁ ୯୪କୁ ହ୍ରାସ ପାଇଥିଲା, ଯାହାକୁ ପ୍ୟାରିସ ଅଲିମ୍ପିକ୍ସ ୨୦୨୪ର ଅନ୍ତିମ ସାଇକେଲ (ଚକ୍ର) ଥିଲା। ଗତ ଏକ ବର୍ଷର ପ୍ରଦର୍ଶନକୁ ଭିତ୍ତିକରି ପ୍ରସ୍ତୁତ କୋର୍ ଗ୍ରୁପ୍ ତାଲିକାରେ ଆଥ୍‌ଲେଟଙ୍କ ସଂଖ୍ୟା ବର୍ତ୍ତମାନ ୧୧୮ରେ ପହଞ୍ଚିଛି। ଏଥିରେ ୫୭ଜଣ ସକ୍ଷମ ଆଥ୍‌ଲେଟ୍ ଏବଂ ୬୧ ପାରା-ଆଥ୍‌ଲେଟ ସ୍ଥାନ ପାଇଛନ୍ତି। ହୁଡା ହେଉଛନ୍ତି ଜଣେ ଏସିଆନ ଚାମ୍ପିୟନଶିପ୍ ପଦକ ବିଜେତା। ସେ ପ୍ୟାରିସ ଅଲିମ୍ପିକ୍ସରେ ଭାଗ ନେଇଥିଲେ। ଗତବର୍ଷ ଜୁଲାଇରେ ଏକ ସିଲେକ୍ସନ ଟ୍ରାଏଲ ବେଳେ ସେ ଡୋପ୍ ଟେଷ୍ଟରେ ଧରାପଡ଼ିଥିଲେ। ଗତବର୍ଷ ଫେବୃଆରୀରେ ରିଲିଜ କରାଯାଇଥିବା ଟପ୍ସ କୋର୍ ଗ୍ରୁପ୍ ତାଲିକାରେ ତାଙ୍କ ନାମ ସ୍ଥାନ ପାଇଥିଲା। ତେବେ ବିଶ୍ୱ ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ସ୍ୱର୍ଣ୍ଣ ବିଜେତା ସ୍ପ୍ରିଣ୍ଟର ସିମରନଙ୍କ ଗାଇଡ୍ ଉମର ସୈଫି ଗତ ଅକ୍ଟୋବରରେ ଏକ ଡୋପ୍ ଟେଷ୍ଟକୁ ଏଡାଇଦେଇଥିଲେ ମଧ୍ୟ ସେ କୋର୍ ଗ୍ରୁପ୍‌ରେ ତାଙ୍କ ସ୍ଥାନ ବଜାୟ ରଖିଛନ୍ତି। ଜନ୍ମରୁ ଦୃଷ୍ଟି ଶକ୍ତି ହରାଇଥିବା ସିମରନ ପ୍ୟାରିସ ପାରାଲିମ୍ପିକ୍ସ ୨୦୦ମିଟର ଇଭେଣ୍ଟ ବ୍ରୋଞ୍ଜ ବିଜେତା ମଧ୍ୟ। ସଦ୍ୟ ପ୍ରକାଶିତ ତାଲିକାରେ ୮ଜଣ କମ୍ପାଉଣ୍ଡ ତୀରନ୍ଦାଜ ସ୍ଥାନ ପାଇଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ପରଣିତ, ଅଭିଷେକ ଓ ଜ୍ୟୋତି ସୁରେଖା। ୩ଜଣ ରିକର୍ଭ ଷ୍ଟାର ଦୀପିକା କୁମାରୀ, ଧୀରଜ ବୋମାଦେବରା ଓ ଅଙ୍କିତା ଭକତ ପ୍ରମୁଖଙ୍କୁ ମଧ୍ୟ ସ୍ଥାନ ମିଳିଛି। ଅପ୍‌ଡେଟ୍ ତାଲିକାରେ ସ୍ଥାନ ପାଇଥିବା ଅନ୍ୟ କମ୍ପାଉଣ୍ଡ ତୀରନ୍ଦାଜଙ୍କ ମଧ୍ୟରେ ଅଛନ୍ତି ଅଦିତି ଗୋପୀଚାନ୍ଦ ସ୍ୱାମୀ, ଓଜାସ ପ୍ରବୀଣ ଡେଓଟେଲ୍, ପ୍ରିୟାଂଶ ପ୍ରଥମେଶ ସାମାଧାନ ଜକାର ଓ ରିଷଭ ଯାଦବ। ଆଥଲେଟିକ୍ସରେ ଜାଭେଲିନଥ୍ରୋୟର ନୀରଜ ଚୋପ୍ରାଙ୍କ ସହ ଯୋଗ ଦେଇଛନ୍ତି ସଚିନ ଯାଦବ, ଯିଏ କି ବିଶ୍ୱ ଚାମ୍ପିୟନଶିପ୍‌ରେ ୪ର୍ଥ ସ୍ଥାନ ଅଧିକାର କରିଥିଲେ। ତାଲିକାରେ ସ୍ଥାନ ପାଇଥିବା ଟ୍ରାକ୍ ଆଣ୍ଡ୍ ଫିଲ୍ଡ ଆଥ୍‌ଲେଟମାନଙ୍କ ମଧ୍ୟରେ ଅଛନ୍ତି ଷ୍ଟିପଲ ଚେଜର ଅବିନାଶ ସାବ୍‌ଲେ, ଲଙ୍ଗ ଜମ୍ପର ଏମ୍. ଶ୍ରୀଶଙ୍କର ଏବଂ ନବାଗତ ହାଇଜମ୍ପର ସର୍ଭେସ କୁଶାରେ, ଯିଏ କି ଏସିଆନ ଚାମ୍ପିୟନଶିପ୍‌ରେ ରୌପ୍ୟ ଏବଂ ବିଶ୍ୱ ଚାମ୍ପିୟନଶିପ୍‌ରେ ୬ଷ୍ଠ ସ୍ଥାନରେ ରହିଥିଲେ।

# ଦିନିକିଆ କ୍ରିକେଟର ଭବିଷ୍ୟତକୁ ନେଇ ପ୍ରଶ୍ନ ଉଠାଇଲେ ଅଶ୍ୱିନ

**ଚେନ୍ନାଇ, ୧।୧ (ପି.ଟି.)**

ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ଅବସର ଓ ୨୦୨୭ ଦିନିକିଆ ବିଶ୍ୱକପ୍ ପରେ ଦିନିକିଆ ଅନ୍ତର୍ଜାତୀୟ ଫର୍ମାଟ ନିଜର ଅସ୍ତିତ୍ୱ ଓ ପ୍ରାସଙ୍ଗିକ ହୋଇ ରହିବା ପାଇଁ ସଂଘର୍ଷ କରିବ। ଭାରତର ମହାନ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଗୁରୁବାର ଏହା କହିଛନ୍ତି। ୨୦୨୭ ବିଶ୍ୱକପ୍ ପରେ ଦିନିକିଆ କ୍ରିକେଟର ଭବିଷ୍ୟତକୁ ନେଇ ମୁଁ ନିଶ୍ଚିତ ନୁହେଁ। ମୁଁ ଏହାକୁ ନେଇ ଚିନ୍ତିତ ଅଛି। ମୁଁ ବିଜୟ ହଜାରେ ଟ୍ରଫି ଦେଖୁଛି। କିନ୍ତୁ ଯେଉଁ ଭଳି ସୟଦ ମୁସ୍ତାକ ଅଲୀ ଟ୍ରଫି ଟି-୨୦ ଦେଖେ ସେଭଳି ଦିନିକିଆ କ୍ରିକେଟକୁ ଦେଖିବା କଷ୍ଟକର। ଏଥିସହିତ ଆମକୁ ଜାଣିବାକୁ ପଡ଼ିବ ଯେ, ଦର୍ଶକ କ'ଣ



ଚାହୁଁଛନ୍ତି। ମୋ ମତରେ ଟେଷ୍ଟ କ୍ରିକେଟର ସ୍ଥାନ ସୁରକ୍ଷିତ ରହିଛି। କିନ୍ତୁ ଦିନିକିଆ କ୍ରିକେଟ ପାଇଁ ମୋ ମତରେ ସ୍ଥାନ ନାହିଁ। ରୋହିତ ଓ କୋହଲି ବିଜୟ ହଜାରେ ଟ୍ରଫିକୁ ଫେରିବା ପରେ ଲୋକେ ଏହାକୁ ଦେଖିବା ଆରମ୍ଭ କଲେ। ଆମ ସଭିଙ୍କୁ ଜଣା କ୍ରୀଡ଼ା ସର୍ବଦା ବ୍ୟକ୍ତିବିଶେଷଙ୍କଠାରୁ ବଡ଼। କିନ୍ତୁ ବର୍ତ୍ତମାନ ସମୟରେ ଦିନିକିଆ କ୍ରିକେଟକୁ ପ୍ରାସଙ୍ଗିକ କରି ରଖିବା ପାଇଁ ରୋ-କୋଙ୍କୁ ଫେରିବାକୁ ପଡ଼ିବ। ବିଜୟ ହଜାରେ ଟ୍ରଫି ଏକ ଘରୋଇ ପ୍ରତିଯୋଗିତା, ଯାହାକୁ ଅଧିକ ଲୋକେ ଦେଖନ୍ତି ନାହିଁ। କିନ୍ତୁ ରୋ-କୋଙ୍କ ଉପସ୍ଥିତି ଯୋଗୁ ଲୋକେ ଦେଖିବା ଆରମ୍ଭ କରୁଛନ୍ତି। ମାତ୍ର ଏମାନେ ଖେଳ ଛାଡ଼ିବା ପରେ ଦିନିକିଆ କ୍ରିକେଟ୍ କ'ଣ ହେବ ବୋଲି ଅଶ୍ୱିନ ତାଙ୍କ ୟୁଟ୍ୟୁବ ଚ୍ୟାନେଲ 'ଆଶ କି ବାତ୍'ରେ କହିଛନ୍ତି।

# ଏମ୍‌ବାପେ ଆହତ

**ପ୍ୟାରିସ, ୧।୧ (ଏପି)**

ରିଅଲ ମାଡ୍ରିଡ୍ ଫରୱାର୍ଡ କିଲିଆନ ଏମ୍‌ବାପେଙ୍କ ବାମ ଆଣ୍ଠୁ ଆଘାତ ଲାଗିଛି। ଏ ନେଇ ସ୍ପାନିଶ କ୍ଲବ ପକ୍ଷରୁ ଗୁରୁବାର କୁହାଯାଇଛି। ତେବେ ତାଙ୍କୁ ରିକଭର କରିବା ପାଇଁ କେତେ ସମୟ ଲାଗିବ, ତାହା ସ୍ପଷ୍ଟ କରାଯାଇ ନାହିଁ। ଫ୍ରେଞ୍ଚ ସ୍ପୋର୍ଟ୍ସ ଦୈନିକ ଖବରକାଗଜ ଏଲ' ଏକ୍ୟୁପି ପ୍ରକାଶ ପାଇଥିବା ରିପୋର୍ଟରେ ସୁପରଷ୍ଟାର ଫରୱାର୍ଡ ଅତିକମ୍‌ରେ ୩ ସପ୍ତାହ ଲାଗି ଉପଲବ୍ଧ ରହିବେ ନାହିଁ ବୋଲି କୁହାଯାଇଛି। ଏଥିରେ ଦାବି କରାଯାଇଛି ଯେ, ଏମ୍‌ବାପେ ଗତ କିଛି ସପ୍ତାହ ହେଲା ଆଣ୍ଠୁ ଲିଗାମେଣ୍ଟ ଜନିତ ସମସ୍ୟାର ସମ୍ମୁଖୀନ ହେଉଥିଲେ। ବୁଧବାର ସକାଳେ ଏମ୍‌ଆରଆଇ କରାଯିବା ପରେ ତାଙ୍କୁ ବିଶ୍ରାମ ଓ ଚିକିତ୍ସା ଦରକାର ଥିବା ଜଣାପଡ଼ିଥିଲା। ଏହି ଷ୍ଟ୍ରାଇକର ଗତ ୨୦୨୫ ବର୍ଷରେ ମାଡ୍ରିଡ୍ ପାଇଁ ୫୯ ଗୋଲ କରିବା ସହିତ ଗୋଟିଏ ବର୍ଷରେ ମାଡ୍ରିଡ୍ ପାଇଁ ସର୍ବାଧିକ ଗୋଲ କରିବାର ରେକର୍ଡର ସମକକ୍ଷ ହୋଇଥିଲେ। ସମାନ ସଂଖ୍ୟକ ଗୋଲ ଗୋଟିଏ ବର୍ଷରେ କ୍ରିଷ୍ଟିଆନୋ ରୋନାଲ୍ଡୋ କରିଥିଲେ। ପ୍ୟାରିସ ସେଣ୍ଟ-ଜର୍ମେନ କ୍ଲବ ଛାଡ଼ି ୨୦୨୪ରେ ମାଡ୍ରିଡ୍‌ରେ ଯୋଗ ଦେଇଥିବା ଏମ୍‌ବପେ ଚଳିତ ସିଜନରେ ୨୯ ଗୋଲ କରିଛନ୍ତି।

# ଭାଗ ନେବ ଓଡ଼ିଶା ପୁରୁଷ ଓ ମହିଳା ଦଳ

**ଭୁବନେଶ୍ୱର, ୧।୧ (ଅନାଦି କର)**

ଆସନ୍ତା ୪ରୁ ୧୧ ତାରିଖ ପର୍ଯ୍ୟନ୍ତ ଉତ୍ତର ପ୍ରଦେଶର ବରଣାସୀଠାରେ ୭୨ତମ ଜାତୀୟ ସିନିୟର ଭଲିବଲ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ପୂରା ଦେଶର ଶ୍ରେଷ୍ଠ ଦଳ ଭାଗ ନେବେ। ଏହି ପ୍ରତିଯୋଗିତାକୁ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟ

**ଜାତୀୟ ସିନିୟର ଭଲିବଲ ୪ରୁ**

ନାଥଙ୍କ ସହ ଦୁଇ ଉପ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ଘାଟନ କରିବେ। ଏଥିଲାଗି ଓଡ଼ିଶା ଭଲିବଲ ଆସୋସିଏଶନ ପକ୍ଷରୁ ଉଭୟ ପୁରୁଷ ଓ ମହିଳା ଦଳ ପାଇଁ କୋଚିଂ କ୍ୟାମ୍ପ ଆୟୋଜନ କରାଯାଇଥିଲା।

ଗତ ସଂସ୍କରଣରେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବା ଓଡ଼ିଶା ମହିଳା ଦଳ ଗ୍ରୁପ-ଏ'ରେ ସ୍ଥାନ ପାଇଛି। ଓଡ଼ିଶା ମହିଳା ଦଳରେ ସ୍ଥିତ ପ୍ରଜ୍ଞା ଜେନା, ଭୀନା କେ, ଶୃତି ଲକ୍ଷ୍ମୀ କେ ଏସ୍, କମଲେଶ କୁମାରୀ, ସ୍ନେହମୟୀ କିଶାନ, ସୁଚିସ୍ମିତା ଡିଣ୍ଡା, ଆଶ୍ୱାଥୀ ପି ଆର (ଅଧିନାୟିକା), ସଞ୍ଚାରୀ ସୁନୀଲ ଭୋୱାଟେ, ମାମାଲି ନାଗ, ବି ଅନୀଶ, ଲିପିକା ଖେସ, ଶିବାନୀ ପ୍ରିୟଦର୍ଶନୀ, ଆରତି ହେପ୍ରିକା ଓ ପାୟଲ କାଣ୍ଡି। ଦଳ ସହିତ କୋଚ୍ ଭାବେ ସଂଗୀତା ଟୋପ୍ପୋ, ଆସିଷ୍ଟାଣ୍ଟ କୋଚ୍ ଭାବେ ମନୋରଞ୍ଜନ ଜିଉ ଓ କେ ନୀଲା ରାଜୁ ଏବଂ ମ୍ୟାନେଜର ଭାବେ ରତ୍ନାକର ପ୍ରଧାନ ଯାତ୍ରା କରିବେ। ସେହିଭଳି ରାହୁଲ ବାରିକଙ୍କ ନେତୃତ୍ୱରେ ଘୋଷିତ ଓଡ଼ିଶା ପୁରୁଷ ଦଳରେ ଦୀପ୍ତିରାଜ ମିଶ୍ର, ମହସିମ ଖାନ, ରାଖଲ କିଶୋର ଏ କେ, ଅନୀଲ କୁମାର ସେନାପତି, ଆକାଶ ସିଂ, ଗୋବିନ୍ଦ ପ୍ରସାଦ ବାରିକ, ଶୁଭ୍ରାଂଶୁ ଶେଖର ଓଝା, ମହମଦ ରାଜା, ମାନସ ପ୍ରଧାନ, ମାନସ ପାଣି, ମୋହନ ବିଶ୍ୱାଳ, ଜ୍ଞାନରଞ୍ଜନ ମହାପାତ୍ର ଓ ପ୍ରଜ୍ଞା ସାରଥି ଜେନା। କୋଚ୍ ଭାବେ ସୁଧାଂଶୁ ଭୂଷଣ ମିଶ୍ର ଦଳର ମାର୍ଗଦର୍ଶନ କରିବାକୁ ଥିବା ବେଳେ ଲୋତକ ବିନ୍ଦୁ ଦାଶ ଓ ରମେଶ ଚନ୍ଦ୍ର ଓଝା ଆସିଷ୍ଟାଣ୍ଟ କୋଚ୍ ଭାବେ ଓ ଏସ୍ ଡି ସୋଲେମାନ ମ୍ୟାନେଜର ଭାବେ ଦଳ ସହ ଯାତ୍ରା କରିବେ।



ଝାଡ଼ଖଣ୍ଡର ରାଞ୍ଚିସ୍ଥିତ ମରଙ୍ଗ ଗୋମ୍‌କେ ଜୟପାଲ ସିଂ ଆଷ୍ଟ୍ରୋ ଟର୍ଫ ହକି ଷ୍ଟାଡିୟମରେ ମହିଳା ହକି ଇଣ୍ଡିଆ ଲିଗ୍‌ର ଗୁରୁବାର ଶ୍ରାଚି ବେଙ୍ଗଲ ଓ ଏସ୍‌ଜି ପାଇପର୍ସ ମଧ୍ୟରେ ଖେଳାଯାଇଥିବା ମ୍ୟାଚର ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ପଙ୍କଜଲୋଚନ ସଭାପତି ନିର୍ବାଚିତ

**ଭୁବନେଶ୍ୱର, ୧।୧ (ବିଜୟ ରଣା)**

ଆମେଚର ବେସ୍‌ବଲ୍ ଫେଡେରେଶନ ଅଫ୍ ଇଣ୍ଡିଆର କର୍ମକର୍ତ୍ତା ନିର୍ବାଚନ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାର ପଙ୍କଜଲୋଚନ ମହାନ୍ତି ସର୍ବସମ୍ମତି କ୍ରମେ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି ହରିୟାଣାର ଅରବିନ୍ଦ କୁମାର ସାଧାରଣ ସମ୍ପାଦକ ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଗୋଆର ଦିଲୀପ ତାଙ୍କ ପ୍ରାର୍ଥିପତ୍ର ପ୍ରତ୍ୟାହାର କରି ନେଇଥିଲେ। କୋଷାଧ୍ୟକ୍ଷ ପଦବୀ ପାଇଁ ହୋଇଥିବା ମୁକାବିଲାରେ ତାମିଲନାଡୁର ଏସ୍. ଭେଙ୍କଟେଶ ୩୩-୧୩ ଭୋଟ ବ୍ୟବଧାନରେ ତେଲଙ୍ଗାନାର ଶ୍ୱେତାଙ୍କୁ ହରାଇ ଦେଇଥିଲେ। ସେହିପରି ୪ ଯୁଗ୍ମ ସମ୍ପାଦକ ଓ ୪ କାର୍ଯ୍ୟନିର୍ବାହୀ ସଦସ୍ୟ ୪ ବର୍ଷ କାର୍ଯ୍ୟକାଳ ପାଇଁ ନିର୍ବାଚିତ ହୋଇଛନ୍ତି। ନିର୍ବାଚନରେ ୨୩ଟି ରାଜ୍ୟର ୪୬ଜଣ ସଦସ୍ୟ ଭାଗ ନେଇଥିଲେ। ଜଷ୍ଟିସ ଦେବବ୍ରତ ଦାଶ (ଅବସରପ୍ରାପ୍ତ) ରିଟର୍ନିଂ ଅଫିସର ଭାବେ ନିର୍ବାଚନ କାର୍ଯ୍ୟ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ପଙ୍କଜଲୋଚନ ଏହା ପୂର୍ବରୁ ୨୦୧୬ରୁ

**ବେସ୍‌ବଲ୍ ଫେଡେରେଶନ ଅଫ୍ ଇଣ୍ଡିଆ କର୍ମକର୍ତ୍ତା ନିର୍ବାଚନ**

୨୦୧୯ ପର୍ଯ୍ୟନ୍ତ ୩ବର୍ଷ ଧରି ମହାସଂଘର ସଭାପତି ଭାବେ ସଫଳତା ସହିତ ଦାୟିତ୍ୱ ତୁଲାଇଥିଲେ। ଏଥର ନିର୍ବାଚିତ ହେବାପରେ ଓଡ଼ିଶା ବେସ୍‌ବଲ ଆସୋସିଏଶନ ସମ୍ପାଦକ ଶିବାନନ୍ଦ ପ୍ରଧାନ ଓ ସଭାପତି ପ୍ରବୋଧ ମହାନ୍ତି ପ୍ରମୁଖ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।




ପଙ୍କଜଲୋଚନ ମହାନ୍ତି ସଭାପତି ଭାବେ ନିର୍ବାଚିତ ହେବା ପରେ ସାଧାରଣ ସମ୍ପାଦକ ଅରବିନ୍ଦ କୁମାର ତାଙ୍କୁ ଫୁଲତୋଡ଼ା ଦେଇ ଅଭିନନ୍ଦନ ଜଣାଉଛନ୍ତି। (ଫଟୋ: ରାଜକିଶୋର ମହାନ୍ତି)

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ